# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ମେ ୩/୨୦୨୨ (୧୨+୮=୨୦ ପୃଷ୍ଠା) | Sambalpur, Tuesday, May 3/2022 | Page 20 | ₹ 7.00 | ★★

୧୮ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






| Weight* | M.R.P.* |
|---|---|
| 160g | ₹65 |
| 80g | ₹35 |
| 40g | ₹15 |
| 20g | ₹10 |








**ଟୁଇଟର ବାୟୋରୁ କଂଗ୍ରେସ ପଦବୀ ହଟାଇଲେ ହାର୍ଦ୍ଦିକ ପଟେଲ**

ଗୁଜରାଟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ହାର୍ଦ୍ଦିକ ପଟେଲ ତାଙ୍କ ଟୁଇଟର ବାୟୋରୁ ଦଳ ଓ ପଦବୀ ନାଁ ହଟାଇ ଦେଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କର ଏଭଳି ପଦକ୍ଷେପ ଦଳ ଛାଡ଼ିବାର ସୂଚନା ଦେଉଛି। ହାର୍ଦ୍ଦିକଙ୍କ ବାୟୋରେ ଗର୍ବିତ ଭାରତୀୟ ଦେଶଭକ୍ତ, ସାମାଜିକ ଓ ରଜନୈତିକ କର୍ମୀ ଲେଖାଥିବାବେଳେ 'ଗୁଜରାଟ କଂଗ୍ରେସର କାର୍ଯ୍ୟକାରୀ ସଭାପତି' ଏବଂ ଦଳୀୟ ଚିହ୍ନକୁ ହଟାଇ ଦିଆଯାଇଛି। ସାଧାରଣତଃ କଂଗ୍ରେସ ନେତା ଦଳ ଛାଡ଼ିବା ପୂର୍ବରୁ ପ୍ରଥମ ସୂଚନା ସ୍ୱରୂପ ଟୁଇଟର ବାୟୋ ପରିବର୍ତ୍ତନ କରିଥାନ୍ତି। ଏହି ଧାରା କିଛିବର୍ଷ ହେଲା ଚାଲିଆସୁଛି।



## ସଂକ୍ଷେପରେ

### ଇମ୍ରାନ୍‌ଙ୍କ ବିରୋଧରେ ଧର୍ମନିନ୍ଦା ମାମଲା

**ଇସ୍‌ଲାମାବାଦ, ୨।୫:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଧର୍ମନିନ୍ଦା ମାମଲା ରୁଜୁ ହୋଇଛି। ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଗୁରୁବାର ସାଉଦିଆରବ ଗସ୍ତ କରିଥିବାବେଳେ ଇସ୍‌ଲାମର ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ ମେଦିନାରେ ଶ୍ରଦ୍ଧାଳୁମାନେ ତାଙ୍କୁ 'ଚୋର', 'ଦେଶଦ୍ରୋହୀ' ବୋଲି କହି ଚିଲାଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପାକିସ୍ତାନ ତେହରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧକ୍ଷ ଇମ୍ରାନ୍ ନିଜ ସମର୍ଥକଙ୍କୁ ଏପରି କରିବାକୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ପବିତ୍ର ଧାର୍ମିକସ୍ଥଳ ମେଦିନାରେ ଶେହବାଜ୍‌ଙ୍କ ବିରୋଧରେ ନାରାବାଜି ଏବଂ ଗୁଣ୍ଡାଗିରି ମାମଲାରେ ଇମ୍ରାନ୍‌ଙ୍କୁ ଗିରଫ କରାଯିବ ବୋଲି ପାକ୍ ଆଭ୍ୟନ୍ତରୀଣ ମନ୍ତ୍ରୀ ରାଣା ସନାଉଲା କହିଛନ୍ତି। ଶେହବାଜଙ୍କ ବିରୋଧରେ ନାରବାଜି କରିଥିବା ୫ ଜଣଙ୍କୁ ଗିରଫ କରାଯାଇଥିବା ମେଦିନା ପୋଲିସ କହିଛି।

### ଟୁଇଟରରୁ ବିଦା ହେବେ ପରାଗ



**ୱାଶିଂଟନ, ୨।୫:** ବିଶ୍ୱର ସବୁଠୁ ଧନୀ ଏଲନ ମସ୍କ ୪୪ ବିଲିୟନ ଡଲାରରେ ଟୁଇଟର କିଣିବା ପରେ ନୂଆ ସିଇଓ ସନ୍ଧାନରେ ଲାଗିପଡ଼ିଛନ୍ତି। ଫଳରେ ବର୍ତ୍ତମାନର ଟୁଇଟର ସିଇଓ ପରାଗ ଅଗ୍ରୱାଲ ବିଦା ହେବା ନେଇ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁସାରେ ଟୁଇଟର କିଣିବା ପ୍ରକ୍ରିୟା ଶେଷ ହେବା ପରେ ମସ୍କ କମ୍ପାନୀର ନୂଆ ସିଇଓଙ୍କ ନାମ ଘୋଷଣା କରିବେ। ସାନ୍ ଫ୍ରାନ୍ସିସ୍କୋରେ ଥିବା କମ୍ପାନୀ ମ୍ୟାନେଜମେଣ୍ଟ ଉପରେ ମସ୍କଙ୍କ ଭରସା ନ ଥିବା ଗତମାସରେ ସେ ଟୁଇଟର ଅଧକ୍ଷ ବ୍ରେଟ ଟଏଲୋରଙ୍କ ସହ ଆଲୋଚନା ବେଳେ କହିଥିଲେ। ସେହିପରି ଟୁଇଟର ନ୍ୟାୟିକ ମୁଖ୍ୟ ବିଜୟା ଗାଡ୍ଡେଙ୍କୁ ବିଦା କରିବା ନେଇ ମସ୍କ ଯୋଜନା କରୁଥିବା ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ନଭେମ୍ବରରେ ପରାଗ ଟୁଇଟର ସିଇଓ ପଦରେ ନିଯୁକ୍ତ ହୋଇଥିଲେ। ରିସର୍ଚ୍ଚ ଫ୍ରମ୍ ଇକ୍ୱିଲିୟର ରିପୋର୍ଟ ମୁତାବକ ଦାୟିତ୍ୱ ଗ୍ରହଣର ୧୨ ମାସ ଭିତରେ ଯଦି ପରାଗଙ୍କୁ ସିଇଓ ପଦରୁ ବହିଷ୍କାର କରାଯାଏ ତେବେ ଟୁଇଟର ତାଙ୍କୁ ୪୨ ମିଲିୟନ ଡଲାର ଦେବ।

### ଚୋକ୍‌ସିଙ୍କ ବିରୋଧରେ ସାନି ମାମଲା

**ନୂଆଦିଲ୍ଲୀ, ୨।୫:** ଜାଲିଆତି କରି ୨୦୧୪ରୁ ୨୦୧୮ ମଧରେ ୨୨ କୋଟି ଟଙ୍କା ଠକିଥିବା ଅଭିଯୋଗରେ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସି ଓ ତାଙ୍କ କମ୍ପାନୀ ଗୀତାଞ୍ଜଳି ଜେମ୍ସ ବିରୋଧରେ ସିବିଆଇ ନୂଆ ମାମଲା ଦାଏର କରିଛି। ଏଥିସହିତ ଅଭିଯୁକ୍ତଙ୍କ ମୁମ୍ବାଇ ଓ କୋଲକାତାରେ ଥିବା ୮ଟି ସ୍ଥାନରେ ଚଢ଼ାଉ କରି ଅପରାଧ ସହ ସମ୍ପୃକ୍ତ କାଗଜପତ୍ର ଜବତ କରିଛି। ଇଣ୍ଡଷ୍ଟ୍ରିଆଲ ଫାଇନାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ (ଆଇଏଫ୍‌ସିଆଇ)ର ଅଭିଯୋଗ ଅନୁଯାୟୀ ଗୀତାଞ୍ଜଳି ଜେମ୍ସ ଲିଃ, ଏହାର ନିର୍ଦ୍ଦେଶକ ମେହୁଲ ଚୋକ୍‌ସି, ମୂଲ୍ୟ ଆକଳନକାରୀ ନରେନ୍ଦ୍ର ଝାବ୍ୱେରୀ, ପ୍ରଦୀପ ସି. ଶାହା ଏବଂ ଶ୍ରେନିକ ଆର୍. ଶାହା ଓ ଘରୋଇ ସଂସ୍ଥା ସୁରଜମଲ ଲଲ୍ଲୁ ଭାଇ ଆଣ୍ଡ କମ୍ପାନୀ ଏହାର ୨୨.୦୬ କୋଟି ଟଙ୍କା କ୍ଷତି ଘଟାଇଥିଲେ।

# ରୁଷିଆ ଉପରେ ୟୁକ୍ରେନ୍ ଭାରୀ

- ଦୁଇ ରାପ୍ଟର ବୋଟ୍ ନଷ୍ଟ କଲା କିଭ୍
- ରୁଷୀୟ ଜେନେରାଲ ନିହତ, ସେନା ମୁଖ୍ୟ ଆହତ

**କିଭ୍, ୨।୫**

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣକୁ ୬୮ ଦିନ ପୂରିଥିବାବେଳେ ଏତେ ଦିନ ଯୁଦ୍ଧ ଲମ୍ବିବା ମସ୍କୋ ପାଇଁ ଚିନ୍ତାର କାରଣ ପାଲଟିଛି। ଶକ୍ତିଶାଳୀ ରୁଷିଆ ସେନା ଆଗରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ୟୁକ୍ରେନ୍ ଟିକ୍ଷି ରହିବା ସେମାନଙ୍କ ଅସାଧାରଣ ସାହସକୁ ଦର୍ଶାଉଛି। ନିକଟରେ କିଭ୍‌ର ମିଶାଇଲ ମାଡ଼ରେ ରୁଷିଆ ନିଜର ଗୁରୁତ୍ୱପୂର୍ଣ୍ଣ ମୋସ୍କଭା ଯୁଦ୍ଧଜାହାଜ ହରାଇଥିବାବେଳେ ଏବେ ପୁଣି ଏହାର ଦୁଇ ପାଟ୍ରୋଲିଂ ବୋଟ୍ ନଷ୍ଟ ହୋଇଛି। ବେଶ ଦକ୍ଷତାର ସହ ୟୁକ୍ରେନ୍ ଡ୍ରୋନ୍ ଜରିଆରେ କୃଷ୍ଣସାଗରର ସ୍ନେକ୍ ଦ୍ୱୀପରେ ମୁତୟନ ଥିବା ରୁଷିଆର ଦୁଇ ରାପ୍ଟର ବୋଟ୍‌କୁ ଟାର୍ଗେଟ କରିଛି। ଏ ନେଇ ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ସୋମବାର ଏକ ଭିଡିଓ ଟୁଇଟ୍ କରିଛି। ତୁର୍କୀ ନିର୍ମିତ ମିଲିଟାରୀ ଡ୍ରୋନ୍ ଦ୍ୱାରା ଦୁଇ ରୁଷୀୟ ରାପ୍ଟର ବୋଟ୍‌କୁ ସଫଳ ଟାର୍ଗେଟ କରାଯାଇଥିବା ୟୁକ୍ରେନ୍ ସଶସ୍ତ୍ର ବାହିନୀର କମାଣ୍ଡର୍ ଇନ୍ ଚିଫ୍ ଭାଲେରି ଜାଲୁଝ୍‌ନ୍ୟୀ କହିଛନ୍ତି। ରାପ୍ଟର ବୋଟ୍ ୩ କ୍ରିଉ ଏବଂ ୨୦ ସଦସ୍ୟଙ୍କୁ ବହନ କରିପାରେ। ସେଥିରେ ସାଧାରଣତଃ ମେଶିନ୍ ଗନ୍ ଲାଗିଥାଏ। ଅନୁସନ୍ଧାନ ଏବଂ ଲ୍ୟାଣ୍ଡିଂ ଅପରେଶନରେ ଏହି ବୋଟ୍ ବ୍ୟବହାର କରାଯାଏ। ନିକଟରେ ୟୁକ୍ରେନ୍‌ର ନେପ୍‌ଚ୍ୟୁନ୍ ମିଶାଇଲ ମାଡ଼ରେ ରୁଷିଆର ଆଣବିକ ଅସ୍ତ୍ର ପରିବହନକାରୀ ଯୁଦ୍ଧଜାହାଜ ମୋସ୍କଭା କୃଷ୍ଣସାଗରରେ ବୁଡ଼ି ଯାଇଥିଲା। ରୁଷିଆର ଧମକ ସତ୍ତ୍ୱେ ସ୍ନେକ୍ ଦ୍ୱୀପରେ ୟୁକ୍ରେନ୍ ସୈନ୍ୟ ଆତ୍ମସମର୍ପଣ କରିବାକୁ ମନା କରିବା ପରେ ଏହି ଆଇଲାଣ୍ଡ କିଭ୍ ପ୍ରତିରୋଧର ଏକ ଚିହ୍ନ ପାଲଟିଥିଲା।



ୟୁକ୍ରେନ୍ ଆକ୍ରମଣରେ ଧ୍ୱଂସପ୍ରାପ୍ତ ରୁଷିଆର ଏକ ଯୁଦ୍ଧାସ୍ତ୍ର ପରିବହନକାରୀ ଯାନ ।

ଅନ୍ୟପକ୍ଷରେ ରୁଷିଆ ନିୟନ୍ତ୍ରଣରେ ଥିବା ୟୁକ୍ରେନୀୟ ସହ ଇଜିୟମରେ କିଭ୍ ସୈନ୍ୟ ବଡ଼ ଧରଣର ଆକ୍ରମଣ କରିଛନ୍ତି। ଏଥିରେ ରୁଷୀୟ କମାଣ୍ଡର ଆଣ୍ଡ୍ରେଇ ସିମୋନୋଭ୍‌ଙ୍କ ସମେତ ୨୦୦ ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ ଦାବି କରିଛି। ସିମୋନୋଭ୍‌ଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ରୁଷିଆର ୯ ଟପ୍ କମାଣ୍ଡରଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିଶ୍ୱସ୍ତ କୁହାଯାଉଥିବା ରୁଷିଆ ସେନା ମୁଖ୍ୟ ଜେନେରାଲ ଭାଲେରି ଗେରାସିମୋଭ୍ ଆହତ ହୋଇଛନ୍ତି। ଯୁଦ୍ଧରେ ବିଜୟ ଲାଭ ପାଇଁ ତାଙ୍କୁ ଖର୍କିଭରେ ନିୟୋଜିତ କରାଯାଇଥିଲା। ଏବେ ସୁଦ୍ଧା ୟୁକ୍ରେନ୍‌ର ପ୍ରତିଆକ୍ରମଣରେ ରୁଷିଆର ୨୪ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟ ନିହତ ହୋଇଥିବା କିଭ୍ ଦାବି କରିଛି। ଆସନ୍ତା ୯ ତାରିଖରେ ରୁଷିଆର ବିଜୟ ଦିବସ ଅବସରରେ ପୁଟିନ୍ ୟୁକ୍ରେନ୍ ଉପରେ ବିଜୟ ହାସଲ ପାଇଁ 'ଅଲ୍-ଆଉଟ୍ ୱାର' ଘୋଷଣା କରିପାରନ୍ତି। ଏଥିପାଇଁ ରୁଷିଆ ୟୁକ୍ରେନ୍ ଉପରେ ବଡ଼ଧରଣର ଆକ୍ରମଣ ଯୋଜନା କରିଥିବା ଆଶଙ୍କା କରାଯାଉଛି।

### ତରୁଣ କପୁର ହେଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା



**ନୂଆଦିଲ୍ଲୀ, ୨।୫**

ପୂର୍ବତନ ପେଟ୍ରୋଲିୟମ ସଚିବ ତରୁଣ କପୁରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପଦେଷ୍ଟା ଭାବେ ସୋମବାର ନିଯୁକ୍ତି ପ୍ରଦାନ କରାଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଉପଦେଷ୍ଟା ଭାବେ କପୁରଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ଏହି ପଦବୀ ଭାରତ ସରକାରଙ୍କ ସଚିବ ପାହ୍ୟାର। ୧୯୮୭ ବ୍ୟାଚ୍‌ର ହିମାଚଳପ୍ରଦେଶ କ୍ୟାଡର ଆଇଏଏସ୍ ଅଫିସର କପୁର ଉକ୍ତ ପଦବୀରେ ଦୁଇବର୍ଷ ପାଇଁ କାର୍ଯ୍ୟ କରିବେ। ସେ ୨୦୨୧ ନଭେମ୍ବର ୩୦ରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ହରି ରଞ୍ଜନ ରାଓ ଏବଂ ଅତିଶ ଚନ୍ଦ୍ରାଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ୧୯୯୪ ବ୍ୟାଚ୍‌ର ମଧ୍ୟପ୍ରଦେଶ କ୍ୟାଡର ଆଇଏଏସ୍ ଅଫିସର ରାଓ ଏବେ ଟେଲିକମ୍ୟୁନିକେଶନ ବିଭାଗର ୟୁନିଭର୍ସାଲ ସର୍ଭିସେସ୍ ଅବ୍ଲିଗେଶନ ଫଣ୍ଡର ପ୍ରଶାସକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବ୍ୟାଚ୍‌ମେଟ୍ ତଥା ବିହାର କ୍ୟାଡର ଆଇଏଏସ୍ ଅଫିସର ଚନ୍ଦ୍ରା ଏବେ ଭାରତର ଖାଦ୍ୟ ନିଗମ, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅଛନ୍ତି।

## 'ଲାଭ୍ରୋଭ୍ କ୍ଷମା ମାଗନ୍ତୁ'

**ଜେରୁଜେଲମ, ୨।୫:** ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ଶେରଗି ଲାଭ୍ରୋଭ୍ ଜର୍ମାନ୍ ଡିକ୍ଟେଟର ଆଡଲ୍ଫ ହିଟଲରଙ୍କ ସହ ତୁଳନା କରିଛନ୍ତି। ଜେଲେନ୍‌ସ୍କି ଏବଂ ହିଟଲର ଉଭୟ ନାଜି ଏବଂ ସେମାନଙ୍କ ଶରୀରରେ ଇହୁଦୀଙ୍କ ରକ୍ତ ବୋହୁଛି ବୋଲି ଲାଭ୍ରୋଭ୍ କହିବା ପରେ ବିବାଦ ଆରମ୍ଭ ହୋଇଛି। ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ୟେର ଲାପିଡ୍ ଏହି ମନ୍ତବ୍ୟକୁ ନିନ୍ଦା କରିବା ସହ ଏଥିପାଇଁ ଲାଭ୍ରୋଭ୍ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଇହୁଦୀମାନେ ଜର୍ମାନୀରେ ହୋଇଥିବା ଧ୍ୱଂସଲୀଳାରେ ନିଜେ ନିଜକୁ ହତ୍ୟା କରି ନ ଥିଲେ। ଏହା ଇହୁଦୀମାନଙ୍କ ବିରୋଧରେ ଅତି ନିମ୍ନସ୍ତରର ଭେଦଭାବ ବୋଲି ଲାପିଡ୍ କହିଛନ୍ତି।



## ବିଗୁଡୁଛି ପୁଟିନ୍‌ଙ୍କ ସ୍ୱାସ୍ଥ୍ୟ

### ପୂର୍ବତନ ସ୍ପାଏ ମୁଖ୍ୟଙ୍କୁ ମିଳିବ କ୍ଷମତା



ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ଥିବାବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ୟାନ୍‌ସର ଚିକିତ୍ସା ପାଇଁ କିଛିଦିନ କ୍ଷମତାରୁ ଦୂରେଇ ରହିବା ନେଇ କ୍ରେମଲିନ୍‌ର ଭିତିରି ସୂତ୍ରରୁ ଜଣାପଡ଼ିଛି। ପୁଟିନ୍‌ଙ୍କ ଅସ୍ତ୍ରୋପଚାର ହେବାକୁ ଥିବାବେଳେ ସେ ପୂର୍ବତନ ସ୍ପାଏ ମୁଖ୍ୟ ତଥା ସିକ୍ୟୁରିଟି କାଉନ୍‌ସିଲ ମୁଖ୍ୟ ନିକୋଲାଇ ପେଟ୍ରୁଶେଭ୍‌ଙ୍କୁ ୟୁକ୍ରେନ୍ ଆକ୍ରମଣ ଦାୟିତ୍ୱ ଦେବେ ବୋଲି ବ୍ରିଟିଶ ମିଡିଆରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି। ୭୦ ବର୍ଷୀୟ ପେଟ୍ରୁଶେଭ୍ ପୁଟିନ୍‌ଙ୍କ ବେଶ୍ ନିକଟତମ ସହଯୋଗୀ। ପେଟ୍ରୁଶେଭ୍‌ଙ୍କୁ ୟୁକ୍ରେନ୍ ଯୁଦ୍ଧର ରଣନୀତି ପ୍ରସ୍ତୁତକାରୀଙ୍କ ମଧ୍ୟରେ ଅନ୍ୟତମ ପ୍ରମୁଖ ବ୍ୟକ୍ତି। ୟୁକ୍ରେନ୍‌ରେ ନାଜିବାଦୀ ବିସ୍ତାର କରିଥିବା ନେଇ ସେ ହିଁ ପୁଟିନ୍‌ଙ୍କୁ ପ୍ରବର୍ତ୍ତାଇ ଥିଲେ। ପୁଟିନ୍ ପେଟ କ୍ୟାନ୍‌ସର ଏବଂ ପାର୍କିନସନ୍ ରୋଗରେ ପୀଡ଼ିତ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକରେ ରିପୋର୍ଟ ପ୍ରକାଶ ପାଇଛି।

### ସ୍ତ୍ରୀ ଜୀବିତ, ହତ୍ୟା ଅଭିଯୋଗରେ ଜେଲରେ ସ୍ୱାମୀ

**ପାଟନା, ୨।୫**

ବିହାର ଲକ୍ଷ୍ମୀପୁରରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ ଜୀବିତ ଥାଇ, ହତ୍ୟା ଅଭିଯୋଗରେ ଜେଲରେ ଦଣ୍ଡ ଭୋଗୁଛନ୍ତି ସ୍ୱାମୀ ଦିନେଶ ରାମ। ସମ୍ପୃକ୍ତା ମହିଳା ଜଣକ ପୂର୍ବତନପ୍ରେମିକ ସହ ଜଲନ୍ଧରରେ ରହୁଥିବାବେଳେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ୨୦୧୬ ଜୁନ୍ ୧୪ ରେ ଦିନେଶ ଶାନ୍ତି ଦେବୀଙ୍କୁ ବାହାହୋଇଥିଲେ। ବର୍ଷକ ପରେ ଶାନ୍ତି ଦେବୀ ଶାଶୁଘରୁ ଲୁଚି ପଳାଇଥିଲେ। ପରିବାର ଓ ଶ୍ୱଶୁର ଘର ଲୋକେ ଶାନ୍ତିଙ୍କୁ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କୁ ପାଇ ନ ଥିଲେ। ଝିଅକୁ ନ ପାଇ ଶାନ୍ତିଙ୍କ ବାପା ଥାନାରେ ଦିନେଶଙ୍କ ବିରୋଧରେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ଦିନେଶଙ୍କୁ ଗିରଫ କରିନେଲା। ବାହାଘରପରେ ଦିନେଶ ଓ ତାଙ୍କ ପରିବାର ଲୋକ ଶାନ୍ତିଙ୍କୁ ନଗଦ ୫୦ ହଜାର ଟଙ୍କା ସାଙ୍ଗକୁ ମୋଟର ସାଇକେଲ ଦାବି କରୁଥିଲେ। ଝିଅ ନିଖୋଜ ହେବା ପରେ ଶାନ୍ତିଙ୍କ ପରିବାର ଦିନେଶଙ୍କ ଉପରେ ସନ୍ଦେହ କରିଥିଲେ, ଯାହାଫଳରେ ଶାନ୍ତିଙ୍କ ବାପା ଯୋଗେନ୍ଦ୍ର ଯାଦବ ଥାନାରେ ଯୌତୁକ ଜନିତ ହତ୍ୟା ଅଭିଯୋଗ କରିଥିବା ପୋଲିସକୁ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି। ଶାନ୍ତି ବଞ୍ଚିଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ପୋଲିସ ଶାନ୍ତିଙ୍କ ଫୋନ୍ ନମ୍ବର ଟ୍ରେସ୍ କରି ତାଙ୍କ ସନ୍ଧାନ ପାଇଥିଲେ।

## ରମଜାନ ଇଦ୍ ପାଳନରେ ବାଧା ଦେବନି ଏମ୍ଏନ୍ଏସ୍

### ଅକ୍ଷୟତୃତୀୟା ଆରତି ବନ୍ଦ ରଖିବାକୁ କହିଲେ ରାଜ୍ ଠାକ୍‌ରେ



**ମୁମ୍ବାଇ, ୨।୫(ଆଇଏଏନ୍ଏସ୍)**

ମୁସଲମାନମାନେ ମଙ୍ଗଳବାର ନିର୍ବିଘ୍ନରେ ରମଜାନ ଇଦ୍ ପାଳନ କରିବେ ବୋଲି ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ଅଧକ୍ଷ ରାଜ୍ ଠାକ୍‌ରେ ସୋମବାର ଘୋଷଣା କରିଛନ୍ତି। ମୁସଲମାନମାନେ ଆନନ୍ଦର ସହ ଉତ୍ସବ ପାଳନ କରନ୍ତୁ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅକ୍ଷୟ ତୃତୀୟାରେ ଆରତୀ କାର୍ଯ୍ୟକ୍ରମ ବନ୍ଦ ରଖିବା ଲାଗି ସେ ତାଙ୍କ ଦଳୀୟ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି। କୌଣସି ଉତ୍ସବ ପାଳନରେ ଏମ୍ଏନ୍ଏସ୍ ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ରାଜ୍ ଠାକ୍‌ରେ କହିଛନ୍ତି। ଡାକବାଜି ଯନ୍ତ୍ର କେବଳ ଧର୍ମୀୟ ସମସ୍ୟା ନୁହେଁ, ଏହା ସାମାଜିକ ସମସ୍ୟା। ଡାକବାଜି ଯନ୍ତ୍ର ସମ୍ପର୍କିତ ଆଗାମୀ କାର୍ଯ୍ୟ ଯୋଜନା ନେଇ ସେ ମଙ୍ଗଳବାର ସୋସିଆଲ ମିଡିଆରେ ଘୋଷଣା କରିବେ ବୋଲି କହିଛନ୍ତି।

ରବିବାର ରାତିରେ ଔରଙ୍ଗାବାଦରେ ଏକ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇ ତୁରନ୍ତ ମସ୍‌ଜିଦ ଓ ଧର୍ମୀୟ ସ୍ଥାନରୁ ଡାକବାଜି ଯନ୍ତ୍ର ନ ହଟିଲେ ପରିଣାମ ଭୟାବହ ହେବ ବୋଲି ଏମ୍ଏନ୍ଏସ୍ ଅଧକ୍ଷ ଚେତାବନୀ ଦେଇଥିଲେ। ସାରା ରାଜ୍ୟରେ ଦୁଇଗୁଣା ଶବ୍ଦରେ ଦଳୀୟ କର୍ମୀମାନେ ହନୁମାନ ଚାଳିଶା ବଜାଇବେ ବୋଲି ସେ କହିଥିଲେ। ଏହାକୁ ଶାସକ ମହା ବିକାଶ ଅଘାଡ଼ି ସମେତ ଅଧିକାଂଶ ରାଜନୈତିକ ଦଳ ବିରୋଧ କରିବା ପରେ ରାଜ୍ ଠାକ୍‌ରେ ସୋମବାର ନିଷ୍ପତ୍ତି ବଦଳାଇଛନ୍ତି।

## ମିଳିଣ୍ଡାଙ୍କୁ ପୁଣି ବାହା ହେବାକୁ ଚାହାନ୍ତି ବିଲ୍ ଗେଟ୍ସ

**ୱାଶିଂଟନ୍, ୨।୫**

ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସ ତାଙ୍କ ପୂର୍ବତନ ସ୍ତ୍ରୀ ମିଳିଣ୍ଡା ଫ୍ରେଞ୍ଚ ଗେଟ୍ସଙ୍କୁ ପୁଣି ବିବାହ କରିବାକୁ ଚାହୁଁଥିବା ଏକ ସାକ୍ଷାତକାରରେ କହି ଚର୍ଚ୍ଚାକୁ ଆସିଛନ୍ତି। ୨୦୨୧ ମେ'ରେ ଏହି ଦମ୍ପତି ୩୦ ବର୍ଷର ବୈବାହିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ଛାଡ଼ପତ୍ର ଘୋଷଣା କରିଥିଲେ। ଉଭୟଙ୍କର ୩ ସନ୍ତାନ ଜେନର, ରୋରି ଏବଂ ଫୋଏବି ରହିଛନ୍ତି। ରବିବାର ଏକ ସାକ୍ଷାତକାରରେ ବିଲ୍ ଗେଟ୍ସ କହିଛନ୍ତି, ଗତ ୨ ବର୍ଷ ତାଙ୍କ ପାଇଁ ବେଶ୍ ନାଟକୀୟ ଥିଲା। ପିଲାମାନେ ତାଙ୍କଠାରୁ ଦୂରେଇ ଯିବା ସବୁଠୁ ଅଜବ ଥିଲା। ପ୍ରତ୍ୟେକ ବୈବାହିକ ଜୀବନରେ ପରିବର୍ତ୍ତନ ଆସିଥାଏ। ତାଙ୍କ କ୍ଷେତ୍ରରେ ତାହା ଥିଲା ଛାଡ଼ପତ୍ର। କିନ୍ତୁ ତାଙ୍କ ଦୃଷ୍ଟିରୁ ମିଳିଣ୍ଡାଙ୍କ ସହ ବିବାହ ବେଶ୍ ଭଲ ଥିଲା ବୋଲି ବିଲ୍ ଗେଟ୍ସ କହିଛନ୍ତି। ସେ କ'ଣ ପୁଣି ମିଳିଣ୍ଡାଙ୍କୁ ବିବାହ କରିବାକୁ ଚାହାନ୍ତି କି ପ୍ରଶ୍ନରେ ବିଲ୍ ଗେଟ୍ସ କହିଥିଲେ, ଭବିଷ୍ୟତରେ ମୋର ଅନ୍ୟ ଯୋଜନା ନାହିଁ। କିନ୍ତୁ ଏହି ବିବାହକୁ ମୁଁ ଅଗ୍ରାଧିକାର ଦେବି। ସୂଚନାଯୋଗ୍ୟ, ଛାଡ଼ପତ୍ର ପରେ ମଧ୍ୟ ଏହି ଦମ୍ପତି ଏକାଠି ବିଲ୍ ଆଣ୍ଡ୍ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପାଇଁ କାମ କରୁଛନ୍ତି।



### ସଂକ୍ରମଣ ରୋକିବାକୁ ୧୪୪ ଧାରା

**ଲକ୍ଷ୍ନୌ, ୨।୫:** ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉତ୍ତର ପ୍ରଦେଶ ସରକାର ଗୌତମବୁଦ୍ଧ ନଗରରେ ୧୪୪ ଧାରା ଲାଗୁ କରିଛନ୍ତି, ଯାହା ମେ' ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦେଶରେ କରୋନାର ଚତୁର୍ଥ ଲହର ସଂକ୍ରମଣ ଆଶଙ୍କା କରାଯାଉଥିବାବେଳେ ଗୌତମବୁଦ୍ଧ ନଗରରେ ସଂକ୍ରମଣ ବଢ଼ିବାରେ ଲାଗିଛି। ବଢୁଥିବା ସଂକ୍ରମଣ ଏବଂ ଆଗାମୀ ଦିନରେ ପାଳନ ହେବାକୁ ଥିବା ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ୨୪ ଘଣ୍ଟାରେ ଦେଶରେ ୩,୧୫୭ ନୂଆ କୋଭିଡ ମାମଲା ସାମ୍ନାକୁ ଆସିଥିବାବେଳେ ଦେଶରେ ମୋଟ ସଂକ୍ରମଣ ୪,୩୦,୮୨,୩୪୫ରେ ପହଞ୍ଚିଛି।

## ଟର୍ବୁଲାନ୍ସରୁ ସ୍ପାଇସ୍‌ଜେଟ୍‌ର ୧୫ ଯାତ୍ରୀ ଆହତ

### ତଦନ୍ତ ଆରମ୍ଭ କଲା ଡିଜିସିଏ

**ନୂଆଦିଲ୍ଲୀ, ୨।୫**

ବଡ଼ ଧରଣର ଏୟାର ଟର୍ବୁଲାନ୍ସ ଯୋଗୁ ରବିବାର ମୁମ୍ବାଇରୁ ଦୁର୍ଗାପୁର ଯାଉଥିବା ସ୍ପାଇସ୍‌ଜେଟ୍ ବିମାନର ୧୨ ଯାତ୍ରୀ ଓ ୩ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଦୁଇଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଦନ୍ତ ପୂର୍ବରୁ ଉକ୍ତ ବିମାନକୁ ଦୁର୍ଗାପୁରରୁ କୋଲକାତା ଯିବା ଲାଗି ଅନୁମତି ଦେଇଥିବା ୨ ଇଞ୍ଜିନିୟରଙ୍କୁ ଡ୍ୟୁଟିରୁ ବାଦ୍ ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ଗଠିତ ଟିମ୍ ସୋମବାର ଏହାର ତଦନ୍ତ ଆରମ୍ଭ କରିଛି। ଏସ୍‌ଜି-୯୪୫ ବିମାନରେ ସିଟ୍ ବେଲ୍ଟ ସଙ୍କେତ ଦିଆଯିବା ସହ ଯାତ୍ରାମାନଙ୍କୁ ସିଟ୍‌ରେ ବସିରହିବା ଲାଗି କ୍ରିଉ ମେମ୍ବରମାନେ ବାରମ୍ବାର ଘୋଷଣା କରିଥିଲେ ବୋଲି ସ୍ପାଇସ୍‌ଜେଟ୍ ପକ୍ଷରୁ କୁହାଯାଇଛି। ବିଭାଗୀୟ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସୂଚନା ଅନୁଯାୟୀ ବିମାନଟି ଦୁର୍ଗାପୁରରେ ଅବତରଣ କରିବା ସମୟରେ ଟର୍ବୁଲାନ୍ସର ସମ୍ମୁଖୀନ ହୋଇଥିଲା। ଏଥିଯୋଗୁ ଯାତ୍ରୀ କ୍ଷତିଗ୍ରସ୍ତ ହେବା ଦୁର୍ଭାଗ୍ୟଜନକ। ଏହାକୁ ଗୁରୁତର ସହ ନିଆଯାଇଛି। ଘଟଣାର ତଦନ୍ତ ପାଇଁ ଡିଜିସିଏ ଏକ ଟିମ୍‌କୁ ଦାୟିତ୍ୱ ଦେଇଥିବା ସେ କହିଛନ୍ତି।



## ଜର୍ମାନୀରେ ପ୍ରଧାନମନ୍ତ୍ରୀ ମୋଦି

# ସବୁଜ ଉଦ୍‌ଜାନ ଚୁକ୍ତି ସ୍ୱାକ୍ଷରିତ

**ବର୍ଲିନ, ୨।୫**

ୟୁକ୍ରେନ୍ ସଙ୍କଟ ଭିତରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦିନିଆ ୟୁରୋପ ଗସ୍ତରେ ସୋମବାର ଜର୍ମାନୀରେ ପହଞ୍ଚିଛନ୍ତି। ବର୍ଲିନରେ ପହଞ୍ଚିବା ପରେ ତାଙ୍କୁ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ସ୍ୱାଗତ କରିଥିଲେ। ଫେଡେରାଲ ଚାନ୍‌ସଲେରୀ ପରିସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ କାରବାର, ଆଞ୍ଚଳିକ ଏବଂ ବୈଶ୍ୱିକ ବ୍ୟାପାର ତଥା ଘଟଣାବଳୀ ଉପରେ ଆଲୋଚନା ହୋଇଛି। ପ୍ରତିନିଧିସ୍ତରୀୟ ବୈଠକରେ ଭାରତ ଓ ଜର୍ମାନୀ ମଧ୍ୟରେ ସବୁଜ ଶକ୍ତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଉଭୟ ଦେଶ ମିଶି ଗ୍ରୀନ୍ ହାଇଡ୍ରୋଜେନ୍ ଟାସ୍କ ଫୋର୍ସ ଗଠନ କରିବା ନିମନ୍ତେ ସହମତ ହୋଇଛନ୍ତି। ସ୍ୱଚ୍ଛ ଏନର୍ଜୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ୨୦୩୦ ସୁଦ୍ଧା ୧୦.୫ ବିଲିୟନ ଡଲାର ପାଇବା ନିମନ୍ତେ ମଧ୍ୟ ଚୁକ୍ତି ସ୍ୱାକ୍ଷର ହୋଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ।

### ଯୁଦ୍ଧର କେହି ବିଜେତା ନାହାନ୍ତି

ୟୁରୋପ ଗସ୍ତରେ ମୋଦି ୟୁକ୍ରେନ୍-ରୁଷିଆ ଯୁଦ୍ଧକୁ ନେଇ କ'ଣ ଆଭିମୁଖ୍ୟ ରଖିବେ ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ସେ ପ୍ରତିନିଧିସ୍ତରୀୟ ବୈଠକ ପରେ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ମୋଦି କହିଥିଲେ, ଯୁଦ୍ଧ ଆରମ୍ଭରୁ ଭାରତ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଛି। ବିବାଦର ସମାଧାନ ପାଇଁ କୂଟନୈତିକ ରାସ୍ତାରେ ଆଲୋଚନା ଉପରେ ନୂଆଦିଲ୍ଲୀ ଗୁରୁତ୍ୱାରୋପ କରିଆସିଛି। ଏହି ଯୁଦ୍ଧରେ କେହି ବିଜୟୀ ହେବେ ନାହିଁ ବରଂ ସବୁପକ୍ଷ କ୍ଷତି ସହିବେ। ତେଣୁ ଭାରତ ସର୍ବଦା ଶାନ୍ତି ସପକ୍ଷରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। କୋଭିଡ୍ ମହାମାରୀ ପରେ ଅନ୍ୟ ବଡ଼ ଅର୍ଥନୀତିର ଦେଶ ତୁଳନାରେ ଭାରତ ସବୁଠୁ ଦ୍ରୁତଗତିରେ ବିକାଶ କରୁଛି। ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିବା ନିମନ୍ତେ ନୂଆଦିଲ୍ଲୀ ପ୍ରତିବଦ୍ଧ ବୋଲି ମୋଦି କହିଛନ୍ତି। ୨୦୨୧ ଡିସେମ୍ବରରେ ସ୍କୋଲ୍‌ଜ ଶାସନକୁ ଆସିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏହା ହେଉଛି ପ୍ରଥମ ବୈଠକ। ଏହା ପରେ ମୋଦି ଡେନମାର୍କ ଓ ଫ୍ରାନ୍ସ ଗସ୍ତ କରିବେ। ବର୍ଲିନରେ ମୋଦି ଏବଂ ସ୍କୋଲ୍‌ଜ ଭାରତ-ଜର୍ମାନୀ ଆନ୍ତଃ ସରକାରୀ ପରାମର୍ଶ (ଆଇଜିସି) ବୈଠକରେ ଯୋଗ ଦେଇଥିଲେ। ଏଥିରେ ଉଭୟ ପକ୍ଷର ଏକାଧିକ ମନ୍ତ୍ରୀ ସାମିଲ ହୋଇଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଧ୍ୟ ଉପସ୍ଥିତ ଥିଲେ। ଜୟଶଙ୍କର ତାଙ୍କ ଜର୍ମାନୀ ପ୍ରତିପକ୍ଷ ଏନାଲିନା ବେୟାରବକ୍‌ଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନାରେ ଭାରତ-ଜର୍ମାନୀ ଡାଇରେକ୍ଟ ଏନ୍‌କ୍ରିପ୍ଟେଡ କନେକ୍ସନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ମେ ୩/୨୦୨୨ (୧୨+୮=୨୦ ପୃଷ୍ଠା) Tuesday, May 3/2022 Page 20 ପୃଷ୍ଠା-୧



## ଭାରତୀୟ ଦଳରେ ପଦ୍ମିନୀ

ଚେସ୍ ଅଲିମ୍ପିଆଡ୍ ପାଇଁ ଭାରତୀୟ ମହିଳା ବି' ଦଳରେ ଓଡ଼ିଶାର ପଦ୍ମିନୀ ରାଉତ ସ୍ଥାନ ପାଇଛନ୍ତି।

୦୮

୦୫

## ରାଜନୈତିକ ଦଳ ଗଢ଼ିପାରନ୍ତି ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ନିଜସ୍ୱ ଦଳ ଗଢ଼ିପାରନ୍ତି। ବିହାର ଗସ୍ତ ଅବସରରେ ସେ କରିଥିବା ଟୁଇଟ୍‌ରୁ ଏଭଳି ସୂଚନା ମିଳିଛି।



# ଟିକା ପାଇଁ ବାଧ୍ୟ କରାଯାଇପାରିବ ନାହିଁ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



## ସର୍ବସାଧାରଣରେ କଟକଣା ହଟାଅ

ନୂଆଦିଲ୍ଲୀ,୨।୫ (ପି.ଟି.)

ସମ୍ପ୍ରତି କୋଭିଡ୍ ଟିକା ନେବା ଲାଗି କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ କିମ୍ବା କୌଣସି କଟକଣା ଲଗା ଯାଇପାରିବ ନାହିଁ। ଏଥିସହିତ ଟିକାକରଣର ପ୍ରତିକୂଳ ପ୍ରଭାବ ଜନିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଶାରୀରିକ ସ୍ୱାଧୀନତା ଓ ପବିତ୍ରତା ସମ୍ବିଧାନର ଅନୁଚ୍ଛେଦ ୨୧ ଦ୍ୱାରା ସୁରକ୍ଷିତ ବୋଲି ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସଂକ୍ରମଣ ହାର କମ୍ ଥିବା ପର୍ଯ୍ୟନ୍ତ ଟିକା ନେଇ ନ ଥିବା ଲୋକଙ୍କ ପାଇଁ ସର୍ବସାଧାରଣ ସ୍ଥାନରେ କୌଣସି କଟକଣା ନ ରଖିବାକୁ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ମିଳିଥିବା ତଥ୍ୟ ଓ ବିଶେଷଜ୍ଞଙ୍କ ମତାମତକୁ ବିଚାରକୁ ନେଲେ କୋଭିଡ୍-୧୯ ଟିକା ନୀତି ସ୍ପଷ୍ଟ ରୂପରେ ସ୍ୱେଚ୍ଛାଚାରୀ ଏବଂ ଅକାରଣ ବୋଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଦାହ ବେଳେ ହସୁଛନ୍ତି

# ପାରାଦୀପରେ ହାଜତ ମୃତ୍ୟୁ ଅଭିଯୋଗ

ପାରାଦୀପ/କୁଜଙ୍ଗ/ ଭୁବନେଶ୍ୱର, ୨।୫(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ଅଭୟଚାନ୍ଦପୁର ଥାନା ହାଜତରେ ଶନିବାର ମଧ୍ୟରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବୃନ୍ଦାବନ କଲୋନୀର ମନୋରଞ୍ଜନ ଗେଡି (୨୩)। ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପୋଲିସ ତାଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫର ୨ଘଣ୍ଟା ମଧ୍ୟରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଛି। ମନୋରଞ୍ଜନଙ୍କୁ ପୋଲିସ ହାଜତରେ ପିଟି ପିଟି ମାରିଦେଇଥିବା ତାଙ୍କ ବାପା ପ୍ରହଲ୍ଲାଦ ରବିବାର ଗଣମାଧ୍ୟମରେ କହିଛନ୍ତି। ଏନେଇ ଅନୁଗୋଳର ସୁଜିତ୍ ସାହୁ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି) ଗୁରୁତ୍ୱର ସହ ନେଇଛନ୍ତି। ସୋମବାର କମିଶନ ନିଜ ଆଡୁ ମାମଲା ରୁଜୁ କରିବା ସହ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ୨୦ ତାରିଖ ସୁଦ୍ଧା ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ସମେତ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ପତ୍ର (ନଂ. ୭୮୮/୨୨) ଜରିଆରେ କୁହାଯାଇଛି। ଏହାର ନକଲ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କୁ ପଠାଯାଇଛି।

ପ୍ରହଲ୍ଲାଦଙ୍କ କହିବାନୁଯାୟୀ, ତାଙ୍କ ପୁଅ ମନୋରଞ୍ଜନ ଶନିବାର ସନ୍ଧ୍ୟାରେ ସାଙ୍ଗ ନବୀନ ସୂତାର (ଗୁଡ୍ଡୁ)ଙ୍କ ସହ ଘରୁ ଯାଇଥିଲେ। ରାତି ସାଢ଼େ ୧୦ଟାରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ସୂଚନା ମିଳିଲା ଯେ ପୁଅର ଦୁର୍ଘଟଣା ହୋଇଛି। ସେ ମେଡିକାଲରେ ଅଛନ୍ତି। ଖବରପାଇ ପ୍ରହଲ୍ଲାଦଙ୍କ ପରିବାର ସଦସ୍ୟ ଆଖପାଖରେ ଥିବା ମେଡିକାଲ ପହଞ୍ଚି ଖୋଜାଖୋଜି କରୁଥିବାବେଳେ ମନୋରଞ୍ଜନ ☞ପୃଷ୍ଠା-୨



ଭୁବନେଶ୍ୱରରେ ବିଭିନ୍ନ ସଂଗଠନ ପକ୍ଷରୁ ସୋମବାର ହାଜତ ମୃତ୍ୟୁ ଘଟଣାର ପ୍ରତିବାଦ।

# ରାଜ୍ୟରେ ପ୍ରତିଷ୍ଠା ହେବ ୩୪ ନୂଆ କୋର୍ଟ

## ୨୧.୨୬ କୋଟି ଟଙ୍କାର ବଜେଟକୁ ଅନୁମୋଦନ

ଭୁବନେଶ୍ୱର, ୨।୫(ବ୍ୟୁରୋ)

ରାଜ୍ୟ ସରକାର ବିଭିନ୍ନ ଜିଲାରେ ୩୪ ନୂତନ ଅଦାଲତ ପ୍ରତିଷ୍ଠା ପାଇଁ ସ୍ଥିର କରିଛନ୍ତି। ଏ ସମ୍ପର୍କରେ ସୋମବାର ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇ କହିଛନ୍ତି, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ ଅଦାଲତ ପ୍ରତିଷ୍ଠା ପ୍ରସ୍ତାବ ଉପରେ ମୋହର ମାରିଛନ୍ତି। ଏହା ଉଚ୍ଚ ନ୍ୟାୟାଳୟର ଅନୁମୋଦନ ପାଇବା ପରେ ବିଜ୍ଞପ୍ତି ପ୍ରକାଶ ପାଇବ। କମିଟିରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଆଇନ ସଚିବ ପ୍ରତାପ କୁମାର ପାତ୍ର ପ୍ରମୁଖ ରହିଛନ୍ତି। ଏହି କମିଟି ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିବାବେଳେ ଅନ୍ୟ ୭ଟି ଜିଲା ଏବଂ ସେସନ କୋର୍ଟ ପ୍ରତିଷ୍ଠାକୁ ମଞ୍ଜୁରୀ ଦେଇଛନ୍ତି। ଏଥିମଧ୍ୟରେ ଭୁବନେଶ୍ୱରରେ ଦୁଇଟି, ବାଲେଶ୍ୱର ଜିଲାର ସୋରୋ ☞ପୃଷ୍ଠା-୨

# ୩୧ରେ ବ୍ରଜରାଜନଗର ଉପନିର୍ବାଚନ

- ମେ' ୪ରୁ ୧୧ ନାମାଙ୍କନ
- ଜୁନ୍ ୩ରେ ଭୋଟ ଗଣତି

ଭୁବନେଶ୍ୱର,୨।୫(ବ୍ୟୁରୋ)

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ବିୟୋଗ ପରେ ଖାଲିପଡ଼ିଥିବା ଉକ୍ତ ବିଧାନସଭା ଆସନରେ ଆସନ୍ତା ୩୧ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୪ ତାରିଖରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ନିର୍ବାଚନ ତାରିଖ ଘୋଷଣାଠାରୁ ଆଚରଣବିଧି ଲାଗୁ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମେ' ୪ରୁ ୧୧ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯିବ। ୧୨ ତାରିଖରେ ଯାଞ୍ଚ କରାଯିବ ଓ ୧୬ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ। ଜୁନ୍ ୩ରେ ଭୋଟ ଗଣତି ହେବ। ସୂଚନାଯୋଗ୍ୟ, ବିଜେଡି ବିଧାୟକ କିଶୋରଙ୍କ ୨୦୨୧ ଡିସେମ୍ବର ୩୦ରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ସେବେଠାରୁ ଏହି ଆସନ ଖାଲି ରହିଛି। ଉପନିର୍ବାଚନରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହେବାକୁ କିଶୋରଙ୍କ ସ୍ତ୍ରୀ ଆଶାୟୀ ରହିଛନ୍ତି। ଏ ନେଇ ସେ ପୂର୍ବରୁ ଗଣମାଧ୍ୟମକୁ ମଧ୍ୟ ସୂଚନା ଦେଇସାରିଛନ୍ତି। ତେବେ ବିଜେଡି ଏହି ଆସନରେ କାହାକୁ ପ୍ରାର୍ଥୀ କରିବ ତାହା ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ବିଜେଡି ଏହି ଆସନ ହାତଛଡ଼ା ନ କରିବାକୁ ସମସ୍ତ ରଣନୀତି ପ୍ରସ୍ତୁତ କରିସାରିଥିବା ବେଳେ ଭାଜପା ଓ କଂଗ୍ରେସ ମଧ୍ୟ ନିଜ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ସମସ୍ତ ଉଦ୍ୟମ କରିବେ।






**ଆଜିର ମନ୍ତବ୍ୟ**

"ମୋଦି ସରକାରଙ୍କ ୮ ବର୍ଷର କୁଶାସନ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିକୁ କିପରି ନଷ୍ଟ କରାଯାଏ ତାହାର ଏକ କେସ୍ ଷ୍ଟଡି ଥିଲା।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଅନିଲ୍ ପରିବାରବର୍ଗ


ରାଜା ପରିବାରବର୍ଗ


ଶିବାନୀ ପରିବାରବର୍ଗ


ରାଜୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନା ପତରକୁ ବନା ପତର**
**ମୂଳ ଲାଗୁଥାଏ ପର ଖେତର**
**ପିଠି ଖାଉଥାଏ ଖରା**
**ଅଣ୍ଟୁ ତ ନଥିଲା କୁଣ୍ଡା ଚକୁଳି**
**ରୁଚୁନାହିଁ ବିରିବରା।**

ମନୁଷ୍ୟ ନିଜର ପୂର୍ବାବସ୍ଥା ବା ଅତୀତକୁ ଭୁଲିଯିବା ଅନୁଚିତ। ବହୁ କ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ମନୁଷ୍ୟଟି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଉକ୍ତ ମନୁଷ୍ୟଟି ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନଯାପନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାରେ ଅହଙ୍କାରୀ ହୋଇଯାଉଥିବାର ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଳପ ଲୋକର ବହୁତ ଗରୁ**
**ଧଣ୍ଡ ସାପ ପ୍ରାୟ ଟେକନ୍ତି ମେରୁ।**

ନିମ୍ନ ସ୍ତରର ବ୍ୟକ୍ତି ହଠାତ୍ ଉଚ୍ଚ ପଦପଦବୀ ବା ଧନ ସମ୍ପଦର ଅଧିକାରୀ ହୋଇଗଲେ ଗର୍ବରେ ଫାଟିପଡ଼ିଥାନ୍ତି। ନିଜକୁ ଖୁବ୍ ଉଚ୍ଚ ବୋଲି ଦେଖେଇହୋଇ କାହାକୁ ଖାତିର କରି ନ ଥାନ୍ତି। ଏପରି ହୀନ ଆଚରଣ ଦେଖାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଉଚ୍ଚସ୍ଥ ଚନ୍ଦ୍ର ଆପଣଙ୍କୁ ସାମାଜିକ ସମ୍ମାନ ଓ ଉଚ୍ଚ ପଦପଦବୀ ପ୍ରଦାନ କରିବେ। ଚେଷ୍ଟା କରୁଥିବା କାମଗୁଡ଼ିକ ସୁବିଧାରେ ଓ ସୁରୁଖୁରୁରେ ହୋଇଯିବ। ଘରେ ବନ୍ଧୁମିଳନ ସହ ଖୁସିର ଆସର ଜମିପାରେ। ବାଣିଜ୍ୟ, ବ୍ୟବସାୟ ଦିଗଟି ସନ୍ତୋଷଜନକ ରହିବ।

**ବୃଷ**

ବନ୍ଧୁମାନଙ୍କ ସହ ଘରକାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ରର ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିଯିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାଧାରଣ ଘଟଣାକୁ ଦୁର୍ଘଟଣା ମନେକରି ଚିନ୍ତିତ ରହିପାରନ୍ତି।

**ମିଥୁନ**

କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ଉନ୍ନତ ଫଳ ପାଇବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବେ। ପୁନର୍ବସୁ ନକ୍ଷତ୍ରର ମନୋରଞ୍ଜନ ପ୍ରୀତିପ୍ରଦ ହେବ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ଯୋଗୁ ସାମାଜିକ ଜୀବନରେ ପ୍ରଶଂସାର ପାତ୍ର ହେବେ।

**କର୍କଟ**

ଉଦ୍ଦେଶ୍ୟ ପ୍ରଣୋଦିତ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ କୌଣସି କର୍ମାରମ୍ଭ କରିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ନୂତନ ଗୃହୋପଯୋଗୀ ଜମିଜମା ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ**

ଅନ୍ୟ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ । ମଘା ନକ୍ଷତ୍ରର ପାରିବାରିକ ସ୍ତରରେ କିଛିନା କିଛି ଅସୁବିଧା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ,ବାଣିଜ୍ୟ ଏବଂ ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବୁଝିବେ।

**କନ୍ୟା**

ଦୀର୍ଘଦିନରୁ କର୍ମକ୍ଷେତ୍ରରେ ରହି ଆସିଥିବା ସମସ୍ୟାର ସମାଧାନ ଆଜି ହିଁ ହୋଇଯିବ। ଆର୍ଥିକ ଅନଟନ କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଚିତ୍ରା ନକ୍ଷତ୍ରର ଭଲ ଓ ମନ୍ଦ ମଧ୍ୟରେ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ।

**ତୁଳା**

ଆଜି ଗୁଡ଼ିଏ କାମ ହାତକୁ ନେଇ ବିଶ୍ରାମହୀନ କାମ କରିବାକୁ ପଡ଼ିପାରେ । ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି । ସ୍ୱାତୀ ନକ୍ଷତ୍ର ସରକାରୀ ସ୍ତରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**

ତରବରିଆ କୌଣସି କାମ କଲେ ସବୁ ଓଲଟପାଲଟ ହୋଇଯିବ। ଅନୁରାଧା ନକ୍ଷତ୍ର ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ । ଆଜିର ଅଧିକାଂଶ ସମୟ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ କଟାଇବେ ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ଜାଣିଶୁଣି କେତେଜଣ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ମୂଳା ନକ୍ଷତ୍ର ସକାଶେ ଅଫିସିଆଲି କାମରେ ଟେନ୍‌ସନ କିଛିମାତ୍ରାରେ ବଢ଼ିଯିବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଭୁଲ୍ ବୁଝାମଣା କାରଣରୁ ପରିବାର ଓ ପରିବହନରେ ସମସ୍ୟା ଦେଖାଦେବ।

**ମକର**

ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ମାଙ୍ଗଳିକ କାମରୁ ଖୁସି ରହିବେ । ବନ୍ଧୁ କରୁଥିବା କାର୍ଯ୍ୟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ଶ୍ରବଣା ନକ୍ଷତ୍ରର ଜ୍ୱରଜନିତ ପୀଡ଼ା ବୃଦ୍ଧି ଘଟିବା ଆଶଙ୍କା ରହିଛି। ଘରକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପରକ୍ଷଣରେ ଅନୁତପ୍ତ ହେବେ ।

**କୁମ୍ଭ**

ପୂର୍ବଭାଦ୍ରପଦ ନକ୍ଷତ୍ର ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ଜରିଆରେ ମୂଲ୍ୟବାନ୍ ଦ୍ରବ୍ୟଲାଭରୁ ଖୁସି ହେବେ।

**ମୀନ**

ବିଭିନ୍ନ କାମରେ କ୍ଷତିର ସାମ୍ନାକରି ଅନ୍ୟମାନଙ୍କୁ ବିଶ୍ୱାସ କରିପାରିବେନାହିଁ। ଉତ୍ତର ଭାଦ୍ରପଦ ନକ୍ଷତ୍ର କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଦୂରଯାତ୍ରା ସୁଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ସତ କହି ବିରୋଧୀ ହେବା ସହ ଶତ୍ରୁତାକୁ ନିମନ୍ତ୍ରଣ କରିବେ ।

# ୬ରେ ଲଘୁଚାପ

ଭୁବନେଶ୍ୱର,୨।୫(ବ୍ୟୁରୋ)

ବଙ୍ଗୋପସାଗରରେ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୬ ତାରିଖରେ ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖରେ ଲଘୁଚାପ ସୃଷ୍ଟି ସହ ଏହା ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। ତେବେ ଏ ନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏ ନେଇ ସୂଚନା ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବିଭିନ୍ନ ପାଣିପାଗ ମଡେଲ ବାତ୍ୟା ନେଇ ସୂଚନା ଦେଉଛନ୍ତି। ଲଘୁଚାପ ଆସନ୍ତା ୯ କିମ୍ବା ୧୦ ତାରିଖ ବେଳକୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି। ଯଦି ବାତ୍ୟା ହୁଏ ତେବେ ଏହାର ନାମ ଆସାନୀ ରହିବ। ବାତ୍ୟା ଓଡ଼ିଶା, ପଶ୍ଚିମବଙ୍ଗ କିମ୍ବା ଆନ୍ଧ୍ର ଉପକୂଳ ଦେଇ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିଲୋମିଟର ରହିବ। ବାତ୍ୟାର ପ୍ରଭାବ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲାରେ ଅନୁଭୂତ ହେବ। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ଉପକୂଳ ଅଞ୍ଚଳରେ ତାତିର ପ୍ରକୋପ କିଛିମାତ୍ରାରେ ହ୍ରାସ ପାଇଥିବାବେଳେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ସୋନପୁରରେ ସର୍ବାଧିକ ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି।


# classifieds
**Everyday**
0674-2580101, 2549302




## SALE

ଭୁବନେଶ୍ୱର ଅନ୍ଧାରୁଆ, ଦାସପୁରରେ ୫ଗୁଣ୍ଠ ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। (ଗୁଣ୍ଠ- 6,00,000/-). 9776866520. D-293

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

2000sqft. ପ୍ଲଟ୍8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

Demarcated plot KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity, 30ft. road sqft.750/-ରେ ମିଳୁଛି। 7008045582, 9692003948. D-320

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **50mtr** ଦୂରରେ **BDA yellowzone** ପ୍ଲଟ୍ ମିଳୁଛି। **9556368377.** D-73238

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.-250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ **KIIT College** ଛକ ପାଖରେ **3BHK Duplex/ flat** ଅଛି। **9658122456, 8327785834.** D-73241

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228




Prabhakar construction construct your building get quality house. 9437025258, 8984389029. D-315

## GENERAL
## SALE

ସିନ୍ଥେଟିକ୍ ଶାଢ଼ି ୩୦୦ଖଣ୍ଡ ୧୨୦ ଟଙ୍କା ମୂଲ୍ୟରେ ଶୀଘ୍ର ବିକ୍ରି କରାଯିବ। 9090057547. D-70274




2BHK flat with parking at Lingipur rent family. Contact: 7894381416. D-71496

For commercial purpose at Prime location, Unit-9, Bhubaneswar, Ground Floor, 2000sqft. 9437057789. D-71632




Take one hour any therapy @888 only, Jaydev Vihar. Call: 7852986810. D-71490

Newly open SPA positively health benefits expert therapist, kalpana. 7846814019. D-71500

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

Take wellness relax body massage by experienced lady therapist. 7008773793. D-73601

Newly open full body massage expert male/ female therapist. 7008713526. D-71497

Refreshing your mind and body with the best therapy, 7873794731. D-317

Newly open full body massage ladies and gents. 8327740003. D-71893

## LOST

ମୁଁ ଶ୍ରୀ ବ୍ରଜେଶ କୁମାର ନାୟକ, ପି: ବାବାଜୀ ଚରଣ ନାୟକ, ସା: କଷ୍ଟାବାଙ୍କୀ, ପୋଅ: ଘାସୁଆ, ଜି: ବାଲେଶ୍ୱର। ଗତ ତା ୨୨।୦୩।୨୨ରିଖ ପୂର୍ବାହ୍ନ ୧୧ଟାରେ ଫାଇଲରେ ମୋର B.Tech ସାର୍ଟିଫିକେଟ୍ ରଖି ବାଇକରେ ଘରୁ ସୋର ବସ୍‌ଷ୍ଟାଣ୍ଡକୁ ଆସୁଥିବା ବେଳେ ସାର୍ଟିଫିକେଟ୍ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଥାଆନ୍ତି ଏହି ନଂ.- 7438050671ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୨୧

## AFFIDAVIT

By virtue of an affidavit in the Court of Executive Magistrate, Khaira, I Lambodar Mohanty, S/o- Laxman Mohanty. Policy no-586243619. My name is Lambodar Mohanty but LIC record name Rajesh Mohanty, both are same person. At- Sanjaypur, PO- Aliha, Via- Dungura, Dist- Balasore. D-322

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


# ଦେବଗଡ଼ ବିଧାୟକ, ୨ ସହଯୋଗୀ ଗିରଫ

**ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

ଦେବଗଡ଼,୨।୫(ଡି.ଏନ୍.ଏ)

ଦେବଗଡ଼ ଜିଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ରବିବାର ପୋଲିସ ଦେବଗଡ଼ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ ଓ ତିଲେଇବଣୀ ବ୍ଲକ ନୋମିନିଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କିନ୍ତୁ ବିଧାୟକ ପାଣିଗ୍ରାହୀ ଅସୁସ୍ଥ ହୋଇପଡ଼ିବାରୁ ଜେଲ କର୍ତ୍ତୃପକ୍ଷ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ବିଧାୟକଙ୍କ ତିଲେଇବଣି ବ୍ଲକ ନୋମିନି ଅକାଲୁ ଧଳ ଏବଂ ସମର୍ଥକ କୁମରମଣି ସାହୁ ଜେଲ ହାଜତରେ ରହିଛନ୍ତି। ଅଦାଲତ ଜାମିନ ଆବେଦନର ଶୁଣାଣି ପାଇଁ ମେ ୭ ତାରିଖ ଧାର୍ଯ୍ୟ କରିଛନ୍ତି। ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରସ୍ଥିତ ବିଧାୟକଙ୍କ ସରକାରୀ ବାସଭବନରୁ ବିଧାୟକ ପାଣିଗ୍ରାହୀ, ତାଙ୍କ ନୋମିନି ଓ ସମର୍ଥକଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଦେବଗଡ଼ ଅଭିମୁଖେ ଆଣୁଥିବା ବେଳେ ବିଧାୟକ ପାଣିଗ୍ରାହୀ ବାଟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ତାଙ୍କୁ ପୋଲିସ ରିଆମାଳ ବ୍ଲକ ଅନ୍ତର୍ଗତ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ସାଲାଇନ ଦ୍ୱାରା ଚିକିତ୍ସା ପରେ ସନ୍ଧ୍ୟାରେ ଦେବଗଡ଼ ସ୍ୱତନ୍ତ୍ର ଅଦାଲତରେ ତାଙ୍କୁ ହାଜର କରାଯାଇଥିଲା। ମାତ୍ର ଅଦାଲତ ସେମାନଙ୍କର ଜାମିନ ଆବେଦନର ଶୁଣାଣି ନିମନ୍ତେ ଆଗାମୀ ୭ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯେ, ଗତ ଶନିବାର ଛେପିଲିପାଲି ଗ୍ରାମପଞ୍ଚାୟତର ଭାଲିଆଗୁଡି ଗ୍ରାମରେ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ବିଧାୟକ ପାଣିଗ୍ରାହୀ ତାଙ୍କର ନୋମିନି ଓ ସମର୍ଥକଙ୍କ ସହିତ ମିଶି ସଂଘବଦ୍ଧ ଆକ୍ରମଣ କରିବା ସହ ଅପହରଣ ଏବଂ ହତ୍ୟା ଉଦ୍ୟମ କରିଥିବା ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ବିଧାୟକ ପାଣିଗ୍ରାହୀଙ୍କୁ ତିଲେଇବଣି ବିଡିଓ ଦଳପତି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ବିଧାୟକ ପାଣିଗ୍ରାହୀ ମଧ୍ୟ ଅଭିଯୋଗ କରିଥିଲେ। ଉଭୟ ଏତଲା ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଉଭୟପକ୍ଷଙ୍କ ବିରୋଧରେ ୨ଟି ପୃଥକ ମାମଲା ରୁଜୁକରି ତଦନ୍ତ କରିଥିଲା।

ପ୍ରଥମ ପୃଷ୍ଠାରୁ...

## ପାରାଦୀପରେ ହାଜତ...

ଜଗତସିଂହପୁର ଜିଲା ହସ୍ପିଟାଲରେ ଥିବା ସୂଚନା ମିଳିଥିଲା। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ପୁଅ ପାଖକୁ ଛାଡ଼ି ନ ଥିଲା। ରାତି ପ୍ରାୟ ୨ ଟାରେ ଜଣେ ପୋଲିସ କର୍ମଚାରୀ କହିଲେ ଆସ ତୁମ ପୁଅକୁ ଦେଖିବ। ସେତେବେଳେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ସଙ୍ଗେ ସଙ୍ଗେ ପୋଲିସ ଏକ କାଗଜରେ ଦସ୍ତଖତ କରିବା ପାଇଁ କହିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରିଦେଲେ।

ଘଟଣା ସମ୍ପର୍କରେ ଥାନାଧିକାରୀ ଜୀବନାନନ୍ଦ ଜେନା କୁହନ୍ତି, ମନୋରଞ୍ଜନ ଓ ନବୀନଙ୍କ ପାଖରେ ବ୍ରାଉନସୁଗାର ଥିବା ଖବରପାଇ ଉଭୟଙ୍କୁ ଧରିବାକୁ ଯାଇଥିଲୁ। ରଙ୍ଗିଆଗଡ଼ ପୋଲ ନିକଟରେ ଉଭୟଙ୍କୁ କାବୁ କଲାବେଳେ ମନୋରଞ୍ଜନ ପୋଲିସ ହେପାଜତରୁ ଖସିଯିବାକୁ ଉଦ୍ୟମ କରିଥିଲେ। ସେ ଦୌଡ଼ି ପଳାଇଯାଉଥିବାବେଳେ ଏକ ସିମେଣ୍ଟ କାନ୍ଥରେ ବାଡ଼େଇ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଛି। ଏ ନେଇ ଜଗତସିଂହପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୫/୨୨) ରୁଜୁ ହୋଇଛି। ବ୍ରାଉନସୁଗାର ବେପାର ଅଭିଯୋଗରେ ମଧ୍ୟ ନବୀନ ଓ ମନୋରଞ୍ଜନ ନାମରେ ଅଭୟଚାନ୍ଦପୁର ଥାନାରେ ମାମଲା (ନଂ. ୧୮୦/୨୨) ରୁଜୁ ହୋଇଛି। ନବୀନଙ୍କୁ ରବିବାର କୁଜଙ୍ଗ କୋର୍ଟ ଚାଲାଣ କରାଯାଇଛି।

ଘଟଣାରେ ପୋଲିସ ପ୍ରତି ସନ୍ଦେହ ବଢ଼ିଛି। କାରଣ ମନୋରଞ୍ଜନଙ୍କ ମୃତ୍ୟୁ ସମ୍ପର୍କରେ ପୋଲିସ ପରିବାର ଲୋକଙ୍କୁ ଖବର ଦେଇ ନ ଥିଲା। ଆମ୍ବୁଲାନ୍ସ ବଦଳରେ ମନୋରଞ୍ଜନଙ୍କୁ ପୋଲିସ ଗାଡ଼ିରେ ହସ୍ପିଟାଲ ନିଆଯାଇଥିଲା। ରାତି ୨ଟାରେ ତରବରିଆ ଭାବେ ବ୍ୟବଚ୍ଛେଦ କରାଯାଇଥିଲା। ଅନ୍ୟପକ୍ଷରେ ଘଟଣା ପ୍ରତିବାଦରେ ଭୁବନେଶ୍ୱରଠାରେ ବିଭିନ୍ନ ମାନବାଧିକାର ଓ ରାଜନୈତିକ ସଙ୍ଗଠନ ପକ୍ଷରୁ ଗଣପ୍ରତିବାଦ କରାଯାଇଥିଲା। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରି ଘଟଣାର ତଦନ୍ତ ହେଉ। ଏଥିସହ ଅଭୟଚାନ୍ଦପୁର ଥାନା ଆଇଆଇସି ଓ ଜଗତସିଂହପୁର ଜିଲା ଏସପିଙ୍କ ବିରୋଧରେ ଆଇପିସି ଦଫା ୩୦୨ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରାଯାଉ। ସେହିପରି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରାଯାଇଥିଲା। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅଖିଳ ଭାରତ ଜନମଞ୍ଚ, ପରୱାର୍ଡ ବ୍ଲକ, ଜନ ଅଧିକାର ମଞ୍ଚ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ, ଜନସାଫ୍, ସିପିଏମ୍, ସିପିଆଇ(ଏମ୍‌ଏଲ୍), ସମାଜବାଦୀ ପାର୍ଟି, ବସ୍ତିସୁରକ୍ଷା ମଞ୍ଚ, ସୂଚନା ଅଧିକାର ଅଭିଯାନ ଆଦି ସଙ୍ଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଥାନାଧିକାରୀ ଜେନା ଓ ଏସ୍‌ପି ଅଖିଳେଶ ସିଂ ପୁରୀ ଜିଲାରେ ଥିବାବେଳେ ଏକ ହାଜତ ମୃତ୍ୟୁ ଅଭିଯୋଗ ହୋଇଥିଲା। ବାସେଳୀସାହି ଥାନାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଟିକା ପାଇଁ ବାଧ...

କୁହାଯାଇପାରିବ ନାହିଁ। ତଥାପି ଯେପର୍ଯ୍ୟନ୍ତ ସଂକ୍ରମଣ କମ୍ ରହିଛି, ପ୍ରାସଙ୍ଗିକ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ସହ ଟିକା ନେଇ ନ ଥିବା ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପ୍ରବେଶ ଉପରେ କୌଣସି କଟକଣା ରହିବା ଉଚିତ୍ ନୁହେଁ ବୋଲି ପ୍ରସ୍ତାବ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ଟିକାକରଣ ଉପରେ ଗଠିତ ଜାତୀୟ ବୈଷୟିକ ଉପଦେଷ୍ଟା ଗୋଷ୍ଠୀର ପୂର୍ବତନ ସଦସ୍ୟ ଡ. ଜାକୋବ ପୁଲିୟେଲଙ୍କ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଟିକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବା ଲାଗି ନିର୍ଦ୍ଦେଶ ଦେବାକୁ ମଧ୍ୟ ସେ ଆବେଦନ କରିଥିଲେ।

ପିଲାମାନଙ୍କୁ ଟିକାକରଣ ସମ୍ପର୍କରେ ଖଣ୍ଡପୀଠ କହିଛନ୍ତି, ବିଶେଷଜ୍ଞଙ୍କ ମତାମତର ଦ୍ୱିତୀୟ ଥର ଆକଳନ କରାଯିବା ସମ୍ଭବ ନୁହେଁ। ଟିକାକରଣରେ ବିଶ୍ୱସ୍ତରୀୟ ମାନ ଅନୁସରଣ କରାଯାଉଥିବା ଖଣ୍ଡପୀଠ କହିଛନ୍ତି। ୧୦୦ ପ୍ରତିଶତ ଟିକା ନେବା ଉଚିତ ବୋଲି କୁହାଯାଇଥିଲା। ତେବେ ଟିକା ନେବାକୁ ବାଧ୍ୟତାମୂଳକ କରାଯାଇ ନ ଥିବା କେନ୍ଦ୍ର ସରକାର ପୂର୍ବରୁ ସ୍ପଷ୍ଟୀକରଣ ଦେଇଛନ୍ତି। ପିଟିଶନକୁ ଟିକା ନିର୍ମାତା ଭାରତ ବାୟୋଟେକ୍ ଲିଃ ଏବଂ ସିରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ବିରୋଧ କରାଯାଇଥିଲା। ଜନସ୍ୱାର୍ଥ ମାମଲା କୁହାଯାଉଥିବା ଏହି ପିଟିଶନ ବାସ୍ତବରେ ବ୍ୟକ୍ତିଗତ ଉଦ୍ଦେଶ୍ୟମୂଳକ ଏବଂ ଟିକା ପ୍ରତି ଲୋକଙ୍କ ମଧ୍ୟରେ କୁଣ୍ଠାଭାବ ଓ ଜନ ଉନ୍ମାଦନା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ହୋଇଥିବାରୁ ଏହାକୁ ଖାରଜ କରିବା ପାଇଁ ଟିକା କମ୍ପାନୀ ପକ୍ଷରୁ କୁହାଯାଇଥିଲା। କୋଭିଡ୍ ଟିକା ଓ ଏହାର ଉପାଦାନ ସମ୍ପର୍କିତ ସମସ୍ତ ଦସ୍ତାବିଜ ସର୍ବସାଧାରଣରେ ଉପଲବ୍ଧ ହେଉଛି। ଏହା ଅତ୍ୟନ୍ତ ପ୍ରଭାବୀ ଏବଂ ନିରାପଦ ପ୍ରମାଣିତ ହୋଇଥିବା କେନ୍ଦ୍ର ସରକାର ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ମାର୍ଚ୍ଚ ୧୩ ସୁଦ୍ଧା ଦେଶରେ ୧୮୦ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆସରିଲାଣି। ସେଥିରୁ ୭୭,୩୧୪ଟିରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା, ଯାହାକି ମାତ୍ର ୦.୦୦୪ ପ୍ରତିଶତ ବୋଲି ପୂର୍ବରୁ ସରକାର ଜଣାଇଥିଲେ। ମାର୍ଚ୍ଚ ୧୨ସୁଦ୍ଧା ୧୫ରୁ ୧୮ବର୍ଷ ବୟସ ବର୍ଗଙ୍କୁ ୮.୯୧ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଯାଇଛି, ଯେଉଁଥିରୁ ୧,୭୩୯ରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଛି। ସେଥିରୁ ୮୧ଟି ଗୁରୁତର ହୋଇଥିବାବେଳେ ୬ଟି ଅତ୍ୟନ୍ତ ଗମ୍ଭୀର ମାମଲା ବୋଲି କୁହାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟରେ ଉପସ୍ଥିତ ରହି ଯୁକ୍ତି ଉପସ୍ଥାପନ କରିଥିଲେ।

## ରାଜ୍ୟରେ ପ୍ରତିଷ୍ଠା ହେବ...

ଓ ଜଳେଶ୍ୱରରେ ଗୋଟିଏ ଲେଖାଏ, ଯାଜପୁରର ଚଣ୍ଡିଖୋଲ, କୋରାପୁଟ ଏବଂ ଗଜପତି ଜିଲାର ଆର୍.ଉଦୟଗିରିଠାରେ ଗୋଟିଏ କୋର୍ଟ ରହିଛି। ସେହିପରି ୫ ସିଭିଲ ଜଜ୍ କୋର୍ଟ(ସିନିଅର ଡିଭିଜନ)କୁ ଅନୁମୋଦନ ମିଳିଛି। ଏସବୁ କୋର୍ଟ ନୟାଗଡ଼ ଜିଲାର ରଣପୁର, କଟକ ଜିଲାର ନରସିଂହପୁର ଏବଂ ବଡମ୍ବା, ଗଞ୍ଜାମର ସୋରଡ଼ା ଏବଂ ସୋନପୁରର ରାମପୁରଠାରେ ପ୍ରତିଷ୍ଠା ହେବ। ଏଥିସହ ୧୧ଟି ସ୍ଥାନରେ ସିଭିଲ ଜଜ୍ କୋର୍ଟ (ଜୁନିଅର ଡିଭିଜନ) ସ୍ଥାପନ ହେବ। ଉକ୍ତ ସ୍ଥାନଗୁଡ଼ିକ ହେଲା, ବଲାଙ୍ଗୀରର ତୁଷରା, ଢେଙ୍କାନାଳ, ବାଲେଶ୍ୱରର ସୋରୋ, ସିମୁଳିଆ, ବାହାନଗା ଓ ଜଳେଶ୍ୱର, ଯାଜପୁରର ଚଣ୍ଡିଖୋଲ, ଦେବଗଡ଼ର ବାରକୋଟ, ଜଗତ୍‌ସିଂହପୁରର ନାଉଗାଁ ଏବଂ କନ୍ଧମାଳର କେ.ନୂଆଗାଁ ଓ ଖଜୁରୀପଡ଼ା। କମିଟି ମଧ୍ୟ ୧୦ ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ପାଇଁ ସ୍ଥିର କରିଛନ୍ତି। ପୁରୀରେ ଦୁଇଟି, କଟକ ସଦର, ଭୁବନେଶ୍ୱର, ବାଲେଶ୍ୱର ସଦର, ବଲାଙ୍ଗୀର ସଦର, କେନ୍ଦ୍ରାପଡ଼ା ସଦର, ଜୟପୁର, ରାଉରକେଲାରେ ଗୋଟିଏ ଲେଖାଏ ବାଣିଜ୍ୟିକ ଅଦାଲତ ସହ ଗୋଟିଏ ଲିଭ୍ ରିଜର୍ଭ ଅଦାଲତ ହେବ। ବୈଠକରେ ଏହିସବୁ ଅଦାଲତ ପ୍ରତିଷ୍ଠା ପାଇଁ ୨୧.୨୬ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ କରାଯାଇଛି। ଅତିରିକ୍ତ ଜିଲା ଓ ସେସନ ଅଦାଲତ ପାଇଁ ୫.୨୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସିଭିଲ ଜଜ୍ ଅଦାଲତ (ସିନିଅର ଡିଭିଜନ) ପାଇଁ ୩.୬୦କୋଟି, ସିଭିଲ ଜଜ୍ (ଜୁନିଅର ଡିଭିଜନ) ବାଣିଜ୍ୟିକ ଅଦାଲତ ପାଇଁ ୬.୩୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଓଡ଼ିଶା ହାଇକୋର୍ଟଙ୍କ ଅନୁମୋଦନ ପରେ ମଞ୍ଜୁରୀ ପାଇଥିବା ଏହି ଅଦାଲତ ପର୍ଯ୍ୟାୟକ୍ରମେ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୩୭,୧୯,୬୦୮ | ୬୨,୬୨,୩୪୫ | ୪୬,୭୯,୯୨,୮୨୨ |
| ଭାରତ | ୪,୩୦,୮୨,୫୦୨ | ୫,୨୩,୮୬୯ | ୪,୨୫,୩୮,୯୭୬ |
| ଓଡ଼ିଶା | ୧୨,୮୮,୦୬୮ | ୯୧୨୬(+୫୩) | ୧୨,୭୮,୮୦୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଏମ୍ସର ପ୍ରଥମ ଅଙ୍ଗୁଳି ପ୍ରତିରୋପଣ ସଫଳ

ଭୁବନେଶ୍ୱର, ୨।୫(ବ୍ୟୁରୋ)

- ୧୦ ଘଣ୍ଟା ଲାଗିଲା ଅସ୍ତ୍ରୋପଚାର
- ପ୍ରଥମ ୬ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ସମ୍ପୂର୍ଣ୍ଣ କଟିଯାଇଥିବା ବାମ ହାତ ବୁଢ଼ା ଅଙ୍ଗୁଳିକୁ ଏମ୍ସରେ ଭୁବନେଶ୍ୱରରେ ସଫଳତାର ସହିତ ପୁନର୍ବାର ଯୋଡ଼ା ଯାଇଛି। ବର୍ନସ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସଞ୍ଜୟ ଗିରିଙ୍କ ନେତୃତ୍ୱରେ ଗଠିତ ଡାକ୍ତରୀ ଦଳ ୧୦ ଘଣ୍ଟା ଧରି ଏହି କଠିନ ଅସ୍ତ୍ରୋପଚାର କରିଥିଲା। ରୋଗୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ସହିତ ୧୦ଦିନ ଏମ୍ସରେ ରହିବା ପରେ ଘରକୁ ଫେରିଛନ୍ତି। ପୁନଃଯୋଡ଼ା ଯାଇଥିବା ଆଙ୍ଗୁଠିରେ ସ୍ୱାଭାବିକ ରକ୍ତ ସଞ୍ଚାଳନ ହୋଇଛି, ଯାହାକି ଯୋଡ଼ିବା ପ୍ରକ୍ରିୟା ସଫଳ ହୋଇଥିବା ଡା. ଗିରି ପ୍ରକାଶ କରିଛନ୍ତି। ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱରରେ ଏପରି ସଫଳ ଆଙ୍ଗୁଠି ପୁନଃପ୍ରତିରୋପଣ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଖୋର୍ଦ୍ଧା ଜିଲାର ରବୀନ୍ଦ୍ର ମୁଦୁଲି (୫୪)ଙ୍କର ଗତମାସ ୨୦ ତାରିଖ ରାତି ପ୍ରାୟ ୯ଟାରେ ଏକ କଟର ମେଶିନ୍‌ରେ ବାମ ହାତର ବୁଢ଼ା ଆଙ୍ଗୁଠି କଟିଯାଇ ସମ୍ପୂର୍ଣ୍ଣ ଅଲଗା ହୋଇଥିଲା। ରାତି ପ୍ରାୟ ୨ଟାରେ ସେ ଏମ୍ସର ଜରୁରିକାଳୀନ ବିଭାଗକୁ ଆସିଥିଲେ। ପ୍ରାୟ ୫ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ ମଧ୍ୟ ଆଙ୍ଗୁଠିକୁ ବରଫ ସହାୟତାରେ ସଂରକ୍ଷିତ କରି ଆଣିଥିଲେ। ଏହାପରେ ତୁରନ୍ତ ତାଙ୍କର ଚିକିତ୍ସା ଆରମ୍ଭ ହେବା ସହିତ ଅସ୍ତ୍ରୋପଚାର ପାଇଁ ସ୍ଥିର ହୋଇଥିଲା। ଉକ୍ତ ଆଙ୍ଗୁଠିକୁ ପ୍ରଥମେ ନିମ୍ନ ତାପମାତ୍ରାରେ ସଂରକ୍ଷିତ କରି ରଖାଯାଇଥିଲା। ବର୍ନସ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରି ବିଭାଗର ଡା. ଗିରି, ଡା. ଶାନ୍ତନୁ ସୁବାଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ଡା. କୌଶିକ, ଡା. ଆହାନା ଏବଂ ଡା. ଗୋପିକା ସହଯୋଗ କରିଥିଲେ। ଡା. ନୀତାଶା ଓ ଡା. ପ୍ରେମ୍‌ମାଂଶୁଙ୍କୁ ନେଇ ଗଠିତ ନିଶ୍ଚେତକ ଦଳ ଏଥିରେ ସାମିଲ ଥିଲେ। ଅସ୍ତ୍ରୋପଚାର ଆରମ୍ଭରୁ ପ୍ରଥମେ ଅଲଗା ହୋଇଯାଇଥିବା ଧମନୀ, ଶିରାପ୍ରଶିରା ଏବଂ ସ୍ନାୟୁକୁ ଯତ୍ନର ସହିତ ମାଇକ୍ରୋସ୍କୋପ୍ ସହାୟତାରେ ଯୋଡ଼ା ଯାଇ ସମସ୍ତ ପ୍ରକ୍ରିୟା ୧୦ ଘଣ୍ଟା ମଧ୍ୟରେ ସମ୍ପାଦିତ କରାଯାଇଥିଲା। ଯୋଡ଼ାଯାଇଥିବା ଉକ୍ତ ଆଙ୍ଗୁଠିରେ ଧୀରେ ଧୀରେ ରକ୍ତ ସଞ୍ଚାଳନ ଆରମ୍ଭ ହୋଇଛି। ଫିଜିଓଥେରାପି ଏବଂ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ସହାୟତାରେ ପ୍ରାୟ ୩-୪ ମାସ ମଧ୍ୟରେ ଏହି ଆଙ୍ଗୁଠି ସ୍ୱାଭାବିକ କାମ କରିବା ଆରମ୍ଭ କରିବ ବୋଲି ଡା. ଗିରି ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ଏପରି ଜଟିଳ ପରିସ୍ଥିତିରେ ପ୍ରଥମ ୬ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ଘଟଣା ଘଟିବା ମାତ୍ରେ କଟି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିବା ଅଙ୍ଗକୁ ତୁରନ୍ତ ଏକ ଗଜ୍ କନା କିମ୍ବା କପଡ଼ାରେ ଗୁଡ଼ାଇ ପଲିଥିନ୍‌ରେ ରଖିବା ଉଚିତ। ଏଥିସହ ଉକ୍ତ ପଲିଥିନ୍‌କୁ ଏକ ବରଫ ଚାମ୍ବରରେ ଠିକ୍ ଭାବରେ ସଂରକ୍ଷିତ କରି ଯଥାଶୀଘ୍ର ରୋଗୀଙ୍କ ସହ ହସ୍ପିଟାଲ ଅଣାଯିବା ଆବଶ୍ୟକ। କିନ୍ତୁ ଅଲଗା ହୋଇଯାଇଥିବା ଅଙ୍ଗକୁ ସିଧାସଳଖ ବରଫରେ ରଖାଯିବା ଉଚିତ ନୁହେଁ ବୋଲି ଡା. ଗିରି ମତପ୍ରକାଶ କରିଛନ୍ତି।



# ବର୍ଷା ଜଳ ଅଟକାଇବ ‘ବ୍ରିଜ୍-କମ୍-ୱାଟର ୱୟାର’

ଭୁବନେଶ୍ୱର, ୨।୫(ବ୍ୟୁରୋ)

ପୋଲ-ତଥା-ଜଳଧାରକ (ବ୍ରିଜ୍-କମ୍-ୱାଟର ୱୟାର) ନିର୍ମାଣ କୌଶଳକୁ ସବୁ ଜିଲାରେ ବ୍ୟାପକ ଭାବେ ପ୍ରୟୋଗ କରାଯିବ। ପୂର୍ବରୁ ପରୀକ୍ଷାମୂଳକ ଭାବେ ଏପରି ନିର୍ମାଣ କରାଯାଇଥିଲା। ଫଳାଫଳକୁ ଅନୁଧ୍ୟାନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଉକ୍ତ ବୈଷୟିକ କୌଶଳର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଓ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି।

ଏହି ପଦ୍ଧତିରେ ୧ରୁ ୧.୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବୋହିଯାଉଥିବା ବର୍ଷାଜଳକୁ ରଖିହୁଏ। ମୁଖ୍ୟ ଶାସନ ସଚିବ କହିଛନ୍ତି, ସ୍ୱଳ୍ପ-ଖର୍ଚ୍ଚ ଭିତ୍ତିକ ଏହିସବୁ ନିର୍ମାଣର ବହୁମୁଖୀ ସୁଫଳ ରହିଛି। ୧ରୁ ୨ କି.ମି. ଦୀର୍ଘ ପର୍ଯ୍ୟନ୍ତ ନଦୀଶଯ୍ୟାରେ ଜଳ ପତ୍ତନ ଅଧିକ ରହିଥାଏ। ଏହା ଭୂତଳ ଜଳ ପ୍ରତିପୂରଣରେ ସହାୟକ ହୁଏ। ସଞ୍ଚିତ ଜଳକୁ କୃଷି, ପାନୀୟ ଜଳ ପ୍ରକଳ୍ପ ଆଦି ପାଇଁ ବ୍ୟବହାର କରିହୁଏ। ଜମିର ଆର୍ଦ୍ରତା ମଧ୍ୟ ବଢ଼ିଥାଏ। ଏ ପ୍ରକାର ନିର୍ମାଣ ନିମନ୍ତେ ଯୋଗ୍ୟ ସମସ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଓ ପୂର୍ତ୍ତବିଭାଗ ରାସ୍ତାରେ ଥିବା ପୋଲଗୁଡ଼ିକୁ ଚିହ୍ନଟ କରିବା ପାଇଁ ମୁଖ୍ୟ ଶାସନ ସଚିବ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ଏକ ୩-ବର୍ଷିଆ କାର୍ଯ୍ୟ-ଯୋଜନା ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୦୦୦ଟି ଜଳ-ଧାରକ ନିର୍ମାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ କହିଛନ୍ତି, ପରୀକ୍ଷାମୂଳକ ଭିତ୍ତିରେ ରାଜ୍ୟର ବିଭିନ୍ନ ଜିଲାରୁ ୪୯ଟି ନିର୍ମାଣ ହାତକୁ ନିଆଯାଇଥିଲା। ଏଥିମଧ୍ୟରୁ ୧୨ଟିର ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। ଅବଶିଷ୍ଟ ୩୭ ଜଳଧାରକ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର କହିଛନ୍ତି, ଢେଙ୍କାନାଳ, କଳାହାଣ୍ଡି, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ବିଭିନ୍ନ ନଦୀ ଓ ନାଳ ଉପରେ ଥିବା ହାଇ ଲେଭେଲ୍ ପୋଲ ତଳେ ଏପରି ୧୨ଟି ୱାଟର-ୱୟାର ନିର୍ମାଣ କରାଯାଇଛି। ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗୀର ଏବଂ ସୁନ୍ଦରଗଡ଼ ଆଦି ଜିଲାରେ ଅବଶିଷ୍ଟ ୩୭ଟି ୱାଟର-ୱୟାର ନିର୍ମାଣ କରାଯାଉଛି।

# ମୟୂରଭଞ୍ଜ ପଲିଟେକ୍‌ନିକ୍‌ରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର

ଭୁବନେଶ୍ୱର, ୨।୫(ବ୍ୟୁରୋ)

- ବିନିଯୋଗ ହେବ ୪.୧୮ କୋଟି
- ଆଡ୍‌ଭାନ୍ସ ମେକାଟ୍ରୋନିକ୍ସରେ କୌଶଳ ପାଇବେ ବିଦ୍ୟାର୍ଥୀ

ମୟୂରଭଞ୍ଜସ୍ଥିତ ସରକାରୀ ପଲିଟେକ୍‌ନିକ୍‌ରେ ଆଡ୍‌ଭାନ୍ସ ମେକାଟ୍ରୋନିକ୍ସ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପ୍ରାୟ ୪.୧୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ଉତ୍କର୍ଷ କେନ୍ଦ୍ର ୬ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏଥିନିମନ୍ତେ ସୋମବାର ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ଫେଷ୍ଟୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମାରେ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜି ଓ ଫେଷ୍ଟୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଡିଡାକ୍ଟିକ ମୁଖ୍ୟ ହରିଶ ନଚନାନି ସ୍ୱାକ୍ଷର କରିଛନ୍ତି।

ବିଭିନ୍ନ ଉତ୍ପାଦ ତଥା ପ୍ରକ୍ରିୟାକରଣର ଡିଜାଇନ୍‌ରେ ଇଲେକ୍ଟ୍ରିକାଲ ଓ ମେକାନିକାଲ ଇଞ୍ଜିନିୟରିଂ, ରୋବୋଟିକ୍ସ, କମ୍ପ୍ୟୁଟେଶନାଲ ହାର୍ଡୱେର ଏବଂ ସଫ୍ଟୱେର ସମନ୍ୱିତ ଯାନ୍ତ୍ରିକ ବିଦ୍ୟାକୁ ମେକାଟ୍ରୋନିକ୍ସ କୁହାଯାଏ। ଇଞ୍ଜିନିୟରିଂ ଶିକ୍ଷା ତଥା ଆଧୁନିକ ଶିଳ୍ପ ଆବଶ୍ୟକତା, ଉତ୍ତମ ଧନ୍ଦାମୂଳକ ପ୍ରଶିକ୍ଷଣ, ଯନ୍ତ୍ରପାତିର ଉନ୍ନତି, ଗବେଷଣାଗାର ତଥା ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ମେକାଟ୍ରୋନିକ୍ସ ଉତ୍କର୍ଷ କେନ୍ଦ୍ର ଆରମ୍ଭ ହେବ। ଏହି କେନ୍ଦ୍ର ନିମନ୍ତେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ ପକ୍ଷରୁ ବେରୋଜଗାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ରହିଥିବା ପାଣ୍ଠିକୁ ବିନିଯୋଗ କରାଯିବ। ଏହି ଉତ୍କର୍ଷ କେନ୍ଦ୍ର ନିକଟସ୍ଥ ଶିଳ୍ପଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ସହ ମେକାଟ୍ରୋନିକ୍ସ ଏବଂ ଅଟୋମେଶନ କ୍ଷେତ୍ରରେ ଆଇଟିଆଇ ତଥା ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ମଧ୍ୟ ବୃଦ୍ଧି କରିବ। ସେହିପରି ନିକଟରେ ଥିବା ଇଞ୍ଜିନିୟରିଂ କଲେଜ ଏବଂ ପଲିଟେକ୍ନିକ୍‌ର ଛାତ୍ରୀଛାତ୍ର ମଧ୍ୟ ସ୍ୱଳ୍ପକାଳୀନ ତାଲିମ ଦ୍ୱାରା ଉପକୃତ ହେବେ। ଫେଷ୍ଟୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ। ଏହି ଉତ୍କର୍ଷ କେନ୍ଦ୍ର ଫିଟର ଟ୍ରେଡ୍‌ରେ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଆଇଟିଆଇରେ ପଲିଟେକ୍ନିକ୍‌ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ (ଟିଓଟି) ଏବଂ ଅନ୍ ଜବ୍ ଟ୍ରେନିଂ (ଓଜେଟି) ମଧ୍ୟ ଆୟୋଜନ କରିବ।



ଚୁକ୍ତି ସ୍ୱାକ୍ଷର ଅବସରରେ ହରିଶ ନଚନାନି (ବାମ) ଓ ରେଘୁ ଜି।




ଡଃ ଅରୁଣ କୁମାର ସାହୁ
ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା

DSPL-21

**ଶୁଭେଚ୍ଛା ବାର୍ତ୍ତା**

ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଉପଲକ୍ଷେ ଆମ ଅନ୍ନଦାତା କୃଷକ ଭାଇଭଉଣୀମାନଙ୍କୁ କୋଟି କୋଟି ପ୍ରଣାମ।

ଆମ ରାଜ୍ୟର ଯେତେ ପର୍ବପର୍ବାଣି ପ୍ରାୟତଃ କୃଷି ସମ୍ପର୍କିତ । ଋତୁ ଓ ମାସକୁ ନେଇ ଜଳବାୟୁ ସାଥୀରେ ଜଡ଼ିତ ଓ ବିଜ୍ଞାନସମ୍ମତ କୃଷିଭିତ୍ତିକ ପର୍ବ। ତନ୍ମଧ୍ୟରୁ ଅକ୍ଷୟ ତୃତୀୟା ଅନ୍ୟତମ। ଚାଷର ଆଦ୍ୟ ପର୍ବରେ ଚାଷୀଭାଇମାନେ ଅକ୍ଷିମୁଠି ଅନୁକୂଳ କରି ଚାଷ କାମକୁ ଆଗେଇ ନିଅନ୍ତି। ପ୍ରାର୍ଥନା କରେ, ଏ ବର୍ଷ କୃଷି ଓ କୃଷକ ଭାଇଭଉଣୀଙ୍କର ଉତ୍ତୋରତ୍ତର ସମୃଦ୍ଧି ହେଉ।

(ଅରୁଣ କୁମାର ସାହୁ)

OIPR-01034/13/0006/2223

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା





> ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଦାହ ବେଳେ ହସୁଛନ୍ତି

ଏପ୍ରିଲ ୨୦୨୨ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ରାଜସ୍ୱ ସଂଗ୍ରହ ୧ ଲକ୍ଷ ୬୮ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ବିଗତ ୧୦ ମାସ ହେବ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ଉପରେ ରହିଥିବାରୁ ତାହା ଭାରତର ରାଜସ୍ୱ ଅଭିବୃଦ୍ଧିରେ ସହାୟକ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ପ୍ରକାର ସାମଗ୍ରୀର ଦର ଆକାଶଛୁଆଁ ହୋଇଥିବାରୁ ରିଟେଲ୍ ଇନ୍‌ଫ୍ଲେଶନ ବା ଖୁଚୁରା ମୁଦ୍ରାସ୍ଫୀତି ବହୁତ ବୃଦ୍ଧି ପାଇଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା ଖୁଚୁରା ମୁଦ୍ରାସ୍ଫୀତି ଆକଳନ କରାଯାଇଥାଏ। ମାର୍ଚ୍ଚରେ ଏହା ୬.୯୫ ପ୍ରତିଶତ ରହିଥିଲା। ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପୂର୍ବରୁ ଖୁଚୁରା ମୁଦ୍ରାସ୍ଫୀତି ସୀମା ୬ ପ୍ରତିଶତ ସ୍ଥିର କରିଥିବା ବେଳେ ଏହା ତାହାକୁ ଯଥେଷ୍ଟ ଅତିକ୍ରମ କରିଯାଇଥିବାରୁ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟ ବହୁ ପରିମାଣରେ ବଢ଼ିଯାଇଥିବା ସୂଚାଇ ଦେଉଛି। ଏଭଳି ସ୍ଥଳେ କିଭଳି ପଦକ୍ଷେପ ନିଆଗଲେ ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ଓ ଜନସାଧାରଣଙ୍କ ଆର୍ଥିକ ଦିଗକୁ ସୁସଂହତ କରାଯାଇପାରିବ ତାହା ସରକାର ଚିନ୍ତା କରିବା ଦରକାର। କେତେକେ ଯୁକ୍ତି ବାଢ଼ିପାରନ୍ତି, କଠୋର ତଥା ବାସ୍ତବ ଅର୍ଥନୈତିକ ପଦକ୍ଷେପ ଦେଶର ଅର୍ଥନୀତିକୁ ସ୍ଥିର ସ୍ତରରେ ରଖିବାରେ ସହାୟକ ହେବ। ତେଣୁ ସରକାର ଟିକସ ପରିମାଣ ହ୍ରାସ ନ କରି ଅନ୍ୟାନ୍ୟ ଅର୍ଥନୈତିକ ପଦକ୍ଷେପ ନିଅନ୍ତୁ। କିନ୍ତୁ ସେହି ଅନ୍ୟାନ୍ୟ ପଦକ୍ଷେପ କ'ଣ ହେବା ଦରକାର ତାହା ଉପରେ ସ୍ପଷ୍ଟ ଭାବେ କେହି କହିପାରୁନାହାନ୍ତି।

ଏପ୍ରିଲ୍ ୨୭ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନଫରେନ୍ସ ଯୋଗେ ଆଲୋଚନା କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଯେଉଁ ରାଜ୍ୟଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ କମାଇ ନ ଥିଲେ ତୁରନ୍ତ ଟିକସ ହ୍ରାସ କରନ୍ତୁ। କୋଅପରେଟିଭ୍ ଫେଡେରାଲିଜମ୍ ବା ସହଯୋଗୀ ସଂଘୀୟବାଦରେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମିଳିତ ପ୍ରୟାସ କରିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଗ୍ରହଣୀୟ ହେଉନାହିଁ। ପ୍ରଥମେ ଏହି ସମ୍ମିଳନୀର ମୁଖ୍ୟ ବିଷୟ ଥିଲା କୋଭିଡ୍ ସଂକ୍ରାନ୍ତ ଆଲୋଚନା। ତାହା ଯାଇ ପଡ଼ିଲା ତେଲ ଦର ତାତିରେ। ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ଅଣଭାଜପା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ସହିତ କେନ୍ଦ୍ର ତା'ର ଟିକସ ପରିମାଣ ହ୍ରାସ କରୁ ବୋଲି ଦାବି କରିଥିଲେ। ସ୍ୱାଭାବିକ ଭାବେ ଭାଜପା ମୁଖ୍ୟମନ୍ତ୍ରୀମାନେ ଏହି ବିଷୟରେ ନୀରବ ରହିଥିଲେ, କାରଣ ମୋଦିଙ୍କ ମନ୍ତବ୍ୟକୁ ବିରୋଧ କରି ଭାଜପା ଭିତରେ ତିଷ୍ଠି ରହିବା ସେମାନଙ୍କ ପାଇଁ ସମ୍ଭବପର ହେବ ନାହିଁ। ଅଣଭାଜପା ରାଜ୍ୟଗୁଡ଼ିକ ମଧ୍ୟରୁ ଓଡ଼ିଶା ଅନ୍ୟତମ। ବିଧାନସଭାର ଗତ କେତୋଟି ଅଧିବେଶନରେ ବିଜୁ ଜନତା ଦଳର ସଦସ୍ୟମାନେ ଜିଏସ୍‌ଟି ପ୍ରାପ୍ୟ ରାଜ୍ୟକୁ ମିଳୁନାହିଁ ବୋଲି ଭାଷଣ ଦେଇ ଭାଜପା ସଦସ୍ୟମାନଙ୍କୁ ନୀରବ କରାଇଦେଇପାରୁଛନ୍ତି। ଯଦି ଏହି ଆକ୍ଷେପମୂଳକ ଭାଷଣଗୁଡ଼ିକ ଅସତ୍ୟ ଉପରେ ଆଧାରିତ ହୋଇଥାଆନ୍ତା, ତେବେ ଭାଜପା ବିଧାୟକମାନେ ତତ୍‌କ୍ଷଣାତ୍ ଚିତ୍କାର କରିଥାଆନ୍ତେ। ଓଡ଼ିଶାବାସୀ ସେଭଳି ପ୍ରତିକ୍ରିୟା ଦେଖିବାରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ କେବଳ ରାଜନୈତିକ ହିସାବନିକାସ ଯୋଗୁ ଓଡ଼ିଶା ତାହାର ବାସ୍ତବ ଦାବିକୁ କେନ୍ଦ୍ର ଆଗରେ ରଖିବାକୁ ଚାହୁଁନାହିଁ। ଏହାର ଅର୍ଥ ନୁହେଁ ଓଡ଼ିଶା ପ୍ରବଳ ମାତ୍ରାରେ କ୍ଷତିଗ୍ରସ୍ତ ହେଉନାହିଁ।

ପେଟ୍ରୋଲିୟମ୍‌ଜାତ ପଦାର୍ଥ ଉପରୁ ଆଦାୟ କରାଯାଉଥିବା ଟିକସରୁ ରାଜ୍ୟଗୁଡ଼ିକ ତୁଳନାରେ ବହୁ ପରିମାଣର ଅଧିକ ଅଂଶ କେନ୍ଦ୍ରକୁ ଯାଉଛି। ସେଥିପାଇଁ ସବୁଠାରୁ ଉତ୍ତମ ପଦକ୍ଷେପ ହୋଇପାରନ୍ତା ଯଦି ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟକୁ ଜିଏସ୍‌ଟି ପରିସରଭୁକ୍ତ କରିଦିଆଯାଇପାରନ୍ତା। ଦ୍ୱିତୀୟରେ କୁହାଯାଇପାରେ ଯେ, ରାଜ୍ୟଗୁଡ଼ିକର ଆୟକୁ ସଂକୁଚିତ କରିଦିଆଯାଉଥିବାରୁ ପେଟ୍ରୋଲିୟମ୍ ଦ୍ରବ୍ୟ ଉପରେ କେନ୍ଦ୍ର ଟିକସର ପରିମାଣ ତୁରନ୍ତ ହ୍ରାସ କରାଯିବା ଉଚିତ। ଦେଖିବାକୁଗଲେ ୩ ନଭେମ୍ବର ୨୦୨୧ରେ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଟଙ୍କା ଓ ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ପରବର୍ତ୍ତୀ ସମୟରେ ତାହାଠାରୁ ଯଥେଷ୍ଟ ଅଧିକ ମୂଲ୍ୟ ବୃଦ୍ଧି କରିଦିଆଗଲାଣି। ସେଥିପାଇଁ ସେହି ପୁରୁଣା ହ୍ରାସକୁ ଦର୍ଶାଇ ଏବେ ନୂତନ ଦାବି କରିବା ଯଥାର୍ଥ ହେଉନାହିଁ। ଉଲ୍ଲେଖଯୋଗ୍ୟ ଯେ, ଇନ୍ଧନ ଦର ବୃଦ୍ଧି ପାଇବା ଫଳରେ ତାହା ଅତ୍ୟାବଶ୍ୟକ ସାମଗ୍ରୀ ସହ ବିଭିନ୍ନ ଦ୍ରବ୍ୟର ମୂଲ୍ୟକୁ ଘନ ଘନ ବଢ଼ାଇ ଦେଉଛି। ଏଭଳି ପରିପ୍ରେକ୍ଷୀରେ ଯେହେତୁ ଉପଭୋକ୍ତା ସାମଗ୍ରୀ ଦର ବହୁମାତ୍ରାରେ ବଢ଼ିଯାଇଛି ସେହେତୁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେଇ ଆବଶ୍ୟକତା ଅନୁଯାୟୀ ଟିକସ କମାଇବା ଦରକାର। ବର୍ତ୍ତମାନ ସ୍ଥିତିରେ ତ୍ରୁଟିପୂର୍ଣ୍ଣ ସରକାରୀ ନୀତି ଯୋଗୁ ଦେଶବାସୀ ଘୋର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୋଭିଡ୍-୧୯ ଯୋଗୁ ଦେଶ ଯେଉଁ ଆର୍ଥିକ କ୍ଷତି ସହିଛି ତାହାକୁ ଭରଣା କରିବା ଲାଗି ୨୦୩୫ ଯାଏ ସମୟ ଲାଗିଯିବ ବୋଲି ଆର୍‌ବିଆଇ ଆକଳନ କରିଛି। ଏଥିରୁ ବୁଝାପଡୁଛି ଯେ ମୋଦି ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକଟି ପଦକ୍ଷେପର ସୁଫଳ ସାଧାରଣ ଲୋକ ପାଖରେ ୨୦୩୫ ପୂର୍ବରୁ ପହଞ୍ଚି ପାରିବ ନାହିଁ। ରିଜର୍ଭ ବ୍ୟାଙ୍କର ଏଭଳି ଘୋଷଣା ନିଶ୍ଚିତ ଭାବେ ହାସ୍ୟାସ୍ପଦ। ଏହି ଗୋଟିଏ ବାକ୍ୟ କହି କେବଳ ଯେ ସରକାରଙ୍କୁ ମୁକ୍ତି ମିଳିଗଲା ତାହା ନୁହେଁ, ରିଜର୍ଭ ବ୍ୟାଙ୍କ ନିଜର ମୁଦ୍ରାନୀତି ସଂକ୍ରାନ୍ତ ଦାୟିତ୍ୱକୁ ଚତୁରତାର ସହ ଏଡ଼ାଇଦେଲେ। ଅର୍ଥାତ୍ ଏବେଠାରୁ ୨୦୩୫ ମଧ୍ୟରେ ଘଟିବାକୁ ଥିବା ପ୍ରତ୍ୟେକଟି ଜନବିରୋଧୀ ଅର୍ଥନୈତିକ ନିଷ୍ପତ୍ତି ପାଇଁ ସରକାରୀ ସ୍ତରରେ କେହି ଦାୟୀ ରହିବେ ନାହିଁ। ଶେଷରେ ଏହା କୁହାଯାଇପାରେ ଯେ ଆଜିର ପରିସ୍ଥିତି ଦେଖିଲେ, ଅତ୍ୟଧିକ ପରିମାଣର ଜିଏସ୍‌ଟି ସଂଗ୍ରହର ଅନ୍ୟ ଦିଗ ହେଉଛି ଜନସାଧାରଣଙ୍କ ଜୀବନଜୀବିକାରେ ଘୋର ଆଘାତ।

ହିନ୍ଦୁ ଧର୍ମରେ ଶବଦାହ ବେଳେ ସାଧାରଣରେ କେହି ହସନ୍ତି ନାହିଁ। ଅତ୍ୟଧିକ ଜିଏସ୍‌ଟି ସଂଗ୍ରହରେ ସରକାର ଯେଉଁ ଉତ୍‌ଫୁଲ୍ଲତା ପ୍ରକାଶ କରୁଛନ୍ତି ସେଥିରୁ ମନେହେଉଛି ସାଧାରଣ ମଣିଷର ଜୁଇ ଜଳିଲା ବେଳକୁ ଆଜିର ଗଣତାନ୍ତ୍ରିକ ସରକାର ଆତ୍ମସନ୍ତୁଷ୍ଟି ଓ ସୁଖ ଲାଭ କରୁଛନ୍ତି।

# ଚା' ବିକିବା ନିଯୁକ୍ତିର ବିକଳ୍ପ ନୁହେଁ



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଆଉ ଜଣେ ଚା' ବିକାଳି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେ ହେଲେ ପ୍ରିୟଙ୍କା ଗୁପ୍ତା ନାମ୍ନୀ ଜଣେ ଯୁବତୀ। ତାଙ୍କ କହିବା ଅନୁଯାୟୀ ୨୦୧୯ରେ ସେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ ପରେ ୨ବର୍ଷ ଧରି ବିଭିନ୍ନ ପରୀକ୍ଷା ଦେଇ ଚାକିରି ପାଇବାରେ ଅସମର୍ଥ ହୋଇଥିଲେ। ବର୍ତ୍ତମାନ ଚା' ଦୋକାନ ଖୋଲି ଉଦ୍ୟୋଗୀ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଏହାକୁ ଆତ୍ମନିର୍ଭର ଭାରତର ସ୍ୱରୂପ କହିଛନ୍ତି। ଅବଶ୍ୟ ପ୍ରିୟଙ୍କା ଗୁପ୍ତା ଏକାକୀ ନୁହନ୍ତି , ଦେଶରେ କୋଟି କୋଟି ସ୍ନାତକ ଡିଗ୍ରୀଧାରୀ ଯୁବକ ଯୁବତୀ ବିଭିନ୍ନ ଶାରୀରିକ ପରିଶ୍ରମ କରି ଅର୍ଥ ଉପାର୍ଜନ କରୁଛନ୍ତି। କିନ୍ତୁ ଏହି ଚା' ବିକିବା କଥାକୁ କେବଳ କାହିଁକି ଜାଣିଶୁଣି ଦେଶବ୍ୟାପୀ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ଚା' କଥାକୁ ପ୍ରାଧାନ ଦେବାର ଏକ କାରଣ ହେଲା ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ପିଲାଦିନେ ଚା' ବିକୁଥିଲେ ବୋଲି ପ୍ରଚାର କରାଯାଉଥିଲା। ଅବଶ୍ୟ ଏପରି ପ୍ରଚାର କରିବା ପଛରେ ଥିଲା ଗରିବ ଜନତାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଏବଂ ତାଙ୍କ ଭୋଟ ପାଇବା।

ଏହି ପ୍ରସଙ୍ଗର ଆଉ ଏକ ରାଜନୈତିକ ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନ ସରକାର ଦାରିଦ୍ର୍ୟ , କ୍ଷୁଧା, ବେକାରି ଓ ବୈଷମ୍ୟ ଆଦି ଅର୍ଥନୈତିକ ସମସ୍ୟା ସମାଧାନ କରିବାରେ ବିଫଳ ହେଲା ପରେ ନିଜର ଦୋଷ ଲୁଚାଇବା ପାଇଁ ବିଭିନ୍ନ ପଥ ଅବଲମ୍ବନ କରୁଛନ୍ତି। ଚାକିରି ସୃଷ୍ଟି କରିବାରେ ସରକାରଙ୍କ ବିଫଳତାକୁ ଘୋଡ଼ାଇବା ପାଇଁ ଏହି ଖବର ଗଣମାଧ୍ୟମରେ ଜାଣିଶୁଣି ପ୍ରଚାର କରାଯାଇଛି। ୨୦୧୪ ଲୋକ ସଭା ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦି ବର୍ଷକୁ ୨କୋଟି ନିଯୁକ୍ତି ସୃଷ୍ଟିକରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତାହା ଆଜି ପାଣିରଗାର ହୋଇଛି। ମୋଦିଙ୍କ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ବେକାରି ରେକର୍ଡ ସ୍ତରରେ ପହଞ୍ଚିଛି। ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଗୁରୁତ୍ୱପୂର୍ଣ୍ଣ, ଯାହା ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ଜରୁରୀ। କିନ୍ତୁ ସଙ୍ଗଠିତ କ୍ଷେତ୍ରରେ ସେପରି କୌଣସି ନୂତନ ଚାକିରି ସୃଷ୍ଟି ହୋଇନାହିଁ। ବେକାରି ହାର ୨୦୧୭-୧୮ରେ ୪୫ବର୍ଷର ସର୍ବୋଚ୍ଚ ସ୍ତର ୬.୧% ହୋଇଥିଲା। ମାର୍ଚ୍ଚ ୨୦୨୨ ରେ ୭.୬% ଅଛି। ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ତଥ୍ୟ ଅନୁଯାୟୀ ୨୦୧୧-୧୨ରୁ ୨୦୧୭-୧୮ ମଧ୍ୟରେ ଭାରତରେ ମୋଟ ନିଯୁକ୍ତି ୯ନିୟୁତ ହ୍ରାସପାଇଛି; ଯାହା ଦେଶର ଇତିହାସରେ ପ୍ରଥମ ଘଟଣା।

ଏକଥା ସତ୍ୟ ଯେ ସରକାର ସମସ୍ତଙ୍କୁ ସଙ୍ଗଠିତ କ୍ଷେତ୍ରରେ ଚାକିରି ଯୋଗାଇପାରିବେ ନାହିଁ। କିନ୍ତୁ ଏପରି ନୀତି କାର୍ଯ୍ୟକରିବା ଉଚିତ ଯେପରି ଅଧିକ ଚାକିରି ସୃଷ୍ଟି ହେବ। ବିଭିନ୍ନ କମ୍ପାନୀ ଅଧିକ ନିଯୁକ୍ତି ସୃଷ୍ଟି କରିବେ। କିନ୍ତୁ ତାହାର ଠିକ୍ ବିପରୀତ ହେଉଛି। ସରକାର ତାଙ୍କ ବ୍ୟୟ ସଙ୍କୋଚନ କରିବା ପାଇଁ ନୂତନ ଚାକିରି ସୃଷ୍ଟି କରିବା ତ ଦୂରର କଥା , ଖାଲିଥିବା ସ୍ଥାନ ପୂରଣ କରୁନାହାନ୍ତି। ବିଭିନ୍ନ କମ୍ପାନୀ ତାଙ୍କ ଲାଭ ବୃଦ୍ଧି ପାଇଁ କମ୍ ଲୋକରେ ବେଶି କାମ କରାଉଛନ୍ତି। ନୂତନ ନିଯୁକ୍ତି ନ କରି ଛଟେଇ କରୁଛନ୍ତି। ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ)ର ତଥ୍ୟ ଅନୁଯାୟୀ ଭାରତୀୟ ଶ୍ରମିକମାନେ ଦୁନିଆର ଅନ୍ୟ ଦେଶ ଅପେକ୍ଷା ଅଧିକ



ସମୟ କାର୍ଯ୍ୟ କରନ୍ତି, କିନ୍ତୁ ଅଳ୍ପ ବେତନ ପାଆନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ପୂର୍ବରୁ ଅନୁମୋଦିତ ସରକାରୀ ପଦବୀ ମଧ୍ୟ ପୂରଣ ହେଉନାହିଁ। କେନ୍ଦ୍ର ସରକାରଙ୍କ ଅଧୀନରେ ଅତି କମ୍‌ରେ ୩୦ଲକ୍ଷ ଅନୁମୋଦିତ ପଦବୀ (କେନ୍ଦ୍ର ଦ୍ୱାରା ପରିଚାଳିତ ବିଭିନ୍ନ ସଂସ୍ଥା ଏବଂ ଅନୁଷ୍ଠାନ ଅଧୀନରେ) ଏବଂ ନିଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଅନୁଯାୟୀ ବିଭିନ୍ନ ରାଜ୍ୟ ସରକାରୀ ବିଭାଗ ଏବଂ ମନ୍ତ୍ରଣାଳୟରେ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ୩୦ ଲକ୍ଷରୁ ଅଧିକ ହେବ। ମଞ୍ଜୁରୀପ୍ରାପ୍ତ କିନ୍ତୁ ଖାଲିଥିବା ପଦବୀଗୁଡ଼ିକ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟ ଏବଂ ବିଭାଗରେ ୯.୧୦ ଲକ୍ଷ ହୋଇଥିଲାବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି/ଆଇଆଇଏମ୍/ଏନ୍‌ଆଇଟି ଏବଂ ଅନ୍ୟାନ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ କେନ୍ଦ୍ରୀୟ ବିଦ୍ୟାଳୟ , ଜବାହର ନବୋଦୟ ବିଦ୍ୟାଳୟରେ ପ୍ରାୟ ୩୭ ହଜାର ପଦବୀ ଖାଲି ପଡ଼ିଛି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଆର୍ଥିକ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ୮.୫୩ ଲକ୍ଷ ପଦବୀ, ସ୍ୱାସ୍ଥ୍ୟକ୍ଷେତ୍ରରେ ୧.୬୮ ଲକ୍ଷ ପଦବୀ, ଅଙ୍ଗନୱାଡି ସିଷ୍ଟମରେ ୧.୭୬ ଲକ୍ଷ ପଦବୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୨ ଲକ୍ଷ ପଦବୀ, ଭାରତୀୟ ସେନାରେ୧.୦୭ ଲକ୍ଷ ପଦବୀ, ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସରେ ପ୍ରାୟ ୯୨,୦୦୦ ପଦବୀ ଏବଂ ସୁପ୍ରିମକୋର୍ଟ, ହାଇକୋର୍ଟ ସମେତ ସମଗ୍ର ଦେଶରେ ରାଜ୍ୟ ପୋଲିସ ବିଭାଗ ଏବଂ ନ୍ୟାୟିକ ଅଦାଲତରେ ୫.୩୧ ଲକ୍ଷ ପଦବୀ ଏବଂ ନିମ୍ନ ଅଦାଲତରେ ୫୦୦୦ ରୁ ଅଧିକ ପଦବୀ ଖାଲି ଅଛି।

କରୋନା ମହାମାରୀର ପ୍ରଥମ ଲହରରେ ୧୨.୨ କୋଟି (ଯେଉଁଥିରେ ବେତନଭୋଗୀ କେବଳ ୨.୧ କୋଟି) ଏବଂ ଦ୍ୱିତୀୟ ଲହରରେ ୧.୨ କୋଟି ଲୋକ ନିଯୁକ୍ତି ହରାଇଥିଲେ। ଅବଶ୍ୟ ପରେ ଏଥିରେ ସୁଧାର ଆସିଥିଲେ ମଧ୍ୟ ପୂର୍ବ ସ୍ତରକୁ ଫେରିନାହିଁ। ସେଣ୍ଟର ଫର୍ ମନିଟରିଂ ଅଫ୍ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ବିଶ୍ୱବ୍ୟାଙ୍କର ତଥ୍ୟକୁ ଅନୁଶୀଳନ କରି ଦର୍ଶାଇଛି ଯେ ମହାମାରୀରେ ୨୦୨୦ରେ ବିଶ୍ୱ ନିଯୁକ୍ତି ହାର ୫୫% ଏବଂ ୨୦୧୯ ରେ ୫୮% ଥିବାବେଳେ ଭାରତରେ ୨୦୧୯ ରେ ୪୩% ଥିଲା। ଅବଶ୍ୟ ସିଏମ୍‌ଆଇଇ ଅନୁସାରେ ଏହି ରୋଜଗାର ହାର ୩୮% ଥିଲା। ସିଏମ୍‌ଆଇଇର ତଥ୍ୟ ଅନୁଯାୟୀ ଡିସେମ୍ବର ୨୦୨୧ସୁଦ୍ଧା ଭାରତରେ ୪୦.୬ କୋଟି ନିଯୁକ୍ତି ପାଇଥିଲେ। ବିଶ୍ୱ ହାର ସହିତ ସମକକ୍ଷ ହେବାକୁ ହେଲେ ଭାରତକୁ ଆହୁରି ଅତିରିକ୍ତ ୧୮.୭୫ କୋଟି ଲୋକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ। କିନ୍ତୁ ଗତ ଫେବୃୟାରୀ ତୁଳନାରେ ମାର୍ଚ୍ଚରେ ନିଯୁକ୍ତି ୧୪ ଲକ୍ଷ ହ୍ରାସ ପାଇ ୩୯.୬ କୋଟିରେ ପହଞ୍ଚିଛି। ଶ୍ରମ ଶକ୍ତିରେ ଅଂଶ ଗ୍ରହଣ ହାର (୧୬-୬୪ ବର୍ଷର ଲୋକ ଯେତିକି ନିଯୁକ୍ତି ପାଇଛନ୍ତି ଏବଂ ଖୋଜୁଛନ୍ତି) ସେହି ସମୟରେ ୩୯.୯% ରୁ ୩୯.୫ %କୁ ବା ୩୮ ଲକ୍ଷ ହ୍ରାସ ପାଇ ୪୨.୮ କୋଟିରେ ପହଞ୍ଚିଛି, ଯାହା ୮ମାସ ମଧ୍ୟରେ ସର୍ବନିମ୍ନ। ବେକାରି ହାର (ଯେତିକି ନିଯୁକ୍ତି ଖୋଜୁଛନ୍ତି କିନ୍ତୁ ପାଉନାହାନ୍ତି) ତାହା ୮.୧% ରୁ ୭.୬% କୁ ହ୍ରାସପାଇଛି, ଯଦିଓ ଏହି ହାର ଚିନ୍ତାଜନକ। ଏହି ହାର ହ୍ରାସର କାରଣ ହେଲା ପରିସ୍ଥିତି ଏପରି ସଙ୍ଗିନ ଯେ ନିଯୁକ୍ତି କମ୍ ଲୋକ ଖୋଜୁଛନ୍ତି। ବେକାରି ହେଉଛି ଏକ ପ୍ରମୁଖ ସମସ୍ୟା। ଏହାର ସମାଧାନ ନ କଲେ ଯେଉଁ ଭୟଙ୍କର ସାମାଜିକ ଅସ୍ଥିରତା ସୃଷ୍ଟି ହେବ, ସେଥିରୁ କେହି ମୁକ୍ତି ପାଇବେ ନାହିଁ।

ମୋ:୯୪୩୭୨୦୮୭୬୨

# ରମ୍‌ଜାନ ଓ ଇଦ୍‌ର ମାହାତ୍ମ୍ୟ



ଇଂ. ମୁମ୍‌ସାଦ ଖାନ

ଇସ୍‌ଲାମ ଧର୍ମରେ ଚନ୍ଦ୍ରମାସ ଭିତ୍ତିକ ହିଜରୀ କ୍ୟାଲେଣ୍ଡର ପ୍ରଚଳିତ। ହିଜରୀ କ୍ୟାଲେଣ୍ଡରର ନବମ ମାସ ହେଉଛି ରମଜାନୁଲ ମୁବାରକ ଯାହାକୁ ରମ୍‌ଜାନ ମାସ ବୋଲି ସମସ୍ତେ ଜାଣନ୍ତି। ଶାଆବାନୁଲ ମୋଅଜଜମ ଶେଷ ପରେ ଚନ୍ଦ୍ର ଦର୍ଶନ ସହ ରାତ୍ରିରୁ ରମ୍‌ଜାନ ମାସ ଆରମ୍ଭ ହୋଇଯାଏ। ହିଜରୀ କ୍ୟାଲେଣ୍ଡରର ଗଣନା ରାତ୍ରିରୁ ଆରମ୍ଭ ହୁଏ। ହିନ୍ଦୁ ସମାଜର କାର୍ତ୍ତିକ ମାସ ଭଳି ଏହି ପବିତ୍ର ମାସରେ ପଏଗମ୍ବର ମହମ୍ମଦଙ୍କ ନିର୍ଦ୍ଦେଶମତେ କେତେକ ରୀତିନୀତି ମଧ୍ୟ ସମ୍ପନ୍ନ କରାଯାଏ।

୧. ତରାୱିହ: ତରାୱିହ ହେଉଛି ରମ୍‌ଜାନ ମାସର ସ୍ୱତନ୍ତ୍ର ନମାଜପାଠ। ଚନ୍ଦ୍ରଦର୍ଶନ ରାତ୍ରିଠାରୁ ଏହି ନମାଜ ପାଠ ମସ୍‌ଜିଦରେ ଅନୁଷ୍ଠିତ ହୁଏ। ରମ୍‌ଜାନ ମାସର ପ୍ରତ୍ୟେକ ରାତ୍ରିରେ ଏହା ଇଦ୍ ଚନ୍ଦ୍ର ଦର୍ଶନର ପୂର୍ବ ରାତି ପର୍ଯ୍ୟନ୍ତ ଚାଲେ। ଦିନ ତମାମ ରୋଜା (ଉପବାସ) ରଖି ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ନିଷ୍ଠାର ସହ ତରାୱିହ ପାଠ କରନ୍ତି। ୨. ସହେରୀ- ରମ୍‌ଜାନ ମାସର ରାତ୍ରିର ଶେଷ ପ୍ରହରର ଭୋଜନକୁ ସହେରୀ କୁହାଯାଏ। ଏହି ଭୋଜନ କରି ରୋଜା(ଉପବାସ) ରଖନ୍ତି। ପଏଗମ୍ବର ମହମ୍ମଦଙ୍କ ଅନୁସାରେ ସହେରୀ ଖାଇ ରୋଜା ରଖିବା ଉଚିତ। ଏଥିପାଇଁ ପ୍ରତ୍ୟେକ ରୋଜାଃଦାର (ଉପବାସ ପାଳନକାରୀ)ଙ୍କୁ ସହେରୀ ଭୋଜନ କରିବାକୁ ନିର୍ଦ୍ଦେଶ ଅଛି। ଏହି ସମୟର ଖାଦ୍ୟ ନିହାତି ପବିତ୍ର ବୋଲି ଉଲ୍ଲେଖ ଅଛି। ୩. ଇଫ୍‌ତାର: ସୂର୍ଯ୍ୟାସ୍ତର କିଛି ସମୟ ପରେ ରୋଜାଃ ସମ୍ପୂର୍ଣ୍ଣ ହେବାର ସମୟ ଉପନୀତ ହୁଏ। ରୋଜେଦାରମାନେ ନିଜର ରୁଚି ଅନୁସାରେ ଫଳମୂଳ, ଜଳଖିଆ, ଲସି, ସରବତ ଆଦି ରଖି ମସ୍‌ଜିଦର ଅଜାନପାଠକୁ ଅପେକ୍ଷାକରି ବସିଥାନ୍ତି। ଏହି ସମୟରେ ପ୍ରାର୍ଥନା (ଦୁଆ) କରିବାର ନିର୍ଦ୍ଦେଶ ରହିଛି। ସହେରୀ ସମୟଠାରୁ ଇଫ୍‌ତାର ସମୟ ପର୍ଯ୍ୟନ୍ତ ପ୍ରାୟ ୧୨-୧୪ ଘଣ୍ଟା ଉପବାସ ରହି ଲୋକେ ଅତ୍ୟନ୍ତ ନିଷ୍ଠାର ସହ ରୋଜାଃ ରଖନ୍ତି। ଏହି ସମୟରେ ସମସ୍ତ ପ୍ରକାର ଖାଦ୍ୟ, ପାନୀୟ, ଏପରିକି ପାନ, ବିଡି, ସିଗାରେଟ ମଧ୍ୟ ଖାଇବା ପିଇବା ସମ୍ପୂର୍ଣ୍ଣ ନିଷିଦ୍ଧ । ରୋଜାଃ ରଖିଥିବା ଲୋକଙ୍କୁ ସମସ୍ତ ଗୁନାଃ(ପାପ) କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ରହିଛି।

୪. ଶବେ କଦର: ରମ୍‌ଜାନ ମାସର ଅନ୍ତିମ ଦଶଦିନ ରୋଜେଦାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଗୋଟିଏ ରାତ୍ରି ହେଉଛି ଶବେ କଦର। ଏହି ରାତ୍ରିରେ ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ କୋରାନ ଆଲ୍ଲାଃଙ୍କ ପକ୍ଷରୁ ଧରାପୃଷ୍ଠକୁ ଆସିଥିଲା। ଏହି ରାତ୍ରିର ଇବାଦତ ୧୦୦୦ ମାସ ଅର୍ଥାତ୍ ୮୩ ବର୍ଷ ୪ମାସଠାରୁ ମଧ୍ୟ ଅଧିକ ପୁଣ୍ୟବନ୍ତ। ତେଣୁ ଶବେ କଦର ରାତ୍ରିରେ ଶ୍ରଦ୍ଧାଳୁମାନେ ଉଜାଗର ରହି ନମାଜ ପାଠ, କୋରାନ ପାଠ, ଦୁଆ କରନ୍ତି। ଏହି ରାତ୍ରି ୨୧, ୨୩, ୨୫, ୨୭ କିମ୍ବା ୨୯ ମଧ୍ୟରୁ ଯେକୌଣସି ରାତ୍ରି ହୋଇପାରେ। ଅଧିକାଂଶ ଲୋକ ୨୭ ରମ୍‌ଜାନ ରାତ୍ରି ଶବେ କଦର ରୂପେ ପାଳନ କରନ୍ତି। ୫. ଏତେକାଫ: ରମ୍‌ଜାନ ମାସର ଅନ୍ତିମ ଦଶଦିନ ପୁରୁଷ ଲୋକ ମସ୍‌ଜିଦରେ ଓ ସ୍ତ୍ରୀଲୋକ ଘରେ ରହି ରୋଜାଃ, ନମାଜ ପାଠ, କୋରାନ ପାଠ କରନ୍ତି। ଏହାକୁ ଏତେକାଫ କହନ୍ତି। ଏତେକାଫ କରୁଥିବା ଲୋକଙ୍କୁ ମୋତକିଫ କୁହାଯାଏ। ମୋତକିଫମାନେ ମସ୍‌ଜିଦ ପରିସରରେ ନମାଜ ପାଠ, କୋରାନ ପାଠ, ଦୁଆ ଆଦି କରନ୍ତି। ଏତେକାଫ କରୁଥିବା ଲୋକ ପାପରୁ ମୁକ୍ତି ପାଆନ୍ତି। ସେମାନଙ୍କର ସମସ୍ତ ମନସ୍କାମନା ପୂରଣ ହୁଏ। ୬. ସଦକଏ ଫିତର: ରମ୍‌ଜାନ ମାସର ସମାପନ ସହ ପରଦିନ ଇଦୁଲ ଫିତର ପର୍ବ ପାଳନ କରାଯାଏ। ଇଦ୍‌ର ଖୁସିରେ ସମସ୍ତଙ୍କୁ ସାମିଲ କରିବା ପାଇଁ ପରିବାରର ପ୍ରତିଟି ସଦସ୍ୟ ଏପରିକି ନବଜାତ ଶିଶୁଙ୍କୁ ଦାନ ଦକ୍ଷିଣା ଦିଆଯାଏ। ଏହାକୁ ସଦକଏ ଫିତର କହନ୍ତି। ପଏଗମ୍ବର ମହମ୍ମଦ ଥରେ ଇଦୁଲଫିତର ଦିନ ଇଦ୍‌ଗାହକୁ ଇଦ୍ ନମାଜ ପାଠ ପାଇଁ ଯାଉଥିବା ଅବସ୍ଥାରେ ପିଲାଙ୍କର କ୍ରନ୍ଦନ ସ୍ୱର ଶୁଣିଲେ। ତତ୍‌କ୍ଷଣାତ୍ ଉକ୍ତ ଘରକୁ ଯାଇ ବୁଝିବାରୁ ଜଣାପଡ଼ିଲା ଯେ ଦରିଦ୍ର ପିଲାମାନେ ନୂଆ ଲୁଗାପଟା ପାଇଁ ନିଜ ମାଆଙ୍କ ନିକଟରେ ଅଳି କରୁଛନ୍ତି। ଏହି ଅନାଥ ପିଲାଙ୍କର ଦୁଃଖରେ ମର୍ମାହତ ହୋଇ ପଏଗମ୍ବର ମହମ୍ମଦ ସେମାନଙ୍କୁ ଆଣି ସେମାନଙ୍କର ପୋଷାକ ବ୍ୟବସ୍ଥା କରି ସାଙ୍ଗରେ ଇଦ୍‌ଗାହକୁ ନେଇ ଇଦ୍‌ର ଖୁସିରେ ସାମିଲ କଲେ। ସେହିଦିନଠାରୁ ପ୍ରତ୍ୟେକ ମୁସଲମାନ ଭାଇମାନଙ୍କୁ ସଦକାଏ ଫିତର ଅନାଥ, ବିଧବା, ଦରିଦ୍ରମାନଙ୍କୁ ଦାନଦେବାକୁ ନିର୍ଦ୍ଦେଶ ଦେଲେ। ତେଣୁ ସମସ୍ତେ ସଦକାଏ ଫିତର ରମ୍‌ଜାନ ମାସରେ ଦାନ କରନ୍ତି।

୭. ଇଦୁଲଫିତର: ରୋଜା ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ହର୍ଷଉଲ୍ଲାସର ପର୍ବ। ସମ୍ପୂର୍ଣ୍ଣ ଏକମାସ ରୋଜାଃ ରଖିବା ପରେ ତା' ପରଦିନ ଇଦୁଲଫିତର ପାଳନ କରାଯାଏ। ୨୯ କିମ୍ବା ୩୦ ରମ୍‌ଜାନ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ସହ ରୋଜା ସମାପନ ପରଦିନ ପଡ଼େ ଇଦୁଲ ଫିତର। ସକାଳୁ ଉଠି ଲୋକେ ନିତ୍ୟକର୍ମ ସାରି ଗାଧୋଇ ନୂଆବସ୍ତ୍ର ପରିଧାନ କରି ସାମାନ୍ୟ ଖଜୁରି କିମ୍ବା ମିଠା ଜିନିଷ ଖାଇ ପୁରୁଷ ସମାଜ ଇଦ୍‌ଗାହ ଯାଆନ୍ତି ଇଦ୍ ନମାଜ ପଢ଼ିବାକୁ। ସ୍ତ୍ରୀ ଲୋକେ ଘରେ ପରିବାରବର୍ଗ ସହ ଇଦ୍ ପର୍ବ କରନ୍ତି। ଇଦ୍‌ଗାହରେ ମିଳିମିଶି ନମାଜ ପାଠ କରିବା ପରେ ରମ୍‌ଜାନ ମାସର ରୋଜାଃ, ତରାୱିହ, ଇବାଦତ ଆଦି ପୁଣ୍ୟକର୍ମ ଗ୍ରହଣ କରିବା ସହ ବିଶ୍ୱ ସମାଜର ମଙ୍ଗଳ ନିମନ୍ତେ ଦୁଆ କରାଯାଏ। ପରସ୍ପରକୁ ଇଦ୍ ମୁବାରକ କହି ଆଲିଙ୍ଗନ, କରମର୍ଦ୍ଦନ ସହ ଏହି ପର୍ବ ଦିନ ତମାମ ଚାଲେ। ସମାଜର ଅନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ଏହି ଖୁସିରେ ସାମିଲହୋଇ ମୁସଲିମ ଭାଇଭଉଣୀମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜ୍ଞାପନ କରନ୍ତି। ଆସନ୍ତୁ ,ଏହି ପବିତ୍ର ରମ୍‌ଜାନ ଓ ଇଦୁଲଫିତର ଅବସରରେ ସମସ୍ତ ମନୋମାଳିନ୍ୟ ଭୁଲି ଏକ ଶାନ୍ତ ଓ ସମୃଦ୍ଧ ସମାଜ ଗଢ଼ି ତୋଳିବା ପାଇଁ ବଦ୍ଧ ପରିକର ହେବା।

ରସୁଲପୁର, ଆଳି, କେନ୍ଦ୍ରାପଡ଼ା
ମୋ: ୯୪୩୭୮୧୩୯୨୭

# ଅକ୍ଷୟତୃତୀୟା



ଅଲେଖ ଚନ୍ଦ୍ର ମିଶ୍ର

ଆମ ପଞ୍ଜିକାରେ ବର୍ଷସାରା କେତେକ ସାର୍ବଜନୀନ ଶୁଭନିର୍ଘଣ୍ଟ କରାଯାଇଥାଏ ଯେଉଁଦିନ ଯେକୌଣସି ଶୁଭକର୍ମ ଅନୁଷ୍ଠାନ କରାଯାଇପାରିବ। ଏହିଦିନଗୁଡ଼ିକ ହେଲା ସରସତୀ ପୂଜା, ରଥଯାତ୍ରା, ବିଜୟା ଦଶମୀ, ଗଣେଶ ପୂଜା, ଅକ୍ଷୟ ତୃତୀୟା ଇତ୍ୟାଦି। କିନ୍ତୁ ଏ ସମସ୍ତ ଦିବସ ମଧ୍ୟରେ ଅକ୍ଷୟ ତୃତୀୟା ସର୍ବୋତ୍କୃଷ୍ଟ। କାରଣ ବାର ମାସରେ ସିନା ତେର ପର୍ବ ଥାଏ, କିନ୍ତୁ କେବଳ ଏହି ଗୋଟିଏ ଦିନରେ ହିଁ ତେର ପର୍ବର ସମାବେଶ ହୋଇଥାଏ। ତେଣୁ ଏହିଦିନ ଯେକୌଣସି କର୍ମର ଶୁଭାରମ୍ଭ ପାଇଁ ପ୍ରଶସ୍ତ, ସେ ଶୁଝୁ ବା ନ ଶୁଝୁ ।

ବୈଶାଖ ଶୁକ୍ଳ ତୃତୀୟା ତିଥି ଅକ୍ଷୟ ତୃତୀୟା ନାମରେ ସାରା ଭାରତରେ ପ୍ରସିଦ୍ଧ । ଏହିଦିନ ଯେକୌଣସି କାର୍ଯ୍ୟ ଆରମ୍ଭ କଲେ ତା'ର କ୍ଷୟ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ବିଶେଷକରି ସୁନା, ରୁପା, ମଣି, ମାଣିକ୍ୟ, ଧନ, ଦୌଲତ ଯାହା କିଛି ଏ ଦିନ ମିଳେ ତା'ର ଉତ୍ତରୋତ୍ତର ବୃଦ୍ଧି ଘଟେ ବୋଲି ଅନେକେ ଏହିଦିନ କିଛି ସୁନା କିଣି ଘରକୁ ଆଣିବାର ପରମ୍ପରା ରହିଛି । ଏପରିକି ଏହିଦିନ ଜନ୍ମ ହୋଇଥିବା ଶିଶୁଟିର ନାମକରଣ ଅକ୍ଷୟ କିମ୍ବା ଅକ୍ଷମିତା କରାଯିବାର ଚଳଣି ଆମ ସମାଜରେ ବହୁଦିନରୁ ପ୍ରଚଳିତ ।

ଓଡ଼ିଶାରେ ଅକ୍ଷୟ ତୃତୀୟାର ସ୍ଥାନ ସ୍ୱତନ୍ତ୍ର । ଏହିଦିନ ଚାଷକାମ ଆରମ୍ଭ ହୁଏ । ଚଷାପୁଅର ଆନନ୍ଦର ସୀମା ନ ଥାଏ । ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି। ପିଠାପଣା ଓ ବିଶେଷ ବ୍ୟଞ୍ଜନ ସାମଗ୍ରୀରେ ଘର ମହକୁଥାଏ । ସକାଳୁ ଗୋଟେ ଛୋଟ ବେତୁଲିକୁ ଧୋଇ ସେଥିରେ ଚନ୍ଦନ, ସିନ୍ଦୂର, କଜ୍ଜଳ ଲଗେଇ ତା' ଭିତରେ ବିଲରେ ବୁଣାଯିବା ପାଇଁ ସାଇତି ରଖାଯାଇଥିବା ବିହନ (ଅକ୍ଷିମୁଠି) ରଖି ଏକ ନୂତନ ବସ୍ତ୍ରରେ ଆଚ୍ଛାଦିତ କରି ଅନ୍ୟ ଏକ ପାତ୍ରରେ ପୂଜା ସାମଗ୍ରୀ ସହ ନିଜର ଯେକୌଣସି ଗୋଟିଏ ଜମିକୁ ନିଆଯାଏ । ଏଥିରେ ଗୃହକର୍ତ୍ତା ଓ ତାଙ୍କର ପରିବାର ସାମିଲ ହୁଅନ୍ତି। ସମ୍ପୃକ୍ତ ଜମିରେ ପୂଜାର୍ଚ୍ଚନା ସମ୍ପାଦନ କରି ପ୍ରତୀକାତ୍ମକ ଭାବରେ ଘେରାଏ ହଳ ବୁଲେଇ ଆଣି ତା' ଉପରେ ବେତୁଲିରେ ଥିବା ବିହନରୁ କିଛି ମୁଠା ବୁଣି ବର୍ଷର ପ୍ରଥମ ଚାଷକାର୍ଯ୍ୟ ଅନୁକୂଳ କରାଯାଏ । ଏହିଦିନ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କର ସାମ୍ବତ୍ସରିକ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହୁଏ । ସେଥିପାଇଁ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ଥିବା ରଥଖଳା ଉତ୍ସବମୁଖର ହୋଇଉଠେ । ରାତିରେ ଆରମ୍ଭ ହୁଏ ଏକୋଇଶ ଦିନ ବ୍ୟାପୀ ପ୍ରଭୁଙ୍କର ଚନ୍ଦନଯାତ୍ରାର ଚାପଖେଳ ଯାହା ଚାପେ ତ ମଧୁସୂଦନ ଭାବରେ ସର୍ବଜନ ବିଦିତ ।

ଆବହମାନ କାଳରୁ ଏହିଦିନଟି ସହିତ ଯୋଡ଼ିହୋଇ ଆସିଛି ଅନେକ ପୌରାଣିକ ଘଟଣାବଳୀ । ଏହିଦିନ ପ୍ରଭୁଙ୍କର ଷଷ୍ଠାବତାର ଶ୍ରୀ ପର୍ଶୁରାମଙ୍କର ଜନ୍ମଦିନ । ଉକ୍ତ ଦିନ ଭାରତୀୟ ସଂସ୍କୃତିର ବାର୍ତ୍ତାବହ ମହାଭାରତ ମହାପୁରାଣର ରଚନା ଆରମ୍ଭ ହୋଇଥିଲା । ମହାଭାରତ ମହର୍ଷି ବ୍ୟାସ ଦେବଙ୍କର ମୁଖନିଃସୃତ ବାଣୀ ଯାହାକୁ ସିଦ୍ଧିଦାତା ଗଣେଶ ନିରବଚ୍ଛିନ୍ନ ଭାବରେ ଲେଖିଥିଲେ। କାରଣ ବ୍ୟାସ ଯାହା କହୁଥିଲେ ତା'ର ପୁନରୁକ୍ତି ନ ଥିଲା । ଏତେ ମହାନ୍ କାର୍ଯ୍ୟ (୧ଲକ୍ଷ ଶ୍ଳୋକ)କୁ ସମ୍ପାଦନ କରିବା ପାଇଁ ଅକ୍ଷୟ ତୃତୀୟାକୁ ହିଁ ପସନ୍ଦ କରାଯାଇଥିଲା । କାରଣ ସର୍ତ୍ତ ଅନୁସାରେ ମହାଭାରତ ଲେଖା ଥରେ ଆରମ୍ଭ ହେଲେ ବନ୍ଦ ହେବା କଥା ନୁହେଁ । ତେଣୁ ଲେଖୁ ଲେଖୁ ଥରେ ଗଣେଶଙ୍କର ଲେଖନୀ ଭାଙ୍ଗିଯିବାରୁ ସେ ତତ୍‌କ୍ଷଣାତ୍ ନିଜର ଗୋଟିଏ ଦାନ୍ତ ଭାଙ୍ଗିଦେଇ ତାରି ସାହାଯ୍ୟରେ ଲେଖା ଅବ୍ୟାହତ ରଖିଥିଲେ । ସେଥିପାଇଁ ସେ ଏକଦନ୍ତ ନାମରେ ଜଣାଶୁଣା । ଅକ୍ଷୟ ତୃତୀୟା ଦିନ ହିଁ ତ୍ରେତୟା ଯୁଗର ଆରମ୍ଭ ହୋଇଥିଲା। ଏହିଦିନ ଆକାଶର ଗଙ୍ଗାଙ୍କର ମର୍ତ୍ତ୍ୟକୁ ଆଗମନ ହୋଇଥିଲା। ଧନ ସମ୍ପଦର ଦେବତା ରୂପରେ ପ୍ରଭୁ କୁବେରଙ୍କୁ ଏହିଦିନ ନିଯୁକ୍ତ କରାଯାଇଥିଲା ।

ମୋ:୯୪୩୮୬୭୩୮୯୮

## ୨୫ ବର୍ଷ ତଳର ଧରିତ୍ରୀ

୩ ମେ ୧୯୯୭

- ଲେବର ପାର୍ଟିର ନେତା ୪୩ ବର୍ଷ ବୟସ୍କ ଟୋନି ବ୍ଲେୟାର ବ୍ରିଟେନର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି।
- କେରଳର କୋଡ଼ାଇକେନାଲରେ ଶୈଳନିବାସରୁ ଫେରୁଥିବା ଏକ ବସ୍ ଘାଟିରୁ ତଳକୁ ଖସିପଡ଼ିବା ଫଳରେ ୩୨ ଯାତ୍ରୀ ମୃତ।

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେସନ ମୁଁ ବଞ୍ଚିବଇଁ
ମରଣୁ ବଳି ପର
ଜୀବନର ଭାର ବହି।
ମରିବି ଯେବେ ଆଗ କେସନ ମୁଁ ମରିବି ଗୋ
ମରଣୁଁ ବଳି ତା'ର
ଅନ୍ଧକାର ଦଶଦିଗ।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 5 | | | |
| 2 | | 7 | | | | | | |
| | | 1 | | | | 4 | 7 | 8 |
| | | | 5 | | | | | 4 |
| 1 | 8 | | | 6 | | 9 | | |
| | 7 | 9 | 8 | | | | | |
| | | | 3 | 7 | | | 5 | |
| | | | | 1 | 2 | | | |
| 6 | | | | | | 8 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 9 | 7 | 5 | 2 | 1 | 6 | 3 |
| 1 | 2 | 3 | 8 | 6 | 4 | 5 | 9 | 7 |
| 7 | 6 | 5 | 3 | 1 | 9 | 2 | 4 | 8 |
| 9 | 3 | 6 | 5 | 2 | 8 | 4 | 7 | 1 |
| 8 | 5 | 1 | 4 | 7 | 6 | 9 | 3 | 2 |
| 2 | 7 | 4 | 9 | 3 | 1 | 6 | 8 | 5 |
| 5 | 4 | 2 | 6 | 8 | 3 | 7 | 1 | 9 |
| 3 | 9 | 7 | 1 | 4 | 5 | 8 | 2 | 6 |
| 6 | 1 | 8 | 2 | 9 | 7 | 3 | 5 | 4 |

ଗତ ସଂସ୍କରଣର ଉତ୍ତର

## ଏଇ ଭାରତରେ

ଜାଗା କହିଲେ ମାତ୍ର ୧୦୦୦ ବର୍ଗଫୁଟ୍। କିନ୍ତୁ ସେଥିରେ ଗ୍ରୋ ବ୍ୟାଗ୍‌ରେ ପରିବା ଚାଷ କରି ନିଜର ଆବଶ୍ୟକତା ମେଣ୍ଟାଇବା ସହ ପରିବା ବିକ୍ରି କରୁଛନ୍ତି ଧନଞ୍ଜୟନ। କେରଳର କନ୍ନୁର ଜିଲା ନିବାସୀ ୪୮ ବର୍ଷୀୟ ଧନଞ୍ଜୟନ ଅଗଣାରେ ଅର୍ଗାନିକ ଚାଷ କରିବା ସହ ରୋଷେଇଘର ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତକରି ମାସକୁ ୧୦୦୦ କେ.ଜି. ଖତ ମଧ୍ୟ ବିକ୍ରି କରୁଛନ୍ତି। ଅଗଣାରେ ଚାଷକରି ସଫଳ ହୋଇଥିବାରୁ ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ଏବେ ସେ ୨୫୦ ଗ୍ରୋ ବ୍ୟାଗ୍‌ରେ ଭେଣ୍ଡି, ବାଇଗଣ, ଟମାଟୋ, କଲରା, ଲଙ୍କା ବ୍ୟତୀତ ପୋଇ, ବନ୍ଧାକୋବି, ଫୁଲକୋବି, ବ୍ରୋକୋଲି ଏବଂ କ୍ୟାପ୍ସିକମ୍ ଆଦି ଋତୁଭିତ୍ତିକ ପରିବା ଫଳାଉଛନ୍ତି। ସିଞ୍ଚନ ପଦ୍ଧତିରେ ଜଳସେଚନ କରୁଛନ୍ତି ଓ ଜୈବିକ ଖତ ପ୍ରୟୋଗ କରୁଛନ୍ତି। ସେ ପ୍ରସ୍ତୁତ କରୁଥିବା ଜୈବିକ ଖତକୁ ୪ କେଜିଆ ପ୍ୟାକେଟ କରି ତାହାକୁ ୩୦ ଟଙ୍କାରେ ବିକ୍ରି କରୁଛନ୍ତି। ସେ ଅଗଣାରେ ଜୈବିକ ଚାଷ କରିବା ଲାଗି ଅନ୍ୟମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ସାହାଯ୍ୟ କରୁଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କ ପ୍ରତି ଦୃଷ୍ଟି ପଡୁ

ମହାଶୟ,

ବରିଷ୍ଠ ନାଗରିକମାନେ ଯଦି କୌଣସି କାମରେ ସରକାରୀ ଅଫିସ୍‌କୁ ଯାଉଛନ୍ତି ସେଠାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ କାର୍ଯ୍ୟ ଠିକ୍ ସମୟରେ ହୋଇପାରୁନାହିଁ। ବାରମ୍ବାର ଗୁହାରି କରିବା ପରେ ସେମାନଙ୍କ କଥା ଶୁଣାଯାଉଛି। ଏଣୁ ସେମାନଙ୍କର ନ୍ୟାୟୋଚିତ କାମଗୁଡ଼ିକ ଶୀଘ୍ର କରିବାର ବ୍ୟବସ୍ଥା ହେଉ ନଚେତ୍ ଅଭିଯୋଗ କରିବାର ଯୋଗାଯୋଗ ନମ୍ବର ଓ ଇ-ମେଲ ଆଇଡି (ସଚିବସ୍ତରୀୟ ଅଧିକାରୀଙ୍କ) ଦିଆଯାଉ। ଚିକିତ୍ସା ଲାଗି ହସ୍ପିଟାଲ ଗଲେ ବି ସେମାନଙ୍କୁ ସମଦଶା ଭୋଗିବାକୁ ପଡୁଛି। ସେଥିପାଇଁ ଉଭୟ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ସେମାନଙ୍କ କଥା ଆଗ ବୁଝାଯାଉ। ସରକାର ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ।

-ଚକ୍ରଧର ରାଉତ, ପଡୁଆଁପଦା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ସେମିଳିଗୁଡା ସିଡିପିଓଙ୍କ ମୃତ୍ୟୁ

ସୁନାବେଡ଼ା/ ସେମିଳିଗୁଡା,୨।୫ (ସ୍ୱ.ପ୍ର.)- ମହୁମାଛି ଆକ୍ରମଣରେ ସେମିଳିଗୁଡା ବ୍ଲକ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ରର ଅଧିକାରୀ ସୁହାଗି ସୋରେନଙ୍କ ମୃତ୍ୟୁ ଘଟିଛି। ସୋରେନ କୋରାପୁଟସ୍ଥିତ ବିଏସ୍‌ଏନ୍‌ଏଲ୍ କଲୋନୀରେ ସପରିବାର ରହୁଥିଲେ। ସୋମବାର ଅପରାହ୍ନରେ ସେ କିଛି କାର୍ଯ୍ୟରେ ବାହାରକୁ ବାହାରିବା ସମୟରେ ହଠାତ୍ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ସେ ଘର ଭିତରକୁ ଫେରି ସାମୀଙ୍କୁ ଜଣାଇ ଲେମ୍ବୁପାରି ପିଇବାକୁ ମାଗିଥିଲେ। ପରେ ସୋରେନ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ସ୍ୱାମୀ ତାଙ୍କୁ ସଙ୍ଗେସଙ୍ଗେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ୨୦ରୁ ସଦାଚାର କମିଟି ୪ ଦିନ ଯାଏ ୫ ଜିଲ୍ଲା ବୁଲିବ

ଭୁବନେଶ୍ୱର,୨।୫(ବ୍ୟୁରୋ): ଅଫିସରମାନେ ନେତାମାନଙ୍କ କଥା ଶୁଣୁ ନ ଥିବା ଏବଂ ଉପଯୁକ୍ତ ସମ୍ମାନ ଦେଉ ନ ଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଏନେଇ ସୋମବାର ଅନୁଷ୍ଠିତ ବିଧାନସଭା ସଦାଚାର କମିଟି ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରହିଛି ଆସନ୍ତା ୨୦, ୨୧, ୨୨ ଏବଂ ୨୩ ତାରିଖ ୪ ଦିନିଆ ଗଜପତି, ରାୟଗଡ଼ା, ମାଲକାନାଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲା ଗସ୍ତ କରି ସଦାଚାର କମିଟି ତା'ର ଅନୁଧ୍ୟାନ କରିବ। ପୂର୍ବରୁ ଜାନୁୟାରୀ ୨୮ ତାରିଖରେ ମଧ୍ୟ ଏହି ପ୍ରସଙ୍ଗ ଉଲ୍ଲେଖ କରି ସଚିବ, ଆର୍‌ଡିସି, ବିଭାଗୀୟ ମୁଖ୍ୟ ଓ ଜିଲାପାଳମାନଙ୍କୁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଚିଠି ଲେଖାଯାଇଥିଲା। ସରକାରୀ ଅଫିସରମାନେ ଜନପ୍ରତିନିଧିଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନ ଥିବା ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ବୌଦ୍ଧ ଜିଲା ଗସ୍ତ ପରେ ସଦାଚାର କମିଟି ଏହି ରିପୋର୍ଟ ଦେଇଥିଲା। ତେଣୁ ନୂଆକରି ନିଯୁକ୍ତି ପାଇଥିବା ଓଏଏସ୍‌ଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଉପଯୁକ୍ତ ଟ୍ରେନିଂ ଦେବା ପାଇଁ କମିଟି ପ୍ରସ୍ତାବ ଦେଇଥିଲା। ବିଧାୟିକା କୁସୁମ ଟେଟେ କହିଛନ୍ତି, ବିଭିନ୍ନ ଉନ୍ନୟନମୂଳକ କାମ ନେଇ ବିଡିଓ, ତହସିଲଦାର, ଜିଲାପାଳ, ଏମ୍‌ପି, ଉପଜିଲାପାଳଙ୍କୁ ନେଇ କିଛି ପଚାରି ପାରିବୁ ନାହିଁ କି ସରକାର ଏହାର ଉତ୍ତର ଦିଅନ୍ତୁ। ସେମାନେ ବିଜେଡିର କାର୍ଯ୍ୟକର୍ତ୍ତା ଭଳିଆ କାମ କରୁଥିବା କୁସୁମ କହିଛନ୍ତି, ସଦାଚାର କମିଟି ଅଧ୍ୟକ୍ଷ ଅମର ଶତପଥୀ କହିଛନ୍ତି, ପ୍ରଶାସନ ଏବଂ ଲୋକପ୍ରତିନିଧି ଭାବେ ଯେଉଁମାନେ କାମ କରୁଛନ୍ତି ସେମାନେ ସବୁକଥା ଫଳପ୍ରଦ କରିବାକୁ ବ୍ଲକ୍ ସର୍କୁଲାର ୪୭ ଦିଆଯାଇଛି। ତା'ର ଅନୁପାଳନ ଠିକ୍ ଭାବେ ହେଉଛି ନା ନାହିଁ ଏସବୁ କଥା ବୈଠକରେ ଆଲୋଚନା ହୋଇଛି।

# ସ୍ଥିତି ପରଖିବା ସତ୍ତ୍ୱେ ଏଏସ୍‌ଆଇ ଚୁପ୍

**ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ**

ପୁରୀ ଅଫିସ,୨।୫

ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ତିନିଜଣିଆ ଟିମ୍ ରବିବାର ପୁରୀ ଆସି ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିଛି। ଏହି ଟିମ୍‌ର ଅଧିକାରୀମାନେ ପ୍ରକଳ୍ପ ସ୍ଥଳକୁ ଯାଇ ଶ୍ରୀମନ୍ଦିର ଚୌହଦିରେ କ'ଣ ସବୁ ନିର୍ମାଣ ହେଉଛି, ପ୍ରକଳ୍ପ ପାଇଁ କେତେ ଗଭୀରରୁ ପିଲର ଉଠୁଛି, ପିଲର୍ ଏବଂ ବିମ୍‌ର ଦୈର୍ଘ୍ୟ ଓ ପ୍ରସ୍ଥ କେତେ ଆଦି ବିଭିନ୍ନ ପ୍ରଶ୍ନର ଉତ୍ତର ଖୋଜିଛନ୍ତି। ଏନେଇ ସେମାନେ ଜିଲାପାଳ ସମର୍ଥ ବର୍ମା, ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) ଲିମିଟେଡ୍ ଏବଂ ଟାଟା କନଷ୍ଟ୍ରକଶନ୍ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅଧିକାରୀମାନଙ୍କ ସହ ବୁଲି ନିର୍ମାଣ କାର୍ଯ୍ୟକୁ ତନ୍ନତନ୍ନ କରି ଦେଖିଛନ୍ତି। ଏଥିସହ ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟର ମାପଚୁପ ମଧ୍ୟ କରିଛନ୍ତି। ଏହି ଟିମ୍‌ରେ ଏଏସ୍‌ଆଇର ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ ଖମାରି, ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଏବଂ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ ସାମିଲ ଥିଲେ।



ଏଏସ୍‌ଆଇ ଅଧିକାରୀମାନେ ପ୍ରକଳ୍ପ ସ୍ଥଳରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମେଘନାଦ ପାଚେରୀଠାରୁ ୫୫ ମିଟର ଦୂରରେ ନିର୍ମାଣ ହେବାକୁ ଥିବା ପ୍ରାଚୀର ସ୍ଥାନରେ ଏଏସ୍‌ଆଇ ଟିମ୍ ପରୀକ୍ଷା ନିରୀକ୍ଷା କରିଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ଖନନ ଓ ନିର୍ମାଣ କାର୍ଯ୍ୟ ଠିକ କି ନୁହେଁ ସେନେଇ ମଧ୍ୟ ପ୍ରଶାସନ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛି। ଜିଲାପାଳ ବର୍ମା ଏଏସ୍‌ଆଇ ଟିମ୍‌କୁ ନିର୍ମାଣସ୍ଥଳୀମାନ ବୁଲାଇ ଦେଖାଇଥିଲେ। ଟିମ୍‌ର ସଦସ୍ୟମାନେ ପ୍ରଥମେ ପଶ୍ଚିମଦ୍ୱାର ପଟେ ନିର୍ମାଣାଧୀନ ଇନ୍‌ଫରମେଶନ୍ କିଓସ୍କୋ, ଶେଲଟର ପାଭିଲିଅନ୍, କ୍ଲକ୍‌ରୁମ୍ ଓ ଶୌଚାଳୟ କାର୍ଯ୍ୟ ଯାଞ୍ଚ କରିବା ପରେ ଦକ୍ଷିଣଦ୍ୱାର ଏବଂ ଏମାର ମଠ ପରିସରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ନିର୍ମାଣ କାର୍ଯ୍ୟ ଆଇନତଃ ଠିକ୍ କିମ୍ବା ଭୁଲ୍ ସେନେଇ କେହି ଗଣମାଧ୍ୟମ ଆଗରେ ମୁହଁ ଖୋଲି ନ ଥିଲେ। ଜିଲା ପ୍ରଶାସନଠାରୁ ଆରମ୍ଭ କରି ଠିକା କମ୍ପାନୀ ପର୍ଯ୍ୟନ୍ତ ସମସ୍ତେ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ। ଏପରି କି ଏଏସ୍‌ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ ଖମାରି ମଧ୍ୟ ସିଧାସଳଖ ଭାବେ ଏହି ପ୍ରସଙ୍ଗରେ କୌଣସି ଉତ୍ତର ରଖି ନ ଥିଲେ। ସେ କହିଥିଲେ, ଏ ସଂକ୍ରାନ୍ତ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ଟିମ୍ ସ୍ଥିତି ପରଖିବା ପାଇଁ ଆସିଛି। ବିଚାରାଧୀନ ମାମଲା ଉପରେ କୌଣସି ପ୍ରତିକ୍ରିୟା ଦେବା ଠିକ ହେବ ନାହିଁ। ହାଇକୋର୍ଟରେ ସତ୍ୟପାଠ ଦାଖଲ ପରେ ଏସମ୍ପର୍କିତ ତଥ୍ୟ ସାର୍ବଜନୀନ ହେବ। ଅନ୍ୟପକ୍ଷରେ ଐତିହ୍ୟ କରିଡର କାର୍ଯ୍ୟରେ ଏଏସ୍‌ଆଇର ନୀରବତାକୁ ନେଇ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ପୁରୀ ସହରର ବୁଦ୍ଧିଜୀବୀ, ଆଇନଜୀବୀ ଓ ଜନସାଧାରଣ ଏଏସ୍‌ଆଇର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରକଳ୍ପ କାର୍ଯ୍ୟରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ, ଏଭଳି ନିର୍ମାଣ କାର୍ଯ୍ୟ ପରେ ଶ୍ରୀମନ୍ଦିର ସୁରକ୍ଷିତ ରହିବ କି ନାହିଁ ଏବଂ ଏଏସ୍‌ଆଇ ଅନୁମତିରେ କାମ ହେଉଛି ନା ନାହିଁ, ସେନେଇ ଏଏସ୍‌ଆଇ ତୁରନ୍ତ ସ୍ପଷ୍ଟ କରିବା ଦରକାର ବୋଲି ପୁରୀ ଓକିଲ ସଂଘ କହିଛି।

# ପ୍ରେମ ପାଇଁ ଛାତ୍ରଙ୍କୁ ହତ୍ୟା

କୁଆଁମରା,୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ଗ୍ରାମର ଜଣେ ଛାତ୍ରଙ୍କୁ ଶନିବାର ରାତିରେ ହତ୍ୟା କରାଯାଇଛି। ପ୍ରେମ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ମୃତ ଛାତ୍ରଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଉଦଳା ଥାନାରେ ଏକ ମାମଲା(ନଂ.୧୩୫/୨୨) ରୁଜୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀଧର ବାରିକଙ୍କ ପୁଅ ଶୁଭାଶିଷ (୨୧)।



ଶୁଭାଶିଷ ବାରିକ।

ସୂଚନା ଅନୁଯାୟୀ, ଶୁଭାଶିଷ ସ୍ଥାନୀୟ ଏକ କଲେଜର ଯୁକ୍ତ ୩ ଶେଷ ବର୍ଷର ଛାତ୍ର। ସେହି କଲେଜର ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ବିଭିନ୍ନ ସମୟରେ ଉଭୟ ଫୋନରେ ବାର୍ତ୍ତାଳାପ କରୁଥିଲେ। ପ୍ରେମିକାଙ୍କ ପରିବାର ଲୋକେ ଏହା ଜାଣିବା ପରେ ଶୁଭାଶିଷଙ୍କୁ ପୂର୍ବରୁ ତାଗିଦ୍ କରିଥିଲେ। ଏନେଇ ଶୁଭାଶିଷଙ୍କ ସହ ପାଟିତୁଣ୍ଡ ହେବା ସହ ପ୍ରେମିକାଙ୍କ ପରିବାର ଲୋକେ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିବା ମୃତକଙ୍କ ବାପା କହିଛନ୍ତି। ଶନିବାର ରାତି ୧୦ଟାରେ ପ୍ରେମିକାଙ୍କ ଫୋନ କଲ୍ ପାଇ ଶୁଭାଶିଷ ତାଙ୍କୁ ଦେଖା କରିବାକୁ ଶ୍ରୀନାଥପୁର ଗ୍ରାମକୁ ଯାଇ ଘରକୁ ଫେରି ନ ଥିଲେ। ପରଦିନ ପ୍ରେମିକାଙ୍କ ଘର ପଛପଟେ ତାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତାଙ୍କ ଯୌନାଙ୍ଗ ଏବଂ ମଳଦ୍ୱାରରେ ରକ୍ତ ଛିଟା ଲାଗିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଏସ୍‌ଡିପିଓ ସାର୍ଥକ ରାୟ, ଉଦଳା ଥାନା ଅଧିକାରୀ ନିରୋଜ କୁମାର ସାମଲ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏସ୍‌ପି ଋଷିକେଷ ଦ୍ୟାନଦେଓ ଖିଲାରୀ ପହଞ୍ଚି ତଦନ୍ତ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପ୍ରେମିକା, ତାଙ୍କ ମା', ବାପା ଓ କେତେକ ସମ୍ପର୍କୀୟଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସଡ଼କ ଦୁର୍ଘଟଣା: ୩ ମୃତ, ୨ ଗୁରୁତର

ବାଲେଶ୍ୱର ଅଫିସ, ୨।୫

ବାଲେଶ୍ୱର ସହରରେ ଦୁଇଦିନରେ ୩ଟି ପୃଥକ ସଡ଼କ ଦୁର୍ଘଟଣାରେ ଜଣେ ଆଇନଜୀବୀଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଗୁରୁତର ହୋଇ ଭୁବନେଶ୍ୱର ଓ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୋମବାର ସକାଳେ ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଛକ ନିକଟରେ ବରିଷ୍ଠ ଆଇନ୍‌ଜୀବୀ ପଞ୍ଚାନନ ପରିଡ଼ା ପ୍ରାତଃଭ୍ରମଣ କରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ କାର୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ କାର୍ ତାଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଆଇନ୍‌ଜୀବୀଙ୍କ ମୃତ୍ୟୁକୁ ନେଇ ବାଲେଶ୍ୱର ବାର୍ ଆସୋସିଏସନ୍ ପକ୍ଷରୁ ସୋମବାର କୋର୍ଟ ବନ୍ଦ କରାଯିବା ସହ ଏକ ଶୋକସଭା ପାଳନ କରାଯାଇଛି।



ଆହତ ଖବରଦାତାଙ୍କୁ ଷ୍ଟ୍ରେଚରର ଯୋଗେ ବିଧାୟକ ସ୍ୱରୂପ କୁମାର ଦାସ ଓ ଅନ୍ୟମାନେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଉଛନ୍ତି।

ରବିବାର ସନ୍ଧ୍ୟାରେ ବରିଷ୍ଠ ଖବରଦାତା ଉବାଚକ ମହାନ୍ତି ବାଇକ୍ ଯୋଗେ ଷ୍ଟେଶନ ଛକରୁ ଏଡ଼ିଏମ୍ ଛକକୁ ଆସୁଥିବା ବେଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପାଖରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ବିଧାୟକ ସ୍ୱରୂପ କୁମାର ଦାସ ଖବରଦାତା ମହାନ୍ତିଙ୍କୁ ନିଜ ଗାଡିରେ ନେଇ ଜିଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ମଧ୍ୟରାତ୍ରରେ ଏକ ବାଇକ୍ ଯୋଗେ ୩ଜଣ ଯୁବକ ରେମୁଣା ଗୋଲେଇ ଆଡ଼କୁ ଯାଉଥିବା ବେଳେ ବାଲିଆ ନିକଟରେ ଥିବା ଏକ ଡିଭାଇଡର୍‌କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଆରୋହୀଙ୍କ ସହ ଅନ୍ୟ ୨ଜଣ ଯୁବକ ଘଟଣାସ୍ଥଳରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଦ୍ୱୟ ହେଲେ ସାହୁପଡ଼ା ଅଞ୍ଚଳର ପରେଶ ରଣା ଓ ଗୁଡ଼ିପଦା ଅଞ୍ଚଳର ଭାଲୁଆ ପରିଡ଼ା। ଆହତ ଜଣକ ଗୁଡ଼ିପଦା ଅଞ୍ଚଳର ପାକୁଆ ବୋଲି ଜଣାପଡ଼ିଛି।

## ଦୁର୍ଘଟଣାରେ ଚାଲିଗଲା ଦମ୍ପତିଙ୍କ ଜୀବନ

**ଆଖଣ୍ଡଳମଣି ଦର୍ଶନ ସାରି ଫେରୁଥିଲେ**

ଭଦ୍ରକ ଅଫିସ, ୨।୫

ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ରାଣୀତାଲ ନିକଟରେ ସୋମବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କର ଦୁଇଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେମାନେ ଆରଡ଼ି ସ୍ଥିତ ଆଖଣ୍ଡଳମଣିଙ୍କ ଦର୍ଶନ ସାରି ଫେରୁଥିବା ବେଳେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ବୋଗଲପୁର ଗାଁର ବୈକୁଣ୍ଠ ରାଉତ ଓ ତାଙ୍କ ସ୍ତ୍ରୀ କୁଞ୍ଜଲତା ରାଉତ।

ସୂଚନା ଅନୁଯାୟୀ, ଦୁଇଝିଅଙ୍କ ସହ ଏହି ଦମ୍ପତି ଦୁଇଟି ସ୍କୁଟିରେ ଆରଡ଼ିକୁ ଆସିଥିଲେ। ଦର୍ଶନ ସାରି ଘରକୁ ଫେରୁଥିବା ସମୟରେ ରାଣୀତାଲ ନିକଟରେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର ବୈକୁଣ୍ଠ ଓ କୁଞ୍ଜଲତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେମାନେ ଛିଟିକି ତଳେ ପଡ଼ିଯାଇଥିଲେ। ଏହି ସମୟରେ କଣ୍ଟେନରଟି କୁଞ୍ଜଲତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ବୈକୁଣ୍ଠଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ କଣ୍ଟେନର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

# 'ଶ୍ରମିକଙ୍କ ଉନ୍ନତି ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି'




'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ' ପ୍ରଦାନ ଅବସରରେ ମନ୍ତ୍ରୀ ସୁଶାନ୍ତ ସିଂ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

**ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ**

- ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ପୋର୍ଟାଲ ଓ ଦୁଇ ନିର୍ଦ୍ଦେଶାଳୟ ୱେବ୍‌ସାଇଟ୍ ଲୋକାର୍ପିତ
- ୪ ଶ୍ରମିକ ନେତାଙ୍କୁ 'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ'

ଭୁବନେଶ୍ୱର, ୨।୫(ବ୍ୟୁରୋ)

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ରବିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି। ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଅଦ୍ୟାବଧି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ଏହି ବୋର୍ଡ ଅଧୀନରେ ପଞ୍ଜୀକୃତ କରାଯାଇ ମୋଟ ୨୬୬୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ମନ୍ତ୍ରୀ କହିଥିଲେ। ଏହାପରେ ମନ୍ତ୍ରୀ ସିଂହ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ନୂତନ ପୋର୍ଟାଲ https:\\nirmanshramik.odisha.gov.inକୁ ଲୋକାର୍ପଣ କରିଥିଲେ। ଏହି ବ୍ୟବସ୍ଥା ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ, ନବୀକରଣ ଓ ସହାୟତା ଆବେଦନ ନିମନ୍ତେ ଏବେ ଆଉ ଶ୍ରମ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ଶ୍ରମିକ ଭଉଣୀଭାଇ ଘରେ ବସି ଏଥିରୁ ସେବା ପାଇପାରିବେ। ଏଥିସହ ମନ୍ତ୍ରୀ ଦୁଇଟି ୱେବ୍‌ସାଇଟ୍ ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟର www.labourdirectorate.odisha.gov.in ଏବଂ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର www.dfb.odisha.gov.inକୁ ମଧ୍ୟ ଲୋକାର୍ପଣ କରିଥିଲେ। ସେହିପରି 'ଶ୍ରମ କଲ୍ୟାଣ' ନାମକ ଏକ ବୁଲେଟିନ୍ ମଧ୍ୟ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ଶ୍ରମିକ ଭଉଣୀଭାଇଙ୍କୁ ବିଭାଗ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଲେ, ଶ୍ରମିକଙ୍କ ସର୍ବାଙ୍ଗୀନ ବିକାଶ ଓ ବହୁବିଧ କଲ୍ୟାଣକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ରାଜ୍ୟ ସରକାର ଶ୍ରମିକଙ୍କ ବହୁବିଧ କଲ୍ୟାଣ ନିମନ୍ତେ ଅଙ୍ଗୀକାରବଦ୍ଧ ଓ ସର୍ବଦା ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ଅବସରରେ ଶ୍ରମିକ ଭଉଣୀଭାଇଙ୍କ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରୁଥିବା ପ୍ରମୁଖ ଶ୍ରମିକ ସଙ୍ଗଠନର ୪ଜଣ ଶ୍ରମିକ ନେତାଙ୍କୁ 'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଥିଲା। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିଲାବେଳେ ଶ୍ରମ ଆୟୁକ୍ତ ଏନ୍. ଥିରୁମାଲା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥ କାଠ ଜବତ କଲା ବନ ବିଭାଗ

**ଦାୟିତ୍ୱହୀନତା ଯୋଗୁ ଅଡୁଆରେ ଦେବୋତ୍ତର ବିଭାଗ**

ଢେଙ୍କାନାଳ ଅଫିସ,୨।୫

ଅକ୍ଷୟ ତୃତୀୟାରେ ରଥ ଅଖ ଅନୁକୂଳ ପାଇଁ ଢେଙ୍କାନାଳ ଦେବୋତ୍ତର ବିଭାଗ ଆଣୁଥିବା କାଠକୁ ସୋମବାର ବନ ବିଭାଗ ଜବତ କରିଛି। ଫଳରେ ଅକ୍ଷୟ ତୃତୀୟାରେ କିଭଳି ଅଖ ଅନୁକୂଳ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେବୋତ୍ତର ବିଭାଗର ଏପରି ଦାୟିତ୍ୱହୀନ କାର୍ଯ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଅକ୍ଷୟ ତୃତୀୟରେ ନୂଆ ଧଉରା କାଠରେ ରଥଅଖ ଅନୁକୂଳ ହୁଏ। ଏଥିପାଇଁ ଢେଙ୍କାନାଳ ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ଓ ବନବିଭାଗ ମଧ୍ୟରେ ସମନ୍ୱୟ ସହ ଯୋଗାଯୋଗ ରକ୍ଷା କରାଯାଇ କାଠ ଯୋଗାଣ ହୋଇଥାଏ। କିନ୍ତୁ ଚଳିତବର୍ଷ ଦେବୋତ୍ତର ବିଭାଗ ପକ୍ଷରୁ କପିଳାସ ଅଭୟାରଣ୍ୟରୁ ଗଛ କଟାଯାଇ ରଥ ଅଖ ପାଇଁ ୩ଟି ଧଉରା କାଠ ଅଣାଯାଉଥିବା ଖବର ମିଳିବା ପରେ ବନ ବିଭାଗ ପକ୍ଷରୁ ତାହାକୁ ଜବତ କରାଯାଇ କପିଳାସ ରେଞ୍ଜ ଶୋରିଷିଆପଦା ବିଟ୍ ହାଉସଠାରେ ରଖାଯାଇଛି। ଘଟଣା ପରେ ଦେବୋତ୍ତର ବିଭାଗ ନୀରବ ରହିବା ଓ ଜିଲାପାଳଙ୍କୁ ଅବଗତ କରା ନ ଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। କପିଳାସ ଅଭୟାରଣ୍ୟରେ ପ୍ରବେଶ ନିଷେଧ ହୋଇଥିବା ବେଳେ ସେଠାରୁ କାଠ କାଟିବା ବେଆଇନ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଏଭଳି ସ୍ଥିତିରେ ଦେବୋତ୍ତର ବିଭାଗ କିଭଳି ଭାବେ ଏବଂ କାହା ଉପସ୍ଥିତିରେ ଅଭୟାରଣ୍ୟରୁ କାଠ କାଟି ଆଣୁଥିଲେ ତାହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ କହିଛନ୍ତି, ଠାକୁରଙ୍କ ପାଇଁ କାଠ ଆସୁଥିଲା। ଶୁଣିଲୁ ଏହାକୁ ଜବତ କରାଯାଇଛି। ଦେଖୁଛୁ କ'ଣ କରାଯାଇପାରିବ। ମହାପ୍ରଭୁଙ୍କ ଯାହା ଇଚ୍ଛା ଥିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି, ଅଭୟାରଣ୍ୟ ମଧ୍ୟରେ ପ୍ରବେଶ ଏବଂ କାଠ କାଟିବା ବେଆଇନ। କେଉଁ ଉଦ୍ଦେଶ୍ୟରେ କାଠ ଅଣାଯାଉଥିଲା ଆମେ ଜାଣିନୁ। କିନ୍ତୁ ଅଭୟାରଣ୍ୟରୁ କାଠ ଆସୁଥିବା ଜାଣିବାପରେ ତାହାକୁ ଜବତ କରାଯାଇଛି। ତେବେ ଘଟଣା ଜାଣିବା ପରେ ସନ୍ଧ୍ୟାରେ ଜିଲାପାଳ ଜିଲା ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଡିଏଫ୍‌ଓଙ୍କ ସହ ଆଲୋଚନା କରାଯାଇଛି। ଅକ୍ଷୟ ତୃତୀୟାରେ ପରମ୍ପରା ବଜାୟ ରଖିବା ପାଇଁ କିଛି କାଠ ସେ ଦେବେ ବୋଲି ଆଲୋଚନା ହୋଇଛି।

# ସ୍ମାର୍ଟ ସ୍କୁଲରେ ଛାତ୍ରଙ୍କ 'ପୁଷ୍ପା' ଭିଡିଓ ଭାଇରାଲ

ଶେରଗଡ଼/ ହିଞ୍ଜିଳିକାଟୁ,୨।୫(ଡି.ଏନ୍.ଏ)

ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରି ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆଧୁନିକ ଶୈଳୀରେ ପାଠ ପଢ଼ାଇବା ପାଇଁ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଗତବର୍ଷ ରାଜ୍ୟରେ ପ୍ରଥମେ ଗଞ୍ଜାମ ଜିଲାର ଶେରଗଡ଼ ଓ ହିଞ୍ଜିଳିକାଟୁ ବ୍ଲକ ଅଧୀନ ବିଭିନ୍ନ ହାଇସ୍କୁଲ ରୂପାନ୍ତରଣ କରାଯାଇଥିଲା। ଏହି ରୂପାନ୍ତରିତ ହାଇସ୍କୁଲରେ ଉତ୍ତମ ଶିକ୍ଷା ଗ୍ରହଣ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ତେବେ ଏଭଳି ଏକ ସ୍ମାର୍ଟ ସ୍କୁଲରେ ଲାଗିଥିବା ଏଲିଡ୍ ଟିଭିରେ କେତେଜଣ ଛାତ୍ର ଚର୍ଚ୍ଚିତ ଫିଲ୍ମ 'ପୁଷ୍ପା' ଦେଖି ତାହାର ଅନୁକରଣ କରିବା ସହ ଆଧୁନିକ ଓଡ଼ିଆ ଗୀତ 'ଗୁଆଘିଅ' ତାଳେ ତାଳେ ନାଚୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏପରକି ସ୍ମାର୍ଟ ଶ୍ରେଣୀ ଗୃହରେ ଶିକ୍ଷକଙ୍କ ଚେୟାରରେ ଜଣେ ଛାତ୍ର ବସି ପୁଷ୍ପା ଦେଖୁଥିବା ଉକ୍ତ ଭିଡିଓରେ ରହିଛି।



ଭାଇରାଲ ହୋଇଥିବା ଭିଡିଓ।

ଏହି ଭିଡିଓଟି ଶେରଗଡ଼ ବ୍ଲକ ବରମୁଣ୍ଡଳୀ ରୂପାନ୍ତରିତ ହାଇସ୍କୁଲର ବୋଲି ସ୍ପଷ୍ଟ ହୋଇଛି। ଏପରି ଭିଡିଓକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଥିବା ବେଳେ ଶିକ୍ଷକଙ୍କ ଅନୁପସ୍ଥିତିରେ ଛାତ୍ରମାନେ ସ୍ମାର୍ଟ ଶ୍ରେଣୀଗୃହକୁ ଦୁରୁପଯୋଗ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଶେରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କାଙ୍କୁ ପଚାରିବାରେ ସେ କହିଛନ୍ତି, କିଛିଦିନ ତଳେ ଦଶମ ଶ୍ରେଣୀ ପିଲାଙ୍କ ଲାଗି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରେ ଶିକ୍ଷକଙ୍କ ଅନୁପସ୍ଥିତିରେ ୫ ଜଣ ଛାତ୍ର ଏପରି କରିଥିଲେ। ସେମାନଙ୍କୁ ଶିକ୍ଷକ ତାଗିଦ୍ କରିଥିଲେ ବୋଲି କହିଛନ୍ତି। ସେହିପରି ଜିଲା ଶିକ୍ଷା ଅଧିକାରୀ (ଡିଇଓ) ବିନୀତା ସେନାପତିଙ୍କ ସହ ଯୋଗାଯୋଗ କରିବାରେ, ଏହି ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଫିଜିଓ ଶୁଭକାନ୍ତଙ୍କୁ ନୂଆ ଦାୟିତ୍ୱ



**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଲେଭଲ-୧ ଫିଜିଓ ଶୁଭକାନ୍ତ ସାହୁଙ୍କୁ ନୂଆ ଦାୟିତ୍ୱ ମିଳିଛି। ରାଜସ୍ଥାନର ଜୟପୁରଠାରେ ମେ ୯ରୁ ଜୁନ୍ ୨ ପର୍ଯ୍ୟନ୍ତ ହେବାକୁଥିବା ୧୯ ବର୍ଷରୁ କମ୍ ବାଳକ କ୍ୟାମ୍ପ ପାଇଁ ଫିଜିଓ ନିଯୁକ୍ତ କରାଯାଇଛି। ୮ ତାରିଖରେ ତାଙ୍କୁ ଭେନ୍ୟୁରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ୨୦୦୯ରେ ଓସିଏରେ ଯୋଗଦେବା ପରଠାରୁ ଶୁଭକାନ୍ତ ୧୯ ଏବଂ ୨୫ ବର୍ଷରୁ କମ୍ ଦଳର ଫିଜିଓ ଦାୟିତ୍ୱ ତୁଲାଇଛନ୍ତି। ୨୦୧୨ରୁ ୨୦୨୦ ପର୍ଯ୍ୟନ୍ତ ସେ ଓଡ଼ିଶା ରଣଜୀ ଟ୍ରଫି ଦଳ ଦାୟିତ୍ୱରେ ଥିଲେ। ୨୦୧୬-୧୭ରେ ୧୯ ବର୍ଷରୁ କମ୍, ୨୦୧୮-୧୯ରେ ୧୬ ବର୍ଷରୁ କମ୍ ଏବଂ ୨୦୧୯-୨୦ରେ ୧୬ ବର୍ଷରୁ କମ୍ ଜୋନାଲ ଏକାଡେମୀରେ ଫିଜିଓ ରହିସାରିଥିବା ଶୁଭକାନ୍ତ ଏବେ ଏନ୍‌ସିଏ ୧୯ ବର୍ଷରୁ କମ୍ ଦାୟିତ୍ୱ ପାଇଛନ୍ତି।

# 'ଖେଲୋ ଇଣ୍ଡିଆ ଗେମ୍ ଏକ ଅନନ୍ୟ ପ୍ଲାଟ୍‌ଫର୍ମ'

**ଭୁବନେଶ୍ୱର, ୨।୫(ସ୍ପୋର୍ଟ୍ସ ବ୍ୟୁରୋ)**



ୟୁନିଭର୍ସିଟି ଅଫ୍ କୋଟା ପୁରୁଷ କବାଡ଼ି ଦଳ ଖେଳାଳିଙ୍କ ଗହଣରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା।

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆଥ୍‌ଲେଟ୍‌ମାନଙ୍କ ମଧ୍ୟରେ ସାଂସ୍କୃତିକ ମିଳନର ବୃଦ୍ଧି ଘଟୁଛି। ବେଙ୍ଗାଲୁରୁରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଦେଖିବାକୁ ଯାଇଥିବା ଅବସରରେ ଓଡ଼ିଶା ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏ କଥା କହିଛନ୍ତି। ଏହି ଇଭେଣ୍ଟ ଜୈନ ୟୁନିଭର୍ସିଟି କ୍ୟାମ୍ପସରେ ଅନୁଷ୍ଠିତ ହେଉଛି। ମନ୍ତ୍ରୀ ସେଠାରେ ରେସ୍‌ଲିଂ, କବାଡ଼ି ଓ କରାଟେ ପ୍ରତିଯୋଗିତାକୁ ଉପଭୋଗ କରିଥିଲେ। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ୨୦୨୦ରେ ଭୁବନେଶ୍ୱରର କିଟ୍ ୟୁନିଭର୍ସିଟିରେ ଅନୁଷ୍ଠିତ ହୋଇଥିଲା। ସେଥିରେ ୧୫୦ ୟୁନିଭର୍ସିଟିରୁ ୨୫୦୦ରୁ ୩୦୦୦ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ଜୈନ ୟୁନିଭର୍ସିଟିରେ କିନ୍ତୁ ୨୦୦ରୁ ଊର୍ଦ୍ଧ୍ୱ ୟୁନିଭର୍ସିଟିରୁ ୪୦୦୦ରୁ ଅଧିକ ଆଥ୍‌ଲେଟ ଭାଗ ନେଇଛନ୍ତି। କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ହେଲା ଆଥ୍‌ଲେଟ୍‌ମାନଙ୍କର ସମସ୍ତ ପ୍ରକାର ଆଉଟ୍‌ଡୋର କାର୍ଯ୍ୟକଳାପ ଓ କ୍ରୀଡ଼ା ବନ୍ଦ ରହିଥିଲା। ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ ପାଇଁ ଏହା ଏକ ଅନନ୍ୟ ପ୍ଲାଟଫର୍ମ। ଏଥିରେ ଭଲ ପ୍ରଦର୍ଶନ କଲେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାଗ ନେବା ଲାଗି ସୁଯୋଗ ସୃଷ୍ଟି ହୋଇଥାଏ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ୨୦୨୦ରେ ଓଡ଼ିଶାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ସଫଳତାର ସହ ଆୟୋଜନ ହୋଇପାରିଛି। ସେ ସମୟରେ ବିଭିନ୍ନ ଖେଳ ପାଇଁ ଭିତ୍ତିଭୂମି ବିକଶିତ କରାଯାଇଥିଲା। ଏହା ବିଶ୍ୱଶ୍ରେଣୀୟ ହୋଇଥିବାରୁ ଭବିଷ୍ୟତରେ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜନ ଲାଗି ଆମେ ସମର୍ଥ। ଏହି ଅବସରରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଭାଗ ନେଇ ଭଲ ପ୍ରଦର୍ଶନ କରିଥିବା ଆଥଲେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗକୁ ଅଂଶଗ୍ରହଣ କରିବାକୁ ଥିବା ଅନ୍ୟ ଆଥଲେଟ୍‌ମାନଙ୍କ ଶୁଭକାମନା କରିଛନ୍ତି। ଓଡ଼ିଶାରୁ ଭାଗ ନେଇଥିବା ୟୁନିଭର୍ସିଟିଗୁଡ଼ିକ ବିଶେଷକରି ହକି, ଫେନ୍‌ସିଂ ଓ ଆଥ୍‌ଲେଟିକ୍ସରେ ଭଲ ପ୍ରଦର୍ଶନ କରୁଛନ୍ତି।


## ଜନ୍ମବାର୍ଷିକ ଶୁଭେଚ୍ଛା



(ରିଦ୍ଧି)
**ଶାନଭି ମଲ୍ଲିକ**
ହାଲ୍ ସୁନାବେଡା, କୋରାପୁଟ
ଆଜି ତୋର ସପ୍ତମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା।
**ଶୁଭେଚ୍ଛା ସହ:** ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ବାପା: ସ୍ମୃତି, ମା: ଲୋପାମୁଦ୍ରା, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମା: ରଞ୍ଜିତା, ଦାଦା: ସୌମ୍ୟ, ଖୁଡ଼ୀ: ସ୍ୱର୍ଣ୍ଣମୟୀ, ଭଉଣୀ: ଶୁଭି ଓ ସିଦ୍ଧି ଏବଂ ବନ୍ଧୁ ପ୍ରିୟଜନବର୍ଗ।
ଧ-୩୧୧

## ଜନ୍ମଦିନ ଶୁଭେଚ୍ଛା



**ସତ୍ୟଜିତ୍ ସାହୁ (ଓମ୍)**
ଶାଳିଜଙ୍ଗା, ସଭାମୂଳ, ଜଗତ୍‌ସିଂହପୁର
ଆଜି ତୋର ୧୧ତମ ଜନ୍ମଦିନରେ ମା' ମଙ୍ଗଳା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଶୀର୍ବାଦ ଭିକ୍ଷାକରେ କି ତୋ ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
**ଇତି:** ତୋର ପାପା, ମାମା, ବାପା, ବୋଉ, ପିଉସା, ପିଉସୀ, ମାମୁ, ମାଇଁ, ଅଜା, ଆଈ, ମଉସା ଓ ମାଉସୀ, ସାଙ୍ଗସାଥୀ ଏବଂ ଶୁଭେଚ୍ଛୁ।
ଧ-୨୯୭

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ରିଦ୍ଧି)
**ସମାଇରା ସାହୁ**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଜେଜେବାପା, ଜେଜେମାଆ, ଦାଦୁ, ଦାଦି, ସା, ନାନା।
ଧ-୩୧୪


# ଓଡ଼ିଶା ବାଳକ ଚାମ୍ପିୟନ, ବାଳିକା ରନର୍ସଅପ୍

**ପୂର୍ବାଞ୍ଚଳ ରୋଲବଲ୍ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୨।୫(କ୍ରୀଡ଼ା ପ୍ରତିନିଧି)** ଖୋର୍ଦ୍ଧାର କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ପୂର୍ବାଞ୍ଚଳ ରୋଲବଲ୍ ଚାମ୍ପିୟନଶିପ୍ (୧୧ ବର୍ଷରୁ କମ୍ ବାଳିକା ଓ ବାଳକ)ରେ ଓଡ଼ିଶା ବାଳକ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛି। ଅନ୍ୟପକ୍ଷରେ ବାଳିକା ଦଳ ସାହସିକ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ବାଳକ ବିଭାଗ ଫାଇନାଲରେ ଓଡ଼ିଶା ୪-୩ରେ ଆସାମକୁ ପରାସ୍ତ କରି ପ୍ରଥମଥର ପାଇଁ ଟ୍ରଫି ହାସଲ କରିଛି। ଏଥିରେ ସିକ୍କିମ ତୃତୀୟ ସ୍ଥାନ ଅଧିକାର କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ବାଳିକା ବିଭାଗ ଫାଇନାଲରେ ଓଡ଼ିଶା ଦଳ ଆସାମଠାରୁ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶାରେ ଅନୁଷ୍ଠିତ ଏହି ସର୍ବପ୍ରଥମ ରୋଲ୍‌ବଲ୍ ଚାମ୍ପିୟନଶିପ୍‌କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲର ଭାଇସ୍ ଚେୟାରମ୍ୟାନ ବିକାଶ ବାହିନୀପତି, ସମ୍ପାଦକ ଜନ୍ମେଜୟ ମଣ୍ଡଳ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡ଼ିଶା ସ୍କେଟିଂ ଏକାଡେମୀର ସହପ୍ରତିଷ୍ଠାତା ସୌଦାମିନୀ ପାତ୍ର ଓ ଓଡ଼ିଶା ରୋଲ୍‌ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ଆସାମ, ଛତିଶଗଡ଼, ପଶ୍ଚିମବଙ୍ଗ, ମଣିପୁର, ନାଗାଲାଣ୍ଡ ଏବଂ ଆୟୋଜକ ଓଡ଼ିଶା ଅଂଶଗ୍ରହଣ କରିଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ସହ ପୂର୍ବାଞ୍ଚଳ ରୋଲ୍‌ବଲ୍ ବାଳକ ବିଭାଗ ଚାମ୍ପିୟନ ଓଡ଼ିଶା ଦଳ।

# ଭାରତ ମହିଳା ବି' ଦଳରେ ପଦ୍ମିନୀ

**ଚେସ୍ ଅଲିମ୍ପିଆଡ**

**ଚେନ୍ନାଇ, ୨।୫ (ପି.ଟି.):** ୪୪ତମ ଚେସ୍ ଅଲିମ୍ପିଆଡ୍ ଏଠାରେ ଜୁଲାଇ ୨୮ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ହେବ। ଓପନ୍ କାଟେଗୋରୀ ଏବଂ ମହିଳା ବିଭାଗରେ ଭାରତର ଦୁଇଟି ଲେଖାଏଁ ଦଳ ଭାଗ ନେବ। ମହିଳା ବି' ଦଳରେ ଓଡ଼ିଶାର ପଦ୍ମିନୀ ରାଉତ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କୁ ଭାରତୀୟ ଦଳର ମେଣ୍ଟର କରାଯାଇଛି। ୧୪ ଦିନ ଧରି ହେବାକୁଥିବା ଏହି ଇଭେଣ୍ଟରେ ବିଶ୍ୱର ୧୫୦ରୁ ଊର୍ଦ୍ଧ୍ୱ ଦେଶର ବହୁ ନାମି ଖେଳାଳି ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଭାରତ ୨୦୧୪ ଟ୍ରୋମ୍‌ସୋ ଚେସ୍ ଅଲିମ୍ପିଆଡ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ୨୦୨୦ରେ ଦୁଇଟି ଭର୍ଚୁଆଲ ଅଲିମ୍ପିଆଡ୍ସ ଭାରତ ରୁଷିଆ ସହିତ ମିଳିତ ଭାବେ ସ୍ୱର୍ଣ୍ଣ ଜିତିଥିଲା। ୨୦୨୧ରେ ମହିଳା ଦଳ ବ୍ରୋଞ୍ଜ ପାଇଥିଲା। ସହରରେ ଅଲିମ୍ପିଆଡ୍ ସହ ୯୪ତମ ଫିଡେ କଂଗ୍ରେସ୍ ଏବଂ ନିର୍ବାଚନ ଅନୁଷ୍ଠିତ ହେବ।

**ଓପନ୍ କାଟେଗୋରୀ-**
ଭାରତ 'ଏ': ଭିଦିତ୍ ଗୁଜରାଠୀ, ପି. ହରିକ୍ରିଷ୍ଣା, ଅର୍ଜୁନ ଏରିଗାଇସ୍, ଏସ୍.ଏଲ୍. ନାରାୟଣନ, କେ. ଶଶିକିରଣ।
ଭାରତ 'ବି': ନିହାଲ ସରିନ୍, ଡି. ଗୁକେଶ, ବି. ଅଧିବନ୍, ଆର୍. ପ୍ରଜ୍ଞାନନ୍ଦ ରନକ ସାଧ୍ୱାନୀ।
**ମହିଳା ଭାରତ 'ଏ':** କୋନେରୁ ହମ୍ପି, ଡି. ହାରିକା, ଆର. ବୈଶାଳୀ, ଟାନିଆ ସଚଦେବ, ଭକ୍ତି କୁଲ୍‌କର୍ଣ୍ଣୀ।
ଭାରତ 'ବି' ଦଳ: ବର୍ଣ୍ଣିକା ଅଗ୍ରୱାଲ, ସୌମ୍ୟା ସ୍ୱାମିନାଥନ, ମେରି ଆନ୍ ଗୋମ୍ସ, ପଦ୍ମିନୀ ରାଉତ ଓ ଦିବ୍ୟା ଦେଶମୁଖ।

# ସଚିନଙ୍କ ସମକକ୍ଷ ଋତୁରାଜ

**ପୁଣେ, ୨।୫ :** ଆଇପିଏଲ୍ ଇତିହାସରେ ଦ୍ରୁତତମ ବ୍ୟାଟର ଭାବେ ୧ ହଜାର ରନ୍ ପୂରଣ କରିବାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓପନର ଋତୁରାଜ ଗାଏକ୍ୱାଡ ରବିବାର କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ୫୭ ବଲ୍‌ରେ ୯୯ ରନ୍‌ର ପାଳି ଅବସରରେ ଗାଏକ୍ୱାଡ ଏହି ସଫଳତା ପାଇଛନ୍ତି। ତାଙ୍କ ଇନିଂସ୍‌ରେ ୬ଟି ଲେଖାଏ ଚୌକା ଓ ଛକା ସାମିଲ ଥିଲା। ତେବେ ଏହି ୨୫ ବର୍ଷୀୟ ବ୍ୟାଟର ତାଙ୍କ ୩୧ତମ ଇନିଂସ୍‌ରେ ୧ ହଜାର ରନ୍ ପୂରଣ କରିଛନ୍ତି। ତେନ୍ଦୁଲକରଙ୍କୁ ଏହି ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ସମାନ ସଂଖ୍ୟକ ଇନିଂସ୍ ଲାଗିଥିଲା। ଏହି ତାଲିକାରେ ସୁରେଶ ରାଇନା (୩୪ ଇନିଂସ୍), ରିଷଭ ପନ୍ତ (୩୫ ଇନିଂସ୍), ଦେବଦତ୍ତ ପଡିକଲ (୩୫ ଇନିଂସ୍) ରହିଛନ୍ତି।

# ଏନ୍‌ସିଏ ପ୍ରୋଗ୍ରାମ୍ ପାଇଁ ଓସିଏର ୫ ଖେଳାଳି

**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ମହିଳା କ୍ରିକେଟ ଚୟନ କମିଟି ଓଡ଼ିଶା କ୍ରିକେଟ ଆସୋସିଏଶନର ୫ ଖେଳାଳିଙ୍କୁ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ପ୍ରୋଗ୍ରାମ ପାଇଁ ଚୟନ କରିଛନ୍ତି। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ ଦେଶର ବିଭିନ୍ନ ଭେନ୍ୟୁରେ ଏହି ପ୍ରୋଗ୍ରାମ ମେ ୧୬ରୁ ଜୁନ୍ ୯ ପର୍ଯ୍ୟନ୍ତ ଆୟୋଜନ କରିବ। ଟିମ୍-ଏରେ ଓଡ଼ିଶାର ତନ୍ମୟୀ ବେହେରା ଅନନ୍ତପୁର, ଟିମ୍-ସିରେ ଜ୍ୟୋତି କୁମାରୀ ପ୍ରସାଦ ହୁବଳି, ଟିମ୍-ଡିରେ ଏସ.ବି. ଲରେନ୍ସ ଓ ଭବାନୀ ଧଡ଼ା ମୋହାଲି ଏବଂ ଟିମ୍-ଇରେ ପୂଜା କୁମାରୀ ଯାଦବ ରାଜକୋଟଠାରେ ଏନ୍‌ସିଏ ପ୍ରୋଗ୍ରାମର ଅଂଶବିଶେଷ ରହିବେ।

# ଭାରୋତ୍ତୋଳିକା ହର୍ଷଦାଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୨।୫(ପି.ଟି.)**



ସ୍ୱର୍ଣ୍ଣ ପଦକ ହାସଲକାରୀ ହର୍ଷଦା ଶରଦ ଗରୁଡ଼ (ଡାହାଣ)।

**ଜୁନିୟର ବିଶ୍ୱ ଚାମ୍ପିୟନଶିପ୍**

ଗ୍ରୀସ୍‌ର ହେରାକ୍ଲିଅନ୍‌ଠାରେ ଚାଲିଥିବା ଆଇ ଡବ୍ଲ୍ୟୁଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ହର୍ଷଦା ଶରଦ ଗରୁଡ଼ ପ୍ରଥମ ଭାରତୀୟ ଭାରୋତ୍ତୋଳିକା ଭାବେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୧୮ ବର୍ଷୀୟା ହର୍ଷଦା ମହିଳା ୪୫ କେଜି କାଟେଗୋରିରେ ମୋଟ ୧୫୩(୭୦+୮୩) କେଜି ଉଠାଇ ସ୍ୱର୍ଣ୍ଣ ଜିତିଥିଲେ। ଏହି ପଦକ ସହ ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତ ଏହାର ଖାତା ଖୋଲିଛି। ତୁର୍କୀର ବେଖତାସ କାନ୍‌ସୁ ଓଭରଅଲ ୧୫୦ କେଜି (୬୫କେଜି+୮୫କେଜି) ଉତ୍ତୋଳନ କରିଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ପାଇଛନ୍ତି। ଏହି ଅଣ ଅଲିମ୍ପିକ କାଟେଗୋରିରେ ମୋଲଡୋଭାର ହିନ୍‌ସୁ ଟିଓଡୋରା-ଲୁମିନିଟା ମୋଟ ୧୪୯ କେଜି (୬୭କେଜି+୮୨କେଜି) ଓଜନ ଉଠାଇ ବ୍ରୋଞ୍ଜ ଜିତିଛନ୍ତି। ଏହି କାଟେଗୋରିରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ଅଞ୍ଜଳି ପଟେଲ ଓଭରଅଲ ୫ମ ସ୍ଥାନ ଅଧିକାର କରିଥିଲେ। ସେ ମୋଟ ୧୪୮କେଜି (୬୭କେଜି+୮୧କେଜି) ଉଠାଇଥିଲେ। ଏହାପୂର୍ବରୁ ଜୁନିୟର ୱାର୍ଲ୍ଡ ଇଭେଣ୍ଟରେ ଯେଉଁମାନେ ପଦକ ଜିତିଛନ୍ତି, ସେମାନେ ହେଲେ ୨୦୧୩ ଓ ୨୦୧୮ରେ ମୀରାବାଇ ଚାନୁ ଓ ଝିଲ୍ଲି ଦଳବେହେରା(ବ୍ରୋଞ୍ଜ) ଏବଂ ଗତବର୍ଷ ଅଚିନ୍ତା ଶିଉଲି (ରୌପ୍ୟ)।

# ପୂର୍ବତନ ଜାତୀୟ ଫୁଟବଲ ଖେଳାଳିଙ୍କ ପରଲୋକ

**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ବିଶ୍ୱଜିତ ମହନ୍ତାଙ୍କର ସୋମବାର ପରଲୋକ ଘଟିଛି। ଗତ କିଛିଦିନହେବ ଅସୁସ୍ଥଥିବା ବିଶ୍ୱଜିତଙ୍କୁ ମୃତ୍ୟୁ ବେଳକୁ ୫୪ ବର୍ଷ ହୋଇଥିଲା। ସେ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଦୀର୍ଘଦିନ ପ୍ରତିନିଧିତ୍ୱ କରିଥିଲେ। ଆକାଉଣ୍ଟ ଜେନେରାଲରେ କାର୍ଯ୍ୟରତଥିବା ବିଶ୍ୱଜିତଙ୍କର ସ୍ତ୍ରୀ ଏବଂ ଗୋଟେ ଝିଅ ଓ ଗୋଟେ ପୁଅ ଅଛନ୍ତି। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ରୁଷିଆ ଖେଳାଳିଙ୍କ ବାସନ୍ଦକୁ ନାଡାଲ, ଜୋକୋଭିଚ୍‌ଙ୍କ ସମାଲୋଚନା

**ମାଡ୍ରିଡ୍, ୨।୫(ଏପି):** ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ନେଇ ଚଳିତ ବର୍ଷର ୱିମ୍ବେଲଡନ ଓପନ ଟେନିସ୍ ଟୁର୍ନାମେଣ୍ଟରୁ ରୁଷିଆ ଓ ବେଲାରୁଷ୍ ଖେଳାଳିମାନଙ୍କ ବାସନ୍ଦ ନିଷ୍ପତ୍ତିକୁ ରାଫାଲ ନାଡାଲ ଓ ନୋଭାକ୍ ଜୋକୋଭିଚ୍ ସମାଲୋଚନା କରିଛନ୍ତି। ସ୍ଥାନୀୟ ସରକାର ବାଧ କରି ନ ଥିବା ବେଳେ ୱିମ୍ବେଲଡନ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ନାଡାଲ କହିଛନ୍ତି, ଆଗାମୀ ସପ୍ତାହଗୁଡ଼ିକରେ କ'ଣ ଘଟୁଛି ଦେଖାଯାଉ। ହୁଏତ ଖେଳାଳିମାନେ ଏହି ପ୍ରସଙ୍ଗରେ କିଛି ନିଷ୍ପତ୍ତି ନେଇପାରନ୍ତି। ଗତ ଏପ୍ରିଲ ୨୦ରେ ଅଲ୍ ଇଂଲଣ୍ଡ କ୍ଲବ ନେଇଥିବା ନିଷ୍ପତ୍ତିକୁ ଉଭୟ ଏଟିପି ଓ ଡବ୍ଲ୍ୟୁଟିଏ ଟେନିସ ଟୁର୍ ସର୍ବସାଧାରଣରେ ସମାଲୋଚନା କରିଛନ୍ତି। ୱିମ୍ବେଲଡନ ଜୁନ୍ ୨୭ରୁ ଆରମ୍ଭ ହେବ। ବାସନ୍ଦ ଯୋଗୁ ପ୍ରଭାବିତ ହେବାକୁଥିବା ରୁଷୀୟ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ବର୍ତ୍ତମାନର ୟୁଏସ୍ ଓପନ ଚାମ୍ପିୟନ ଡାନିଲ୍ ମେଡଭେଡେଭ, ଆନ୍ଦ୍ରେ ରୁବ୍ଲେଭ ଓ ଫ୍ରେଞ୍ଚ ଓପନ ରନର୍ସଅପ୍ ଆନାସ୍ତାସିଆ ପ୍ୟାଭ୍ଲ୍ୟୁଚେଙ୍କୋଭା। ସେହିପରି ଯୁଦ୍ଧରେ ରୁଷିଆକୁ ସହଯୋଗ କରୁଥିବା ବେଲାରୁଷ୍‌ର ଭିକ୍ଟୋରିଆ ଆଜାରେଙ୍କା ମଧ୍ୟ ଖେଳିବାରୁ ବଞ୍ଚିତ ହେବେ। ଜୋକୋଭିଚ୍ କହିଛନ୍ତି, ଯଦିଓ ଏହା ସମାନ ବିଷୟ ନୁହେଁ ତଥାପି ଚଳିତବର୍ଷ ପ୍ରାରମ୍ଭରେ ତାଙ୍କୁ ମଧ୍ୟ ଏହିଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା।


**CLASSIFIED DISPLAY** ALL EDITION - B/W (Everyday)

| TARIFF | MORE SPACE • SAME PRICE | | | | | | | | GST 5% |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | | |
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact: 0674-2580385, 8637280816, 7894447167, 9338226625

**GLOBAL FINANCE** (Registered)
ଭାରତର ନଂ ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ।, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା ବିଜୟୀ

**ଭୁବନେଶ୍ୱର, ୨।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ସେଥିରେ କେନ୍ଦ୍ରାପଡ଼ା, ପାରଦୀପ, ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା ଓ ପୁରୀ ବିଜୟୀ ହୋଇଛନ୍ତି। ନୂଆପଡ଼ା ପାଇଁ ସରୋଜ କେ. ପଣ୍ଡା ୧୫୭ ରନ୍‌ର ବିଶାଳ ଶତକୀୟ ପାଳି ଖେଳିଥିବା ବେଳେ ତାଙ୍କ ଦଳର ଗୌରଭ କେ. ରାଉତ ଏବଂ ପୁରୀର ଲାଲୁ ମହାନ୍ତି ୬ ଉଇକେଟ ସଫଳତା ହାସଲ କରିଛନ୍ତି।

ସନସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ରୋମାଞ୍ଚକ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୧୦ ରନ୍‌ରେ ଗଜପତିକୁ ହରାଇ ଦେଇଛି। କେନ୍ଦ୍ରାପଡ଼ା ୨୦୪ ରନ୍ କରିଥିବା ବେଳେ ଗଜପତି ସମସ୍ତ ଉଇକେଟ ହରାଇ ୧୯୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପାଇଁ ରିତେଶ ପାଣ୍ଡେ ୯୦ ରନ୍‌ର ପାଳି ଖେଳିବା ସହ ଦୁଇ ଉଇକେଟ ମଧ୍ୟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ ୱାନରେ ଅନୁଷ୍ଠିତ ମ୍ୟାଚ୍‌ରେ ପାରାଦୀପ ୧୯୫ ରନ୍‌ରେ ଅଲଆଉଟ୍ ହୋଇଥିବା ବେଳେ କନ୍ଧମାଳ ୧୮୧ ରନ୍‌ରେ ସୀମିତ ରହିଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ସରୋଜ କେ. ପାଣ୍ଡେଙ୍କ ୧୫୭ ରନ୍‌ର ପାଳି ବଳରେ ନୂଆପଡ଼ା ୨୬୫ ରନ୍ କରିଥିଲା। ଜବାବରେ ଗୌରଭ କେ. ରାଉତ (୬/୧୮)ଙ୍କ ଘାତକ ବୋଲିଂ ଯୋଗୁ ମାତ୍ର ୬୮ ରନ୍‌ରେ ସୀମିତ ରହିଥିଲା ମାଲକାନଗିରି। ହାଇଟେକ୍ ଗ୍ରାଉଣ୍ଡରେ କଳାହାଣ୍ଡି ପକ୍ଷରୁ ଧାର୍ଯ୍ୟ ୧୭୮ ରନ୍‌ର ବିଜୟଲକ୍ଷ୍ୟକୁ ବଲାଙ୍ଗୀର ୫ ଉଇକେଟରେ ହାସଲ କରିନେଇଥିଲା। ରେଲୱେ ଷ୍ଟାଡିୟମରେ ରାୟଗଡ଼ା ୨ ରନ୍‌ରେ ସୋନପୁରକୁ ହରାଇ ଦେଇଛି। ରାୟଗଡ଼ା ୨୦୯ ରନ୍‌ରେ ଅଲଆଉଟ୍ ହୋଇଥିବା ବେଳେ ସୋନପୁର ସମସ୍ତ ଉଇକେଟ ହରାଇ ୨୦୭ ରନ୍‌ରେ ସୀମିତ ରହିଥିଲା। ସିଭି ରମଣ ଷ୍ଟାଡିୟମରେ ଲାଲୁ ମହାନ୍ତି (୬/୨୦)ଙ୍କ ଘାତକ ବୋଲିଂ ଯୋଗୁ ଦେଓଗଡ଼ ୧୩୧ ରନ୍‌ରେ ଅଲଆଉଟ୍ ହୋଇଥିଲା। ପରେ ୧୩୨ ରନ୍‌ର ଟାର୍ଗେଟକୁ ବିନୟ କେ ପାଇକରାୟ(୫୯*)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ପୁରୀ ୨୩ ଓଭରରେ ୨ ଉଇକେଟ ହରାଇ ହାସଲ କରିନେଇଥିଲା।

# ସେନେଗାଲ ଦଣ୍ଡିତ

**ଜୁରିକ୍, ୨।୫(ଏପି):** ବିଶ୍ୱକପ୍‌ର ଏକ ପ୍ଲେ ଅଫ୍ ମ୍ୟାଚ୍‌ରେ ପେନାଲ୍ଟି ଶୁଟ୍‌ଆଉଟ୍ ବେଳେ ଇଜିପ୍ଟ ଷ୍ଟାର ମହମ୍ମଦ ସାଲାଙ୍କ ଉପରେ ଲେଜର ଲାଇଟ୍ ପକାଇବା ସହ ପ୍ରଶଂସକଙ୍କ ବିଶୃଙ୍ଖଳା ଯୋଗୁ ସେନେଗାଲ ସକର ଫେଡେରେଶନକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଛି ଫିଫା। ଦଣ୍ଡ ବାବଦକୁ ୧.୭୫ ଲକ୍ଷ ସୁଇସ୍ ଫ୍ରାଙ୍କ୍ (ଭାରତୀୟ ମୁଦ୍ରାରେ ୧.୩୭ କୋଟିରୁ ଊର୍ଦ୍ଧ୍ୱ) ପୈଠ କରିବାକୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ନିର୍ଦ୍ଦେଶ ଦେଇଛି। ଗତ ମାର୍ଚ୍ଚରେ ଡାକାରଠାରେ ସେନେଗାଲ ଓ ଇଜିପ୍ଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଶୁଟ୍‌ଆଉଟ୍ ବେଳେ ସାଲା ପେନାଲ୍ଟି ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କ ମୁହଁରେ ସବୁଜ ରଙ୍ଗର ଲାଇଟ୍ ପଡ଼ିଥିଲା। ଯାହାଫଳରେ ସେ ବଲ୍‌କୁ ଗୋଲ ପୋଷ୍ଟ ଉପରକୁ ମାରି ଦେଇଥିଲେ। ମ୍ୟାଚ୍‌ରେ ସାଲାଙ୍କ ଲିଭରପୁଲ ସାଥୀ ଖେଳାଳି ସାଡିଓ ମାନେ ନିର୍ଣ୍ଣାୟକ ସ୍ପଟ୍ କିକ୍‌କୁ ସ୍କୋର କରିବାରୁ ସେନେଗାଲ ମ୍ୟାଚ୍ ଜିତିଥିଲା। ମ୍ୟାଚ୍ ବେଳେ ଆପତ୍ତିଜନକ ବ୍ୟାନର ଧରି ଗ୍ରାଉଣ୍ଡ ମଧ୍ୟକୁ ସେନେଗାଲ ପ୍ରଶଂସକ ଧସେଇ ପଶିବା ଘଟଣାର ମଧ୍ୟ ତଦନ୍ତ ଚାଲିଛି।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୃଷ୍ଣମୋହନ ମହାନ୍ତି**
ଡାଉରଙ୍ଗ ସାହି, ସାକ୍ଷୀଗୋପାଳ, ପୁରୀ
ଆଜି ଆପଣଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଆପଣଙ୍କ ଆତ୍ମା ଶାନ୍ତିରେ ରହୁ।
-:ଶୋକସନ୍ତପ୍ତ:-
ପତ୍ନୀ- ପଙ୍କୁ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ।
ଧ-୭୩୩୧୪

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଚାରୁ ଚନ୍ଦ୍ର ପରିଡ଼ା**
ଶ୍ରୀକଣ୍ଠପୁର, ବାଲେଶ୍ୱର
ଆବିର୍ଭାବ- ୨୩।୦୧।୧୯୪୦
ତିରୋଧାନ- ୨୩।୦୪।୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ୍ଭମାନଙ୍କ ହୃଦୟରେ ଚିରଦିନ ପାଇଁ ପ୍ରେରଣାର ଉତ୍ସ ଓ ସ୍ମୃତିହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ-** ସହଧର୍ମିଣୀ: ମଞ୍ଜୁଲତା, ପୁତ୍ର: ମୃଣ୍ମୟ, ଚିନ୍ମୟ, ତନ୍ମୟ, ପୁତ୍ରବଧୂ: ଅଦିତି, ଅନୁପମା, ସୁସ୍ମିତା, ନାତି/ନାତୁଣୀ: ଟୁଇଙ୍କିଲ୍, ଗୋଲ୍‌ଡି, ସିମରନ୍ ଏବଂ ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୧୮

### ଶ୍ରାଦ୍ଧବାର୍ଷିକୀ



**୰ ନିରୋଜିନି ସାମନ୍ତରାୟ**
ତିରୋଧାନ: ୧୪.୦୫.୨୦୨୧
(ଅକ୍ଷୟ ତୃତୀୟା)
ଗୋଟିଏ ବର୍ଷ ବିତିଗଲା, ପ୍ରାସଙ୍ଗିକ ଘଟଣା କ୍ରମେ ଏମିତି ଦିନ ନାହିଁ ତୁମ ସ୍ମୃତି ମନକୁ ଛୁଇଁ ନାହିଁ, ଶୂନ୍ୟତାର ଅଭାବ ହୋଇ ନାହିଁ। ତୁମର ଅନାବିଳ ସ୍ନେହ ସବୁବେଳେ ମନେ ପଡ଼େ। ପରପୁରରେ ଥାଇ ତୁମର ଆଶୀର୍ବାଦ ସଦା ତୁମ ଗଢ଼ା ପରିବାରର ସମସ୍ତଙ୍କ ଜୀବନର ଚଲାପଥରେ ପାଥେୟ ହେଉ। ତୁମ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଭଗବତ୍ ଗାଦିଗୋସାଇଁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାରବର୍ଗ, କରଞ୍ଜିଆ
ଧ-୭୦୭୯୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧ୍ରୁବ ଚରଣ ଶତପଥୀ**
ଆବିର୍ଭାବ: ୦୫।୦୧।୧୯୩୭
ତିରୋଧାନ: ୧୩।୦୫।୨୦୧୩
(ଅକ୍ଷୟ ତୃତୀୟା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ, ନାତି- କାହ୍ନା ଓ ମୁନା।
ଧ-୩୧୦



ସୌନ୍ଦର୍ଯ୍ୟ

# ସନ୍‌ଟ୍ୟାନ୍‌ରୁ ମୁକ୍ତି

**ଖରାଦିନେ ସନ୍‌ବର୍ନ ଓ ସନ୍‌ଟ୍ୟାନ୍ ସମସ୍ୟା ଅଧିକାଂଶଙ୍କଠାରେ ଦେଖାଯାଏ। ଖରାରେ ଟିକେ ବୁଲିଗଲେ ସ୍କିନ୍ କଲର ଡାର୍କ ହେବା ସହ ଝାଳ ବାହାରି ପିମ୍ପଲ ସମସ୍ୟା ମଧ୍ୟ ଦେଖାଯାଏ। ଏଥିପାଇଁ ଖରାଦିନେ ତ୍ୱଚାର ବିଶେଷ ଯତ୍ନ ନେବା ଆବଶ୍ୟକ...**

- ଡାଳିମ୍ବ ଚୋପାକୁ ଖରାରେ ଶୁଖାଇବା ପରେ ଏହାକୁ ଗୁଣ୍ଡକରି ସାଇତି ରଖନ୍ତୁ। ଘରୁ ବାହାରିବା ପୂର୍ବରୁ ଏହି ପାଉଡରକୁ ଆପଣ ବ୍ୟବହାର କରୁଥିବା ସନ୍‌କ୍ରିମ୍ କିମ୍ବା ଲୋଶନ ସହ ମିଶାଇ ଲଗାନ୍ତୁ।
- କେମିକାଲଯୁକ୍ତ କ୍ରିମ୍‌ଠାରୁ ଦୂରେଇ ରୁହନ୍ତୁ। ଘରୁ ବାହାରିବା ପୂର୍ବରୁ କିମ୍ବା ଫେରିବା ପରେ ଖଣ୍ଡେ ବରଫକୁ ମୁହଁରେ ମାଲିସ କରନ୍ତୁ।
- ଖରାକୁ ବାହାରିବା ପୂର୍ବରୁ ଭଲ ବ୍ରାଣ୍ଡର ସନ୍‌କ୍ରିମ୍ ଲୋସନ ଲଗାନ୍ତୁ। ଡାକ୍ତରଙ୍କ ପରାମର୍ଶ ନେଇ ଲଗାଇଲେ ଭଲ। ଘରକୁ ଫେରିବା ପରେ ମୁହଁକୁ ଥଣ୍ଡାପାଣିରେ ଧୋଇନିଅନ୍ତୁ।
- ଆଳୁକୁ କାଟି ଜୁସ୍ ପ୍ରସ୍ତୁତ କରନ୍ତୁ । ସେଥିରେ ଲେମ୍ବୁ ଜୁସ୍ ମିଶାନ୍ତୁ। ଅଧଘଣ୍ଟା ପାଇଁ ମୁହଁରେ ଲଗାଇ ଧୋଇନିଅନ୍ତୁ।
- ଗୋଲାପ ଜଳ କିମ୍ବା ଆଲୋଭେରା ଜେଲ୍ ଲଗାଇଲେ ସନ୍‌ଟ୍ୟାନ୍ ହେବାରୁ ମୁକ୍ତି ମିଳିଥାଏ।
- ରାତିରେ ତ୍ୱଚାରେ ହଳଦୀ ଓ ଚନ୍ଦନ ଲଗାଇ ଶୁଅନ୍ତୁ ଏବଂ ସକାଳୁ ପାଣିରେ ଧୋଇଦିଅନ୍ତୁ। ତ୍ୱଚା ପରିଷ୍କାର ରହିବା ସହ ସନ୍‌ଟ୍ୟାନ୍ ହେବ ନାହିଁ।
- ମହୁ ସହ ଦହି ମିଶାଇ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ମଧ୍ୟ ଟ୍ୟାନିଂ ସମସ୍ୟା ଦୂର ହୋଇପାରିବ।



# ଗ୍ରୀଷ୍ମରେ ଫଙ୍ଗାଲ ଇନ୍‌ଫେକ୍ସନ



**ଖରାଦିନେ ଅଧିକ ଗରମ ଯୋଗୁ ଅନେକଙ୍କଠାରେ ଝାଳ ଲାଗି କୁଣ୍ଡେଇ ହେବା, ଲାଲ୍ ପଡିବା କିମ୍ବା ଫଙ୍ଗାଲ ଇନ୍‌ଫେକ୍ସନ ଭଳି ସମସ୍ୟା ଦେଖା ଦେଇଥାଏ। ହେଲେ ଅନେକ ମହିଳା ଲାଜରେ ଏହାକୁ ଲୁଚାଇଥାନ୍ତି, ଆଉ ଏହି ସାମାନ୍ୟ ଅବହେଳା ହିଁ କେବେ କେବେ ଜଟିଳ ସମସ୍ୟାର ରୂପ ନେଇଥାଏ। ତେଣୁ ଯଥା ସମୟରେ ଏହାର ଚିକିତ୍ସା କରାଇବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ହିଁ ଏଥିରୁ ମୁକ୍ତି ପାଇବାର ଏକମାତ୍ର ଉପାୟ...**

**ଡା. ସରୋଜିନୀ ଷଡ଼ଙ୍ଗୀ**

ଭାରତ ହେଉଛି ଏକ ଗ୍ରୀଷ୍ମପ୍ରଧାନ ଦେଶ । ତେଣୁ ଖରାଦିନେ ବିଶେଷକରି ଦିନବେଳା ପରିବେଶର ଉତ୍ତାପ ବଢ଼ିଯାଇ ବେଳେବେଳେ ୪୫-୪୬ ଡିଗ୍ରୀରେ ପହଞ୍ଚିଥାଏ । ଖରାର ପ୍ରାବଲ୍ୟ ହେତୁ ଅଧିକ ଝାଳ ବାହାରେ। ଏଭଳି ପରିସ୍ଥିତିରେ ବ୍ୟାକ୍ଟେରିଆ ଓ ଫଙ୍ଗାଲ ସଂକ୍ରମଣ ବେଶି ହୋଇଥାଏ । ବିଶେଷ ଭାବରେ ପାଠ ପଢ଼ିବା କିମ୍ବା ଜବ୍ ପାଇଁ ବାହାରକୁ ଯାଉଥିବା ଯୁବତୀ ଏବଂ ମହିଳା, ଏମିତିକି ଗୃହିଣୀମାନଙ୍କଠାରୁ ମଧ ପ୍ରଚୁର ଝାଳ ବୋହି ଥାଏ । ସେଥିପାଇଁ ପ୍ରସବ ଦ୍ୱାର ଓ ପରିସ୍ରା ନଳୀ (ୟୁରେଥ୍ରା) ଆଦି ଓଦା ବା ସନ୍ତସନ୍ତିଆ ରହିଥାଏ । ଓଦା ରହିଲେ ଏହି ସ୍ଥାନରେ ଜୀବାଣୁ ବେଶି ପରିମାଣରେ ବଢ଼ିଯାଏ। ଏହାଛଡ଼ା ଖରାଦିନେ ଝାଳ ବୋହିବା ସହ ପାଣି ପିଇବା କମିଯାଉଥିବାରୁ ଡିହାଇଡ୍ରେଶନ ହୋଇ ପରିସ୍ରା ହଳଦିଆ ହୁଏ ଏବଂ ଡେରିରେ ହୁଏ। ତେଣୁ ପରିସ୍ରାଥଳୀ ବା ୟୁରିନାରି ବ୍ଲାଡରରେ ବେଶି ସମୟ ପରିସ୍ରା ଜମିଗଲେ ଏହା ଏକତ୍ରୀଭୂତ (କନ୍‌ସେଣ୍ଟ୍ରେଟେଡ୍) ହୋଇଯାଏ ଏବଂ ତା'ପରେ ସଂକ୍ରମଣ ହୋଇଥାଏ । ଫଙ୍ଗାଲ ସଂକ୍ରମଣର ଅନ୍ୟ ନାମ ହେଉଛି କାଣ୍ଡିଡିଆସିସ୍।



**ଫଙ୍ଗାଲ ଇନ୍‌ଫେକ୍ସନର ଲକ୍ଷଣ–** ଏଥିରେ ଗାଢ଼ ଧଳା ବା ହଳଦିଆ ରଙ୍ଗର ସ୍ରାବ ହେବା ସହ ଦୁର୍ଗନ୍ଧ ହୋଇଥାଏ। ଭୀଷଣ କୁଣ୍ଡାଇ ହୋଇଥାଏ ଏବଂ ପ୍ରଦାହ ରୋଗ ହୋଇଥାଏ। ବେଳେବେଳେ ସଂକ୍ରମିତ ସ୍ଥାନ ଲାଲ ପଡ଼ିଯାଇ ଫୁଲିଯାଏ ଓ ଘା' ଭଳି ହୋଇଯାଏ





ଏବଂ ପୋଡ଼ିଥାଏ। ପ୍ରାୟ ୭୫ ପ୍ରତିଶତ ମହିଳା ଜୀବନରେ ଥରଟିଏ ପାଇଁ ହେଲେ ମଧ୍ୟ ଏ ସଂକ୍ରମଣ ଭୋଗିଥାନ୍ତି। ଏହି ସଂକ୍ରମଣ ବିଶେଷ ଭାବରେ ମଧୁମେହ ରୋଗୀ, ଗର୍ଭବତୀ ମହିଳା ତଥା ସ୍ତନ୍ୟପାନ କରାଉଥିବା ମହିଳା କିମ୍ବା ଅନ୍ୟାନ୍ୟ ରୋଗ ଭୋଗୁଥିବା ମହିଳାଙ୍କଠାରେ ବେଶି ମାତ୍ରାରେ ଦେଖାଦେଇଥାଏ । ଏହି ପ୍ରକାର ଫଙ୍ଗାଲ ସଂକ୍ରମଣ କେବେକେବେ ଖୁବ୍ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ଏଥିରେ ପରିସ୍ରା କରିବା ସମୟରେ ବହୁ କଷ୍ଟ ହୋଇଥାଏ।

**ଚିକିତ୍ସା–** ଚିକିତ୍ସାର ପ୍ରଥମ ପଦକ୍ଷେପ ହେଲା ପ୍ରତିଷେଧକ ବ୍ୟବସ୍ଥା ମାନ ଗ୍ରହଣ କରିବା। ମଧୁମେହ ରୋଗୀ ହୋଇଥିଲେ ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣ ରଖିବା ନିହାତି ଜରୁରୀ। ଯଦି ଅନ୍ୟ କୌଣସି ଭାଇରାଲ ସଂକ୍ରମଣ ଜ୍ୱର ବା ରୋଗ କାରଣରୁ ଦେହରୁ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

– ଏହାଛଡ଼ା ଖରାଦିନେ ବେଶି ଟାଇଟ ଓ ସିନ୍ଥେଟିକ ପୋଷାକ ନ ପିନ୍ଧି ଢିଲା ସୂତା ପୋଷାକ ପିନ୍ଧିବା ଦରକାର।

– ଶୌଚ କରିବାକୁ ଯିବା ପୂର୍ବରୁ ଓ ପରେ ପୋଷାକ ଓ ଅଙ୍ଗପ୍ରତ୍ୟଙ୍ଗ ଭଲ ଭାବରେ ପରିଷ୍କାର କରି ଶୁଖିଲା ଓ ସଫା ପୋଷାକ ପିନ୍ଧିବା ଭଲ । ବେଳେବେଳେ ସ୍ଥାନଟି ଅତି ଶୁଖିଲା ହୋଇ ମଧ୍ୟ କୁଣ୍ଡାଇ ହୋଇଥାଏ। ତେଣୁ ନଡ଼ିଆତେଲ ଲଗାଇଲେ ମଧ୍ୟ ଆରାମ ମିଳିଥାଏ।

– ଏଭଳି ଫଙ୍ଗସ୍ ସଂକ୍ରମଣ ଆରମ୍ଭ ହେଲେ ଅବହେଳା ନ କରି ତୁରନ୍ତ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ଦରକାର। ଥରେ ଫଙ୍ଗାଲ ସଂକ୍ରମଣ ହେଲେ ଏହା ଉପରେ ବ୍ୟାକ୍ଟେରିଆଲ ଇନ୍‌ଫେକ୍ଶନ ମଧ୍ୟ ହୋଇଯାଏ। ତେଣୁ ବ୍ଲଡ୍ ସୁଗାର, ପରିସ୍ରା ପରୀକ୍ଷା ତଥା ସଂକ୍ରମଣ ସ୍ଥାନରୁ ସ୍ୱାବ ଟେଷ୍ଟ କରାଇନେବା ଭଲ। ଆଣ୍ଟିବାୟୋଟିକ କଭରେଜ ସହ ଅଣ୍ଟିଫଙ୍ଗାଲ ଲୋସନ ବା ଶାମ୍ପୁରେ ଦିନକୁ ୨ଥର ଧୋଇ ଆଣ୍ଟିଫଙ୍ଗାଲ କ୍ରିମ୍ ଲଗାଇବା ଦରକାର। ଆବଶ୍ୟକ ସ୍ଥଳେ ଟାବ୍‌ଲେଟ ଖାଇବା ବି ଜରୁରୀ। ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଯାଏଁ ଆଣ୍ଟିଫଙ୍ଗାଲ ଜେଲ୍ ମଧ୍ୟ ବ୍ୟବହାର କରିପାରିବେ । ଯେହେତୁ ଏହି ରୋଗ ବାରମ୍ବାର ମଧ ହୋଇପାରେ, ତେଣୁ ଏପରି ନ ହେବା ଲାଗି ପରିଷ୍କାର ରହିବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଦରକାର।

*– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ-୧୨*
*ମୋ-୯୪୩୭୦୫୫୦୦୭*

ଇଏ ବି ଜଣେ ନାରୀ

# ଦିବ୍ୟାଙ୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ଦୀପ୍ତି

ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସମ୍ବଲପୁର ଜିଲା ଧନକଉଡ଼ା ଗ୍ରାମର ମାତା ଜ୍ୟୋତ୍ସ୍ନାମୟୀ ଏବଂ ପିତା ବିପିନ ବିହାରୀ ଦାଶଙ୍କ କନିଷ୍ଠ କନ୍ୟା ଦୀପ୍ତି ଦାଶ। ତୁଳସୀ ଦୁଇପତ୍ରରୁ ବାସିଲା ପରି ଛୋଟ ବେଳୁ ନାଚଗୀତ, ଖେଳକୁଦ ସବୁଠି ସେ ଥିଲେ ଆଗରେ। ହେଲେ ଖେଳକୁଦ ବୟସରେ ଅର୍ଥାତ୍ ମାତ୍ର ୧୦ ବର୍ଷ ବୟସରେ ହଠାତ୍ ତାଙ୍କ ଜୀବନରେ କଳାବାଦଲ ମାଡ଼ି ଆସିଲା। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲେ। ଘର ଅଗଣା, ଦାଣ୍ଡ ଦୁଆରେ ପିଲାଙ୍କ ମେଳରେ ଖେଳବୁଲ କରୁଥିବା ଝିଅଟି ହଠାତ୍ ଶଯ୍ୟାଶାୟୀ ହୋଇଗଲେ। ପାଠପଢ଼ା ବନ୍ଦ ହୋଇଗଲା। ଏହା ଦେଖି ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ହେଲେ ଦୀପ୍ତିଙ୍କ ମନୋବଳ ଦୃଢ଼ ଥିଲା। ଯଦିଓ ସେ ସ୍କୁଲ ଯିବାକୁ ଅସମର୍ଥ ହୋଇପଡ଼ିଥିଲେ ହେଲେ ପାଠପଢ଼ା ପ୍ରତି ଆଗ୍ରହ ଯୋଗୁ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସିଥିଲା। ପରିବାର ଲୋକଙ୍କ ସହଯୋଗରେ ସେ ଘରେ ପାଠପଢ଼ି ମାଟ୍ରିକ ପାସ୍ କଲେ। ପରେ ସେ ସୋସିଆଲ ୱାର୍କ ଏବଂ ଆପ୍ଲାଏଡ୍ ସାଇକୋଲୋଜି ଉଭୟରେ ମାଷ୍ଟର ଡିଗ୍ରୀ ହାସଲ କଲେ।



ପିଲାବେଳୁ ଅନ୍ୟ ପିଲାଙ୍କ ଭଳି ତାଙ୍କର ମଧ ଜଣେ ଭଲ ନୃତ୍ୟଶିଳ୍ପୀ ଏବଂ ଖେଳାଳି ହେବା ଇଚ୍ଛା ଥିଲା। ତେବେ ଭାଗ୍ୟର ବିଡ଼ମ୍ବନା କାରଣରୁ ସେ ସେଥିରୁ ବଞ୍ଚିତ ହେଲେ ସତ, କିନ୍ତୁ ଜଣେ ସଚଳ ବ୍ୟକ୍ତିଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ତାଙ୍କ ଭଳି କୌଣସି ଦିବ୍ୟାଙ୍ଗ ଯେପରି ଅସୁବିଧାର ସମ୍ମୁଖୀନ ନ ହେଉ, ସେଥିଲାଗି ସେ ଅନେକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହି ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ରାଜ୍ୟ ତଥା ଜାତୀୟ ସ୍ତରରେ ବହୁ ସୁନାମ ଅର୍ଜନ କରିବା ସହ ପ୍ରତିଭା ସମ୍ମାନର ଅଧିକାରିଣୀ ମଧ ହୋଇପାରିଛନ୍ତି। ଜଣେ ରିହାବିଲିଟେଶନ କନ୍‌ସଲଟାଣ୍ଟ ଭାବେ ଭିନ୍ନକ୍ଷମ, ମହିଳା ଓ ଶିଶୁ ମାନଙ୍କ ନିମନ୍ତେ କାମକରି ଦିବ୍ୟାଙ୍ଗଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଛନ୍ତି। ବର୍ତ୍ତମାନ ସେ ପୁରୀରେ ରହି ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

**– ପ୍ରଭାତ ପାଣିଗ୍ରାହୀ**

ଖାଦ୍ୟରୁଚି

# ବାଲୁସାହି



**ଆବଶ୍ୟକ ସାମଗ୍ରୀ:–** ଦୁଇ କପ୍ ମଇଦା, ଅଧା କପ୍ ଘିଅ, ଚିନି, କାଜୁ, ବେକିଂ ସୋଡ଼ା, ପିସ୍ତା ବାଦାମ, ଅଧା କପ୍ ଦହି, ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:–** ପ୍ରଥମେ ଏକ ପାତ୍ରରେ ଆବଶ୍ୟକ ଅନୁସାରେ ମଇଦା ନେଇ ସେଥିରେ ଗୋଟିଏ ଚିମୁଟା ବେକିଂ ସୋଡ଼ା ଓ ଘିଅ ମିଶାଇ ଭଲଭାବରେ ଗୋଳାନ୍ତୁ। ସେଥିରେ ଦହି ମିଶାଇ ଭଲଭାବରେ ହାତରେ ଚକଟନ୍ତୁ। ଚକଟି ସାରିବା ପରେ ଏହାକୁ ଘୋଡ଼ାଇ ୧୫ରୁ ୨୦ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଏହାକୁ ଗୋଲ ଗୋଲ ଗୁଳା କରନ୍ତୁ। ଗୁଳା ମଝିରେ କଣା ରଖିବେ। ଗ୍ୟାସ୍‌ରେ କଡ଼େଇ ବସାଇ ଘିଅ ପକାନ୍ତୁ। ଘିଅ ଗରମ ହେବା ପରେ ସେଥିରେ ଗୁଳାଗୁଡ଼ିକୁ ପକାନ୍ତୁ। ସେଗୁଡ଼ିକ ଆଂଶିକ ଲାଲ୍ ହେବା ପରେ ଛାଣି ଦିଅନ୍ତୁ। ପରେ ଚିନି ଶିରା ପ୍ରସ୍ତୁତ କରନ୍ତୁ। ସେଥିରେ ଗୋଟିଏ ବଡ଼ ଚାମଚ ଗୁଜୁରାତି ଗୁଣ୍ଡ ମିଶାନ୍ତୁ। ଶିରା ଥଣ୍ଡା ହେବା ପରେ ଗୁଳାକୁ ସେଥିରେ ପକାନ୍ତୁ। ଗୁଳାକୁ କିଛି ସମୟ ପାଇଁ ଶିରାରେ ରଖିବା ପରେ ସେଥିରୁ ବାହାରକରି ଗୋଟିଏ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏଥିରେ କିଛି କାଜୁ, କେଶର ଓ ପିସ୍ତାବାଦାମ ପକାଇ ପରଷି ଦିଅନ୍ତୁ।



# ଆର୍ଟିଫିସିଆଲ୍ ଜୁଏଲେରୀ କେୟାର୍

**ବର୍ତ୍ତମାନ ଭଳିକି ଭଳି ଆର୍ଟିଫିସିଆଲ୍ ଜୁଏଲେରୀ ଟ୍ରେଣ୍ଡରେ ରହିଛି। କମ୍ ଖର୍ଚ୍ଚରେ ଏକାଧିକ ଜୁଏଲେରୀ କିଣି ହେଉଥିବାରୁ ଏହାକୁ ସମସ୍ତେ ପସନ୍ଦ କରୁଛନ୍ତି। ହେଲେ ସାମାନ୍ୟ ଅବହେଳାରେ ଏସବୁ ଶୀଘ୍ର ଖରାପ ହୋଇଯିବାର ଆଶଙ୍କା ରହିଛି। ତେଣୁ ଏଭଳି ଜୁଏଲେରୀର କିପରି ଯତ୍ନ ନେବେ ଜାଣି ରଖନ୍ତୁ ଟିପ୍ସ...**

- ଏଭଳି ଜୁଏଲେରୀ ୱାଟରପ୍ରୁଫ୍ ନୁହେଁ, ତା'ଛଡା ପାଣି ସଂସ୍ପର୍ଶରେ ଆସିଲେ ଜଙ୍କ ହେବା କିମ୍ବା ରଙ୍ଗ ଛାଡିଯିବାର ଆଶଙ୍କା ରହିଛି। ତେଣୁ ଏହାକୁ ବ୍ୟବହାର କଲାପରେ ଝାଳ ଲାଗିଥିବଲେ ଭଲ ଭାବେ ପୋଛି ଜିପ୍ ଲକ୍ ପ୍ଲାଷ୍ଟିକ୍ ପାଉଚ୍‌ରେ ଏହାକୁ ରଖନ୍ତୁ।
- ଏଭଳି ଜୁଏଲେରୀ ପରଫ୍ୟୁମ ସଂସ୍ପର୍ଶରେ ଆସି ଖରାପ ହୋଇଯାଏ। ତେଣୁ ଫରଫ୍ୟୁମ୍ ଠାରୁ ଯଥା ସମ୍ଭବ ଏହାକୁ ଦୂରେଇ ରଖନ୍ତୁ।
- ଏଭଳି ଜୁଏଲେରୀକୁ ସଫା କରିବା ଲାଗି ଟୁଥ୍ ପାଉଡର ବ୍ୟବହାର କରନ୍ତୁ। ଏହାକୁ ଲଗାଇ ଧିରେ ଧିରେ ବ୍ରଶ୍ ସାହାଯ୍ୟରେ ଘଷି ସଫା ନରମ କପଡାରେ ପୋଛି ଦିଅନ୍ତୁ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


Symphony®
Refreshing Lives
ଗୋଟିଏ ର ଖର୍ଚ୍ଚରେ
ପୁରା ଦିନର କୁଲିଂ*
କୁଲିଂ @
₹10 / ଦିନ*
ଗରମକୁ କରନ୍ତୁ ସିମ୍ଫୋନି!
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
EMI FINANCE
ସହଜିଆ ଫାଇନାନ୍ସ ବିକଳ୍ପ ଉପଲବ୍ଧ
ବଛା ବଛା ମଡେଲରେ ବଛା ବଛା ସହରରେ
*ସର୍ତ୍ତ ଓ ବ୍ୟବସ୍ଥାବଳୀ ଲାଗୁ ହେବା। ବିଭିନ୍ନ ସହରରେ ବିଭିନ୍ନ ଏୟାର କୁଲର ଭିନ୍ନ ଭିନ୍ନ ମଡେଲ ପାଇଁ ଦେୟ ଭିନ୍ନ ହୋଇପାରେ। ସବିଶେଷ ପାଇଁ ପରିଦର୍ଶନ କରନ୍ତୁ symphonylimited.com/t-c / ସର୍ତ୍ତ ଓ ବ୍ୟବସ୍ଥାବଳୀ ଲାଗୁ ହେବ
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
BHARAT ELECTRONICS & HOME APPLIANCES
BHARAT ELECTRONICS
For more details, contact : SAMBALPUR : 9337610435, 9016201893, 91243 20050 ROURKELA : 9337112118

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ମେ ୩/୨୦୨୨ (୧୨+୮=୨୦ ପୃଷ୍ଠା) Sambalpur, Tuesday, May 3/2022



DSPL - 18

ଓଡ଼ିଶା ସରକାର



## ଅକ୍ଷୟ ତୃତୀୟା

୩ ମଇ ୨୦୨୨

ପବିତ୍ର ଅକ୍ଷୟ ତୃତୀୟାରେ ଭଲ ଫସଲ ଅମଳ ଆଶାରେ ଅକ୍ଷିମୁଠି ଅନୁକୂଳ କରି ଚାଷକାମ ଆରମ୍ଭ କରୁଥିବା ଆମ ଚାଷୀଭାଇଙ୍କ ପାଇଁ ଏ ଶୁଭ ଅବସରରେ ଅନେକ ପ୍ରଗତିଶୀଳ କୃଷିହିତୈଷୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ

**ଶ୍ରୀ ନବୀନ ପଟ୍ଟନାୟକ**



### କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

୪୦ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ୮୦୪ କୋଟି ଟଙ୍କାର କୃଷି ସହାୟତା

### କୃଷକ ଓଡ଼ିଶା
ପ୍ରଯୁକ୍ତି ପ୍ରୟୋଗରେ କୃଷି ପଦ୍ଧତିର ରୂପାନ୍ତରଣ

### ଓଡ଼ିଶା ପଣସ ମିଶନ
୯ଟି ଜିଲ୍ଲାର ପଣସ ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ପ୍ରୋତ୍ସାହନ

### ଓଡ଼ିଶା ମିଲେଟ ମିଶନ
୧୯ ଟି ଜିଲ୍ଲାର ୧୮୨ ଟି ବ୍ଲକର ଚାଷୀଙ୍କ ପାଇଁ ୨୮୦୮ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା

### GO SUGAM
Government of Odisha - Single Window Unified Gateway for Agrarian Management

### ଗୋ-ସୁଗମ
ଚାଷୀ ଏବଂ କୃଷି ଉଦ୍ୟୋଗୀଙ୍କ ପାଇଁ ସାରା ଭାରତରେ ପ୍ରଥମ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ୍

### ରିୱାର୍ଡ
ଚାଷ ଜମିର ଉତ୍ପାଦକତା ବୃଦ୍ଧି ଏବଂ ସହଣୀୟ କୃଷି ପାଇଁ ବୈଜ୍ଞାନିକ ପ୍ରଣାଳୀରେ ଜଳ ବିଭାଜିକା କାର୍ଯ୍ୟକ୍ରମ ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା

### ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସତନ୍ତ୍ର କାର୍ଯ୍ୟକ୍ରମ
୮ଟି ଜିଲ୍ଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବରାଦ

### ଅନ୍ତର୍ଜାତୀୟ ଖାଦ୍ୟନୀତି ଗବେଷଣା ପରିଷଦ ସହ ବୁଝାମଣା ପତ୍ର
କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପୂର୍ବ-ପ୍ରମାଣିତ ନୀତି ନିର୍ଦ୍ଧାରଣ

### କୃଷକ ଉତ୍ପାଦକ ସଂଗଠନ ନିମନ୍ତେ ମାର୍ଗଦର୍ଶିକା
ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଏବଂ ବିପଣନ ନିମନ୍ତେ କୃଷକଙ୍କ ସଶକ୍ତିକରଣ

OIPR-01034/13/0004/2223

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ

**ତାଲୁକ ଆଇନ ସେବା ସମିତି ପାଳିଲା ଶ୍ରମିକ ଦିବସ**

ଟିଟିଲାଗଡ଼: ତାଲୁକ ଆଇନ ସେବା ସମିତି ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ପୌର ପରିଷଦ ସଭାଗୃହରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ୍ ରାଜକିଶୋର ମହାପାତ୍ର, ସବଜଜ୍ ରାଧାକାନ୍ତ ମହାନ୍ତି, ସମିତି ରିଟେନର ପ୍ରଣ୍ଟ ଅଫିସ ସୁରେନ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରମିକ ଓ ସେମାନଙ୍କ ପରିବାରର ସ୍ୱାର୍ଥରକ୍ଷା ନେଇ ଆଇନରେ ଥିବା ପ୍ରାବଧାନ ସମ୍ପର୍କରେ ସଚେତନ କରିଥିଲେ। ଯଶୋବନ୍ତ ଛତ୍ରିଆ ସଭା ପରିଚାଳନା କରିଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଇଚଗାଁ ଦ୍ୱାରସେନୀ ପଡିଆରେ ମା ଦ୍ୱାରସେନୀ ଶ୍ରମିକ ସମ୍ମିଳନୀ ପକ୍ଷରୁ ବନବିହାରୀ ନାଗଙ୍କ ନେତୃତ୍ୱରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଦେଓଗାଁ,୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ବନ୍ଧପଡା ହାଇସ୍କୁଲର ସଂସ୍କୃତ ଶିକ୍ଷକ ଯୁଗେଶ୍ୱର ନାଏକଙ୍କୁ ପୁରାତନ ଛାତ୍ରମାନଙ୍କପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଜିତେନ୍ଦ୍ରିୟ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଲୁମିନି ସଭାପତି ଅଚ୍ୟୁତାନନ୍ଦ ମିଶ୍ର, ଡମନ ପୋଢ଼, ସାନ୍ତନୁ ସିଂ, ଗୋପାଳ ଚୌଧୁରୀ, ସୁଶାନ୍ତ ବରାଡ, ବିନୋଦ ପଧାନ ପ୍ରମୁଖ ବକ୍ତବ୍ୟ ରଖି ଶିକ୍ଷକ ନାୟକଙ୍କ ଶିକ୍ଷକତା ସମୟର ଅନୁଭୂତି ଉପରେ ଆଲୋକପାତ କରିଥିଲେ।

### ଜରାସିଂହା ପଞ୍ଚାୟତ ଉନ୍ନୟନ କମିଟି ଗଠନ

**ଦେଓଗାଁ,୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମଠାରେ ପଞ୍ଚାୟତ ଉନ୍ନୟନ କମିଟି ଗଠନ କରାଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଉନ୍ନୟନ କମିଟି ସଭାପତିଭାବେ ପୁରୁଷୋତ୍ତମ ଥନାପତି, ସମ୍ପାଦକ ଲକ୍ଷ୍ମୀ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ଜରାସିଂହା, ବରକାନୀ, ଚନ୍ଦ୍ରପୁର ଓ ଜମାଦାରପାଲିରୁ ୪୫ଜଣ ସଦସ୍ୟଙ୍କୁ ନେଇ ଉନ୍ନୟନ କମିଟି ଗଠନ କରାଯାଇଥିଲା। କମିଟି ଆଗାମୀ ଦିନରେ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ ଓ ଗଠନମୂଳକ କାର୍ଯ୍ୟ ଉପରେ ପଦକ୍ଷେପ ନେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଶ୍ରାଦ୍ଧ ବାର୍ଷିକୀରେ ଡ. ଅଜାମ୍ବର ମଲ୍ଲଙ୍କ ସ୍ମୃତିଚାରଣ

**ଟିଟିଲାଗଡ଼, ୨।୫(ଡି.ଏନ.ଏ)**

ସାହିତ୍ୟ ଜଗତରେ ଏକ ଅମ୍ଳାନ ପ୍ରତିଭା ପ୍ରଫେସର ଡ. ଅଜାମ୍ବର ମଲ୍ଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ମହାବୀର ଧର୍ମଶାଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇ ଅଜାମ୍ବରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ଜଣେ ବାଗ୍ମି, ସମାଲୋଚକ, ପ୍ରାବନ୍ଧିକ, ସୁବକ୍ତା, ଦରଦୀ ମଣିଷଭାବେ ତାଙ୍କୁ ବକ୍ତାମାନେ ଅଭିହିତ କରିଥିଲେ। ୨ଟି ଅନ୍ତର୍ଜାତୀୟ ସମ୍ମାନ, ଓଡିଶା ସାହିତ୍ୟ ଏକାଡେମୀ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନ, ପୁରସ୍କାର ଲାଭ ତାଙ୍କ ବିଜ୍ଞତାର ପରିଚୟ ଦେଇଥାଏ ବୋଲି କହିଥିଲେ। ଡ. ଶିବପ୍ରସାଦ ବେହେରା, ଡ. ବିନୋଦ ବିହାରି ଜାଲ, ଡ. ଦୋଳଗୋବିନ୍ଦ ବିଶି, ଡ. ଗୋବର୍ଦ୍ଧନ ସାହୁ, ମେଜର ଡ. ମଧୁସୂଦନ ମିଶ୍ର, ଡା. ଘନଶ୍ୟାମ ଜୈନ ତାଙ୍କ ଆଦର୍ଶ ଆମ୍ଭ ପାଇଁ ସର୍ବଦା ପ୍ରେରଣାଦାୟୀ ହୋଇ ରହିବ ବୋଲି କହିଥିଲେ। ଶିକ୍ଷାବିତ ଜ୍ୟୋତିପ୍ରକାଶ ଗଡତ୍ୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ରାଜୀବ ଲୋଚନ ପାଢ଼ୀ, ଜଗନ୍ନାଥ ପଣ୍ଡା, ଭିକାରି ଚରଣ ମିଶ୍ର, ଗଜାନନ ମିଶ୍ର, ଡ. ଉମେଶ ଚନ୍ଦ୍ର ସାହୁ, ରାଜୁ ମିଶ୍ର, ଉମେଶ ଚନ୍ଦ୍ର ଦାଶ, ଟିକେଲାଲ ବେହେରା, ବ୍ରହ୍ମାନନ୍ଦ ପୁହାଣ, ପ୍ରଶାନ୍ତ ବେହେରା, ପୁର୍ଣ୍ଣିମା ବୈଠାରୁ, ଦିଲୀପ ପଶାୟତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଡ. ମଲ୍ଲଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା, ପୁଅ ଅମରେନ୍ଦ୍ର, ଅଂଶୁମାନ, ଅୟସକାନ୍ତ, ବୋହୁ ଆକ୍ଷରିକା, ଶିଳା, ତନୁଜା, ଝିଅ ଅଲକାନନ୍ଦା, ଅଳ୍ପନା, ଜ୍ୱାଇଁ ହୃଦାନନ୍ଦ ପୁହାଣ ଉପସ୍ଥିତ ଥିଲେ।

# ପାର୍ଚ୍ଚା ମିଳିଛି, ଜମି ଚିହ୍ନଟ ହୋଇନାହିଁ

- ୨୭ବର୍ଷ ତଳେ ମିଳିଥିଲା ୪ଡିସିମିଲର ପାର୍ଚ୍ଚା
- ଦଖଲ ପାଇ ନ ଥିଲେ ବି ହିତାଧିକାରୀଙ୍କଠାରୁ ଆଦାୟ ହେଉଛି ଖଜଣା
- ବିଭାଗୀୟ ଅଧିକାରୀଙ୍କ ସହ ଖର୍ଲିକାନୀରେ ପହଞ୍ଚିଲେ ବିଧାୟକ

**ବଲାଙ୍ଗୀର ଅଫିସ,୨।୫**


ବିଧାୟକ ନରସିଂହ ମିଶ୍ର ଖର୍ଲିକାନୀ ଗାଁରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ସହର ଉପକଣ୍ଠରେ ଥିବା ଖର୍ଲିକାନୀରେ ୧୯୯୫ମସିହାରେ ସରକାର ଗରିବ ଭୂମିହୀନ ଆଦିବାସୀ ଓ ହିତାଧିକାରୀଙ୍କୁ ୪ ଡିସିମିଲ ଲେଖାଏ ଜମିର ପାର୍ଚ୍ଚା ପ୍ରଦାନ କରିଥିଲେ। ପାର୍ଚ୍ଚା ପାଇବା ଇତିମଧ୍ୟରେ ୨୭ବର୍ଷ ବିତିଯାଇଥିଲେ ବି ହିତାଧିକାରୀଙ୍କୁ ପ୍ରଦତ୍ତ ୪ ଡିସମିଲ ଜମି ଚିହ୍ନ ଦିଆଯାଇନାହିଁ। ରାଜସ୍ୱ ପ୍ରଶାସନ ନିକଟରେ ଫେରାଦ ହେଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଓଲଟା ଯେଉଁ ସ୍ଥାନରେ ହିତାଧିକାରୀଙ୍କୁ ଜମି ଦିଆଯାଇଛି ବୋଲି କୁହାଗଲା ସେଠାରେ ସରକାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି। ପାର୍ଚ୍ଚା ପାଇଥିବା ଖର୍ଲିକାନୀର ୫୦ଆଦିବାସୀ ବିଧାୟକ ନରସିଂହ ମିଶ୍ରଙ୍କଠାରେ ଏନେଇ ଫେରାଦ ହୋଇଥିଲେ। ବିଧାୟକ ମିଶ୍ର ସ୍ଥାନୀୟ ତହସିଲଦାର ମଘବାନ ବାଗ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କ ସହ ରବିବାର ଖର୍ଲିକାନୀରେ ପହଞ୍ଚିଥିଲେ। ସେଠାରେ ଦେଖାଯାଇଥିଲା ଯେ, ସରକାର ଲୋକଙ୍କୁ ପାର୍ଚ୍ଚା ଦେଇଛନ୍ତି ଓ ବର୍ଷକୁ ବର୍ଷ ଜମି ବାବଦରେ ଖଜଣା ମଧ୍ୟ ନେଉଛନ୍ତି। କିନ୍ତୁ ତହସିଲ ଅଫିସରେ ଉକ୍ତ ଜମିର ନକଲ, ନକ୍ସା କିଛି ନଥିବା ଅଧିକାରୀମାନେ କହୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି କୌଣସି ରେକର୍ଡ ନ ଥାଇ ସରକାର କିପରି ଖଜଣା ଆଦାୟ କରୁଛନ୍ତି। ଘଟଣା ସମ୍ପର୍କରେ ଅବଗତ ହେବା ପରେ ବିଧାୟକ ମିଶ୍ର ତୁରନ୍ତ ପାର୍ଚ୍ଚା ପାଇଥିବା ଲୋକଙ୍କୁ ତାଙ୍କର ଜମି ଚିହ୍ନଟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଆହୁରି ପ୍ରାୟ ୫୦ଜଣ ଭୂମିହୀନ ଆଦିବାସୀଙ୍କୁ ତୁରନ୍ତ ଉକ୍ତ ସ୍ଥାନରେ ଘର ଯୋଗାଇ ଦେବା ପାଇଁ କହିଥିଲେ। ସେଠାରେ ପିଇବା ପାଣି ପାଇଁ ଏକ ଟ୍ୟୁବ୍‌ୱେଲ ସ୍ଥାପନ ପାଇଁ ଉପସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କୁ କହିଥିଲେ। ଏ ସମ୍ବନ୍ଧରେ ସମସ୍ତ ପାର୍ଚ୍ଚା ପାଇଥିବା ଜମି ମାଲିକଙ୍କୁ ଏକ ନୋଟିସ୍ ଜାରି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଯେହେତୁ ଉକ୍ତ ଅଞ୍ଚଳରେ ବୃଦ୍ଧାଶ୍ରମ ପାଇଁ ସରକାରଙ୍କ ତରଫରୁ ଜାଗା ଚିହ୍ନଟ କରାଯାଇଛି ତେଣୁ ବିଧାୟକ ମିଶ୍ର ଏ ନେଇ ଜିଲାପାଳ ଚଞ୍ଚଳ ରାଣା, ତହସିଲଦାର ବାଗ ଏବଂ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରି ଲୋକଙ୍କୁ ଜମି ଯୋଗାଇବା ବ୍ୟବସ୍ଥା କରିବେ ବୋଲି କହିଥିଲେ।

## ମରଣାନ୍ତକ ଆକ୍ରମଣ, ଯୁବକ ମୃତ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୨।୫ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଜଡାମୁଣ୍ଡା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଭିମସାରରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଡାମୁଣ୍ଡା ର ରୂପକ ହନୁମାନ (୨୬)। ଗତ ଶନିବାର ରାତି ପ୍ରାୟ ୯ଟାରେ ରୂପକଙ୍କ ମୋବାଇଲ ଫୋନ୍‌କୁ କଲ ଆସିଥିଲା। ଏହାପରେ ରୂପକଙ୍କ ଘରକୁ ତାଙ୍କ ସାଙ୍ଗ ସରୋଜ ବିଶି ଆସିଥିଲେ। ରୂପକ ଓ ସରୋଜ ଘରୁ ବାହରକୁ ଆସିବା ପରେ ଅତର୍କିତ ଭାବେ ଉଭୟଙ୍କୁ କେତେକ ଲୁହାରଡରେ ଆକ୍ରମଣ କରି ସେଠାରୁ ଖସି ପଳାଇ ଯାଇଥିଲେ। ଚିତ୍କାର ଶୁଣି ରୂପକଙ୍କ ବଡଭାଇ ଦୀପକ ହନୁମାନ ଓ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରୂପକ ଓ ସରୋଜଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୂପକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଲୋଇସିଂହା ପୋଲିସ ଦେବାନନ୍ଦ ତାଣ୍ଡିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଫେରାର ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଥିବା ଲୋଇସିଂହା ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ଏକଦିବସୀୟ ସର୍କଲ କ୍ରିକେଟ: ଉଡାର ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଦେଓଗାଁ,୨।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାରରେ ରବିବାର ରାତିରେ ଏକଦିବସୀୟ ସର୍କଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଣ୍ଡେଲ ଓ ଉଡାର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଡାର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆନନ୍ଦ ବିଶ୍ୱାଳ ଓ ରୁପେଶ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ଲୋଚନ ପ୍ରଦାନ, ବିଘ୍ନରାଜ ପଧାନ, ସଂକର୍ଷଣ ସାହୁ ଓ କିଶୋର ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ବ୍ରାହ୍ମଣୀଯୋର ଉନ୍ନିତ ଉଚ୍ଚବିଦ୍ୟାଳୟ ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ନୀଳକଣ୍ଠ ସେଠ, ଅଜୁ ପଧାନ, ବିଘ୍ନରାଜ ପଧାନ, ଦିଲୁ ସାହୁ, କବି ସାହୁ ଓ ଉଡାର କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ୧ ଘଣ୍ଟା ବିଳମ୍ବରେ ଆସିଲେ ଶିକ୍ଷକ

**କୋକସରା,୨।୫(ଡି.ଏନ.ଏ.)**


ଛାତ୍ରୀଛାତ୍ରମାନେ ସ୍କୁଲ ଗେଟ୍ ବାହାରେ ଅପେକ୍ଷା କରି ରହିଛନ୍ତି।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୫ ଦିନ ଛୁଟି ପରେ ସୋମବାରଠାରୁ ସକାଳୁଆ ସ୍କୁଲ ଖୋଲିଛି। ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବା ନେଇ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ କଳାହାଣ୍ଡି ଜିଲା କୋକସରା

**ଖରାରେ ସ୍କୁଲ ସାମ୍ନାରେ ଅପେକ୍ଷା କଲେ ଛାତ୍ରୀଛାତ୍ର**

ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ତୁନଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନଙ୍କ ଅବହେଳା ଓ ନିର୍ଦ୍ଧାରିତ ସମୟରେ ଆସି ନ ଥିବାରୁ ଖରାରେ ଛାତ୍ରୀଛାତ୍ରମାନେ ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସ୍କୁଲ ସାମ୍ନାରେ ଶିକ୍ଷକଙ୍କୁ ଅପେକ୍ଷା କରି ରହିଥିଲେ। ୭ଟାରେ ଜଣେ ଶିକ୍ଷକ ପହଞ୍ଚି ସ୍କୁଲ ଖୋଲିଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ଏଠାରେ ଶିକ୍ଷକମାନେ ଠିକ୍ ସମୟରେ ସ୍କୁଲ ଆସୁ ନ ଥିବା ପୂର୍ବରୁ ମଧ୍ୟ ଅଭିଯୋଗ ହୋଇଛି। ଦୀର୍ଘ ଏକ ଘଣ୍ଟାରୁ ଅଧିକ ସମୟ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରମାନେ ଅପେକ୍ଷା କରିବା ଘଟଣାକୁ ଅଭିଭାବକ ଓ ଗ୍ରାମବାସୀ ନିନ୍ଦା କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଶବରଙ୍କୁ ପଚାରିବାରୁ ଦୂରରୁ ଆସୁଥିବାରୁ ୫/୧୦ ମିନିଟ୍ ବିଳମ୍ବ ହୋଇଛି, ଏକ ଘଣ୍ଟା ବିଳମ୍ବ ହୋଇଥିବା କଥାକୁ ଅସ୍ୱୀକାର କରିଥିଲେ। ସିଆର୍‌ସିସି ପ୍ରଶାନ୍ତ ଶବରଙ୍କ ପ୍ରତିକ୍ରିୟା ନେବାରୁ ବର୍ତ୍ତମାନ ସ୍କୁଲ ଖୋଲା ହୋଇସାରିଛି। ହେଲେ ପୂର୍ବରୁ ମଧ୍ୟ ଏହି ବିଦ୍ୟାଳୟରେ କିଛି ଅଭିଯୋଗ ଆସିଛି, ଆମେ ସମୀକ୍ଷା ବୈଠକରେ ସେମାନଙ୍କୁ ତାଗିଦ ମଧ୍ୟ କରିଛୁ ବୋଲି କହିଛନ୍ତି। ସରଜମିନ ଦତନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୋକସରା ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ଦାସ କହିଛନ୍ତି।

**ମାଲପଡା ଉଚ୍ଚ ମାଧମିକ ବିଦ୍ୟାଳୟ**

## 'ଏସ୍‌ସି ପିଲାଙ୍କ ସିଟ୍ ସଂଖ୍ୟା ବୃଦ୍ଧି କର'

**ଲାଠୋର,୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ାଠାରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁସୂଚିତ ଜାତି ପିଲାଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହୋଇଛି। ସ୍ଥାନୀୟ ଡ଼ାଇଜ ଯୁବ ଅନୁଷ୍ଠାନର ଗଜମଣି ବାଗ ଏ ନେଇ ଟ୍ୱିଟ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ କମିଶନର ରଞ୍ଜନା ଚୋପ୍ରାଙ୍କୁ ଟ୍ୟାଗ କରି ସିଟ ବୃଦ୍ଧି ପାଇଁ ଦାବି କରିଛନ୍ତି। ୧୯୫୧ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ଶ୍ରେଣୀରେ ୬୦ପିଲା ରହିଛନ୍ତି। ସେଥିମଧ୍ୟରୁ ୫୦ସିଟ୍ ଅନୁସୂଚିତ ଜନଜାତିଙ୍କ ପାଇଁ ରହିଥିବା ବେଳେ ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୦ଟି ସିଟ୍ ରହିଛି। ସର୍ବମୋଟ ୩ଶହ ସିଟ୍ ମଧ୍ୟରୁ କେବଳ ୫୦ ସିଟ ଅନୁସୂଚିତ ଜାତି ପିଲାଙ୍କ ପାଇଁ ରହିଛି। ସିଟ ସଂଖ୍ୟା କମ୍ ରହିଥିବାରୁ ଏହି ସମ୍ପ୍ରଦାୟର ଅନେକ ଗରିବ ମେଧାବୀ ପିଲା ଏହି ସ୍କୁଲରେ ପାଠ ପଢିବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହେଉଛି। ଫଳରେ ପିଲାଙ୍କ ମଧ୍ୟରେ ଡ୍ରପଆଉଟ ହାର ବୃଦ୍ଧି ପାଇବାରେ ଲାଗିଛି। ଯଥାଶୀଘ୍ର ସରକାର ଏହି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

## ପୌରପରିଷଦ ଅଧକ୍ଷା, ଉପାଧକ୍ଷା, କାଉନସିଲର ସମ୍ବର୍ଦ୍ଧିତ

**ଟିଟିଲାଗଡ, ୨।୫(ଡି.ଏନ.ଏ.)**

ଟିଟିଲାଗଡ଼ ନାଗରିକ ମଞ୍ଚ ପକ୍ଷରୁ ନବନିର୍ବାଚିତ ଟିଟିଲାଗଡ଼ ପୌର ପରିଷଦ ଅଧକ୍ଷ, ଉପାଧକ୍ଷ ଓ କାଉନସିଲରମାନଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢ଼ୀ ସଭାରେ ଅଧକ୍ଷତା କରିଥିଲେ। ସହରର ପାନୀୟ ଜଳ, ବିଦ୍ୟୁତ୍, ଟ୍ରାଫିକ ସମସ୍ୟା, ବିଭିନ୍ନ ଅଧାପନ୍ତରିଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ପୌର ପରିଷଦ କାର୍ଯ୍ୟ କରିବ ବୋଲି ନାଗରିକ କମିଟି ଆଶାବାଦୀ ଥିବା କୁହାଯାଇଥିଲା। ପୌରାଧକ୍ଷା ମମତା ଜୈନ, ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ଚନ୍ଦ୍ରକାନ୍ତି ନାଗ, ଗୋପାଳକୃଷ୍ଣ ବେହେରା, ଭୁବନେଶ୍ୱର ପଟ୍ଟନାୟକ, ମନୋଜ ଜୈନ, ସୁଧୀର ଅଗ୍ରୱାଲ, ସୁନିତା ଦାଶ, ସରଜୁ ଥନାପତି, ସଞ୍ଜୀବ ଗୋୟଲ, ଯଶୋଦା ବର୍ଗତି, ମାନସ ସାହୁ, ସୁନିତା ନାଗ, ସୁନୀଲ ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଧକ୍ଷ ଏବଂ ଉପାଧକ୍ଷା ସହରର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ଅବସରରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ରୋଗୀ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଥିବା, ସହରର ପରିମଳ ବ୍ୟବସ୍ଥା ଠିକାଦାର ହାତରେ ସମର୍ପି ଦିଆଯାଇଥିବା ନେଇ ପରିଷଦ ସଭ୍ୟ ସୁନୀଲ ଆଚାର୍ଯ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ମନୋଜ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଲୋକଙ୍କ ଖାଦ୍ୟ ସୁରକ୍ଷା ହିଁ ପ୍ରାଥମିକତା'

**ବଲାଙ୍ଗୀର ଅଫିସ, ୨।୫**



ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ ବକ୍ତବ୍ୟ ଦେଉଛନ୍ତି।

ବଲାଙ୍ଗୀର ମାରୱାଡି ସେବା ସଦନଠାରେ ଭାରତୀୟ ଖାଦ୍ୟ ନିଗମ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ଯୋଜନା ଫଳରେ କୋଭିଡ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ମାଗଣା ଅନ୍ନ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବଣ୍ଟନ କରାଯାଉଥିବା ଚାଉଳ ଠିକ୍ ସମୟରେ ବଣ୍ଟନ ହେଉନଥିବା ସମ୍ପର୍କରେ ଏସଏଚ୍‌ଜି ମହିଳାମାନେ ଏମପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଭାରେ ଭାରତୀୟ ଖାଦ୍ୟ ନିଗମ ଟିଟିଲାଗଡ ମଣ୍ଡଳ ପ୍ରବନ୍ଧକ ବି. ଚନ୍ଦ୍ରମୋହନ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ଅଲ୍ଲି ରାଜା ବକ୍ତବ୍ୟ ରଖିଥିଲେ।

## ଟ୍ରେନ୍‌ରେ କଟି ଭାଲୁ ମୃତ

**ନୂଆପଡ଼ା ଅଫିସ,୨।୫**

ନୂଆପଡା ରେଳଷ୍ଟେଶନରୁ ଖରିଆର ରୋଡ ହଂସପୁରି ଗାଁ ନିକଟରେ ଟ୍ରେନ୍‌ରେ କଟି ଏକ ଭାଲୁର ମୃତ୍ୟୁ ଘଟିଛି। ସୋମବାର ସକାଳେ ହଂସପୁରି ଗାଁର କେତେଜଣ ଲୋକ ସେହି ରାସ୍ତାଦେଇ ଯାଉଥିବା ବେଳେ ନୂଆପଡା-ଖରିଆର ରୋଡ ରେଳଧାରଣା ହଂସପୁରିଠାରେ ଏକ ଭାଲୁର ମୃତଦେହ ପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଶରୀର ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ଭାଲୁର ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ଭାଲୁ ଖାଦ୍ୟ ଅନ୍ୱେଷଣରେ ଆସି ଭୋରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥାଇ ପାରେ ବୋଲି ବନପାଳ ପ୍ରମାନନ୍ଦ ତାଣ୍ଡି ସୂଚନା ଦେଇଛନ୍ତି।

## କୋଶଳ ମୁକ୍ତିମୋର୍ଚ୍ଚାର ରାଜ୍ୟସ୍ତରୀୟ ସମାବେଶ

**ଖପ୍ରାଖୋଲ, ୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଂଘରିଆ ପାଟଣେଶ୍ୱରୀ କଲେଜ ନିକଟସ୍ଥ ପାଞ୍ଚ ଛକଠାରେ କୋଶଳ ମୁକ୍ତି ମୋର୍ଚ୍ଚା ଆହ୍ୱାନକ୍ରମେ ସରପଞ୍ଚ ସୁଶୀଲ କୁମାର ଗୁରୁଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋଶଳାଞ୍ଚଳକୁ ରାଜ୍ୟ ସରକାରଙ୍କ ଅବହେଳା ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଞ୍ଚିତ କରିଥିବା ପ୍ରତିବାଦରେ କଳାହାଣ୍ଡିଠାରୁ ସୁନ୍ଦରଗଡ ପଦଯାତ୍ରା କରିଥିବା କୋଶଳ ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କୋଶଳାଞ୍ଚଳକୁ ଅବହେଳା କରାଯାଉଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ସବୁ ସମସ୍ୟାର ସମାଧାନ କରିବାକୁ ହେଲେ ତୃଣମୂଳସ୍ତରରୁ ପ୍ରତ୍ୟେକ ଗ୍ରାମ କମିଟି, ପଞ୍ଚାୟତ କମିଟି, ବ୍ଲକ କମିଟି ଗଠନ କରି ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଦିଆଯାଇଥିଲା। କୋଶଳାଞ୍ଚଳର ସବୁ ସମସ୍ୟାର ଗୋଟିଏ ବିକଳ୍ପ କେବଳ ଅଲଗା କୋଶଳ ରାଜ୍ୟ ଏହି ବାର୍ତ୍ତାକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ଦାବିକୁ ଯୋରଦାର କରିବାକୁ ଆଗାମୀ ଦିନରେ ବିଧାନସଭା, ସଂସଦ ଭବନ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କେଏମଏମକୁ ପରିଚାଳନା କରିବା ପାଇଁ ୮ଜଣିଆ ଅସ୍ଥାୟୀ ଆବାହକ ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ନାରିନେତ୍ରୀ ଲକ୍ଷ୍ମୀ ଶବର, ଆଦିବାସୀ ନେତା ଗିରିରାଜ ଭୋଇ, ଯୁବ ସମାଜସେବୀ ସିପୁନ ଖମାରୀ, ଧୁମାଭଟା ସରପଞ୍ଚ ବନମାଳୀ ନାଏକ, ଚଂଘରିଆ ସରପଞ୍ଚ ସୁଶୀଲ ଗୁରୁ, ଆଇନଜୀବୀ ସୁବାସ ଆଚାର୍ଯ୍ୟ, ଡିଙ୍ଗର କୁମ୍ଭାର ଓ କାଶୀନାଥ ମେହେରଙ୍କୁ ମନୋନୀତ କରାଯାଇଥିଲା।

## ଶ୍ରମିକଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଗୁରୁତ୍ୱ

**ଖପ୍ରାଖୋଲ, ୨।୫(ଡି.ଏନ.ଏ.)**

ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହରେ ପାଟଣାଗଡ ତାଲୁକ ଆଇନ ସେବା କମିଟି ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ରବିବାର ପାଳିତ ହୋଇଯାଇଛି। କମିଟି ସଦସ୍ୟ ଆଇନଜୀବୀ ଭକ୍ତରାମ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କମିଟି ସଭାପତି ତଥା ଏଡିଜେ ପାଟଣାଗଡ ଶ୍ୱେତା ମିଶ୍ର, ସମ୍ମାନିତ ଅତିଥି ସିଭିଲଜଜ ଅରୁଣ ପଟ୍ଟନାୟକ, ଏସଡିଜେଏମ ଲୋପାମୁଦ୍ରା ପ୍ରକାଶ, ପାଟଣାଗଡ ଉପଜିଲାପାଳ ବିଜୟା ନନ୍ଦ ସେଠୀ, ସଦସ୍ୟା ସାରଦା ଗୋୟେଲ, ଆଇନଜୀବୀ ତ୍ରିଲୋଚନ ପୁଞ୍ଜି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉପରେ ଆଲୋକପାତ କରିଥିଲେ। ଶ୍ରମିକଙ୍କ ସାମାଜିକ ସୁରକ୍ଷା ସହିତ ଶ୍ରମ ଆଇନ ଓ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲା।

## ସଚେତନ ରହିଲେ ସୁଫଳ ପାଇବେ

**ବଲାଙ୍ଗୀର ଅଫିସ, ୨।୫**

ବଲାଙ୍ଗୀର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ରବିବାର ସ୍ଥାନୀୟ ସହକାରୀ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଉପାଧକ୍ଷା ମିଥିଳା ମାଝି ମଞ୍ଚାସୀନ ଥିଲେ। ଉଭୟ ଅତିଥି ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାପାଳ ରାଣା ତାଙ୍କ ସଭାପତୀୟ ଅଭିଭାଷଣରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ସାମାଜିକ ନିରାପତ୍ତା ଆଇନ ସମ୍ପର୍କରେ ଶ୍ରମିକ ମାନଙ୍କୁ ଅବଗତ କରିବା ସହ ନିଜ ଅଧିକାର ହାସଲ କରିବା ଦିଗରେ ସଚେତନ ରହିଲେ ସୁଫଳ ପାଇବେ ବୋଲି କହିଥିଲେ। ଜିଲା ଶ୍ରମ ଅଧିକାରୀ ସୁକାନ୍ତ



ଅଇଁଠୁ ପ୍ରଧାନଙ୍କୁ ଜିଲାପାଳ ଚଞ୍ଚଳ ରାଣା ଖବରକାଗଜ ବିତରକ ପରିଚୟ ପତ୍ର ପ୍ରଦାନ କରୁଛନ୍ତି।

**ବଲାଙ୍ଗୀର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ**

ସେଠୀ ଆନ୍ତର୍ଜାତିକ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ବଲାଙ୍ଗୀର ଜିଲାରେ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଯୋଜନାରେ ୨୦୦ ଜଣଙ୍କୁ ଶ୍ରମକାର୍ଡ, ଅଣସଂଗଠିତ ଶ୍ରମିକ ସାମାଜିକ ନିରାପତ୍ତା ଯୋଜନାରେ ୮୫ ଜଣଙ୍କୁ ପରିଚୟ ପତ୍ର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୩୦ ଜଣ ଖବରକାଗଜ ବିତରକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣର ପାରା ଲିଗାଲ ସ୍ୱେଚ୍ଛାସେବୀ ବିଦ୍ୟୁଲତା ଖମାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଶ୍ରମ ନିରୀକ୍ଷକ ନିରଞ୍ଜନ ଭୂୟାଁଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଶ୍ରମିକ ଓ ଶ୍ରମ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ସହକାରୀ ଶ୍ରମ ଅଧିକାରୀ ପାନାମଣି ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏଆଇଟିୟୁସି ବଲାଙ୍ଗୀର ଜିଲା ସଭାପତି ବିଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ମେ ୧ରେ ଜିଲା କାର୍ଯ୍ୟାଳୟରେ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଥିଲା। ମଇ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଏହାର ଐତିହାସିକ ପୃଷ୍ଠଭୂମି ଉପରେ ରାଜ୍ୟ ଉପସଭାପତି ନିଖିଳ ଓଡିଶା ଆଶାକର୍ମୀ ସଂଘ ରାଜେନ୍ଦ୍ର ପ୍ରସାଦ ସିଂ, ଏଆଇଟିୟୁସି ଜିଲା ଉପସଭାପତି ତଥା ଜିଲା ସଭାପତି ନିଖିଳ ଓଡିଶା ଆଶାକର୍ମୀ ସଂଘ ତୀର୍ଥ ପଧାନ, ଜିଲା କାର୍ଯ୍ୟକାରୀ ସଭାପତି ବିଜୟ ସେଠ ଉଦ୍‌ବୋଧନ ଦେଇଥିଲେ। ଆଲୋକ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିପଦସଙ୍କୁଳ ଶୁଖିଲା ଗଛ କାଟିବାକୁ ଦାବି

ଅମରପାଲି,(ଡି.ଏନ.ଏ.):ବୀରମହାରାଜପୁର ବ୍ଲକ କଲୋନୀରେ ଏକ ବିରାଟକାୟ ଶୁଖିଲା ଗଛ ବିପଦ ସଂକୁଳ ଅବସ୍ଥାରେ ରହିଛି। ଯେକୌଣସି ମୁହୂର୍ତ୍ତରେ ଏହି ଗଛ ଭାଙ୍ଗି ପଡିବା ଆଶଙ୍କା ଦେଖାଦେଇଛି। ଦୁଇଦିନ ତଳେ ହୋଇଥିବା ସାମାନ୍ୟ ପବନରେ ଗଛର ଗୋଟି ଡାଳ ଭାଙ୍ଗି ଜଣେ ବ୍ୟକ୍ତିଙ୍କ ବାସଭବନରେ ପଡିଥିଲା। ସୌଭାଗ୍ୟବଶତଃ ସେତେବେଳେ ଘରେ କେହି ନ ଥିବାରୁ ବିପଦ ଟଳିଯାଇଥିଲା। ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗି ପଡିଥିବା ଗଛଡାଳକୁ କାଟି ସଫା କରିଥିଲେ। ଶୁଖିଲା ଗଛକୁ ତୁରନ୍ତ କାଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ପ୍ରବାସୀଙ୍କୁ ମିଳୁଛି, ସ୍ଥାନୀୟଙ୍କୁ ନାହିଁ

- କର୍ମନିଯୁକ୍ତି ଦାବି କଲା ଗୃହ ନିର୍ମାଣ ଶ୍ରମିକ ସଂଘ
- ଜିଲାପାଳ, ଏସ୍‌ପି, ଶ୍ରମ ଅଧିକାରୀଙ୍କୁ ସ୍ମାରକପତ୍ର
- ପ୍ରବାସୀ ଶ୍ରମିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବରଗଡ଼ ଅଫିସ୍,୨।୫

ବରଗଡ଼ ଜିଲାରେ ଶ୍ରମିକଙ୍କୁ ଆଶାନୁରୂପ କର୍ମନିଯୁକ୍ତି ମିଳୁନାହିଁ। ଫଳରେ ଜିଲାର ଶ୍ରମିକମାନେ ରାଜ୍ୟ ବାହାରକୁ କର୍ମ ଅନ୍ୱେଷଣରେ ଯାଉଛନ୍ତି ଏବଂ ସେଠାରେ ନିର୍ଯାତିତ ହେଉଛନ୍ତି। ଏହା ସାଧାରଣ ଘଟଣାରେ ପରିଣତ ହୋଇଛି। ଅନ୍ୟପଟେ ରାଜ୍ୟ ବାହାର ଶ୍ରମିକମାନେ ବରଗଡ଼ ଜିଲାକୁ ଆସି ବିଭିନ୍ନ କାମରେ ନିୟୋଜିତ ହେଉଛନ୍ତି। ଫଳରେ ଜିଲାର ସ୍ଥାନୀୟ ଶ୍ରମିକଙ୍କୁ କାମ ମିଳୁନାହିଁ ଏବଂ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ କରି ସୋମବାର ସ୍ଥାନୀୟ ଜୟ ବିଶ୍ୱକର୍ମା ଗୃହ ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଶ୍ରମିକମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସେଠାକୁ ଯାଇ ଶ୍ରମିକମାନଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ସେହିପରି ଶ୍ରମିକମାନେ ଏସ୍‌ପି ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।


ଜିଲାପାଳଙ୍କ ଅଫିସ ଆଗରେ ଗୃହ ନିର୍ମାଣ ଶ୍ରମିକଙ୍କ ଧାରଣା ।

ବରଗଡ଼ ଜିଲାରେ ବହୁସଂଖ୍ୟକ ଗୃହ ନିର୍ମାଣ ଶ୍ରମିକ ରହିଛନ୍ତି। ମାତ୍ର ଏଠାରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟରେ ସେମାନଙ୍କୁ କାମ ମିଳୁନାହିଁ। ଫଳରେ ସେମାନେ ଜିଲା ଛାଡ଼ି ରାଜ୍ୟ ବାହାରକୁ ଯିବା ପାଇଁ ବାଧ ହେଉଛନ୍ତି। ଅନ୍ୟପଟେ ବାଂଗଲାଦେଶ, ପଶ୍ଚିମବଙ୍ଗ ଆଦି ସ୍ଥାନରୁ ଅନେକ ଶ୍ରମିକ ବରଗଡ଼ ଜିଲାକୁ ଆସୁଛନ୍ତି ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେମାନେ ଏଠାକାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଉନାହିଁ। ଫଳରେ ବିଭିନ୍ନ ଆପରାଧିକ ଘଟଣା ଘଟିବା ଆଶଙ୍କା ରହିଛି।

ଏହି ଦୃଷ୍ଟିରୁ ଜିଲାକୁ ରାଜ୍ୟ ବାହାରୁ ଆସୁଥିବା ଏଭଳି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ସେହିପରି ଜିଲାରେ ରହିଥିବା ଗୃହ ନିର୍ମାଣ ଶ୍ରମିକଙ୍କୁ କାମ ଯୋଗାଇ ଦେବାକୁ ଦାବି ହୋଇଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ଏବଂ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ଗ୍ରହଣ କରି ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ କହିଥିଲେ, ସେଭଳି ଶ୍ରମିକ ଚିହ୍ନଟ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ପ୍ରତି ବ୍ଲକରେ ଗୃହ ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରି ସେ ନେଇ ଏକ ତାଲିକା ପ୍ରଶାସନକୁ ଦିଆଗଲେ ସେମାନଙ୍କୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ କର୍ମନିଯୁକ୍ତି ପ୍ରଦାନ ସହଜ ହେବ ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଥିଲେ। ସଂଘ ସଭାପତି ସପନ କୁମାର ଦାଶ, ସମ୍ପାଦକ ବଲାସୁ ନତେଶ, ଉପସଭାପତି ରାଜ କପିଳ ପ୍ରସାଦ, ଯୁଗ୍ମ ସମ୍ପାଦକ ବିଜୟ କୁମାର ଦାଶ ପ୍ରମୁଖଙ୍କ ନେତୃତ୍ୱରେ ଶ୍ରମିକମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସିମେଣ୍ଟ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ବିନିକା,୨।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା-ସଂଘିଯୁବା ମୁଖ୍ୟରାସ୍ତାର ବିଶାଳପାଲି ଛକରେ ସୋମବାର ସକାଳେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଆହତ ଚାଳକ ଅନୁଗୋଳ ଜିଲା ମାଧବପୁର ଗ୍ରାମର ରିଫେନ କୁମାର ପଧାନ(୨୮) ଙ୍କୁ ବିନିକା ଚାଳକ ସଂଘ ବିନିକା ମେଡିକାଲରେ ଭର୍ତ୍ତି କରିଛି। ସୂଚନାକ୍ରମେ-ଆହତ ରିଫେନ ସୋମବାର ବରଗଡ ସହରରୁ ଏକ ଟ୍ରକ (ଓଆର୍-୧୭କେ-୨୪୭୪)ରେ ସିମେଣ୍ଟ ବୋଝେଇ କରି ବୌଦ୍ଧ ଜିଲା ଘଣ୍ଟାପଡା ଯାଉଥିଲେ । ବିଶାଳପାଲି ଛକ ପାଖରେ ଭାରସାମ୍ୟ ହରାଇ ଟ୍ରକ ରାସ୍ତାପାର୍ଶ୍ୱ ବିଲକୁ ଖସି ଯାଇଥିଲା ।

### ଶିଶୁ ମନ୍ଦିର ପାଚେରି ଭାଙ୍ଗିଲେ ଦୁର୍ବୃତ୍ତ

ବିନିକା,୨।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଗଡିଆ ଶିଶୁ ମନ୍ଦିର ପାଚେରିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ସୋମବାର ସକାଳେ ଏହା ଜଣାପଡିବା ପରେ ସ୍କୁଲ ତରଫରୁ ବିନିକା ଥାନାରେ ଏତଲା ଦିଆଯାଇଛି । ବିନିକା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କଫ୍ ସିରପ୍ ଜବତ, ଜଣେ ଗିରଫ

ପଦ୍ମପୁର,୨।୫(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲହଣ୍ଡିପୁର ଗ୍ରାମର ରୂପାନନ୍ଦ ପଟେଲ ଏସ୍‌କଫ ଓ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ସୋମବାର ଗିରଫ କରିଛି। ତାଙ୍କଠାରୁ ୪୦ ବୋତଲ ଏସ୍‌କଫ୍ ସିରପ୍ ଓ ୨୬ଟି ନାଇଟ୍ରୋ ୧୦ ଟାବଲେଟ ଜବତ କରାଯାଇଛି। ଏ ନେଇ ଜଗଦଲପୁର ଥାନାରେ ଏକ ମାମଲା (ନଂ.୬୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଶିଶୁରୋଗ ବିଶେଷଜ୍ଞଙ୍କ ପରଲୋକ



ବରଗଡ଼ ଅଫିସ୍,୨।୫: ବରଗଡ଼ର ଜଣାଶୁଣା ଶିଶୁରୋଗ ବିଶେଷଜ୍ଞ ଡା. ମଧୁସୂଦନ ଦାଶଙ୍କ ସୋମବାର ପରଲୋକ ହୋଇଛି। ବରଗଡ଼ର ବିକାଶ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ଡା. ଦାଶ ଶିଶୁଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଜିଲା ସମେତ ଜିଲା ବାହାରେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକରେ ସାରା ଜିଲାରେ ଗଭୀର ଶୋକପ୍ରକାଶ ପାଇଛି।

### ୮୦ ଶିଶୁଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ



ବରଗଡ଼ ଅଫିସ୍,୨।୫: ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଡିଇଆଇସି ପରିସରରେ ସୋମବାର ୮୦ଜଣ ଶିଶୁଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ, ଡା. ମନୋଜ କୁମାର ଅଦାବର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରାଜକୁମାର ଗୁପ୍ତା ପ୍ରମୁଖ ଯୋଗଦାନ କରିଥିଲେ। କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ ପରେ ଫିଜିଓଥେରାପିଷ୍ଟ ଆଦିତ୍ୟ ଭୋଇଙ୍କ ଦ୍ୱାରା ଶିଶୁମାନଙ୍କୁ ଫିଜିଓଥେରାପି ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସରକାରଙ୍କ ଏଭଳି ଯୋଜନାରେ ଅନେକ ଦିବ୍ୟାଙ୍ଗ ତଥା ଶାରୀରିକ ଦୁର୍ବଳ, ଗଭୀର ରୋଗ ଜନିତ ସମସ୍ୟା ଥିବା ଶିଶୁ ଉପକୃତ ହୋଇପାରିବେ ବୋଲି ଆରବିଏସ୍‌କେର ଜିଲା ପରିଚାଳକ ରାକେଶ ମହାପାତ୍ର ସୂଚନା ଦେଇଛନ୍ତି ।

## ସିଆରପିଏଫ୍ ଯବାନଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୨।୫

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ–ଗୋବିନ୍ଦପୁର ନିକଟରେ ଥିବା ରିଜର୍ଭ ପୋଲିସ ପରିସରରୁ ରବିବାର ଜଣେ ସିଆରପିଏଫ୍ ଯବାନଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଉତ୍ତରପ୍ରଦେଶ ରାଜ୍ୟ ଖଜିଲାବାଦ ଜିଲା ଦମାଇଚା ଗ୍ରାମର ସର୍ବେଶ କୁମାର ସିଂ(୩୨) ଏବଂ ସେ ସିଆରପିଏଫ ୧୮୯ ବାଟାଲିୟନରେ କାର୍ଯ୍ୟରତ ଥିଲେ। ରିଜର୍ଭ ପୋଲିସ ପରିସରରେ ଥିବା ଆଜବେଷ୍ଟସ ପାଇପ୍‌ରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ବରଗଡ଼ ସଦର ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ଗ୍ରାମକୁ ପଠାଇ ଦିଆଯାଇଛି । ପୋଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି ।

## କେନ୍ଦୁପତ୍ର ଫଡି ଜାଳିଦେଲେ ଦୁର୍ବୃତ୍ତ


ଜଳି ଯାଇଥିବା ବଡବର୍ଡାକଟା କେନ୍ଦୁପତ୍ର ଫଡି ।

ଅମରପାଲି, ୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବଡ଼ବର୍ଡାକଟା କେନ୍ଦୁପତ୍ର ଫଡିକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ବହଳପଦର କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଉକ୍ତ ଫଡି ଘରେ ଏବେ ପତ୍ର ରଖା ଯିବାର ଥିଲା। ଫଡିଘର ଜଳି ଯିବା ପରେ ଏବେ ପତ୍ର କେଉଁଠି ରଖିବେ ସମସ୍ୟ ଦେଖା ଦେଇଛି। ବହଳପଦର ଫରେଷ୍ଟର ଅନିଲ କୁମାର ପୁରୋହିତ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା(୫୨/୨୨) ରୁଜୁ ହୋଇଛି।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଗାଇସିଲେଟରେ ଅତିଥିମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ।

ବରଗଡ଼ ଅଫିସ୍,୨।୫

ବରଗଡ଼ ଜିଲା ଗାଇସିଲେଟ ମିନି ଷ୍ଟାଡ଼ିୟମଠାରେ ରବିବାର ସ୍ଥାନୀୟ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ ବି. ଆର୍. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚନ୍ଦ୍ରଶେଖର ସାଗରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଲକ୍ଷେଘର ଗଣ୍ଡା ସମାଜ ଏବଂ ବରିହା ସମାଜ ସଦସ୍ୟଙ୍କ ଉପସ୍ଥିତିରେ ହୋଇଥିବା କାର୍ଯ୍ୟକ୍ରମରେ ନୀଳମାଧବ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ତରଣୀ ସୁନା ମୁଖ୍ୟ ବକ୍ତା, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ସ୍ୱତନ୍ତ୍ର ଅତିଥି, ବିଡ଼ିଓ ପ୍ରବୀଣ କୁମାର ବଣୁଆ, ପ୍ରିୟରଞ୍ଜନ କୁମ୍ଭାର, ଝରଣା ପାଣିଗ୍ରାହୀ, ଅଧ୍ୟାପିକା ଡଃ ରଶ୍ମିଲତା ମହାନନ୍ଦ, ଥାନାଧିକାରୀ ବୀରବର ଭଗତ, ବିଞ୍ଝାଲ ସମାଜ ସଭାପତି ଶଶୀଭୂଷଣ ବରିହା, ତରଣୀ ସୁନା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅଶୋକ କଲେତ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧ୍ୟାହ୍ନଭୋଜନ ତଦାରଖ କଲେ ବିଇଓ

ବରଗଡ଼ ଅଫିସ୍,୨।୫

ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଚାଲିଥିବା ଶିକ୍ଷଣ ଅଭିବୃଦ୍ଧି ଯୋଜନା ପରିପ୍ରେକ୍ଷୀରେ ସୋମବାର ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସେବାଶ୍ରୀ ଭୋଇ ବିଭିନ୍ନ ସ୍କୁଲ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନରେ ସେ ସ୍କୁଲଗୁଡ଼ିକରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ। ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା, କୁର୍ଲା, ବରାହଗୋଡ଼ା ବିଭିନ୍ନ ସ୍କୁଲକୁ ଯାଇ ବ୍ଲକ ଶିକ୍ଷାଧିକାରୀ ଭୋଇ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବରାହଗୋଡ଼ା ପ୍ରାଥମିକ ସ୍କୁଲରେ ବିଇଓ ଭୋଇ ନିଜେ ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବା ସହିତ ଭୋଜନର ମାନ ନିରୀକ୍ଷଣ କରିଥିଲେ। ପର୍ଯ୍ୟାୟକ୍ରମେ ବରଗଡ଼ ବ୍ଲକ, ପୌର ପରିଷଦ ସମେତ ୧୬ଟି କ୍ଲଷ୍ଟରରେ ବୈଠକ ହୋଇ ଶିକ୍ଷଣ ଅଭିବୃଦ୍ଧି ଯୋଜନାର ସଫଳ ରୂପାୟନ ପାଇଁ ଉଦ୍ୟମ ଜାରି ରହିବ ବୋଲି ବିଇଓ ଭୋଇ ସୂଚନା ଦେଇଛନ୍ତି।

## ମାରୱାଡି ସମାଜର ଶପଥ ଗ୍ରହଣ ଉତ୍ସବ

ସୋହେଲା,୨।୫(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ସ୍ଥିତ ମାରୱାଡି ସମାଜର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ରବିବାର ଉତ୍ସବ ସ୍ଥାନୀୟ ଅଗ୍ରସେନ ଭବନଠାରେ ହୋଇଯାଇଛି। ମାରୱାଡି ଯୁବାମଞ୍ଚ ପ୍ରାନ୍ତୀୟ ଅଧକ୍ଷ ନରେଶ ଅଗ୍ରୱାଲ, ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ଶ୍ୟାମସୁନ୍ଦର ଅଗ୍ରୱାଲ, ଜୋନାଲ ସଚିବ କିଶନ ଅଗ୍ରୱାଲ, ଭବନ୍ତ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଅଗ୍ରୱାଲ ସଭା, ମହିଳା ମଣ୍ଡଳ, ମାରବାଡି ଯୁବା ମଞ୍ଚର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଶପଥ ଗ୍ରହଣ କରାଇଥିଲେ। ଚଳିତ ବର୍ଷ ଅଗ୍ରୱାଲ ସଭା ପାଇଁ ଚନ୍ଦ୍ର କୁମାର ଅଗ୍ରୱାଲ ସଭାପତି, ମୁକେଶ କୁମାର ଅଗ୍ରୱାଲ ସମ୍ପାଦକ, ହୀରା ଅଗ୍ରୱାଲ କୋଷାଧକ୍ଷ ଭାବେ ଶପଥ ନେଇଥିଲେ। ମହିଳା ସମିତି ପାଇଁ ମିନା ଦେବୀ ଅଗ୍ରୱାଲ ସଭାପତି, ଅଞ୍ଜୁଦେବୀ ଅଗ୍ରୱାଲ ସମ୍ପାଦିକା, ବୀଣା ଦେବୀ ଅଗ୍ରୱାଲ କୋଷାଧକ୍ଷ ଭାବେ ଶପଥ ନେଇଥିଲେ। ମାରୱାଡି ଯୁବାମଞ୍ଚ ପାଇଁ ଗଣେଶ ଗୋୟଲ ସଭାପତି, ରାହୁଲ ଅଗ୍ରୱାଲ ସମ୍ପାଦକ, ସୁମିତ ଅଗ୍ରୱାଲ କୋଷାଧକ୍ଷ ଭାବେ ଶପଥ ନେଇଥିଲେ। ରାହୁଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।


ମାରୱାଡି ସମାଜର କର୍ମକର୍ତ୍ତାମାନେ ଶପଥ ନେଉଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼, ଅଭିଯୁକ୍ତ ଗିରଫ

ଅମରପାଲି, ୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଖଣ୍ଡହତା ରାଜସ୍ୱ ନିରୀକ୍ଷକ ଅଜୟ କୁମାର ବାରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଜନକପୁର ଗାଁର ମୋତିଲାଲ ଉ ର୍ମା ନାମକ ଜଣେ ବ୍ୟକ୍ତି ମାଡ ମାରିଥିବା ଅଭିଯୋଗ ହୋଇଛି। ବାଲି ଲିଜ ତାଙ୍କ ନାମରେ କରାଇ ଦେବାକୁ ନେଇ ଅଭିଯୁକ୍ତ ଆରଆଇଙ୍କୁ କହିଥିଲେ। ହେଲେ ଲିଜ ଦେବା ମୋ ପରିସରଭୁକ୍ତ ନୁହେଁ, ତହସିଲଦାରଙ୍କଠାରେ ଆବେଦନ କରିବାକୁ କହିଥିଲେ। ଏଥିରେ ଉତ୍ୟକ୍ଷିପ୍ତ ହୋଇ ମୋତିଲାଲ ଆରଆଇ ବାରାଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହା ରଡରେ ମାଡ ମାରିଥିଲେ। ତାଙ୍କ ପ୍ୟାକେଟରେ ଥିବା ୩୬୦ ଟଙ୍କା ଛଡାଇ ନେଇଥିବା ଆରଆଇ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥଇଲେ। ଅଭିଯୋଗକୁ ଆଧାର କରି ଅଭିଯୁକ୍ତ ଉର୍ମାଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିବା ଥାନାଅଧିକାରୀ ଅନିତା କିଡୋ କହିଛନ୍ତି।

## ଜିଲାପାଳଙ୍କୁ ଭେଟିଲେ ଖବରକାଗଜ ବିତରକ

ବରଗଡ଼ ଅଫିସ୍,୨।୫

ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ରବିବାର ବରଗଡ଼ ଜିଲା ଖବରକାଗଜ ବିତରକ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟିଥିଲେ। ଏହି ଅବସରରେ ଜିଲାପାଳ ବାନାର୍ଜୀ ଖବରକାଗଜ ବିତରକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଖବରକାଗଜ ବିତରକ ସଂଘ ପକ୍ଷରୁ ମଧ୍ୟ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହାସହିତ ଖବରକାଗଜ ବିତରକମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର ରମେଶ ଦାସ, ଦେବ କୁମାର ଦାଶ, ଜୟପ୍ରକାଶ କୁମ୍ଭାର, ଯୋଗେନ୍ଦ୍ର ସାହୁ, ସୁଧାଂଶୁ ବାରିକ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ ।


ଖବରକାଗଜ ବିତରକ ସଂଘ ବରଗଡ଼ ଜିଲାପାଳଙ୍କୁ ଭେଟୁଛନ୍ତି ।

## ୪୦ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ

ବରଗଡ଼ ଅଫିସ୍,୨।୫

ବରଗଡ଼ ସିଭିଲ କୋର୍ଟ ପରିସରସ୍ଥ ବିକଳ୍ପ ବିବାଦ ସମାଧାନ କେନ୍ଦ୍ରରେ ରବିବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶିବିର ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଓ ଦୌରାଜଜ୍ ଅସୀମ କୁମାର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଶ୍ରମିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପାରିବାରିକ ଅଦାଲତ ବିଚାରପତି ପ୍ରଭାତ କୁମାର ରାଜଗୁରୁ, ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ କୋର୍ଟ ବିଚାରପତି ସତ୍ୟରଞ୍ଜନ ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ରୋତସ୍ୱିନୀ କର, ରେଜିଷ୍ଟ୍ରାର ତଥା ସହକାରୀ ଦୌରାଜଜ୍ ବିଶ୍ୱବିଶ୍ରୁତ କର, ସବ୍‌ଡ଼ିଭିଜନାଲ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ, ପ୍ରୋବେଶନ ଅଫିସର ଜୟା ରାୟ, ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ଡିଏସ୍‌ପି ନିବେଦିତା ସୋରେନ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ୪୦ଜଣ ସଙ୍ଗଠିତ ଏବଂ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

## ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୨।୫(ଡି.ଏନ.ଏ)

ଅତାବିରା ବ୍ଲକ ଅଧୀନ ରେଙ୍ଗାଲିକ୍ୟାମ୍ପରେ ରବିବାର ପୂର୍ବାହ୍ନ ୧୦ଟାରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରବିଧାନ ବିକ୍ରି, ଟୋକନ ଅବଧି ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ସମ୍ପାଦକ ସୁବାଷ ବିଶ୍ୱାଳ, ଅଫିସ ସମ୍ପାଦକ କୀର୍ତ୍ତନ ବିଶ୍ୱାଳ, ଟିକେଲାଲ ମିଶ୍ର, ସୁଜିତ ପଧାନ, ବୁଦ୍ଧଦେବ ନନ୍ଦ, ଭୁବନେଶ୍ୱର ପଧାନ, ଚୈତନ୍ୟ କର୍ଣ୍ଣ, ସୁରେନ୍ଦ୍ର ସ୍ୱାଇଁ, କଳାସାହେବ ଭୋଇ, ହିମାଂଶୁ ବିଶି, ସୀତାରାମ ସାହୁ, ଅରୁଣ ପଧାନ, ଜୟବାବୁ, ସୁରେଶ କର୍ଣ୍ଣ, ଅଶ୍ୱିନୀ ତ୍ରିପାଠୀ, ଦଶରଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଚାଷୀବୃନ୍ଦ।

## ଦ୍ୱିତୀୟ ପଦ୍ମପୁର ଲୋକ ମହୋତ୍ସବ ଉଦ୍‌ଯାପିତ

ପଦ୍ମପୁର,୨।୫(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଅଶୋକ ଖେଳ ପଡିଆରେ ଚାଲିଥିବା ଦ୍ୱିତୀୟ ପଦ୍ମପୁର ଲୋକ ମହୋତ୍ସବ ଗତ ରବିବାର ଉଦ୍‌ଯାପିତ ହୋଇଛି। କେଶ ରଞ୍ଜନ ପ୍ରଧାନ ଓ ଅଶୋକ କୁମାର ବହିଦାରଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଟାଉନ କ୍ଲବ ଅଧକ୍ଷ ଶିରିଷ କୁମାର ବହିଦାର ଅଧକ୍ଷତା କରିଥିଲେ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, କାଳିନ୍ଦୀ ସାମଲ, ମୁଖପାତ୍ର ଠାକୁର ରଣଜିତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ମାଁ ସମଲେଇ ଓ ମାର୍ଜାର କେଶରୀଙ୍କ ପ୍ରତିକୃତିରେ ପୂଜାର୍ଚ୍ଚନା କରିଥିଲେ। ଯୁବମୋର୍ଚ୍ଚା ସମ୍ପାଦକ ପ୍ରିତେଶ ବହିଦାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଆବାହକ ଅଶୋକ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଲୋକ ମହୋତ୍ସବ ଜାତୀୟ ସ୍ତରର ସାଂସ୍କୃତିକ ବାର୍ତ୍ତା ବହନ କରୁଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରବି ରତନ ସାହୁ, ସଚ୍ଚିଦାନନ୍ଦ ସାହୁ ଓ ଶିକ୍ଷକ ଏକାଦଶ ଅନୁଷ୍ଠାନକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୁନାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚରେ ଟାଉନ କ୍ଲବ ଉପ ସଭାପତି ଲାଲ ବିହାରୀ ମିଶ୍ର, ସମ୍ପାଦକ ପ୍ରତାପ ମିଶ୍ର ଓ କୋଷାଧକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩ ମେ, ୨୦୨୨



**ଜେସିଆଇ ସଙ୍ଗଠନର ସ୍ଥାପନା ସମାରୋହ**

**ଝାରସୁଗୁଡ଼ା ଅଫିସ:** ଜେସିଆଇ ଝାରସୁଗୁଡ଼ା କୁଇନ୍ସର ସ୍ଥାପନା ଓ ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ସ୍ୱରୂପ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି। ମାରୱାଡ଼ି ସମ୍ପ୍ରଦାୟର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଜେସିଆଇ ଜୋନ ସଭାପତି ଆଶିଷ ଅଗ୍ରୱାଲ, ଉପସଭାପତି ଶୁଭମ ଟିବରୀୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍ଥାର ଅଧକ୍ଷା ମୁନମୁନ ମୁନ୍ଦଡ଼ା, ସଚିବ ନେହା ବାଙ୍ଗଡ଼ଙ୍କ ସମେତ ଡକ୍ଟର ମୋନିକା ମୁନ୍ଦଡ଼ା, ଚଞ୍ଚଳ ଦୁଆ, ଡକ୍ଟର ଡଲି ଲାଠ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଝାରସୁଗୁଡ଼ା ଜେସିଆଇ ଅଧକ୍ଷ ନିଲେଶ ଅଗ୍ରୱାଲ, ସଚିବ ସୁଶୀଲ ମୁନ୍ଦଡ଼ା ଓ ଅନ୍ୟମାନେ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ।

## ସଂକ୍ଷେପରେ

### ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ୩୦ ହଜାର ଲୁଟ୍

**ରେଢ଼ାଖୋଲ,୨।୫(ଡି.ଏନ.ଏ.):** ସାମବାର ରେଢାଖୋଲ ବସ୍‌ଷ୍ଟାଣ୍ଡ ନିକଟ ରାଣି ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରୁ ଲୁଟ୍ ହୋଇଛି। ପୂର୍ବାହ୍ନ ସାଢେ ୧୧ଟା ବେଳେ ଖନ୍ଦାଡ଼ିପ ସାହିର ଅଙ୍ଗନୱାଡି କର୍ମୀ ବିଣାପାଣୀ ପାଲଙ୍କ ଠାରୁ ଲୁଟେରାମାନେ ୩୦ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୯୫/୨୨) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ କହିଛନ୍ତି। ସୂଚନାକ୍ରମେ ବିଣାପାଣୀ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୩୦ ହଜାର ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ବାଇକ୍‌ରେ ୨ଜଣ ଲୁଟେରା ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଇଥିଲେ। ସୂଚନାଯୋଗ୍ୟ କିଛିଦିନ ତଳେ ରେଢାଖୋଲ-ନାକ୍ଟିଦେଉଳ ରାସ୍ତାର ମୁଟୁରୁମୁଣ୍ଡା ଘାଟିରୁ ଜଣେ ବାଇକ୍ ଆରୋହୀଙ୍କଠାରୁ ୯୮ ହଜାର ଟଙ୍କା ଲୁଟ୍ ହୋଇଥିଲା। ବାରମ୍ବାର ଏଭଳି ଘଟଣା ନେଇ ଲୋକେ ଭୟଭୀତ ରହୁଥିବାବେଳେ ପୋଲିସର କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଲୁହାରଡ୍‌ରେ ଆକ୍ରମଣ, ଜଣେ ଗୁରୁତର



**ଝାରସୁଗୁଡ଼ା ଅଫିସ,୨।୫:** ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ସାଗରପାଲି ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୁରୁତର ହୋଇଥିବା ଯୁବକ ହେଲେ ସାଗରପାଲି ଏକଫାଳିଆ ପଡାର ଆରତ ପଟ୍ଟନିଆଁ(୩୨)। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଆରତ ସ୍ଥାନୀୟ ବାବାପଡାର ଦିଲୀପ ଭଇଁସା(୩୦)ଙ୍କ ନାମରେ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ୭୪/୨୨) ରୁଜୁକରି ତଦନ୍ତ ଚଳାଇଛି। ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପାଇଁ ପ୍ରୟାସ ଚଳାଇଛି। ଅଭିଯୋଗ ଅନୁଯାୟୀ ଆରତ ଭଅଁରଖୋଲରୁ ସାଇକେଲରେ ଘରକୁ ଫେରୁଥିବାବେଳେ ଦିଲୀପ ତାଙ୍କୁ ଅଟକାଇ ଏକ ଲୁହାରଡ୍‌ରେ ଆକ୍ରମଣ କରିଥିଲେ।

### ବିଷ ଖାଇ ଜଣଙ୍କ ମୃତ୍ୟୁ

**ଜମନକିରା, ୧।୫(ଡି.ଏନ.ଏ.):** ଜମନକିରା ଥାନା ଘନଘୋଷା ଗ୍ରାମର ବିଷ ଖାଇଥିବା ଜଣେ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଘନଶ୍ୟାମ ନାଏକ (୬୧)। ପୋଲିସ ସୂଚନା ଅନୁସାରେ, ଘରୋଇ କଳହକୁ ନେଇ ଘନଶ୍ୟାମ ଗତ ୩୦ ତାରିଖ ରାତିରେ ବିଷ ଖାଇଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଜମନକିରା ପୋଲିସ ଏମ ମାମଲା (ନଂ.୬/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

# ପୋଖରୀ ଖୋଳିଲେ ଗ୍ରାମବାସୀ

**ଜମନକିରା, ୨।୫(ଡି.ଏନ.ଏ.)**

ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ ଅଫିସ ଧାଇଁ ଧାଇଁ ନିରାଶ ହେବା ପରେ ସମ୍ବଲପୁର ଜିଲା ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ସାଲେଭା ଗାଁ ଲୋକେ ଶେଷରେ ନିଜେ ପୋଖରୀ ଖୋଳିବା ଆରମ୍ଭ କରିଛନ୍ତି। ସାଲେଭା ଗ୍ରାମର ଜନସଂଖ୍ୟା ୧୫୦ରୁ ଅଧିକ ହେବ। ଗାଧୁଆ ସହ ନିତ୍ୟ ବ୍ୟବହାର ପାଇଁ ପୋଖରୀ କି ଅନ୍ୟ କିଛି ଜଳାଶୟ ନାହିଁ। ଖରା ମାସ ଆସିଲେ ଲୋକଙ୍କ ସମସ୍ୟା ବଢିଯାଏ। ଏହି ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ ଅଫିସରେ ଜଣାଇଥିଲେ ମଧ କେହି ସେମାନଙ୍କ ଗୁହାରି ଶୁଣି ନ ଥିବା ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀ ନିଜ ଖର୍ଚ୍ଚରେ ପୋଖରୀ ତିଆରି କରିବାକୁ ନିଷ୍ପତ୍ତି ନେଲେ। ଗାଁରେ ଏକ ସଭା କରି ପ୍ରତ୍ୟେକ ପରିବାରଠାରୁ ଚାନ୍ଦା ସଂଗ୍ରହ କଲେ। ଗ୍ରାମବାସୀ ହାତରେ କୋଡ଼ି, ବେଲ୍‌ଚା, ଗଇଁତି ଧରି ପୋଖରୀ ଖନନ କାର୍ଯ୍ୟରେ ଲାଗିପଡିଛନ୍ତି। ପ୍ରଚଣ୍ଡ ଖରାକୁ ଖାତିର ନ କରି ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି କାର୍ଯ୍ୟରେ ଲାଗି ପଡିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା କଥା ସରକାର ଗ୍ରାମାଞ୍ଚଳରେ ପୋଖରୀ ଖନନ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଠିକାର ଅଧିକାଂଶ ଲୋକ ହୀରାକୁଦ ଓ ରେଙ୍ଗାଲି ବୁଡି ଅଞ୍ଚଳରୁ ଆସିଛନ୍ତି। ଦୀର୍ଘବର୍ଷରୁ ଏହି ସମସ୍ୟା ସମାଧାନ ପାଇଁ ଦାବି କରି ଆସୁଥିଲେ ମଧ ଆଦ୍ୟାବଧି ପୂରଣ ହେଉନି। ଶେଷରେ ନୂତନ ପୋଖରୀ ଖନନ କରି ଗାଁ ଲୋକେ ଉଦାହରଣ ସୃଷ୍ଟି କରିଛନ୍ତି।



ପୋଖରୀ ଖୋଳା କାମରେ ଲାଗିଥିବା ଗ୍ରାମବାସୀ।

**ପ୍ରଶାସନ ଶୁଣିଲାନି**

# ଡିଏଚ୍‌ଏଚ୍‌ରେ ଅଗ୍ନିକାଣ୍ଡ: ଆୟତ୍ତ କଲେ ସୁରକ୍ଷା କର୍ମୀ

**ସମ୍ବଲପୁର,୨।୫(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଡାକ୍ତରଖାନା (ଡିଏଚ୍‌ଏଚ୍) ରେ ସୋମବାର ଅଗ୍ନିକାଣ୍ଡ ଘଟିଥିଲା। ଶିଶୁ ବିଭାଗ ପ୍ରଥମ ମହଲାରେ ଥିବା ଷ୍ଟାଫ୍ ବିଶ୍ରାମ ଗୃହରେ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ପରେ ସାଇରନ ବାଜିଉଠିଥିଲା। ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ସୁରକ୍ଷା କର୍ମୀମାନେ ନିଆଁକୁ ଆୟତ୍ତ କରିଥିଲେ। ସିଡିଏମ୍‌ଓ ଡା. ଆଶୋକ ଦାସ ଓ ଏଡିଏମ୍‌ଓ ଡା. ଅଲେଖ ମହାପାତ୍ର କହିଛନ୍ତି, ଘଟଣାରେ କୌଣସି କ୍ଷୟକ୍ଷତି ହୋଇନାହିଁ। ୱାର୍ଡରେ ଥିବା ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଫ୍ୟାନ ଅତ୍ୟଧିକ ସମୟ ଚାଲିବାରୁ ଛିଣ୍ଡିପଡିଥିଲା। ସୁରକ୍ଷା କର୍ମୀଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ତାଲିମ ଦିଆଯାଇଥିଲା। ତେଣୁ ସେମାନଙ୍କ ପାଇଁ ନିଆଁ ଲିଭାଇବା ସହଜ ହୋଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଆସି ସହଯୋଗ କରିବା ସହ କାରଣ ଉପରେ ଯାଞ୍ଚ କରିଥିବା କହିଛନ୍ତି।

# ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ

**ଝାରସୁଗୁଡ଼ା ଅଫିସ,୨।୫**

ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ତପଗୁଞ୍ଜା ଗ୍ରାମରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାର ବାମରା ଓ ଲଇକେରା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଶତାଧିକ ଶ୍ରମିକ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ସଙ୍ଗଠନର କେନ୍ଦ୍ରୀୟ କମିଟି ଉପସଭାପତି ତଥା ଗୋବିନ୍ଦପୁର ସରପଞ୍ଚ ବିମଲ ଲାକ୍ରା ଲାଲ ପତାକା ଉତ୍ତୋଳନ କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ କୁମର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଲାକ୍ରା, ମୁଖ୍ୟବକ୍ତା ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦ ସମ୍ପାଦକ ପ୍ରେମ ସାଗର ଦିହିରିଆ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ମୁଖ୍ୟ ସଂଯୋଜକ ଜିନିତ ସାମାଦ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ୧୧ ଦଫା ଦାବି ଉପସ୍ଥାପନା କରିଥିଲେ।

# ଜାତୀୟ ଆର୍ଟ, କ୍ରାଫ୍ଟ ଏକ୍ସପୋ-୨୦୨୨

**ସମ୍ବଲପୁର,୨।୫(ବ୍ୟୁରୋ)**

ଜାତୀୟ ଆର୍ଟ ଓ କ୍ରାଫ୍ଟ କଟନ୍ ସିଲ୍କ ଏକ୍ସପୋ-୨୦୨୨ ସମ୍ବଲପୁରସ୍ଥିତ ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ଚାଲିଛି। ସ୍ୱତନ୍ତ୍ର ବିକ୍ରୟ ତଥା ପ୍ରଦର୍ଶନୀ ମେଳାରେ ୧ଲକ୍ଷରୁ ଅଧିକ ସାମଗ୍ରୀ ଉପଲବ୍ଧ ରହିଛି। ଗୋଟିଏ ଛାତ ତଳେ ବିଭିନ୍ନ ସାମଗ୍ରୀ ବିକ୍ରି ହେଉଥିବାରୁ ଗ୍ରାହକଙ୍କ ଭିଡ ଲାଗି ରହିଛି । ଗ୍ରାହକମାନେ ଜାତୀୟ କଳା, ହସ୍ତଶିଳ୍ପ ରେସମୀ ସୁତାର ସାମଗ୍ରୀ କିଣୁଛନ୍ତି। ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ହରିୟାଣା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ନାଗାଲାଣ୍ଡ, କେରଳ, ଆସାମ, ଓଡ଼ିଶା, ଦିଲ୍ଲୀ, ମହାରାଷ୍ଟ୍ର ଓ ଛତିଶଗଡ ଅଞ୍ଚଳରୁ ଆସିଥିବା ସାମଗ୍ରୀଗୁଡିକର ଗୁଣାବତ୍ତା ସଠିକ ରହିଛି। ପ୍ରତ୍ୟହ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମେଳା ଖୋଲା ରହୁଛି। ଜନସାଧାରଣଙ୍କ ସୁବିଧା ପାଇଁ ପାନୀୟ ଜଳ, ଆଲୋକ ଓ ପାର୍କିଂ ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚିତ କରାଯାଇଛି।



ପିଏଚଡି ପଡିଆଠାରେ ଚାଲିଥିବା ଆର୍ଟ, କ୍ରାଫ୍ଟ ମେଳା।

# କୁଞ୍ଜବନ ମହାବିଷ୍ଣୁ ନାମଯଜ୍ଞ ଆଜିଠାରୁ

**ନାକଟିଦେଉଳ,୨।୪(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତର କତରାପାଲି ନିକଟ କୁଞ୍ଜବନ ଆଶ୍ରମରେ ମଙ୍ଗଳବାରଠାରୁ ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ଆରମ୍ଭ ହେବ। ସରାପାଲି ଓ ବଳମ ପଞ୍ଚାୟତର ୨୧ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ଏହା ୮ତାରିଖ ପର୍ଯ୍ୟନ୍ତ ଚାଲିବ। ୩ରେ ଅଙ୍କୁରାରୋପଣ, ୪ରେ କଳସ ଯାତ୍ରା, ୫ରେ ଅଧିବାସ, ୬ରେ ବୈଦିକ ଯଜ୍ଞ, ୭ରେ ନାମଯଜ୍ଞ ଓ ୮ରେ ପୂର୍ଣ୍ଣାହୁତି ପଡ଼ିବ ବୋଲି ସ୍ଥିର ହୋଇଛି। ସ୍ୱରୁପାନନ୍ଦ ପୁରୀଜୀ ମହାରାଜଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହେବାକୁ ଥିବାବେଳେ ଅଭୟ ଚୈତନ୍ୟ ମହାରାଜ ଓ ଶଙ୍କର ବାବା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଚଷା ସମାଜର ପ୍ରଗଣା ପଞ୍ଚାୟତ ବୈଠକ



ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା।

**ନାକଟିଦେଉଳ,୨।୫(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତର ଉପରମୁଣ୍ଡାଠାରେ ଗତ ଶନିବାର ସରାପାଲି ଓ ବଳମ ମଣ୍ଡଳ ଚଷା ସମାଜର ପ୍ରଗଣା ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରତ୍ନମଣି ପ୍ରଧାନ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଅଶୋକ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ବୈଠକରେ ମୁଖ୍ୟତଃ ଚାଷ ସମୟରେ ପାଳିତ ପଶୁଙ୍କୁ ନ ଛାଡ଼ିବା, ନୂତନ ସଭାଗୃହ ନିର୍ମାଣ, ନିଶା ଦ୍ରବ୍ୟ ସେବନ ବାରଣ, ସମାଜର ଜ୍ଞାତରେ ବିବାହ ପାଇଁ ଲଗ୍ନପତ୍ର ଦେବା ଓ ରଖିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକର ପୂର୍ବତନ ଅଧକ୍ଷ ସୁଦର୍ଶନ ସାହୁ, ବ୍ଲକ ବିଜେଡ଼ି ଯୁବ ସଭାପତି ଧୀରେନ କୁମାର ସାହୁ, ନାକଟିଦେଉଳ ଏବିଡ଼ିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଗୋପୀନାଥ ପ୍ରଧାନ, ଉପସଭାପତି ବିପ୍ରମଣି ସାହୁ, ଉପଦେଷ୍ଟା ହେମନ୍ତ ଧଳ, ବଳମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୀରେନ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ଶ୍ରମିକଙ୍କୁ ବିକାଶରେ ସାମିଲ କରିବା ଉପରେ ଗୁରୁତ୍ୱ



ଶ୍ରମିକମାନେ ପୋଷ୍ଟର ଧରି ସହର ପରିକ୍ରମା କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୨।୫**

ବିଶ୍ୱ ଶ୍ରମିକ ଦିବସ ଅବସରରେ ପ୍ରଗତିଶୀଳ ଶ୍ରମିକ ମଞ୍ଚ ଝାରସୁଗୁଡ଼ା ପକ୍ଷରୁ ଶିଳ୍ପାଞ୍ଚଳଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚ ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା ରକ୍ଷାକର ଅନୁପମ ସଭାପତିତ୍ୱ କରି ଶ୍ରମିକଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ କୃଷକ ନେତା ଶେଷଦେବ ନନ୍ଦ କହିଲେ ଶ୍ରମିକମାନଙ୍କ ମିଳିତ ଲଢେଇ ହିଁ ସେମାନଙ୍କୁ ସାମାଜିକ ନିରାପତ୍ତା ଓ ନିଯୁକ୍ତି ଯୋଗାଇବାରେ ସାହାଯ୍ୟ କରିବ। ବୀମା କର୍ମଚାରୀ ନେତା ରତ୍ନାକର ପ୍ରଧାନ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଜିଲାର ୫ ବ୍ଲକ ଓ ୩ ପୌର ପରିଷଦରୁ ୨ହଜାରରୁ ଅଧିକ ଶ୍ରମିକ ଭାଗ ନେଇଥିଲେ। ମଞ୍ଚ ପକ୍ଷରୁ ସୁଶ୍ରୀ ସୁବନ୍ତି, ଚେରୁମଣି କାଲୋ, ଚିନ୍ତାମଣି କିଷାନ, ମନୋଜ ନାଏକ, ଲାଲାରାମ ଛତ୍ରିଆ, ସୁଗ୍ରୀ ବାଗ, ଦିଲୀପ ବେହେରା, ରୂପଧର ପରୁଆ ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ। ମଞ୍ଚର ପଶ୍ଚିମ ଓଡ଼ିଶା ଆବାହିକା ସୁଷମା ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଦାବି କଲେ ୪ ପଞ୍ଚାୟତବାସୀ

**ନାକଟିଦେଉଳ,୨।୫(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ, ଘୋଷରାମାଳ, ଡ଼ଇଁଚା ଓ ଗୋଗୁଆ ପଞ୍ଚାୟତରେ ଡାକ୍ତରଖାନା ନ ଥିବାରୁ ୪ ପଞ୍ଚାୟତର ଜନସାଧାରଣ ଜରୁରୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ଅଭିଯୋଗ ଅନୁସାରେ ଏହି ୪ ପଞ୍ଚାୟତରେ ପ୍ରାୟ ୩୦ହଜାର ଲୋକ ବସବାସ କରୁଛନ୍ତି। ବିଭିନ୍ନ ଗ୍ରାମରୁ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ପ୍ରାୟ ୩୦କି.ମି.। ଫଳରେ ଠିକ୍ ସମୟରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ବ୍ଲକର ବାଟଗାଁ ଓ ଗିରିଶ୍ଚନ୍ଦ୍ରପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ୪ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ମଧ୍ୟସ୍ଥଳ ତଣ୍ଡାବିରା ଛକଠାରେ ଥିବା ସରକାରୀ ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସରକାର ମଞ୍ଜୁର କରିବାକୁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ରେଢାଖୋଲ ବିଧାୟକ ଏବଂ ସମ୍ବଲପୁର ଜିଲାପାଳଙ୍କୁ ପତ୍ର ଲେଖି ଦାବି ଜଣାଇଛନ୍ତି।

# ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ସରପଞ୍ଚ



ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଉଛନ୍ତି ସରପଞ୍ଚ।

**କୁଚିଣ୍ଡା,୨।୫(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ବକ୍ସମା ନୋଡାଲ ୟୁପି ସ୍କୁଲରେ ସୋମବାର ମହିଳା ସରପଞ୍ଚ ସରସ୍ୱତୀ ଠାକୁର ପହଞ୍ଚି ମଧ୍ୟାହ୍ନଭୋଜନ ତଦାରଖ କରି ନିଜେ ଗ୍ରହଣ କରିଥିଲେ। ମଧ୍ୟାହ୍ନଭୋଜନର ମାନ, କିଭଳି ପ୍ରସ୍ତୁତି ହେଉଛି ଓ ଏହା କେତେ ରୁଚିକର ତାହା ପରୀକ୍ଷା କରିବା ପାଇଁ ସେ ପିଲାଙ୍କ ସହ ଖାଇଥିବା କହିଥିଲେ। ଏହାଛଡା ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ବେଳେ ପାଚିକା ଓ ସହାୟିକାମାନେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଅଧୀନ ସମସ୍ତ ସ୍କୁଲ ଗସ୍ତ କରି ଏଭଳି ମଧ୍ୟାହ୍ନ ଭୋଜନ ଯାଞ୍ଚ କରିବେ ବୋଲି ସରପଞ୍ଚ ଠାକୁର ପ୍ରକାଶ କରିଛନ୍ତି।

## ମେଘପାଲରେ ଶ୍ରମିକ ଦିବସ

**ପଡିଆବାହାଲ,୨।୫(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ମେଘପାଲ ପଞ୍ଚାୟତ ପକ୍ଷରୁ ରବିବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ମମତା ପ୍ରଧାନ ଅଧକ୍ଷତା କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ବାରିକ ଶ୍ରମିକ ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଗାଁ ସାଥୀ ହାରାବତୀ ବେହେରା, ଲବଙ୍ଗ ଲତା ପ୍ରଧାନ, ସୁଗାଡ କାଣ୍ଡୁଲନା, ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତଙ୍କୁ ସାମିଲ କରି ମେଘପାଳକୁ ଦାଦନ ମୁକ୍ତ ପଞ୍ଚାୟତରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ଶ୍ରମିକଙ୍କ ଶ୍ରମଦାନ ହିଁ ପ୍ରଗତିର ଉପାଦାନ ବୋଲି କହିଥିଲେ। ଯୋଗାଣ ସହାୟିକା ଝରଣା ନାଏକ ଧନ୍ୟବାଦ ଦେଇଥିଲେ।

# ବିଜୟ ମହାନ୍ତିଙ୍କୁ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ

**ସମ୍ବଲପୁର,୨।୫ (ବ୍ୟୁରୋ)**

ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ସମାରୋହରେ ସରକାରଙ୍କ ପକ୍ଷରୁ ସମ୍ବଲପୁର ନିବାସୀ ତଥା ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଶିଷ୍ଟ ଶ୍ରମିକ ନେତା ବିଜୟ ମହାନ୍ତିଙ୍କୁ ବିଜୁ ଶ୍ରମିକ ବନ୍ଧୁ ୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସ୍ୱାକ୍ଷରରେ ଶ୍ରମମନ୍ତ୍ରୀ ସିଂ ଏକ ମାନପତ୍ର ପ୍ରଦାନ କରିଥିଲେ। ଶ୍ରମିକଙ୍କ ସାମାଜିକ, ଅର୍ଥନୈତିକ କଲ୍ୟାଣ ନିମନ୍ତେ ଥିବା ଅବଦାନକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସିଂହଙ୍କ ସମେତ ରାଜ୍ୟ ନିର୍ମାଣ ବୋର୍ଡ ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅନୁଗମ, ଶ୍ରମ ଆୟୁକ୍ତ ଏନ୍ ଥିରୁମଲ୍ଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖବର ପ୍ରକାଶ ପାଇବା ପରେ ଅବିଭକ୍ତ ସମ୍ବଲପୁର ଜିଲା ସମେତ ସମଗ୍ର ରାଜ୍ୟର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ବିଜୟ ମହାନ୍ତିଙ୍କୁ ସମ୍ମାନିତ କରୁଛନ୍ତି ଶ୍ରମମନ୍ତ୍ରୀ।

# ଜାତୀୟ ରାଜପଥ ନିର୍ମାଣ ଉପରେ ଗୁରୁତ୍ୱ

**ରେଢ଼ାଖୋଲ,୨।୫(ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୋମବାର ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟରେ ୩୬ ବ୍ୟକ୍ତିଗତ ଓ ୧୧ ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରିଥିଲେ। ତେବେ ଓକିଲସଂଘ ସଭାପତି ଅଭୟ କୁମାର ବୀରଙ୍କ ନେତୃତ୍ୱରେ ନାଗରିକ କମିଟି କର୍ମକର୍ତ୍ତା ରେଢାଖୋଲ ଦେଇ ଯାଇଥିବା ସମ୍ବଲପୁର ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ନିର୍ମାଣାଧୀନ ୪ ଥାକିଆ ରାସ୍ତାକୁ ନେଇ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ତୁରନ୍ତ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ଶ୍ରମିକ ନେତା ଅନାଦି ଚରଣ ସାହୁ ରେଢାଖୋଲ ସହରକୁ ମହାନଦୀରୁ ପାନୀୟ ଜଳ ଯୋଗାଣ ନିୟମିତ ହେଉ ନ ଥିବା ଓ ସବୁ ୱାର୍ଡକୁ ପାନୀୟ ଜଳ ଯୋଗାଣ କରାଯିବାକୁ ଦାବି କରିଥିଲେ। ସେହିପରି କଦଳିଗଡ ଓ ବଡମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, ବଡମାଳ ଜୟ ଜଗନ୍ନାଥ ଯୁକ୍ତ ୨ କଲେଜକୁ ଡିଗ୍ରୀ କଲେଜରେ ରୂପାନ୍ତରିତ କରାଯିବା ନେଇ ଅଭିଯୋଗ ହୋଇଥିଲା। ବୁର୍ଡା ପଞ୍ଚାୟତର ସରପଞ୍ଚ ରାଜା ପାଲ ବିଭିନ୍ନ ସମସ୍ୟା ସମାଧାନ ପାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ଶୁଣାଣି ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, ଆଇଏଏସ୍ ଟ୍ରେନି ଆଶୁତୋଷ କୁଲକର୍ଣ୍ଣି, ଉପଜିଲାପାଳ ପବିତ୍ର ବେହେରା, ତହସିଲଦାର ବେଶିୟୁସ ଡୁଙ୍ଗଡୁଙ୍ଗ, ବିଡିଓ ପରିକ୍ଷିତ ସାହୁଙ୍କ ସମେତ ଜିଲା ଓ ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ରେଢାଖୋଲ ସହରରେ ନିମାଣାଧୀନ ଟାଉନହଲ, ନୂତନ ବସ୍‌ଷ୍ଟାଣ୍ଡ ବୁଲି ଦେଖିବା ସହ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।



ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ରେଢ଼ାଖୋଲରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

# ଧରିତ୍ରୀ
DHARITRI

ମଙ୍ଗଳବାର, ମେ ୩/୨୦୨୨ | Tuesday, May 3/2022




## ସୁଯୋଗ ଅପେକ୍ଷାରେ ଜରିନ

ନାରୀକୈନ୍ଦ୍ରିକ ୱେବ୍ ସିରିଜ୍‌ରେ ଅଭିନୟ କରିବା ପାଇଁ ବି. ଟାଉନ୍ ଅଭିନେତ୍ରୀ ଜରିନ ଏବେ ସୁଯୋଗ ଅପେକ୍ଷାରେ ଥିବା କହିଛନ୍ତି।

୦୩

୦୬

## ସୁଭଦ୍ରାଙ୍କ ଡବଲ ଗୋଲ

ସୁଭଦ୍ରା ସାହୁଙ୍କ ଡବଲ ଗୋଲ ବଳରେ ସ୍ପୋର୍ଟ୍ସ ଓଡ଼ିଶା ଇଣ୍ଡିଆନ ଓମେନ୍ସ ଲିଗ୍‌ର ଏକ ମ୍ୟାଚରେ ପିଆଇଏଫ୍‌ଏ ସ୍ପୋର୍ଟ୍ସକୁ ୩-୦ ଗୋଲରେ ପରାସ୍ତ କରିଛି।



# ଆସିବ ନୂଆ ଭୂତଳ ଜଳ ନିୟମ

## ବୋର୍‌ୱେଲ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ

ମନଇଚ୍ଛା ଆଉ ଭୂଗର୍ଭରୁ ପାଣି ଶୋଷି ହେବନି। ଏହାକୁ ନିୟନ୍ତ୍ରଣ କରିବାକୁ ସରକାର ନୂଆ ଆଇନ ଆଣିବାକୁ ଯାଉଛନ୍ତି। ତଦନୁଯାୟୀ ଭୂଗର୍ଭ ଜଳ ବ୍ୟବହାର ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଶିଳ୍ପ, ବ୍ୟବସାୟିକ, ୱାଟର ପାର୍କ, ବୃହତ୍ ଓ କ୍ଷୁଦ୍ର ଶିଳ୍ପ, ଆପାର୍ଟମେଣ୍ଟ ଏପରି କି ଘରୋଇ ବ୍ୟବହାର ପାଇଁ ବୋର୍‌ୱେଲ କିମ୍ବା କୂପ ଖୋଳିବା ଲାଗି ଅନୁମତି ନେବାକୁ ହେବ। ଏଥିପାଇଁ ନିର୍ଦ୍ଧାରିତ ଫି’ ଦେବାକୁ ପଡ଼ିବ।



### ଗଠନ ହେବ ଗ୍ରାଉଣ୍ଡ ୱାଟର ଅଥରିଟି

- ୱାଟର ପାର୍କ, ଶିଳ୍ପ, ବ୍ୟବସାୟିକ ବ୍ୟବହାର ଉପରେ ଲାଗିବ ଅଙ୍କୁଶ
- ପାଇପ୍ ପାଣି ଥିଲେ ମିଳିବନି ଅନୁମତି

ଭୁବନେଶ୍ୱର,୨।୫(ବ୍ୟୁରୋ)

ବର୍ଷା ପରିମାଣ ହ୍ରାସ ପାଉଥିବାରୁ ନଦୀ, ହ୍ରଦ, ଝରଣା, ପୋଖରୀ ଆଦି ଜଳଉତ୍ସ ବର୍ଷର ଅଧିକାଂଶ ଦିନ ଶୁଖିଲା ପଡୁଛି। ରାଜ୍ୟର ଅନେକ ଅଞ୍ଚଳରେ ଭୂତଳ ଜଳସ୍ତର ଚିନ୍ତାଜନକ ଭାବେ ତଳକୁ ଖସୁଛି। କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷାଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ନେଉଛନ୍ତି ତାହାର ମଧ୍ୟ କିଛି ହିସାବ ନାହିଁ। ଭୂତଳ ଜଳସଙ୍କଟକୁ ଦେଖି ରାଜ୍ୟ ସରକାର ଖୁବ୍‌ଶୀଘ୍ର ଭୂତଳ ଜଳ ଅଧିନିୟମ(ରୁଲ୍ସ)-୨୦୨୨ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।

ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଭୂତଳ ଜଳ କର୍ତ୍ତୃପକ୍ଷ (ଗ୍ରାଉଣ୍ଡ ୱାଟର ଅଥରିଟି) ଗଠନ ହେବ। ଏଥିରେ ଜଳସମ୍ପଦ ବିଭାଗ ସଚିବ ଚେୟାରମ୍ୟାନ ରହିବେ ଏବଂ ଭୂତଳ ଜଳ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ମେମ୍ବର କନ୍‌ଭେନର, ଆରଡବ୍ଲୁଏସ୍‌ଏସ୍ ଅଧିକାରୀ, ଆଇଆଇଟି ଏକ୍ସପର୍ଟ ଏହାର ସଦସ୍ୟ ରହିବେ। ଯେଉଁମାନେ ବୋରୱେଲ ଖୋଳିବାକୁ ଚାହିଁବେ ସେମାନେ ଭୂତଳ ଜଳ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ। ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ଆବେଦନକାରୀ ବୋର୍‌ୱେଲ ଖନନ ପାଇଁ ଯୋଗ୍ୟ କି ନୁହନ୍ତି ତାହା ଯାଞ୍ଚ କରିବ। ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ☞ପୃଷ୍ଠା-୨

## ଭୁବନେଶ୍ୱରରୁ ରତନଙ୍କୁ ଗିରଫ କଲା ଏନ୍‌ଆଇଏ

### ଖେଜୁରି ବୋମା ବିସ୍ଫୋରଣ ଘଟଣା

ଭୁବନେଶ୍ୱର,୨।୫(ବ୍ୟୁରୋ): ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ଖେଜୁରି ଥାନା ଅଞ୍ଚଳରେ ହୋଇଥିବା ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ☞ପୃଷ୍ଠା-୨

# ଖାଲରେ ପକାଇ ପୋଲିସକୁ ମାଡ଼

- ମାରଗନ୍ଧଣା ଚୂନମାଟି ଖନନକୁ ଗ୍ରାମବାସୀଙ୍କ ବିରୋଧ
- ୫୦ ଜଣଙ୍କ ନାମରେ ମାମଲା ରୁଜୁ
- ବୁଝାଶୁଝା କଲେ ମଧ୍ୟ ଶୁଣି ନ ଥିଲେ ଗ୍ରାମବାସୀ

କୋରାପୁଟ/ଲମତାପୁଟ, ୨।୫(ସ୍ୱ.ପ୍ର/ଡି.ଏନ.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକର କୁମାରଗନ୍ଧଣାସ୍ଥିତ ଏକ ଚୂନମାଟି ଖଣି ଖନନକୁ ବିରୋଧ କରି ସୋମବାର ଗ୍ରାମବାସୀ ପୋଲିସ ଉପରକୁ ଆକ୍ରମଣ କରିଛନ୍ତି। ଅଞ୍ଚଳବାସୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସୃଷ୍ଟ ବିବାଦକୁ ସମାଧାନ କରିବାକୁ ଯାଇଥିବା ନନ୍ଦପୁର ଆଇଆଇସି ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ନନ୍ଦପୁର ଥାନା ଅଧିକାରୀଙ୍କୁ ଏକ ଖାଲରେ ପକାଇ ମାଡ଼ ମାରିଛନ୍ତି। ଖବରରୁ ଜଣାପଡିଛି, ଜିଲାର ଲମତାପୁଟ ବ୍ଲକ ☞ପୃଷ୍ଠା-୨



ଖାଲରେ ପଡିଯାଇଥିବା ଥାନା ଅଧିକାରୀ

## ଆଜି ଚାଷୀଙ୍କ ଖାତାକୁ ଯିବ ‘କାଳିଆ’ ଟଙ୍କା

- ଝାରସୁଗୁଡ଼ା ଜିଲା ଛାଡ଼ି ସବୁ ଜିଲାକୁ ମିଳିବ
- ୪୦ ଲକ୍ଷ ଚାଷୀଙ୍କୁ ମିଳିବ ୮୦୦ କୋଟି

ଭୁବନେଶ୍ୱର,୨।୫(ବ୍ୟୁରୋ)

ଓଡ଼ିଶାର ଚାଷୀଙ୍କ ଲାଗି ରାଜ୍ୟ ସରକାର ଗତବର୍ଷ ଭଳି ଏଥର ମଧ୍ୟ ଅକ୍ଷୟ ତୃତୀୟା ଅବସରରେ ଭଲ ଖବର ଦେଇଛନ୍ତି। ରାଜ୍ୟ ସରକାର ଓଡ଼ିଶାର ପ୍ରାୟ ୪୦ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ‘କାଳିଆ’ ଯୋଜନାର ଟଙ୍କା ପଠାଇବେ। ପ୍ରତ୍ୟେକ ବର୍ଷ ୨ଟି କିସ୍ତିରେ ଚାଷୀଙ୍କୁ ରାଜ୍ୟ ସରକାର କାଳିଆ ଟଙ୍କା ଦେଉଛନ୍ତି। ଅକ୍ଷୟ ତୃତୀୟା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାଳିଆ ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ୨୦୦୦ ଟଙ୍କା ପଠାଯିବ। ଏନେଇ ରାଜ୍ୟ ସରକାର ୮୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଖରିଫ ଏବଂ ରବି ଚାଷ ପାଇଁ ୨ଟି କିସ୍ତିରେ ସରକାର କାଳିଆ ଟଙ୍କା ଦେବାକୁ ଘୋଷଣା କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ଏହି କାଳିଆ ଟଙ୍କା ପ୍ରଦାନ ତାଲିକାରୁ ଝାରସୁଗୁଡ଼ା ଜିଲା ଚାଷୀମାନେ ବାଦ୍ ପଡ଼ିବେ। ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ବ୍ରଜରାଜନଗର ବିଧାନସଭା ଆସନ ଲାଗି ଆସନ୍ତା ୩୧ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ଅର୍ଥାତ୍ ସୋମବାରଠାରୁ ଏହି ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ନିର୍ବାଚନ କମିଶନ ତାଙ୍କ ପ୍ରେସ୍ ବିଜ୍ଞପ୍ତି ☞ପୃଷ୍ଠା-୨




# ୩ ସନ୍ତାନଙ୍କୁ କୂଅରେ ଫିଙ୍ଗି ହତ୍ୟା

### କ୍ରୋଧ ନିଆଁରେ ବାପା ନୃଶଂସ



ଅଭିଯୁକ୍ତ ପାଣ୍ଡୁ ମୁଣ୍ଡା

ଟେନ୍‌ସା,୨।୫(ଡି.ଏନ୍.ଏ.)

କ୍ରୋଧର ବଶବର୍ତ୍ତୀ ହୋଇ ଜଣେ ବାପା ଅତି ନୃଶଂସକାଣ୍ଡ ଘଟାଇଛନ୍ତି। ସେ ନିଜର ୩ ଶିଶୁ ସନ୍ତାନଙ୍କୁ ଜଣ ଜଣ କରି କୂଅରେ ଫିଙ୍ଗି ହତ୍ୟା କରିଛନ୍ତି। ଏଭଳି ଲୋମଟାଙ୍କୁରା ଘଟଣା ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଡେଙ୍ଗୁଳା ଗ୍ରାମପଞ୍ଚାୟତ କୁଲା ମୁଣ୍ଡାବସ୍ତିରେ ଶନିବାର ବିଳମ୍ବିତ ରାତିରେ ଘଟିଛି। ପୋଲିସ ରବିବାର ଅଭିଯୁକ୍ତ ବାପା ପାଣ୍ଡୁ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

କୁଲା ମୁଣ୍ଡାବସ୍ତିରେ ପାଣ୍ଡୁ ସହିତ ତାଙ୍କ ସ୍ତ୍ରୀ ଧୋବଲି, ଝିଅ ସୀମା (୫), ପୁଅ ରାଜୁ(୨) ଓ ଦୁଇ ମାସର ଝିଅ ରହୁଥିଲେ। ପାଣ୍ଡୁ ମଝିରେ ମଝିରେ ସ୍ତ୍ରୀ ସହିତ ଝଗଡ଼ା କରୁଥିଲେ। ଶନିବାର କୋଇଡ଼ାରେ ହାଟ ଥିବାରୁ ପାଣ୍ଡୁ ରାତି ୧୦ଟାରେ ଘରକୁ ଫେରିଥିଲେ। ଘରେ ପହଞ୍ଚି ସ୍ତ୍ରୀ ସହିତ ଝଗଡ଼ା କରିଥିଲେ। ଏକ ଟାଙ୍ଗିଆରେ ସ୍ତ୍ରୀଙ୍କୁ ମାରିବାକୁ ଗୋଡ଼ାଇବାରୁ ସେ ନିକଟସ୍ଥ ଗ୍ରାମକୁ ଦୌଡ଼ି ପଳାଇଥିଲେ। ସ୍ତ୍ରୀ ଉପର ରାଗ ଶୁଝାଇବାକୁ ଯାଇ ପାଣ୍ଡୁ ଘରେ ଶୋଇଥିବା ୩ ସନ୍ତାନଙ୍କୁ ଟେକି ନେଇ ନିକଟରେ ଥିବା ଏକ କୂଅ ଭିତରକୁ ଫିଙ୍ଗି ଦେଇଥିଲେ। ବିଛଣାକୁ ମଧ୍ୟ କୂଅକୁ ଫିଙ୍ଗି ଦେଇଥିଲେ। ଧୋବଲି କିଛି ସମୟ ପରେ ଘରକୁ ଆସି ଦେଖିବା ବେଳକୁ ଛୁଆସବୁ ଘରେ ନାହାନ୍ତି। ବହୁତ ଖୋଜାଖୋଜି କରିବା ପରେ କୂଅ ନିକଟରେ ବିଛଣା ପଡ଼ିଥିବା ଦେଖି ପାଖକୁ ଗଲେ। କୂଅ ଭିତରେ ବଡ଼ଝିଅ ଭାସୁଥିବାର ଦେଖି ଦେଢ଼ଶୁରଙ୍କୁ ଜଣାଇବା ସହ ଗ୍ରାମବାସୀଙ୍କୁ ଡାକିଥିଲେ। ରବିବାର ସକାଳେ ଏ ସମ୍ପର୍କରେ କୋଇଡ଼ା ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ୩ ଶିଶୁଙ୍କ ମୃତଦେହ କୂଅରୁ ବାହାର କରାଯାଇଥିଲା। ଘଟଣା ସମ୍ପର୍କରେ ପୋଲିସ ଅଧିକ ତଦନ୍ତ କରିବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ଜଙ୍ଗଲରେ ଲୁଚି ରହିଥିବା ଅଭିଯୁକ୍ତ ପାଣ୍ଡୁଙ୍କୁ ଗିରଫ କରାଯାଇଛି ବୋଲି କୋଇଡ଼ା ଥାନା ଆଇଆଇସି ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି।


DADLS - 17

ପବିତ୍ର ଇଦ୍-ଉଲ୍-ଫିତର-୨୦୨୨ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR-15001/13/0034/2223

## ଶେୟାର ବଜାରରେ ହ୍ରାସ

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିନ ଅର୍ଥାତ୍ ସୋମବାର ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୮୪.୮୮ ପଏଣ୍ଟ (୦.୧୫%) ଏବଂ ନିଫ୍ଟିରେ ୩୩.୪୫ ଅଙ୍କ (୦.୨୦%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୬,୯୭୫.୯୯ ଇଣ୍ଡେକ୍ସ ଏବଂ ୧୭,୦୬୯.୧୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ସୋମବାର ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ଏବଂ ଅଟୋମୋବାଇଲ୍ ଶେୟାରରେ ହ୍ରାସ ଦେଖିବାକୁ ମିଳିଥିବା ବେଳେ ମେଟାଲ୍, ବ୍ୟାଙ୍କିଙ୍ଗ୍ ଏବଂ ଏଫ୍‌ଏମ୍‌ସିଜିରେ ଷ୍ଟକ୍‌ଗୁଡ଼ିକ ଭଲ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା।

### ସଂକ୍ଷେପରେ

## ୧୦୩ ଟଙ୍କା ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

**ଭୁବନେଶ୍ୱର,୨।୫:** ଗତ କିଛି ମାସ ହେବ ଭାରତରେ ଦର ବୃଦ୍ଧି ଏକ ସାଧାରଣ କଥା ହୋଇଯାଇଛି। କ୍ରମାଗତ ୩ୟ ମାସ ଲାଗି କମର୍ସିଆଲ ଗ୍ୟାସ୍ (୧୯କେଜି ଏଲ୍‌ପିଜି ସିଲିଣ୍ଡର)ର ମୂଲ୍ୟ ବୃଦ୍ଧି ପାଇଛି। ନିକଟରେ ୧୯କେଜି ଗ୍ୟାସ ସିଲିଣ୍ଡର ମୂଲ୍ୟ ୧୦୩ ଟଙ୍କା ବଢ଼ିଥିବା ଦେଶର ପ୍ରମୁଖ ଗ୍ୟାସ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ଫଳରେ ଭୁବନେଶ୍ୱରରେ ୧୯ କେଜି କମର୍ସିଆଲ ସିଲିଣ୍ଡରର ମୂଲ୍ୟ ୨୪୮୨ଟଙ୍କାରେ ପହଞ୍ଚିଛି। ପୂର୍ବ ମାସରେ ଏହାର ମୂଲ୍ୟ ୨୩୭୯ ଟଙ୍କା ଥିଲା। ଅପରପକ୍ଷରେ ରନ୍ଧନ ଗ୍ୟାସ (୧୪କେଜି ସିଲିଣ୍ଡର)ର ମୂଲ୍ୟ ପୂର୍ବପରି ୯୭୬ ଟଙ୍କା ରହିଛି। ସେହିଭଳି ନୂଆଦିଲ୍ଲୀରେ ୧୯କେଜି ସିଲିଣ୍ଡର ଉପରେ ୧୦୨.୫୦ ଟଙ୍କା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ୧୯ କେଜି ସିଲିଣ୍ଡରର ମୂଲ୍ୟ ୨୩୫୫.୫୦ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଏହାର ମୂଲ୍ୟ ୨,୨୫୩ ଟଙ୍କା ଥିଲା। ସେହିପରି ୫ କେଜି ଏଲପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୬୫୫ ଟଙ୍କା ରହିଥିବା ବେଳେ ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟ ପୂର୍ବ ପରି ଅପରିବର୍ତ୍ତିତ ରହିଛି।

## ସୁନା ଚାହିଦା ୧୧% ବଢ଼ିବ

**ନୂଆଦିଲ୍ଲୀ,୨।୫:** ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ର ଦୃଢ଼ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ସୁନା ଚାହିଦା ୧୧% ବୃଦ୍ଧି ପାଇବ ବୋଲି ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫର୍ମେଶନ୍ ଆଣ୍ଡ୍ କ୍ରେଡିଟ୍ ରେଟିଙ୍ଗ୍ ଏଜେନ୍ସି (ଆଇସିଆର୍‌ଏ) ପକ୍ଷରୁ ଅନୁମାନ କରାଯାଇଛି। ଷ୍ଟୋର୍ ବିସ୍ତାର ଯୋଜନାକୁ ଦେଖିଲେ ସଂଗଠିତ ଖୁଚୁରା ବିକ୍ରେତାଙ୍କ ରାଜସ୍ୱରେ ୧୪% ବୃଦ୍ଧି ଘଟିବ ବୋଲି ମଧ୍ୟ ଆକଳନ କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ବିବାହ ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ତଥା ଉତ୍ସବ ସମୟରେ ସୁନା ଚାହିଦା ବୃଦ୍ଧି ପାଇବ ବୋଲି ଆଇସିଆର୍‌ଏ ବରିଷ୍ଠ ଉପାଧ୍ୟକ୍ଷ ଏବଂ ଗ୍ରୁପ୍ ମୁଖ୍ୟ ଜୟନ୍ତ ରାୟ୍ କହିଛନ୍ତି। ତେବେ ଚଳିତ ଆର୍ଥିକ ବର୍ଷ ପାଇଁ ଆନୁମାନିକ ସୁନା ଚାହିଦା ଦର ୨୦୧୯-୨୦ ବର୍ଷର ସୁନା ଚାହିଦାଠାରୁ ୪୦% ଅଧିକ ରହିଥିବା ରାୟ୍ ସୂଚନା ଦେଇଛନ୍ତି।

# ରାଜ୍ୟ ଜିଏସ୍‌ଟି ସଂଗ୍ରହରେ ସର୍ବକାଳୀନ ରେକର୍ଡ

**କଟକ,୨।୫**

ଚଳିତ ବର୍ଷ ଏପ୍ରିଲରେ ଓଡ଼ିଶା ୧୭୧୪.୭୮ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି ସଂଗ୍ରହ କରି ସର୍ବକାଳୀନ ରେକର୍ଡ ହାସଲ କରିଛି। ପୂର୍ବ ବର୍ଷ ୧୧୨୬.୬୭ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି ସଂଗ୍ରହ ତୁଳନାରେ ଚଳିତ ବର୍ଷ ୫୨.୨୦% ଅଧିକ ହାସଲ ହୋଇଛି। ସେହିଭଳି ୨୦୨୨ ମାର୍ଚ୍ଚରେ ସର୍ବାଧିକ ରାଜ୍ୟ ଜିଏସ୍‌ଟି ସଂଗୃହୀତ ହୋଇଥିବା ବେଳେ ଏପ୍ରିଲର ରାଜ୍ୟ ଜିଏସ୍‌ଟି ସଂଗ୍ରହ ତାହାଠାରୁ ୩୬୩.୫୩ କୋଟି ଟଙ୍କା ଅଧିକ ହୋଇଥିବା ଓଡ଼ିଶା ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନରେଟ୍‌ଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି।

ମୋଟ୍ ଜିଏସ୍‌ଟି ସଂଗ୍ରହରେ ମଧ୍ୟ ଓଡ଼ିଶା ଏପ୍ରିଲରେ ସର୍ବାଧିକ ଅଭିବୃଦ୍ଧି ହାର ବଜାୟ ରଖିଛି। ଏହି ହାର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ। ୨୦୨୨ ଏପ୍ରିଲରେ ମୋଟ୍ ଜିଏସ୍‌ଟି ବାବଦରେ ୪୯୧୦.୨୩ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ପୂର୍ବବର୍ଷ ଏପ୍ରିଲ୍‌ରେ ୩୮୪୯.୪୮ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ଏ କ୍ଷେତ୍ରରେ ୨୭% ଅଭିବୃଦ୍ଧି ହୋଇଛି। ଜିଏସ୍‌ଟି ଆଇନ ପ୍ରଚଳନ ହେବା ପରଠାରୁ ଏହା ହେଉଛି ସର୍ବାଧିକ ମୋଟ୍ ଜିଏସ୍‌ଟି ସଂଗ୍ରହ। ସେହିପରି କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ ୧୩୮୧ କୋଟି ଟଙ୍କା ସଂଗୃହୀତ ହେବା ସହିତ ଏ କ୍ଷେତ୍ରରେ ୪୫% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଅତିରିକ୍ତ ଟିକସ (ସେସ୍) ବାବଦକୁ ୭୨୨.୪୦ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଫଳରେ ଏ କ୍ଷେତ୍ରରେ ୧୮% ଅଭିବୃଦ୍ଧି ଘଟିଛି। ତେବେ ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) କ୍ଷେତ୍ରରେ ହେଉଥିବା ମାସିକ ଫଇସଲା କ୍ଷେତ୍ରରେ ଚଳିତ ବର୍ଷ ଏପ୍ରିଲରେ ବିଯୁକ୍ତାତ୍ମକ ୮୯% ଅଭିବୃଦ୍ଧି ହୋଇଛି। ଆନ୍ତଃରାଜ୍ୟ ବିକ୍ରୟ କ୍ଷେତ୍ରରେ ଅତ୍ୟଧିକ ଅଭିବୃଦ୍ଧି ଯୋଗୁ ଏହି ବିଯୁକ୍ତାତ୍ମକ ଧାରା ଦେଖିବାକୁ ମିଳିଛି। ୨୦୨୨ ଏପ୍ରିଲରେ ପେଟ୍ରୋଲ୍ ଓ ମଦରୁ ମୋଟ୍ ଭାଟ୍ ବାବଦକୁ ୨୩୨.୮୮ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ୨୦୨୧ ଏପ୍ରିଲରେ ଏହା ୨୨୪.୨୫ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ୩.୮୫% ଅଭିବୃଦ୍ଧି ଘଟିଛି। ଅପରପକ୍ଷରେ ଅତିକମ୍‌ରେ ୯୦% ରିଟର୍ନ ଦାଖଲ ସୁନିଶ୍ଚିତ କରିବା ପାଇଁ




### ପୂର୍ବ ବର୍ଷ ତୁଳନାରେ ୫୨.୨୦% ବୃଦ୍ଧି

ସମସ୍ତ ସନ୍ଦିଗ୍ଧ ତଥା ବୃହତ ଟିକସ ଦାତାଙ୍କ ରିଟର୍ନ ଯାଞ୍ଚ କରାଯାଇ ତ୍ୱରିତ ଡିମାଣ୍ଡ ଓ ଟିକସ ଅସୁଲ୍ କାର୍ଯ୍ୟ ହାତକୁ ନେବା ପାଇଁ ରାଜ୍ୟ ବାଣିଜ୍ୟ କର ଏବଂ ଜିଏସ୍‌ଟି ଆୟୁକ୍ତ ସୁଶୀଲ୍ କୁମାର ଲୋହାନୀ ସମସ୍ତ କ୍ଷେତ୍ରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟିକସ ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କୁ ଧରିବା ପାଇଁ ଏବଂ ରିୟଲ ଇଷ୍ଟେଟ୍, ଲଘୁ ଖଣିଜ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

୨୦୨୨ ଏପ୍ରିଲରେ ୩୧୪୫ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଛି। ଏଥିସହିତ ଚଳିତବର୍ଷ ଏପ୍ରିଲ୍‌ରେ ୧୭.୫୭ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିବା ବେଳେ ୨୦୨୧ ମସିହା ଏପ୍ରିଲ୍‌ରେ ଏହି ସଂଖ୍ୟା ୧୫. ୨୮ ଲକ୍ଷ ଥିଲା।

## ଆଇବିସି ପକ୍ଷରୁ ବାଣିଜ୍ୟିକ ରାଜିନାମା



**ନୂଆଦିଲ୍ଲୀ, ୨।୫**

ଭାରତ ଅଷ୍ଟ୍ରେଲିଆ ସାମରିକ ଗଠବନ୍ଧନ (ଆଇଏଏସ୍‌ଏ) ଏବଂ ଇଣ୍ଡିଆ ବିଜ୍‌ନେସ କନ୍‌ସୋର୍ଟିୟମ୍ (ଆଇବିସି) ପକ୍ଷରୁ ପୂର୍ବତନ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଟୋନି ଆବଟ୍ଟ ଓ ପୂର୍ବତନ କାନାଡିଆନ୍ ପ୍ରଧାନମନ୍ତ୍ରୀ ଷ୍ଟିଫେନ୍ ହାର୍ପରଙ୍କ ସମ୍ମାନାର୍ଥେ ଏକ ରାତ୍ରିଭୋଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଭୟ ଦେଶର ୧୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ତଥା ବିଜ୍‌ନେସ୍ ଲିଡରମାନେ ସାମିଲ୍ ଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଜିନ୍ଦଲ୍ ଗ୍ରୁପ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ସାଂସଦ ମନୋଜ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏପ୍ରିଲ୍ ୨ରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏକ ବ୍ୟାପକ ଅନ୍ତରୀଣ ବ୍ୟବସାୟିକ ବୁଝାମଣା ଉପରେ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ଅନେକ ଜିନିଷ ଉପରେ ଜିରୋ ଡ୍ୟୁଟି ଟ୍ରେଡ୍‌କୁ ଅନୁମତି ଦେଇଥାଏ। ମୁଖ୍ୟତଃ ଭାରତ ଅଷ୍ଟ୍ରେଲିଆଠାରୁ କଞ୍ଚାମାଲ୍ ଗ୍ରହଣ ସହ ଜିନିଷ ପ୍ରସ୍ତୁତ କରି ରପ୍ତାନି କରିଥାଏ। ଏହି ପରୀପ୍ରେକ୍ଷୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ, ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଓ ଟୁରିଜମ୍ ଏବଂ ଇନ୍‌ଭେଷ୍ଟମେଣ୍ଟ ମନ୍ତ୍ରୀ ଡ୍ୟାନ୍ ତେହାନ୍‌ଙ୍କର ଅବଦାନକୁ କାର୍ଯ୍ୟକ୍ରମ ଅବସରରେ ଟୋନି ଆବଟ୍ଟ ପ୍ରଶଂସା କରିଛନ୍ତି।

## ଏପ୍ରିଲରେ ସ୍କୋଡାର ୫,୧୫୨ ୟୁନିଟ୍ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୨।୫**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆର ବଜାର କାରବାର ପ୍ରତିମାସ ବୃଦ୍ଧି ପାଉଛି। ଫଳରେ କମ୍ପାନୀ ଚଳିତ ବର୍ଷ ଏପ୍ରିଲ୍‌ରେ ୫,୧୫୨ ୟୁନିଟ୍ ଗାଡି ବିକ୍ରୟ କରି ଆଉ ଏକ ସଫଳତା ହାସଲ କରିପାରିଛି। ଗତ ବର୍ଷ ଏପ୍ରିଲ୍‌ରେ ଏହି ସଂଖ୍ୟା ୯୬୧ ୟୁନିଟ୍ ରହିଥିଲା। ଏହା ମଧ୍ୟ ସ୍କୋଡା ଅଟୋ ଇଣ୍ଡିଆ ପାଇଁ ଏକ ନୂଆ ରେକର୍ଡ଼, ଯାହାକି ଚଳିତ ବର୍ଷ ମାର୍ଚ୍ଚ ପରେ ଗୋଟିଏ ମାସରେ ୨ୟ ସର୍ବାଧିକ ସଂଖ୍ୟକ ୟୁନିଟ୍ ବିକ୍ରୟ କରିଛି ଓ ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ଏହାର ନୂଆ ମଡେଲ ସ୍ଲାଭିଆ ଶୁଭାରମ୍ଭର ମାତ୍ର ଗୋଟିଏ ମାସ



ମଧ୍ୟରେ ସ୍ଲାଭିଆ ୧୦,୦୦୦ୟୁନିଟ ଗାଡି ବୁକିଂ କରାଯାଇଛି। ଏପରିକି ୨୦୨୨ର କ୍ୟୁ୧ ରେ ଏକ ସଫଳତା ପୂର୍ବକ ତ୍ରୈମାସ ହୋଇପାରିଛି ଓ ମାର୍ଚ୍ଚ ୨୦୨୨ଟି ଅତ୍ୟନ୍ତ ସଫଳତାର ସହିତ ସମାପ୍ତ ହୋଇଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର, ଜାକ୍ ହୋଲିସ୍ କହିଛନ୍ତି, ସେଡାନର ଏପରି ଗ୍ରାହକ ଆଦୃତି ଦେଖି ଆମେ ଅତ୍ୟନ୍ତ ଆନନ୍ଦିତ। ସ୍ଲାଭିଆ କମ୍ପାନୀ ପାଇଁ ଏକ ଉଲ୍ଲେଖନୀୟ ସଫଳତା ଆଣି ଦେଇଛି। ଏହା ସହିତ କୁସାକ୍ ଏସୟୁଭି ମଧ୍ୟ ଗ୍ରାହକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି। ସ୍କୋଡା ଅଟୋ ଇଣ୍ଡିଆର ପାର୍ଟନରମାନେ ଆମର ନେଟୱର୍କ ସମ୍ପ୍ରସାରଣ, ଗ୍ରାହକ ଟଚ ପଏଣ୍ଟର ବୃଦ୍ଧି, ଉପସ୍ଥିତ ନଥିବା ବଜାରରେ ପ୍ରବେଶ ଆଦି ପାଇଁ ଆମକୁ ସଫଳତା ମିଳିଛି। ସେହିପରି ଗ୍ରାହକମାନଙ୍କର ଅଧିକ ନିକଟତର ହେବା ପାଇଁ ୨ଗୁଣା ପ୍ରଚେଷ୍ଟା ଜାରି ରହିଛି। ଆମେ ଏପର୍ଯ୍ୟନ୍ତ ୧୯୦+ ଟଚ ପଏଣ୍ଟ ଅତିକ୍ରମ କରିସାରିଛୁ ଓ ଏହି ସମ୍ପ୍ରସାରଣ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ଏହାର ଫଳସ୍ୱରୂପ ମାସ ପରେ ମାସ ଆମର ବିକ୍ରିରେ ଉଲ୍ଲେଖନୀୟ ସଫଳତା ଦେଖାଦେଇଛି। ୨୦୨୧ ଆରମ୍ଭରେ କମ୍ପାନୀର ୧୩୪ଟି ଟଚ ପଏଂଟ ଥିବା ବେଳେ ବର୍ତମାନ ଏହା ୧୯୦+ ଟଚ ପଏଣ୍ଟରେ ପହଞ୍ଚିପାରିଛି।

## ପିଏମ୍‌ଆଇରେ ୫୪.୭% ବୃଦ୍ଧି

**ନୂଆଦିଲ୍ଲୀ,୨।୫**

କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସଂସ୍ଥାଗୁଡିକ କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଫଳସ୍ୱରୂପ ଏପ୍ରିଲରେ ଜିଏସଟି ସଂଗ୍ରହ ପରିମାଣ ପରେ ବର୍ତ୍ତମାନ ମାନ୍ୟୁଫାକଚରିଂ ଉଦ୍ୟୋଗରେ ମଧ୍ୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଏ ନେଇ ସୋମବାର ଜାରି ଏକ ମାସିକ ସର୍ଭେ ରିପୋର୍ଟ ଅନୁସାରେ ଏପ୍ରିଲରେ ଉତ୍ପାଦନ ବୃଦ୍ଧି ସହ କମ୍ପାନୀକୁ ମିଳୁଥିବା ଅର୍ଡର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି ଏବଂ ଅନ୍ତଃରାଷ୍ଟ୍ରୀୟ ବିକ୍ରି ମଧ୍ୟ ବୃଦ୍ଧି ଘଟିଛି। ଉକ୍ତ ରିପୋର୍ଟ ଅନୁସାରେ ଚଳିତ ବର୍ଷ ଏପ୍ରିଲରେ ପର୍ଚ୍ଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମଆଇ) ର ସୂଚନା ଅନୁସାରେ ଏହାର ପରିମାଣ ୫୪.୭% ବୃଦ୍ଧି ପାଇଛି। ପୂର୍ବ ମାସରେ ଏହା ୫୪% ଥିଲା। କୋଭିଡ ମହାମାରୀ ଯୋଗୁ ଲାଗୁ ହୋଇଥିବା କଟକଣା ଓ ପ୍ରତିବନ୍ଧକ ପରେ ଚାହିଦାରେ ମଧ୍ୟ ବୃଦ୍ଧି ହୋଇଛି।

## ୩୮୦ ଏମ୍‌ଡବ୍ଲ୍ୟୁ ଅକ୍ଷୟ ଶକ୍ତି ଉତ୍ପାଦନ କରିବ ବେଦାନ୍ତ

**ଭୁବନେଶ୍ୱର,୨।୫**

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏହାର ଆଲୁମିନିୟମ ସ୍ମେଲଟର ପାଇଁ ୩୮୦ ମେଗାୱାଟ(ଏମଡବ୍ଲ୍ୟୁ)ର ଅକ୍ଷୟ ଶକ୍ତି ଉତ୍ପାଦନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ତା'ର ଓଡ଼ିଶାର ଝାରସୁଗୁଡ଼ା ଆଲୁମିନିୟମ ସ୍ମେଲଟର ପାଇଁ ୧୮୦ମେଗାୱାଟ ଏବଂ ଛତିଶଗଡ଼ର ବାଲକୋ, କୋରବା ଆଲୁମିନିୟମ ସ୍ମେଲଟର ପାଇଁ ୨୦୦ମେଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବ। ବେଦାନ୍ତ ଲିମିଟେଡ (ଆଲୁମିନିୟମ ବିଜ୍‌ନେସ) ଓ ସ୍ପେଶାଲ ପର୍ପୋଜ ଭେଇକିଲ୍‌ସ- ସୌର, ପବନ ଓ ଷ୍ଟୋରେଜ ସମାଧାନର ଅକ୍ଷୟ ଶକ୍ତି ଉତ୍ପାଦନ ଯୋଗାଣ ପାଇଁ କାର୍ଯ୍ୟ କରୁଥିବା ଷ୍ଟେରଲାଇଟ ପାୱାର ଟେକ୍ନୋଲୋଜିସ ପ୍ରା.ଲି. ମଧ୍ୟରେ ଏକ ଶକ୍ତି ଯୋଗାଣ ରାଜିନାମା ଅନୁସାରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହା କାର୍ଯ୍ୟକାରୀ ହେଲେ ବେଦାନ୍ତ ଆଲୁମିନିୟମରେ ବର୍ଷକୁ ୧୫,୦୦,୦୦୦ ସିଓ୨ ସମ୍ଭାବ୍ୟ ଜିଏଚଜି ଗ୍ୟାସ ନିର୍ଗମନ କମ ହୋଇପାରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ବିଜ୍‌ନେସର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମର ଆଲୁମିନିୟମ ସ୍ମେଲଟର ପାଇଁ ୮୦୦୦ମେଗାୱାଟ ନବୀକରଣ ଯୋଗ୍ୟ ଶକ୍ତି ବିତରଣ ଚୁକ୍ତି ଅବଭିବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ଏହା ଏକ ଅଭିଯାନ ଅଟେ। ଏକ ନେଟ ଜଳବାୟୁ ସ୍ଥିର ଆଲୁମିନିୟମ ବ୍ୟବସାୟ ଗଠନ ପାଇଁ ଆମର ସଂକଳ୍ପ ଆମ ପାଖରେ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଆମ ପ୍ରତିବଦ୍ଧତା ଅନୁରୂପ ହୋଇଛି। ଯାହା ପରିବେଶ ପାଇଁ ଅନୁକୂଳ ପ୍ରଭାବ ପକାଇବ। ଏହାକୁ ଦୃଷ୍ଟି ଦେଇ ଆମେ ୨୦୩୦ ପର୍ଯ୍ୟନ୍ତ ଆମର ଇଏସଜି ରୋଡମ୍ୟାପକୁ ପ୍ରସ୍ତୁତ କରିଛୁ।

### ଫୁର୍‌ସତ୍

# ସଚେତନତା ହିଁ ପ୍ରକୃତ ନିଦାନ

### ବିଶ୍ୱ ଆଜ୍‌ମା ଦିବସ

**କୌଣସି** ଶାରୀରିକ ସମସ୍ୟାରୁ ଦୂରେଇ ରହିବା ପାଇଁ ସଚେତନତା ହିଁ ପ୍ରକୃତ ନିଦାନ ପାଲଟିଥାଏ। ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ଯୋଗୁ ପୃଥିବୀରେ ବହୁ ଲୋକ ଆଜ୍‌ମାରେ ଆକ୍ରାନ୍ତ ହେଉଛନ୍ତି। ଆଜ୍‌ମା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମେ' ମାସ ପ୍ରଥମ ମଙ୍ଗଳବାର ବିଶ୍ୱ ଆଜ୍‌ମା ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଏହା ମେ' ୩ରେ ପାଳିତ ହେଉଛି। ୧୯୯୮ରେ ପ୍ରଥମ ଥର ପାଇଁ ବିଶ୍ୱ ଆଜ୍‌ମା ଦିବସ ପାଳନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଏହା ପାଳନ ହୋଇଆସୁଛି। ପୃଥିବୀରେ ଆଜ୍‌ମା ସମସ୍ୟା ଭୋଗୁଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୩୦୦ ନିୟୁତ । ପ୍ରତି ୧୦ ବର୍ଷରେ ଏଭଳି ସମସ୍ୟା ଥିବା ଲୋକଙ୍କ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି ହେଉଛି। ୨୦୧୯ରେ ପୃଥିବୀରେ ଆଜ୍‌ମା ସମସ୍ୟା ଥିବା ଲୋକଙ୍କ ସଂଖ୍ୟା ୨୬୨ ନିୟୁତ ଥିଲା। ଶିଶୁମାନଙ୍କଠାରେ ଏଭଳି ସମସ୍ୟା ଅଧିକ ଦେଖା ଦେଇଥାଏ। ଅଷ୍ଟ୍ରେଲିଆ, ସୁଇଡେନ୍, ୟୁକେ, ନେଦରଲାଣ୍ଡ, ବ୍ରାଜିଲ ଆଦି ଦେଶରେ ଆଜ୍‌ମା ସମସ୍ୟା ଭୋଗୁଥିବା ଲୋକଙ୍କ ଅଧିକ । ଭାରତରେ ଏଭଳି ଲୋକଙ୍କ ସଂଖ୍ୟା ୩୦ ନିୟୁତ ରହିଛି।

ଗତ ୨୦ ବର୍ଷ ଧରି ବାୟୁମଣ୍ଡଳରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବିଷାକ୍ତ ଗ୍ୟାସ୍ ଯୋଗୁ ଶିଶୁଙ୍କଠାରେ ଆଜ୍‌ମା ସମସ୍ୟା ବୃଦ୍ଧି ପାଉଛି। ବାୟୁରେ ଥିବା ଜହର ପିଲାମାନଙ୍କ ଜୀବନକୁ ନଷ୍ଟ କରୁଛି। ୨୦୧୯ରେ ଏହି ପ୍ରଦୂଷଣ ଯୋଗୁ ୧୮.୫ ଲକ୍ଷରୁ ଅଧିକ ଶିଶୁଙ୍କଠାରେ ଆଜ୍‌ମା ସମସ୍ୟା ଦେଖାଦେଇଥିବା ଏକ ରିପୋର୍ଟରେ ପ୍ରକାଶିତ ହୋଇଛି। ପ୍ରତିବର୍ଷ ଏହି ସଂଖ୍ୟା ବଢ଼ି ଚାଲିଛି। ଏଭଳି ସମସ୍ୟାର ୭୦ ପ୍ରତିଶତ ସହରରେ ସୃଷ୍ଟି ହେଉଛି। ଆମେରିକାର ସ୍ପେସ୍ ଏଜେନ୍ସି ନାସା ଦ୍ୱାରା ଉପଗ୍ରହରୁ ପ୍ରଥମ ଥର ପାଇଁ ସଂଗୃହୀତ ପ୍ରଦୂଷଣ ତଥ୍ୟ ଏବଂ ରୋଗର ଭୂତଳ ତଥ୍ୟର ତୁଳନାତ୍ମକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ନାସା ବୈଜ୍ଞାନିକ ଏବଂ ଚିକିତ୍ସାବିତ୍‌ମାନେ କହିଛନ୍ତି, ପ୍ରଦୂଷିତ ବାୟୁ ଯୋଗୁ ପିଲାମାନଙ୍କର ହେଉଥିବା କ୍ଷତି ସମ୍ପର୍କରେ ଏହି ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଏହି ଦିବସ ପାଳନ ଅବସରରେ ପୃଥିବୀ ବ୍ୟାପୀ ବିଭିନ୍ନ ରାଷ୍ଟ୍ରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆଜ୍‌ମାରୁ ଦୂରେଇ ରହିବା ସମ୍ପର୍କରେ ପରାମର୍ଶ ପ୍ରଦାନ କରାଯାଇଥାଏ।



## ସୁଯୋଗ ଅପେକ୍ଷାରେ ଜରିନ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଏବେ ସୁଯୋଗ ଅପେକ୍ଷାରେ ଅଛନ୍ତି। କାମ କରିବା ପାଇଁ ତାଙ୍କୁ ଅଫର ମିଳୁ ନ ଥିବା ଜରିନ ପରୋକ୍ଷ ଭାବେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି। ଫିଲ୍ମରେ ଆଶାନୁରୂପ ସଫଳତା ନ ମିଳିବା ପରେ ଜରିନ ଏବେ ୱେବ୍ ସିରିଜ୍‌ରେ କ୍ୟାରିୟର ଗଢ଼ିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏକ ସାକ୍ଷାତ୍‌କାରରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଫିଲ୍ମ ଅପେକ୍ଷା ୱେବ୍ ସିରିଜ୍‌ର ଲୋକପ୍ରିୟତା ବଢ଼ିଛି। ବହୁତଗୁଡ଼ିଏ ନାରୀକେନ୍ଦ୍ରିକ ସିରିଜ୍ ପାଇଁ ଅନେକ କାହାଣୀ ଲେଖାଯାଉଛି। ତେବେ ସେହିପରି ଏକ ସିରିଜ୍‌ରେ କାମ କରିବାର ସୁଯୋଗ ମିଳିବା ଅପେକ୍ଷାରେ ସେ ଥିବା କହିଛନ୍ତି। ଜରିନଙ୍କ ଦ୍ୱାରା ଅଭିନୀତ 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ' ଓଟିଟିରେ ରିଲିଜ୍ ହୋଇଛି, ଯାହାପରେ ୱେବ୍ ସିରିଜ୍‌କୁ ନେଇ ଜରିନ୍‌ଙ୍କ ଆଶା ବଢିଥିବା ଦେଖିବାକୁ ମିଳିଛି। ଫିଲ୍ମ ବୀରରୁ ଜରିନ୍ ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଫିଲ୍ମରେ ଜରିନଙ୍କ ସହ ସଲମାନ ଖାନ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।



## ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ

### ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

**ଗ**ଣମାଧ୍ୟମ ସମାଜର ଜଗ୍ରତ ପ୍ରହରୀ ଭଳି କାମ କରିଥାଏ । ସାଧାରଣ ଲୋକଙ୍କ ସ୍ୱର ପାଲଟି ଏହା ସମାଜରେ ଘଟୁଥିବା ଅନ୍ୟାୟ ଅନୀତିର ବିରୋଧ କରିଥାଏ । ଗଣମାଧ୍ୟମର ଭୂମିକା ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ପ୍ରତି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମେ' ୩ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ । ଏହି ଦିବସ ଗଣମାଧ୍ୟମର ସ୍ୱାଧୀନତାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସରକାରଙ୍କୁ ଗଣମାଧ୍ୟମ ଅଧିକାରକୁ ସମ୍ମାନ ଦେବା ପାଇଁ ସ୍ମରଣ କରାଇବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ । ୧୯୪୮ରେ ମାନବିକ ଅଧିକାରର ବିଶ୍ୱସ୍ତରୀୟ ଘୋଷଣାନାମାର ଧାରା ୧୯ ଅନୁଯାୟୀ ୱିଣ୍ଡହୋକ୍ ଘୋଷଣାର ବାର୍ଷିକୀ ପାଳନ ଅବସରରେ ଏହା ଆରମ୍ଭ କରାଯାଇଥିଲା । ୧୯୯୧ରେ ଆଫ୍ରିକୀୟ ଖବରକାଗଜ ସାମ୍ବାଦିକମାନଙ୍କୁ ଏକତ୍ର କରିବା ଲାଗି ଉଦ୍ୟମ ଆରମ୍ଭ କରିଥିଲା। ୟୁନେସ୍କୋ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ



ୟୁନେସ୍କୋ / ଗୁଇଲେର୍ମୋ କାନୋ ୱାର୍ଲ୍ଡ ପ୍ରେସ୍ ଫ୍ରିଡମ ପୁରସ୍କାର ପ୍ରଦାନ କରାଯିବା ଲାଗି ଘୋଷଣା କରାଯାଇଥିଲା।

ୟୁନେସ୍କୋ ପ୍ରତିବର୍ଷ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରି ଗଣମାଧ୍ୟମ ପ୍ରଫେସନାଲ, ପ୍ରେସ୍ ସ୍ୱାଧୀନତା ସଙ୍ଗଠନ ଏବଂ ଜାତିସଂଘ ଏଜେନ୍ସିଗୁଡ଼ିକୁ ବିଶ୍ୱବ୍ୟାପୀ ଗଣମାଧ୍ୟମର ସ୍ୱାଧୀନ ସ୍ଥିତି ଆକଳନ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରାଯାଇଥାଏ ।

## ଜଳ ପରେ ବାଲି ସଙ୍କଟ

**ନୂଆଦିଲ୍ଲୀ:** ଆଗତ ଭବିଷ୍ୟତରେ ବିଶ୍ୱରେ ବାଲିର ସଙ୍କଟ ଦେଖାଯିବା ନେଇ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଜଳ ପରେ ପ୍ରାକୃତିକ ସମ୍ପଦ ବାଲିର ପରିମାଣ ଦିନକୁ ଦିନ କମୁଥିବାର ଦେଖିବାକୁ ମିଳିଛି। ତେବେ ଜଳ ଭଳି ଏଣିକି ବାଲି ସଂରକ୍ଷଣ ନେଇ ପଦକ୍ଷେପ ଗ୍ରହଣ କରିବା ବର୍ତ୍ତମାନ ସମୟରେ ଏକାନ୍ତ ଜରୁରୀ ହୋଇପଡ଼ିଛି। ଭୂତଳଜଳ ପରିମାଣ କମିଆସୁଥିବାବେଳେ ଏହାର ବ୍ୟବହାର ନେଇ ବିଭିନ୍ନ ଦେଶ ବହୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଥିବାର ଦେଖାଯାଉଛି। ପ୍ରତିବର୍ଷ ୫୦ ବିଲିୟନ ଟନ୍ ବାଲି ବିଶ୍ୱରେ ବ୍ୟବହାର କରାଯାଉଛି। ଏହି ସମାନ ପରିମାଣର ବାଲିରେ ୨୭ ମିଟର ଦୈର୍ଘ୍ୟ ଏବଂ ୨୭ ମିଟର ଉଚ୍ଚତା ବିଶିଷ୍ଟ ପାଚେରି ନିର୍ମାଣ କରାଯାଇପାରିବ ବୋଲି ନ୍ୟାଶନାଲ ଏନଭାଇରୋନମେଣ୍ଟ ପ୍ରୋଗ୍ରାମ ପକ୍ଷରୁ କୁହାଯାଇଛି।



ବିଶ୍ୱର ଦ୍ୱିତୀୟ ବୃହତ ପ୍ରାକୃତିକ ସମ୍ପଦ ହେଉଛି ବାଲି, ଯାହା କଂକ୍ରିଟ ଭଳି ନିର୍ମାଣାଧୀନ କାର୍ଯ୍ୟରେ ବହୁଳମାତ୍ରାରେ ବ୍ୟବହାର କରାଯାଏ। ମରୁଭୂମି ବାଲି ସେତେମାତ୍ରାରେ ବ୍ୟବହାର ଉପଯୋଗୀ ନୁହେଁ। କାରଣ ଏହା ସାଧାରଣ ବାଲି ତୁଳନାରେ ପତଳା ହୋଇଥାଏ। ବିଶେଷଜ୍ଞଙ୍କ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ବିଶ୍ୱର ପ୍ରମୁଖ ନଦୀ ଶଯ୍ୟାରୁ ୯୫% ବାଲି କ୍ଷୟ ହେବାକୁ ବସିଲାଣି। ଜଳବାୟୁ ପରିବର୍ତ୍ତନକୁ ଏହା ପ୍ରଭାବିତ କରିବା ନେଇ ଆଶଙ୍କା ସୃଷ୍ଟି ହେଉଛି। ବାତ୍ୟା, ସାମୁଦ୍ରିକ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବକୁ ବାଲି କିଛିମାତ୍ରାରେ କମ୍ କରିଥାଏ। ବାଲି ଚୋରା ଚାଲାଣ କ୍ଷୟର ଏକ ପ୍ରମୁଖ କାରଣ କୁହାଯାଇପାରେ। ଏକ ଅନ୍ତର୍ଜାତୀୟ ସମିତି ଗଠନ ଦ୍ୱାରା ବାଲି ଅପବ୍ୟୟକୁ ନିୟନ୍ତ୍ରଣକୁ ଅଣାଯାଇପାରିବ ବୋଲି ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି।

## ୩୭ ହଜାର ଫୁଟ ଉଚ୍ଚତାରେ ବାହାଘର

**ୱାଶିଂଟନ:** ଆମେରିକାରେ ଏକ ନିଆରା ବାହାଘର ଦେଖିବାକୁ ମିଳିଛି । ଆମେରିକାର ଜେରମି ସାଲଡା ଓ ପାମ ପାଟରସନ୍‌ଙ୍କ ବାହାଘର ୨୪ ତାରିଖରେ ଅନୁଷ୍ଠିତ ହେବାର ଥିଲା, ଯାହାପାଇଁ ଲାସ୍-ଭେଗାସରେ ଏକ ଚର୍ଚ୍ଚ ବୁକ୍ କରାଯାଇଥିଲା। ଖରାପପାଗ ପାଇଁ ଆମେରିକା ଏୟାର ଲାଇନ୍ସରୁ ଡାଲାସ ଯାଉଥିବା ବିମାନ ସବୁ ବାତିଲ ହୋଇଥିଲା। ବିମାନ ଅପେକ୍ଷାରେ ଜେରମି ଓ ପାମ ଦୁହେଁ ପାରମ୍ପରିକ ବୈବାହିକ ପୋଷାକରେ ଡୋଲାସ ଫ୍ରଣ୍ଟ ଓର୍ଥ ଇଣ୍ଟରନ୍ୟାଶନାଲରେ ଛିଡ଼ାଥିଲେ। ବିମାନ ବାତିଲ ହେବା ଯୋଗୁ ବର କନ୍ୟା ଭେନ୍ୟୁରେ ପହଞ୍ଚିବା ଅସମ୍ଭବ ଥିଲା। ଦକ୍ଷିଣ-ପଶ୍ଚିମ ଲୟାର ଲାଇନ୍ସ ଫ୍ଲାଇଟ୍ ନମ୍ବର ୨୬୯୦ ଟେକ୍‌ଅଫ୍ କରିବାକୁ ଥିଲା। ଯେଉଁଥିରେ ୩ଟି ସିଟ୍ ବୁକ୍ କରିବାରେ ସେଠାକାର ମନ୍ତ୍ରୀ ସହଯୋଗ କରିଥିଲେ। ଏହା ପରେ ୩୭ ହଜାର ଫୁଟ ଉଚ୍ଚତାରେ ଉଡୁଥିବା ବିମାନରେ ପାରମ୍ପରିକ ରୀତିରେ ବାହା ହୋଇଥିଲେ।



# ୫ରୁ ପୁରୀ–ବଡ଼ବିଲ ଇଣ୍ଟରସିଟି ପୁନଃ ଚଳାଚଳ

**କେନ୍ଦୁଝର, ୨।୫ (ସ୍ୱ.ପ୍ର.)**

ଦୀର୍ଘ ପ୍ରାୟ ଦୁଇ ବର୍ଷ ହେଲା ବନ୍ଦ ରହିଥିବା ପୁରୀ–ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍ ଆସନ୍ତା ୫ ତାରିଖରୁ ପୁନର୍ବାର ଚାଲିବ ବୋଲି ରେଲୱେ ବିଭାଗ ପକ୍ଷରୁ ଘୋଷଣା ହୋଇଛି। ଉକ୍ତ ଟ୍ରେନ୍ ଚାଲିବା ଲାଗି ନିକଟରେ କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ରେଲରୋକୋ ଚେତାବନୀ ଦିଆଯାଇଥିଲା। ପୂର୍ବରୁ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ସେହିପରି କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ବିଧାୟକ ମୋହନ ମାଝୀଙ୍କ ସମେତ ବହୁ ଭାଜପା ନେତା ମାନେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ଦେଇଥିଲେ ହେଁ ଟ୍ରେନ ଚଳାଚଳ ନେଇ କୌଣସି ସ୍ପଷ୍ଟ ପ୍ରତିଶ୍ରୁତି ମିଳି ନ ଥିଲା। ଏଣୁ ରେଳରୋକୋ ହେଲେ ଲୁହାପଥର ପରିବହନ ବାଧାପ୍ରାପ୍ତ ହେବା ଆଶଙ୍କା କରି ରେଳବାଇ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ତେବେ ଏବେ ଏହାକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି।

---

Govt. of Odisha — No. B-116

## OFFICE OF THE SUPERINTENDING ENGINEER, PHULBANI (R&B) DIVISION

**Short Quotation Call Notice No. S.E. -R&B-PLB-01/2022-23**

**E-mail address- eeplbrb@gmail.com**

1. Name of the work : Collection of the present rates of materials from Authorised Quarry Owners / Authorised Crusher Owners / Authorised Suppliers / Authorised Manufacturers / Authorised Transporters for Revision of Schedule of Rate-2014 ( Post-GST).
2. Date & Time of availability of Quotation document in the office of the S.E., Phulbani (R & B) Division,Phulbani : From 10.00 A.M. of 02.05.2022 to 05.00 P.M. of 09.05.2022
3. Last Date/ Time for receipt of bids in the Office of the S.E (R&B) Division, Phulbani : 05.00 P.M of dt.09.05.2022
4. Date of opening of quotation : 11.30 Hrs. of 10.05.2022
5. Name and address of the officer inviting quotation : Superintending Engineer, Phulbani (R&B) Division, Phulbani.

**Sd./- P. Samantara**
**Superintending Engineer**
**Phulbani (R & B) Division.**

OIPR-34066/11/0002/2223

---

## DIRECTORATE OF SCH. CASTES & SCH. TRIBES RESEARCH AND TRAINING INSTITUTE (SCSTRTI)

**CRPF Square, Bhubaneswar - 751003**
**(Telephone & Fax No. 0674-2561635**
**E-mail: scstrti@yahoo.co.in)**

**No. 1545 /S&S-01/22** — **Dated: 29.04.2022**

### QUOTATION CALL NOTICE

No. V-16: Sealed quotations are hereby invited from interested agencies/firms for annual supply of Office Stationery & Consumable items as and when required to SCSTRTI, Bhubaneswar. The Quotation must be addressed to Advisor-cum-Director & Spl. Secy. to Govt, SCSTRTI, CRPF Square, Near P.D. Market, Bhubaneswar-3. The last date of submission of the Quotation is 12.05.2022 at 01:00 P.M. The interested Agency/firms can log on to the Govt. website (www.odisha.gov.in & www.scstrti.in ) for detail.

**Sd./- Advisor-cum-Director & Spl. Secy. to Govt.**
**SCSTRTI, Bhubaneswar**

OIPR-26002/11/0003/2223

---

## ODISHA LIFT IRRIGATION CORPORATION LIMITED

**(A GOVERNMENT OF ODISHA UNDERTAKING)**

## OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE

**No. CAD-386** E-mail – eelidvnbls@yahoo.com

### e - Procurement Notice

**Bid Identification No: 02 /2022-23 /DT. 30.04.2022**

1. Name of the Tender inviting Officer : Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work: Installation, Energisation of New CLIP & Revival of Defunct CLIP in different Block of Balasore District.
3. No.of Package: 09 Nos. (BKVY 07 Nos. & State Plan 2 Nos.)
4. Cost of Tender Amount: Varies from Rs.1360850/- to Rs.2244745/-.
5. Date and time of availability of bid document in portal for on-line biding from 06.05.2022 at. 17.00 hrs to dated.19.05.2022 at 17.00 hrs.
6. Last date and time of receipt of bid in the portal dated 19.05.2022 upto 17.00 hrs.
7. Last date & time to seek clarification dated 18.05.2022 upto 17.00 hrs.
8. Date of opening of Technical bid (Cover-1) dated 20.05.2022 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent Corrigendum/addendum if required shall be available in above portal.

**Sd./- Er. S.K.CHOUDHARY**
**Executive Engineer, L.I. Division, Balasore**

OIPR-32152/11/0001/2223

---

## OFFICE OF THE EXECUTIVE ENGINEER, L.I. DIVISION, BHADRAK

### SHORT TENDER CALL NOTICE

**Notice No. 925 Dt. 30.04.2022**

No. CAD-385:- Sealed tenders are invited from reputed manpower agencies/ service providers to provide the services of One no of Security Guard for a period of two year w.e.f. from the date of commencement of the agreement through a suitable Security agency on outsourcing basis for watch and ward of the office campus etc.

The detailed information for outsourcing the service of aforesaid posts have been given in the tender documents which may be obtained in person from the Office of Executive Engineer, Lift Irrigation Corporation Ltd., Bhadrak on any working days between 08.00 A.M to 01.00 P.M from 06.05.2022 to 12.05.2022. The last date and time for submission of tender document is 13.05.2022 by 01 P.M. The Bidder will have to pay Rs.2000.00/- towards the cost of the Bid document as mentioned above in shape of D.D. in favour of E.E, L.I. Division, Bhadrak from any Nationalized Bank payable at Bhadrak. GST on Bid document @5 (five)% of tender cost to be paid by bidder on reverse charge basis in favour of **GSTIN No.21AAACO5986GIZF of OLIC** which is mandatory failing which offer of the firm shall liable for rejection.

**Sd./- Executive Engineer, L.I. Division, Bhadrak**

OIPR-32239/11/0002/2223

---

## GOVERNMENT OF ODISHA ELECTRICAL LICENSING BOARD

## OFFICE OF THE ENGINEER-IN-CHIEF ELECTRICITY -CUM-PRINCIPAL CHIEF ELECTRICAL INSPECTOR, ODISHA

**3RD FLOOR, HEADS OF DEPARTMENT BUILDING, BHUBANESWAR-751001**
Email-secyelbo@nic.in, Fax/Ph.0674-2394572

### EXTENSION NOTICE

**No. 195 Dtd.30.04.22**

**Indicative Advertisement No.118 dated 25.03.2022**

**"EXTENSION OF LAST DATE FOR RECEIPT OF ONLINE APPLICATION FOR S.C.C. (MV, HT & MINING) EXAMINATION-2022"**

No. AA-04:- In view of the numerous requests received from many aspiring candidates experiencing difficulty to make submission of their forms, the Chairman, ELBO has ordered to extend the last date of online application with edit facility for **"SCC (MV, HT & Mining) Examination-2022"**. The applicants are advised to submit their online application from **05.05.2022 to 13.05.2022** (upto 11.59 PM).

Also, applicants are requested to get acknowledgement number by clicking **"Get Acknowledgement Number"** link of **"SCC (MV, HT & Mining) Examination-2022"** after entering registered mobile number and date of birth.

However, all other terms and conditions of the advertisement including eligibility criteria, age limit, qualification etc. shall remain unchanged.

**By order of Chairman, ELBO**
**Sd./- SE-cum-Secretary, ELBO, Bhubaneswar**

OIPR-04009/11/0005/2223

---

GOVERNMENT OF ODISHA — No. B-118

## OFFICE OF THE SUPERINTENDING ENGINEER, KALAHANDI (R&B) DIVISION, BHAWANIPATNA

**E-mail: eekalahandi@gmail.com, Fax No.: 06670-230512, Cell No. 9437050413**

### E-Procurement Notice

**Bid Identification No. BC KLD-05/2022-23**

**No. 3088** — **Dated: 27.04.2022**

| | | |
|---|---|---|
| 1. | Name of the work | 12 (Twelve) number of road work and 01 (One) Building work |
| 2. | Estimated Cost | Rs.10 lakhs to Rs.80.00 lakhs |
| 3. | Period of Completion | 01 (One) to 08 (Eight) Calendar months |
| 4. | Date and time of availability of bid document in the portal | 11.00 hours 06.05.2022 to 17.00 hours of 19.05.2022 |
| 5. | Last date/time for receipt of bid in the portal | 17.00 hour of 19.05.2022 |
| 6. | Name and address of the Officer Inviting Bid | Superintending Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single Cover Bid and Technical Bid (Cover 1) of Double Cover Bid | On 20.05.2022 at 11.00 A.M. in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**.

**Sd./- (Er. A.K. Babu)**
**Superintending Engineer**
**Kalahandi (R&B) Division**

OIPR-34017/11/0002/2223

---

## POVERTY AND HUMAN DEVELOPMENT MONITORING (PHDMA) PLANNING AND CONVERGENCE DEPARTMENT

**GOVERNMENT OF ODISHA**

**Letter No. 269/PH., Bhubaneswar** — **Dated the 29th April, 2022**

### ADVERTISEMENT

No. CAD-381: **Poverty & Human Development Monitoring Agency (PHDMA)** invites applications for the post of **Young Professional**. Applicants may visit Government of Odisha portal: **www.odisha.gov.in** and PHDMA website: **http://phdma.odisha.gov.in** for details Terms of Reference (ToR) for the position and Application Form.

The application along with the relevant documents must reach at the Office of **PHDMA, Room No. A2-032, North Annex Building, Lokaseva Bhavan, Bhubaneswar - 751001 on or before 19.05.2022 by 5.00 P.M.** in **sealed envelope** through **Speed/Registered Post**. PHDMA shall not entertain receiving applications due to delay of any kind after due date & time. The undersigned reserves the right to accept/reject any or all of the applications without assigning any reason thereof.

OIPR-21016/11/0002/2223 — **Sd./- OSD, PHDMA**

---

## GOVT. OF ODISHA PANCHAYATI RAJ AND DRINKING WATER DEPARTMENT, PANCHAYAT SAMITI, JODA

No. i-10: The Block Development Officer, Joda invites sealed percentage rate tenders vide Letter No. 1467 Dt.28.04.2022 in Single Cover System on behalf of Govt. of Odisha from registered and eligible class of "B" & "C" Civil Contractor of the State for Total 1 No. of Project under NHM. The date of sale of tender paper is From Dt.02.05.2021 to 18.05.2022 and last date of receipt of tender paper is upto Dt.18.05.2022 till 2.00 P.M. The tender application and other details will be available from the website **http://www.kendujhar.nic.in** and from the DTCN. The interested contractors are requested to download the details of tender and apply as per the terms and conditions laid down in the Bid document.

**Sd./- Block Development Officer, Joda**

OIPR-19122/11/0001/2223

---

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

**E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada**

### "e" Procurement Notice for Building Works

**No. O-143** **Identification No. - Online Tender - Building N.C.B. No. 223 for 2022-23**

**Letter No. 1399** — **Date: 28.04.2022**

1. Name of the Work : Building works
2. Total No. of Works : 1 No. (One)
3. Estimated Cost : Rs.385.52 lakh (approximately)
4. Eligible Class of Contractor : 'A' & 'Special' Class
5. Period of Completion : 15 Calendar months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building Online N.C.B. No. 223 | Dt.05.05.2022 at 11.00 A.M. | Dt.20.05.2022 upto 5.00 P.M. | Dt.19.05.2022 upto 5.00 P.M. | Dt.21.05.2022 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25181/11/0005/2223 — **Sd./- Chief Construction Engineer, R.W. Circle, Baripada**

---

## ODISHA LIFT IRRIGATION CORPORATION LTD.

**(A GOVERNMENT OF ODISHA UNDERTAKING)**
**PLOT NO. N-17/2, NAYAPALLI, BHUBANESWAR - 751012**
**Phone No.: (0674) 2390195 (Off), Fax No.: (0674) 2395844, E-mail ID: olicltd123@bsnl.in, olicltd@ymail.com, www.odishalift.co.in**

### NATIONAL COMPETITIVE BIDDING THROUGH e-Procurement

**No. IT-103/2021-4342/OLIC** — **Dated: 29.04.2022**

No. CAD-372: The Managing Director, OLIC Ltd., Bhubaneswar invites online percentage rate tender through e-procurement for installation of bore wells for Solar Pumpuing System in the State of Odisha. Interested bidders may visit website: **www.tendersodisha.gov.in** to view and download Detailed Tender Call Notice and bid documents. The bids should be submitted only online in the website **www.tendersodisha.gov.in**.

**Important features of this NCB are as under:**

A. Brief description of work : Installation of bore wells for Solar Pumping System in Malkangiri, Sundargarh, Koraput and Rayagada Districts (05 Packages)
B. Estimated cost of works : Varies from Rs.52.24 lakhs to Rs.522.38 lakhs
C. Date and time of availability of bid document in the portal : From Dt.04.05.2022 to Dt.25.05.2022 (upto 17.00 hours)
D. Last date/time for receipt of bids in the portal : Dt.25.05.2022 upto 17.00 hours
E. Last date of seeking clarification : Dt.13.05.2022 upto 17.00 hours
F. Technical Bid will be opened on : Dt.26.05.2022 at 11.00 hours

Any Addendum/Corrigendum/Cancellation of tender will be available in the said website.
Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**OIPR-32432/11/0007/2223** — **Sd./- Managing Director, OLIC Ltd., Bhubaneswar**

---

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK

**At/P.O.: Nuabazar, Dist.- Cuttack - 753004, Phone: 0671-2443399, email id: serw_ctc@yahoo.com**

**NIT No. Tender Online RWC - 6/22** — **Letter No.** — **Date: 28.04.2022**

### E-PROCUREMENT NOTICE

No. O-150: The Chief Construction Engineer, R.W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for balance work of construction of roads under Pradhan Mantri Gram Sadak Yojana in the districts of Jagatsinghpur package with estimated cost to Rs.88.04 Lakhs (Approximately) including maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement: Dtd.05.05.2022.
**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security declaration and (c) Original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with Chief Construction Engineer, R.W. Circle, Cuttack on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.
**Summary for key dates is provided below:**

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC - 6/22 | 05.05.2022 at 11.00 A.M. | 25.05.2022 to 5.00 P.M. | 24.05.2022 upto 5.00 P.M. | 26.05.2022 at 11.00 A.M. | 01.06.2022 at 11.00 A.M. |

Date of submission of original documents such as Bid Security Declaration, Cost of Bid document and affidavit: Dt.26.05.2022 at 11.30 A.M. to 31.05.2022 at 05.30 P.M.
Further details can be seen from the website **www.pmgsytenders.gov.in**.

**OIPR-25097/11/0007/2223** — **Sd./- Chief Construction Engineer, Rural Works Circle, Cuttack**

---

obcc

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

No.CAD-376:-

## ODISHA BRIDGE & CONSTRUCTION CORPORATION LIMITED

**(A Government of Odisha Undertaking)**

**File No.TCF-01/2022-23/Ref.No.2748** — **Date: 30.04.2022**

### 'e' - PROCUREMENT NOTICE
### BID IDENTIFICATION NO. 03/TOLL/OBCC/2022-23

| Sl. No. | Name of the R&B toll gates | Upset Price (In Rs.) | Bid Security / E.M.D. @ 5% of upset price | Processing fees of bid document (In Rs.) | Operation period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Biraharekrushnapur- Baliguali road toll gate, Puri. | 2,54,259/- | 12,713/- | 2,000/- + 240/- (GST) Total = 2,240/- | One year from the effective date of Agmt. |
| 2 | Bahuda Bridge toll gate at Paralakhemundi- Berhampur Road. | 13,75,196/- | 68,760 | 2,000/- + 240/- (GST) Total = 2,240/- | 19.05.2022 to 18.05.2023 |
| 3 | Bansadhara Bridge toll gate on Gunupur-Bisamkatak Road. | 41,48,999/- | 2,07,450/- | 4,149/- +498/- GST Total= 4,647/- | 19.05.2022 to 18.05.2023 |
| 4 | Onder Bridge toll gate on Bangamunda- Chand Tora Road. | 74,08,004/- | 3,70,400/- | 7,408/- + 888/- GST Total= 8,296/- | 01.06.2022 to 31.05.2023 |
| 5 | Badagenguti Bridge toll gate on Salepur-Chhatia Road. | 24,32,519/- | 1,21,626/- | 2,433/- + 292/- (GST) Total = 2,725/- | 25.06.2022 to 24.06.2023 |
| 6 | Kansar Bridge toll gate on Jarda-Gurandi Road (R.D.). | 28,89,999/- | 1,44,500/- | 2,890/- + 346/- (GST) Total= 3,236/- | 23.06.2022 to 22..06.2023 |
| 7 | Budhaambo-Buguda Road toll gate at 0.500 Km. of the road near Budhaambo. | 31,21,111/- | 1,56,056/- | 3,121/- + 374/- (GST) Total= 3,495/- | 19.05.2022 to 18.05.2023 |
| 8 | Surubalijore Bridge toll gate on Subalaya-Dharmasala Road. | 22,52,000/- | 1,12,600/- | 2,252/- + 270/- (GST) Total= 2,522/- | 01.06.2022 to 31.05.2023 |
| 9 | Tomka toll gate on Daitari-Duburi Express Highway Road. | 2,93,44,556/- | 14,67,228/- | 29,345/- + 3,522/- (GST) Total=32,867/- | 15.07.2022 to 14.07.2023 |
| 10 | Ranja Bridge toll gate on Sohela-Barpali-Binika-Rampur Road. | 1,71,11,111/- | 8,55,556/- | 17,111/- + 2,054/- (GST) Total= 19,165/- | 15.07.2022 to14.07.2023 |
| 11 | Lanth Bridge toll gate on T.K.G.T. Road, (R.D.). | 3,94,992/- | 19,750/- | 2,000/- + 240/- (GST) Total= 2,240/- | 31.07.2022 to 30.07.2023 |
| 12 | Patnagarh-Padampur road toll gate near Juria | 62,65,928/- | 3,13,296/- | 6,266/-+ 752/- (GST) Total= 7,018/- | One year from the effective date of Agmt. |

1. Date and time for online bidding for the above toll gates starts from 5.00 P.M. of dt.02.05.2022 to 10.30 A.M. of dt.11.05.2022 and will be opened at 11.30 A.M. of dtd. 11.05.2022.
2. Further details can be seen from the website **https://tendersodisha.gov.in**.

OIPR-34106/11/0002/2223 — **Sd./- CHIEF GENERAL MANAGER (P&A)**

---

## ODISHA JOINT ENTRANCE EXAMINATION - 2022 (OJEE - 2022)

**No. OJEE/193** — **Date: 30.04.2022**

### NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2022

No. h-53: In consideration of requests received from a number of interested candidates, the **last date for online application for OJEE – 2022, which was earlier fixed as 30.04.2022, is hereby extended up to 10.05.2022.**

Candidates are advised to visit our websites (**www.ojee.nic.in / www.odishajee.com**), read the **'Information Brochure'** and the **'Instructions to fill On-line Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

It may be noted that there will be no further extension of the registration period beyond this date.

**Sd./- CHAIRMAN, OJEE, Odisha**

**OIPR-14020/11/0004/2223**

---

## OFFICE OF THE EXECUTIVE ENGINEER, RWS&S DIVISION, KENDRAPARA

**At: Ichhapur, Post: Shree Baladevjew, E-mail: eerwsskendrapara@gmail.com**
**Identification No. RWS/109/2021-2022**

**Letter No. 3242** — **Dated: 28.04.2022**

### 3rd Corrigendum

No. O-149: This corrigendum has been made for the NIT-109 invited online vide this office letter No. 1757/ Dated 10.03.2022 with date for selling, closing, clarification and opening which was on Dt.29.04.2022 (selling date), 17.05.2022 (closing date), 02.05.2022 (clarification date), 18.05.2022 (opening date) as per 2nd Corrigendum has been amended and to be read as 17.05.2022, 01.06.2022, 19.05.2022 and 02.06.2022 respectively as follows

| Sl. No. | Name of Work | Estimated Cost (Apprx.) Rs. in Lakhs | Cost of Tender Paper | Period of Completion | Class of Bidder |
|---|---|---|---|---|---|
| 1 | Execution of New 70 LPCD RPWS Scheme to **Doligaon, Ratapanga and Guludia** on clubbed up mode under **Mahakalapada** Block in the District of Kendrapara. **(JJM Funds)** | Rs.304.62 | Rs.10000 | 360 days | "A" and "Specials" |
| 2 | Execution of New 70 LPCD RPWS Scheme to **Kaltunga, Kantilo of Mahakalapada Block and Mundilo of Derabish Block** on clubbed up mode in the District of Kendrapara. **(JJM Funds)**. | Rs.316.04 | Rs.10000 | 360 days | "A" and "Specials" |

**Sd./- (Er. B.K. Nayak), Executive Engineer**
**RWS&S Division, Kendrapara**

OIPR-25004/14/0024/2223

---

## ବାରିପଦା ପୌର ପରିଷଦ

**ବାରିପଦା, ମୟୂରଭଞ୍ଜ-୭୫୭୦୦୧**

ପତ୍ର ସଂଖ୍ୟା: 1702 — ତା: 28.4.2022

### ନିଲାମ ଇସ୍ତାହାର

**No.C-184:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୧୦।୦୫।୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୧୦।୦୫।୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ୍‌ସାଇଟ୍ www.baripadamunicipality.inରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.24,077.00 | Rs.2,407.70 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.26,619.00 | Rs.2,661.90 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.84,821.00 | Rs.8,482.10 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.1,00,429.00 | Rs.10,042.90 | Rs.500.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.33,21,572.00 | Rs.33,2157.20 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.9,93,410.00 | Rs.99,341.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,25,883.00 | Rs.12,588.30 | Rs.500.00 |

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।**

**1.** ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ । **2.** ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ । **3.** ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada ଜରିଆରେ ଦାଖଲ କରିପାରିବେ । **4.** ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ଼ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ । **5.** ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ । **6.** ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ । **7.**ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ । **8.**ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ ରହିବେ । **9.** ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ । **10.** ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

**ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା**

OIPR-13078/11/0002/2223

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୩ ମେ, ୨୦୨୨

**ଶଟସର୍କିଟରୁ ଦୋକାନ ପୋଡ଼ି**

ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା କେନ୍ଦୁପାଟି ଗାଁର ଖଲିଆମୁଣ୍ଡାର ଶଟସର୍କିଟରୁ ନିଆଁ ଲାଗି ଏକ ଦୋକାନ ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଖଲିଆମୁଣ୍ଡା ଗାଁର ଶେଖର ଚନ୍ଦ୍ର ପୋଡଙ୍କ ଗାଁରେ ଏକ ଦୋକାନ ରହିଛି। ପ୍ରତିଦିନ ପରି ରବିବାର ରାତିରେ ଦୋକାନ ବନ୍ଦ କରି ଶୋଇବାକୁ ଯାଇଥିବା ବିଳମ୍ବିତ ରାତିରେ ଶର୍ଟସର୍କିଟ ହୋଇ ଦୋକାନରେ ନିଆଁ ଲାଗି ଯାଇଥିଲା। ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ହେଁ ଆୟତ୍ତ କରି ପାରି ନ ଥିଲେ। ପରେ ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ର୍‍ୟାଗିଂ ବିଗାଡୁଛି ସୁନାମ

**ଭୀମ ଭୋଇ ମେଡିକାଲ କଲେଜ ଛାତ୍ର ମୃତ୍ୟୁ ଘଟଣା**



- ସରକାର ମୌନ, ପାଟି ଖୋଲୁନାହାନ୍ତି କଲେଜ କର୍ତ୍ତୃପକ୍ଷ
- ନୂଆଦିଲ୍ଲୀ ଟିମ୍ ସହ ରୁଦ୍ଧଦ୍ୱାର ବୈଠକ ଚର୍ଚ୍ଚା
- ର୍‍ୟାଗିଂରେ ଅନ୍ୟ ଏକ ମେଡିକାଲ କଲେଜ ଛାତ୍ର ପ୍ରତିନିଧିଙ୍କ ସମ୍ପୃକ୍ତି ଚର୍ଚ୍ଚା
- ସୋସିଆଲ ମିଡିଆ ଜୋର ଧରୁଛି ନିଶାନ୍ତଙ୍କୁ ନ୍ୟାୟ ଅଭିଯାନ

ବଲାଙ୍ଗୀର ଅଫିସ,୨।୫

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଏମବିବିଏସ୍ ଛାତ୍ର ନିଶାନ୍ତ କୁମାର(୧୯)ଙ୍କ ବିବାଦୀୟ ମୃତ୍ୟୁ ଘଟଣା ଏବେ ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କଲାଣି। ହରିଆଣାର କରନାଲ ସହରର ପୀଡିତ ପରିବାର ଲୋକେ ସୋସିଆଲ ମିଡିଆରେ (ଜଷ୍ଟିସ୍ ଫର୍ ନିଶାନ୍ତ କୁମାର କ୍ୟାମ୍ପେନ୍) ଏକ ଅଭିଯାନ ଆରମ୍ଭ କରିବା ପରେ ଏହା ଏବେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ନିଶାନ୍ତଙ୍କ ପରିବାର ଲୋକେ ଘଟଣା ଦିନରୁ କଲେଜର ସିନିଅର ଛାତ୍ରଙ୍କ ଅସହ୍ୟ ର୍‍ୟାଗିଂ ହିଁ ନିଶାନ୍ତ ମୃତ୍ୟୁର କାରଣ ବୋଲି ଅଭିଯୋଗ କରିଆସୁଛନ୍ତି। ନିଶାନ୍ତଙ୍କ ଏକ ମୋବାଇଲ ଚାଟିଂ ଏହି ର୍‍ୟାଗିଂ ଅଭିଯୋଗକୁ ଦୃଢ଼ୀଭୂତ କରିଥିଲା। ଏବେ ପୁଣି ଆଉ ଏକ ନୂଆ ତଥ୍ୟ ମୃତ୍ୟୁରେ ଚର୍ଚ୍ଚା ପାଇଁ ଭିନ୍ନ ଖୋରାକ୍ ଯୋଗାଇଛି।

ମିଳିଥିବା ସୂଚନା ମୁତାବକ କିଛିଦିନ ତଳେ ରାଜ୍ୟର ଏକ ମେଡିକାଲ କଲେଜର ୫ଜଣିଆ ଛାତ୍ର ପ୍ରତିନିଧି ଦଳ ମେଡିଫେଷ୍ଟ ଉତ୍ସବ ଆୟୋଜନରେ ଯୋଗଦେବାକୁ ଭୀମ ଭାଇ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ରଙ୍କୁ ନିମନ୍ତ୍ରଣ କରିବାକୁ ଆସିଥିଲେ। ସେହି ଛାତ୍ରମାନେ ଏଠାରେ ପ୍ରଥମ ବର୍ଷ ଛାତ୍ରଙ୍କ ହଷ୍ଟେଲରେ ରହିଥିଲେ। ସେହି ପ୍ରତିନିଧି ଦଳର ଛାତ୍ରମାନେ ଚତୁର୍ଥବର୍ଷର ଛାତ୍ରଙ୍କ ସହ ମିଶି ପ୍ରଥମ ବର୍ଷ ମେଡିକାଲ ଛାତ୍ରଙ୍କୁ କିଭଳି ର୍‍ୟାଗିଂ କରିବେ କୁଆଡେ ଶିଖାଇଥିଲେ। ସେମାନେ ସମସ୍ତେ ମିଶି ନିଶାନ୍ତଙ୍କୁ ର୍‍ୟାଗିଂ କରିଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ନିଶାନ୍ତ ରୁଟି ଖାଇବାକୁ ଅଭ୍ୟସ୍ତ ଥିବାବେଳେ ତାଙ୍କୁ ଜବରଦସ୍ତି ପଖାଳ ଖାଇବାକୁ କୁହାଯାଇଥିବା ପରିବାର ଲୋକେ ଅଭିଯୋଗ ଉଠାଇଛନ୍ତି। ତେବେ କଲେଜ ଡିନ୍ ଡା. ସବିତା ମହାପାତ୍ର ମୂଳରୁ ର୍‍ୟାଗିଂ ଅଭିଯୋଗକୁ ଖଣ୍ଡନ କରିଆସୁଛନ୍ତି। ଛାତ୍ର ମୃତ୍ୟୁ ଘଟଣା ଦିନ ଏହି କଲେଜର ଜଣେ ପ୍ରଫେସର ନିଶାନ୍ତଙ୍କ ପକେଟରୁ କିଛି କାଗଜ, ମୋବାଇଲ ଓ ଅନ୍ୟ କିଛି ସାମଗ୍ରୀ ବାହାର କରି ରଖିଥିବା ଭିଡିଓ ଭାଇରାଲ ହୋଇଥିଲା। ଯେଉଁ ପ୍ରଫେସରଙ୍କ ଭୂମିକାକୁ ନେଇ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି ସେହି ପ୍ରଫେସର ନିଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରିଥିବା ରିପୋର୍ଟରୁ ଜଣାପଡିଛି।ଅନ୍ୟପକ୍ଷେ ନିଶାନ୍ତଙ୍କ ପରିବାର ଲୋକେ ସୋସିଆଲି ମିଡିଆରେ ଜଷ୍ଟିସ ଫର୍ ନିଶାନ୍ତ କୁମାର କ୍ୟାମ୍ପେନ ଆରମ୍ଭ କରିଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଜୋର ଧରିଲାଣି। ଉକ୍ତ କ୍ୟାମ୍ପେନରେ ଦେଶ ବିଦେଶର ଡାକ୍ତରୀ ଛାତ୍ର, ନିଶାନ୍ତଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ମନ୍ତବ୍ୟ ଦେଉଥିବା ଦେଖାଯାଉଛି। ଏହି ଘଟଣାକୁ ଜାତୀୟସ୍ତରରେ ବିତର୍କ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ର୍‍ୟାଗିଂ ବନ୍ଦ କରାଯିବା ଏବଂ ନିଶାନ୍ତଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଉଛି। ନିଶାନ୍ତଙ୍କ ବାପା ପ୍ରଫେସର କ୍ରିଷ୍ଣ କୁମାର ନିଶାନ୍ତ ମୃତ୍ୟୁ ସମ୍ପର୍କରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟକୁ ଟ୍ୱିଟ୍ କରି ନ୍ୟାୟ ଭିକ୍ଷା କରିଛନ୍ତି।

ଅନ୍ୟପକ୍ଷେ ସୋମବାର ଦିଲ୍ଲୀରୁ ଆସିଥିବା ଏକ ପ୍ରତିନିଧି ମଣ୍ଡଳୀ ଭୀମ ଭୋଇ ମେଡିକାଲ କଲେଜରେ ପହଞ୍ଚି କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଖବର ମିଳିଥିଲା। ସତ୍ୟାସତ୍ୟ ଜାଣିବା ପାଇଁ କଲେଜ ଡିନ୍ ଡା. ମହାପାତ୍ରଙ୍କୁ ମୋବାଇଲ ଫୋନ୍ ଯୋଗେ ଯୋଗଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନ ଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସୋମବାର କଲେଜ କ୍ୟାମ୍ପସ ଭିତର ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହ ଏକ ରୁଦ୍ଧଦ୍ୱାର ଗୋପନ ବୈଠକ ବସିଥିଲା। ଏହି ବୈଠକରେ କ'ଣ ଆଲୋଚନା ହୋଇଛି ଜଣାପଡିନାହିଁ। ସୋସିଆଲ ମିଡିଆରେ ନିଶାନ୍ତ ମୃତ୍ୟୁ ର୍‍ୟାଗିଂ ଜନିତ ବୋଲି ଚର୍ଚ୍ଚା ଜୋର ଧରିବା ପରେ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସୁନାମରେ ଆଞ୍ଚ ଆସିଛି। ତେବେ ଏହି ଘଟଣାକୁ ୧୦ଦିନ ବିତି ଯାଇଥିଲେ ମଧ୍ୟ ଏନେଇ ସରକାର ଚୁପ୍ ହୋଇ ବସିଥିବାରୁ ନକରାତ୍ମକ ଚର୍ଚ୍ଚାକୁ ବଳ ମିଳୁଛି। ବଲାଙ୍ଗୀର ପୋଲିସ ମଧ୍ୟ ନିଶାନ୍ତ ମୃତ୍ୟୁର ତଦନ୍ତ ନେଇ ପାଟି ଖୋଲୁ ନ ଥିବାରୁ ତଦନ୍ତର ଗତିଶୀଳତାକୁ ନେଇ ଲୋକେ ପ୍ରଶ୍ନ ଉଠାଇଲେଣି।

# ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ

ଭବାନୀପାଟଣା,୨।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଆନୁକୂଲ୍ୟରେ ଜିଲାସ୍ତରୀୟ ଶ୍ରମିକ ଦିବସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିସାରି, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ପୌର ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ ଯୋଗଦେଇ ଶ୍ରମିକମାନଙ୍କ ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତା ଯୋଗୁ ଆଜି ରାଜ୍ୟର ସାମଗ୍ରିକ ବିକାଶ ଉନ୍ନତି ପଥରେ ଆଗେଇ ଚାଲିଛି ବୋଲି କହିଥିଲେ। ଡିଭିଜନାଲ ଶ୍ରମ କମିଶନର ନରେନ୍ଦ୍ର ରାଇକା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ସହକାରୀ ଶ୍ରମ ଅଧିକାରୀ ଧର୍ମଗଡ ସୁଶାନ୍ତ ପାଇକରାୟ, ଶ୍ରମ କାର୍ଯ୍ୟାଳୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**କୋକସରା,(ଡି.ଏନ.ଏ.)**

କୋକସରା ବ୍ଲକ ବରାଡଙ୍ଗା ଲଙ୍କେଶ୍ୱରୀ ମନ୍ଦିର ପରିସରରେ ଲେବର ପ୍ରୋଗ୍ରେସିଭ ଫେଡରେଶନ କଳାହାଣ୍ଡି ଶାଖା ପକ୍ଷରୁ କୋକସରା ଶ୍ରମିକ ସଙ୍ଗଠନ ଆନୁକୁଲ୍ୟରେ ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରମିକ ସଂଘ କର୍ମକର୍ତ୍ତା ଭକ୍ତରାଜ ଦୁର୍ଗା, କୁମୁଦ ଚନ୍ଦ୍ର ପଟେଲ, ଦୟାନିଧି ସାହୁ, ଭରତ ଛାତ୍ରୀଆ, ଆଇନଜୀବୀ ମନୋଜ ନାଏକ ଯୋଗଦେଇଥିଲେ।



ନୂଆପଡ଼ାଠାରେ ଆୟୋଜିତ ଜିଲାସ୍ତରୀୟ ଶ୍ରମିକ ଦିବସରେ ଅତିଥିମାନେ ଶ୍ରମିକଙ୍କୁ ଚେକ ପ୍ରଦାନ କରୁଛନ୍ତି।

**ନୂଆପଡ଼ା ଅଫିସ**

ସ୍ଥାନୀୟ ପୋଲିସ ପଡିଆସ୍ଥିତ ସାଂସ୍କୃତିକ ରଙ୍ଗମଞ୍ଚରେ ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ସମ୍ମାନିତ ଅତିଥି ଭାବେ ନୂଆପଡା ଏନ୍ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆର ରୋଡ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ସହାୟତା ରାଶି ସମ୍ପର୍କରେ ଉପସ୍ଥିତ ଶ୍ରମିକମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମୋଟ ୭୯ଜଣଙ୍କୁ ୬୦ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହା ବ୍ୟତିତ ୨୦୦ଜଣ ଶ୍ରମିକଙ୍କୁ ପଞ୍ଜୀକରଣ କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜିଲା ଶ୍ରମିକ ମହାସଂଘ ଆବାହକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ନୂଆପଡା ବ୍ଲକ ଖଇରାନୀ ଗ୍ରାମରେ ଭାଜପା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି, କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରମିକ ଦିବସ ଉପରେ ଆଲୋକପାତ କରିଥିଲେ।

# ଆନ୍ତଃଜିଲା ବାଇକ୍, ଚାରିଚକିଆ ଯାନ ଚୋରି ର୍‍ୟାକେଟର ୧୧ ଗିରଫ

**୧୦ ବାଇକ୍, ଗୋଟିଏ ବୋଲେରୋ ଜବତ**

କେସିଙ୍ଗା,୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପୋଲିସ ଆନ୍ତଃଜିଲା ବାଇକ, ଚାରିଚକିଆ ଯାନ ଚୋରି ର୍‍ୟାକେଟ ଠାବ କରିଛି। ଏହି ଘଟଣାରେ ୬ ଲୁଟେରା ଓ ୫ ବ୍ୟବସାୟୀ ଗିରଫ କରିଛି। ଗିରଫମାନେ ହେଲେ ଭବାନୀପାଟଣା ସଦର ଥାନାର ଗଜେନ୍ଦ୍ର କୁମାର, ଭବାନୀପାଟଣା ଶକ୍ତିନଗରପଡାର କିତା ମାଝି, ଏଲିଆସ କେତନ, ଭବାନୀପାଟଣା ସଦର ଥାନା ଗୁଗୁରପଲା ଟଙ୍କଧର ବିଶି, ଭବାନୀପାଟଣା ସଦର ଥାନା ଅମଠା ଗାଁ ଏ ନେପାଳ ମାଝି, କୁସୁମଖୁଣ୍ଟିର ବିକ୍ରମ ମାଝି ଓ ଗୁଗୁରପଳାର କୁଶ ନାଏକ। ସେହିଭଳି ସେମାନଙ୍କଠାରୁ କିଣିଥିବା ବଲାଙ୍ଗୀର ଚନ୍ଦନଭାଟିର କବାଡି ବ୍ୟବସାୟୀ ବିଶ୍ୱଜିତ ଦାସ, ଭବାନୀପାଟଣା ଇରିଗେସନ କଲୋନୀର ସନ୍ତୁ ଦୁର୍ଗା, ଇରିଗେସନ କଲୋନୀର ସୁରେନ୍ଦ୍ର ମେହେର, ଇରୀଗେସନ କଲୋନୀର ଅରସଦ ହମ୍ମଦ, ବଲାଙ୍ଗୀର ଫସଦ ଗାଁର ଏମଡି ଇବ୍ରାନ ଖାଁ। ଏହି ଘଟଣାରେ ୧୦ଟି ଚୋରା ବାଇକ୍, ଗୋଟିଏ ବୋଲେରୋ, ଗୋଟିଏ ମ୍ୟାକ୍ସ, ଟାୟାର ଓ ଡିସ୍କ ମେକ୍ସ ଗାଡି ଆଦି ଉଦ୍ଧାର କରିଥିବା ସୋମବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଅଭିନବ ଶୋନଙ୍କର ପ୍ରକାଶ କରିଛନ୍ତି। ସେମାନଙ୍କଠାରୁ ୪ଟି ଦାମୀ ମୋବାଇଲ, ଲୁଟ ପାଇଁ ବ୍ୟବହାର ହେଉଥିବା ଲୁହା କଟିଙ୍ଗ ମେଶିନ, ରଡ଼, ଖଣ୍ଡା ଆଦି ପୋଲିସ ଜବତ କରିଛି। ଏବେବି ଏହି ଘଟଣାରେ ୨ ଫେରାର ଥିବା ଏବଂ ସେମାନଙ୍କ ଖୋଜା ଚାଲିଥିବା ପୋଲିସ କହିଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଜୁନାଗଡ,୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଯୋଗଦେଇ ୧୬୯ ଆବେଦନକାରୀଙ୍କ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୫୧ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଓ ୧୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ରହିଥିଲା। ଏହି ଶିବିରରେ ୨୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ବ୍ଲକ ତଥା ଜିଲାର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିର ପୂର୍ବରୁ ଜିଲାପାଳ ଗାଭାଲି ସାମାଜିକ ଗଣମାଧମ, ମେଲ ଓ ପତ୍ର ମାଧ୍ୟମରେ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲ, ଜନଶୁଣାଣି ପୋର୍ଟାଲ ତଥା ଜିଲାପାଳଙ୍କ ଅଫିସକୁ ଆସିଥିବା ଆବେଦନ ଅଭିଯୋଗ ଓ ସମସ୍ୟା ନେଇ ସମୀକ୍ଷା କରି ଏହାର ସମାଧାନ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କସ୍ତୁରୀ ମିଶ୍ର, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିର ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ପରିଚାଳନା କରିଥିଲେ।

# ବ୍ଲକ ଅଫିସ ସମ୍ମୁଖରେ ଗର୍ଜିଲା ଦଳିତ ଅଧିକାର ମଞ୍ଚ

**ଝାରବନ୍ଧ ଗ୍ରାମପଞ୍ଚାୟତ**

- ପିଡିଏସ ଚାଉଳ ହଡ଼ପ ଘଟଣା
- କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା ଦିଆଯିବ

ସିନାପାଲି,୨।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଝାରବନ୍ଧ ଗ୍ରାମପଞ୍ଚାୟତରେ ପିଡିଏସ ଚାଉଳ ହଡପ ଘଟଣାରେ ଦୋଷୀ କର୍ମଚାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସୋମବାର ବ୍ଲକ ଅଫିସ ଘେରାଉ କରାଯାଇଛି। ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ପଞ୍ଚାୟତ ଜନସାଧାରଣ, ମହିଳା ଝାରବନ୍ଧ ଗ୍ରାମପଞ୍ଚାୟତରୁ ପଦଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ସ୍ଲୋଗାନ, ନାରାବାଜି ଦେଇ ଗର୍ଜିଥିଲେ। ବିଡିଓ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରୁଥିବା ବେଳେ ଅନେକ ସମସ୍ୟା ସମାଧାନ କରୁ ନ ଥିବା ନେଇ ତାଣ୍ଡି ଅଭିଯୋଗ କରିଥିଲେ। ପିଡିଏସ ଚାଉଳ ହଡପ ଘଟଣାରେ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବ୍ଲକ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣା ନେଇ ତଦନ୍ତ ସରିଛି, ଆଜି ରିପୋର୍ଟ ଜିଲାପାଳଙ୍କୁ ପଠାଇବି। ତାଙ୍କର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋଲି ବିଡିଓ ସଦାଶିବ ନାଏକ କହିଛନ୍ତି। ଘେରାଉରେ ତାଣ୍ଡିଙ୍କ ସମେତ ପଦ୍ମନାଭ ଜଗତ, ଭୁଜବଳ ଜଗତ ପୁରୁଷୋତ୍ତମ ସୁନାନୀ, ଲିଙ୍ଗରାଜ ଜାଲ, ଲମ୍ବୁ ତାଣ୍ଡି, ନରେଶ ସୁନାନୀଙ୍କ ସହିତ ପଞ୍ଚାୟତର ଅନେକ ସାମିଲ ରହିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ରୁପ୍ରାରୋଡ,୨।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଜୋର୍‌ରେ ପବନ ସହ କାଁଭାଁ ବର୍ଷା ହୋଇଥିଲା। ଫଳରେ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ବଡଧାରପୁର ଗ୍ରାମର ଟ୍ରାନ୍ସଫର୍ମର ଫିଉଜ୍ ଉଡିଯାଇଥିଲା। ଗ୍ରାମରେ ବିଦ୍ୟୁତ୍ ବିଭାଗ କୌଣସି କର୍ମଚାରୀ ନ ଥିବାରୁ ଗାଁର କେତେଜଣ ପିଲା ଟ୍ରାନ୍ସଫର୍ମର ଫିଉଜ୍ ବାନ୍ଧିବା ପାଇଁ ଯାଇଥିଲେ। ଲମ୍ବୋଦର ଦୋରା (୨୮) ଟ୍ରାନ୍ସଫର୍ମର ଫିଉଜ୍ ବାନ୍ଧିବା ବେଳେ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁରେ ଖବର ପ୍ରଚାର ପାରେ ଶୋକରଛାୟା ଖେଳିଯାଇଛି। ନର୍ଲା ପୋଲିସ ପହଞ୍ଚି ଟ୍ରାନ୍ସଫର୍ମରରେ ଲଟକିଥିବା ମୃତଦେହ ଓହ୍ଲାଇ ତଦନ୍ତ ଆରମ୍ଭ କରିଥିଲା। ଲମ୍ବୋଦର ପରିବାର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବା ବେଳେ ସରକାର ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।





ଅଭିନନ୍ଦନ

ପବିତ୍ର ଅକ୍ଷୟ ତୃତୀୟା ତଥା ଚାଷ ଅନୁକୂଳ ଦିବସରେ ପ୍ରଭୁ ହଳଧର (ବଳରାମ) ହଳ ଲଙ୍ଗଳରେ ଚାଷୀଙ୍କୁ ଶୁଭାଶୀର୍ବାଦ କରନ୍ତୁ । କୋକସରା ବ୍ଲକ ଓ କୋକସରା ଗ୍ରାମପଞ୍ଚାୟତର ଚାଷ ଭଲ ହେଉ । ମା' ମହାଲକ୍ଷ୍ମୀଙ୍କ କୃପାରୁ ଉନ୍ନତ ଧରଣର ଫଳ ପ୍ରଦାନ ପାଇଁ କାମନା କରୁଛି । ଏଥିସହ ସମଗ୍ର ଚାଷୀ ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।





ଶ୍ରୀ ତ୍ରିଭୁବନ ନାଏକ
ପୂର୍ବତନ ସମିତି ସଭ୍ୟ
କୋକସରା ଗ୍ରାମପଞ୍ଚାୟତ,ଜିଲ୍ଲା-କଳାହାଣ୍ଡି

ଶ୍ରୀ ଜୟଦେବ ଜୟନ୍ତୀ
୩ ମଇ ୨୦୨୨ (ଅକ୍ଷୟ ତୃତୀୟା)



DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223

## ସଂକ୍ଷେପରେ

### ପରୀକ୍ଷା କେନ୍ଦ୍ରରେ ଛାତ୍ର ଅଚେତ

ପଦ୍ମପୁର,୨।୫(ଡି.ଏନ.ଏ) ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉପଶାସ୍ତ୍ରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ଜାରି କରାଯାଇଛି। ତଦନୁସାରେ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ବରିକେଲ ଲାଲଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟରେ ସୋମବାର ଉପଶାସ୍ତ୍ରୀ ପରୀକ୍ଷା ଚାଲିଥିଲା। ଏହି ସମୟରେ ପରୀକ୍ଷା କେନ୍ଦ୍ରରେ ଲୋକନାଥ ବରିହା (୨୦୦୨ବିଆର୦୩୨) ନାମକ ଜଣେ ପରୀକ୍ଷାର୍ଥୀ ହଠାତ୍ ଅଚେତ ହୋଇ ପଡିଥିଲେ। ଅଧକ୍ଷ ହରେକୃଷ୍ଣ ମିଶ୍ର, ପରୀକ୍ଷା ନିରୀକ୍ଷକ ସୀତାରାମ ସାହୁ, ସଂହିତା ବେହେରା, ମନ୍ଦାକିନୀ ପାଢୀ ପ୍ରମୁଖ ଅଂଶୁଘାତ ଜନିତ ପ୍ରାଥମିକ ଉପଚାର କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା।

# ଆଇନଗତ, ସାମାଜିକ ସୁରକ୍ଷା ପ୍ରଦାନ କର

ସୋନପୁର,୨।୫(ନି.ପ୍ର.)

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ ଟାଉନ ହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଶର ପ୍ରଗତି ସାଧନରେ ଶ୍ରମିକ ମାନଙ୍କର ଅତୁଳନୀୟ ଭୂମିକା ରହିଛି ବୋଲି କହିଥିଲେ। ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶ୍ରମିକ ମାନଙ୍କୁ ଆଇନଗତ ଓ ସାମାଜିକ ସୁରକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମ୍ୟୁନିସିପାଲିଟି ଅଧକ୍ଷା ତାମସି ତାମସ୍ମିତା ନାୟକ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଓ ଶ୍ରମିକ ନେତା ଗୋବିନ୍ଦ ମହାରଣା ପ୍ରମୁଖ ଶ୍ରମିକଙ୍କୁ ସେମାନଙ୍କ ଅଧିକାର କିଭଳି ମିଳିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ



ଜିଲାସ୍ତରୀୟ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୫୦ଜଣଙ୍କୁ ଏବଂ ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ପକ୍ଷରୁ ୧୦ ଜଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସୁଚିସ୍ମିତା ପାତ୍ର ସଭା ପରିଚାଳନା କରିଥିଲା ବେଳେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସବିତା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅନିତା ନାଗ, ବାଙ୍କବିହାରୀ ମହଲା ଓ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

### ସୁବର୍ଣ୍ଣପୁରରେ ଆନ୍ତର୍ଜାତିକ ଶ୍ରମିକ ଦିବସ

ସେହିପରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣ କାରି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସସ୍ମିତା ମିଶ୍ର ଶ୍ରମିକମାନଙ୍କ ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ । ପ୍ୟାନେଲ ଓକିଲ, ପାରାଲିଗାଲ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ବିଭିନ୍ନ ଯୋଜନା, ଟ୍ରେଡ୍ ୟୁନିୟନ ଆଇନ, ଶ୍ରମିକ ବିଭାଗ ଆଇନ, ମଜୁରୀ ପ୍ରଦାନ ଅଧିନିୟମ ଓ ଶିଶୁ ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରିଥିଲେ।

# ୧୬ଦିନ ହେଲା ଜଳ ପ୍ରକଳ୍ପ ଅଚଳ

- ପିଇବା ପାଣି ପାଇଁ ହନ୍ତସନ୍ତ ବହଲପଦର ଗ୍ରାମବାସୀ
- ଅଭିଯୋଗ କଲେ ବି ହେଉନି ମରାମତି
- ଖୁବ ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ: ବିଡିଓ

ଅମରପାଲି,୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ଗ୍ରାମରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗତ ୧୬ଦିନ ହେଲା ଅଚଳ ହୋଇ ପଡିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ମରାମତି କରାଯାଉ ନାହିଁ। ତେଣୁ ଏବେ ଗ୍ରାମରେ ଦେଖାଦେଇଛି ଉତ୍କଟ ପାନୀୟ ଜଳ ସମସ୍ୟା। ଦୁଇୱାର୍ଡ ବିଶିଷ୍ଟ ବହଲପଦର ଗ୍ରାମର ଲୋକସଂଖ୍ୟା ପ୍ରାୟ ୨ହଜାର। ଗ୍ରାମରେ ଥିବା ନଳକୂପଗୁଡିକରୁ ଆବଶ୍ୟକ ପାଣି ବାହାରୁ ନାହିଁ। ସଚଳ ଥିବା ନଳକୂପ ନିକଟରେ ପାଣି ବାଲଟିଏ ପାଇଁ ଲାଗୁଛି ଲମ୍ବା ଲାଇନ। ଯେଉଁ କେତୋଟିରୁ ପାଣି ବାହାରୁଛି ତାହା ଫ୍ଲୋରାଇଡ ଯୁକ୍ତ। ଫଳରେ ଲୋକେ ପାନୀୟ ଜଳ ଠୁ ଆରମ୍ଭ କରି ସ୍ନାନ ଶୌଚ ପାଇଁ ଗ୍ରାମର ପୋଖରୀ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ଥିବା ଜଳଯୋଗାଣ ପ୍ରକଳ୍ପର ଟାଙ୍କି ଅଛି। ଟାଙ୍କିରୁ ପାଇପ ଯୋଗେ ଷ୍ଟାଣ୍ଡପୋଷ୍ଟକୁ ଜଳ ଯୋଗାଣ ହେଉଥିଲା। ହେଲେ ୧୬ ଦିନ ତଳେ ଗ୍ରାମର ଗଣ୍ଡ ସାହିରେ ଥିବା ସୋଲାର ପକଳ୍ପ ଅଚଳ ହେବାରୁ ପ୍ରକଳ୍ପ ଅଚଳ ହୋଇ ପଡିଛି। ପ୍ରକଳ୍ପ ଅଚଳ ପରେ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ପ୍ରକଳ୍ପର ସବୁ ଠିକ୍ ଥିଲେ ମଧ୍ୟ ଟ୍ରାନ୍ସଫର୍ମରରେ ଫ୍ୟୁଜ ରହୁନ ଥିବାରୁ ଜଳ ଯୋଗାଣ ହୋଇ ପାରୁନାହିଁ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ଦେଇ ଜିଲାପାଳ ଜଳ ପ୍ରକଳ୍ପଗୁଡିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ତୁରନ୍ତ ପ୍ରକଳ୍ପ ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ପ୍ରକଳ୍ପ ମରାମତି କରି କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

# ୫୧ଅଭିଯୋଗର ତତ୍କାଳ ସମାଧାନ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅମରପାଲି, ୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବୀରମହାରାଜପୁର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୂର୍ଯ୍ୟନାରାୟଣ ଦାଶ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୦ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୪, ସାମୁହିକ ୧୪ ଓ ଗୋଟିଏ ଲେଖାଏ ଦରଖାସ୍ତ ରେଡ଼କ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କିତ ଥିଲା। ଗ୍ରହଣ କରାଯାଇଥିବା ୬୦ଦରଖାସ୍ତରୁ ୫୧ଟିର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ୯ଟି ଆପତ୍ତି ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡିକୁ ପ୍ରଦାନ କରାଯାଇଛି। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପଜିଲାପାଳ ଅଶୋକ କୁମାର ଭୋଇ, ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ତହସିଲଦାର ବିବୁଧ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଅଫିସରେ ତାଲା ପକାଇଲେ

### ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ

ବିନିକା,୨।୫(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ବିରୋଧରେ ସ୍ୱର ଉଠାଇଛନ୍ତି ଅଞ୍ଚଳର ସଚେତନ ନାଗରିକମାନେ। ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକଳାପ ବିରୋଧରେ ସେମାନେ ସୋମବାର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ବିନିକା ଥାନା ଅଧିକାରୀ ପବିତ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଉପଖଣ୍ଡ ଅଧିକାରୀଙ୍କ



ବିନିକା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ସଚେତନ ନାଗରିକମାନେ ପ୍ରତିବାଦ କରୁଛନ୍ତି।

ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଅଲୋଚନା କରିଥିଲେ । ମଧ୍ୟରେ ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦୁଇଦିନ ପରେ ଅଫିସ ମୁଖ୍ୟଫାଟକରୁ ତାଲା ଖୋଲିଥିଲା। ସଚେତନ ନାଗରିକମାନଙ୍କ ମଧ୍ୟରୁ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନା, ଶ୍ରୀନିବାସ ଖମାରୀ, ସମ୍ବିତ ନେପାକ, ଗୋପାଳକୃଷ୍ଣ ମହାଲିଙ୍ଗ, ଉମାକାନ୍ତ ଦୀପ, ନାରାୟଣ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଗତ ୨୮ତାରିଖରେ ବିଦ୍ୟୁତ୍ କାଟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ବିନିକା ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ରଶ୍ମୀ ରଞ୍ଜନ ଜେନାଙ୍କୁ ଏକ ଦାବିପତ୍ର ଦେଇଥିଲେ। ମାତ୍ର ଏଥିପ୍ରତି ବିଭାଗ କୌଣସି ବିଧିବଦ୍ଧ ପଦକ୍ଷେପ ନ ନେବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିଲେ ବୋଲି କହିଛନ୍ତି।

# ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘ ଗଠିତ

### ଗଣନାଥ ସଭାପତି, ଶ୍ରୀନ୍ୟା ସାଧାରଣ ସମ୍ପାଦକ

ସୋନପୁର/ଡୁଙ୍ଗୁରିପାଲି,୨।୫(ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାର ନୂତନ ସରପଞ୍ଚ ସଙ୍ଘ ଗଠିତ ହୋଇଯାଇଛି। ରବିବାର ରାମପୁରଠାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତକ୍ରମେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଜିଲା ସରପଞ୍ଚ ସଂଘ ସଭାପତିଭାବେ ତରଭା ବ୍ଲକ ପାଇକମାଳ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁ, ଉପସଭାପତି ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତ ସରପଞ୍ଚ ଅଶୋକ ପଣ୍ଡା, ସାଧାରଣ ସମ୍ପାଦକ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ସରପଞ୍ଚ ଶ୍ରୀୟା କର୍ମୀ, ସମ୍ପାଦକ ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ପଞ୍ଚାୟତର ସରପଞ୍ଚ ବିଭୁଦତ୍ତ ରାଜହଂସ, ଯୁଗ୍ମ ସମ୍ପାଦକ ବିନିକା ବ୍ଲକ ବାଉଁଶୁଣି ପଞ୍ଚାୟତର ସରପଞ୍ଚ ରୀନା ମହଲା ଓ କୋଷାଧ୍ୟକ୍ଷ ଭାବେ ସୋନପୁର ବ୍ଲକ ଲଛିପୁର ପଞ୍ଚାୟତର ସରପଞ୍ଚ ଜ୍ୟୋତିରଞ୍ଜନ ନୁଆଁଇ ମନୋନୀତ ହୋଇଛନ୍ତି । ସେହିପରି ସରଗଜ ସରପଞ୍ଚ ନର୍ମଦା ମିଶ୍ର, ମୁଣ୍ଡୋଘାଟ ସରପଞ୍ଚ କିଷାନ ଜଗଦଲା, ଉଲୁଣ୍ଡା ସରପଞ୍ଚ ରଶ୍ମିତା ଭୋଇ, ଜଟେସିଂଘା ସରପଞ୍ଚ ସୁନିତା ପ୍ରଧାନ, ବାଗବର ସରପଞ୍ଚ ନିରୂପମା ବଗର୍ତ୍ତି, ପୁଆ ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗ,



ଗଣନାଥ ସାହୁ



ଶ୍ରୀୟା କର୍ମୀ

ଜୁଲୁଣ୍ଡା ସରପଞ୍ଚ ରଜତ ପ୍ରଧାନ, ସିଲାଟି ସରପଞ୍ଚ କାଶିନାଥ ସେଠ୍, ଖଲିଆପାଲି ସରପଞ୍ଚ ରୁକ୍ମଣୀ ନାଏକ, ଖାରୀ ସରପଞ୍ଚ ସଙ୍ଗୀତା ନାଗ, ଇଛାପୁର ସରପଞ୍ଚ ପ୍ରସନ୍ନ ସାହୁ ଓ ଦିଗଶିରା ସରପଞ୍ଚ କୌଶଲ୍ୟା ମେହେରଙ୍କୁ ଜିଲା କାର୍ଯ୍ୟକାରୀ ସଭ୍ୟ ଭାବେ ନିଆଯାଇଛି । ସରପଞ୍ଚମାନେ ମିଳିତ ଭାବେ ଜିଲାର ବିକାଶ ଓ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି ବୈଠକରେ ଜିଲାର ୬ଟି ବ୍ଲକର ଅଧିକାଂଶ ପଞ୍ଚାୟତର ସରପଞ୍ଚଙ୍କ ସମେତ ତରଭା ବ୍ଲକ ଅଧକ୍ଷ ସରୋଜ କର୍ମ, ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଡୁଙ୍ଗୁରିପାଲି ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁଙ୍କ ସହ ରମେଶ ପୂଜାରୀ, ଅଶୋକ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ରୁପ୍ରାରୋଡ,୨।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଜୋର୍‌ରେ ପବନ ସହ କାଁଭାଁ ବର୍ଷା ହୋଇଥିଲା। ଫଳରେ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ବଡଧାରପୁର ଗ୍ରାମର ଟ୍ରାନ୍ସଫର୍ମର ଫିଉଜ୍ ଉଡିଯାଇଥିଲା। ଗ୍ରାମରେ ବିଦ୍ୟୁତ୍ ବିଭାଗ କୌଣସି କର୍ମଚାରୀ ନ ଥିବାରୁ ଗାଁର କେତେଜଣ ପିଲା ଟ୍ରାନ୍ସଫର୍ମର ଫିଉଜ୍ ବାନ୍ଧିବା ପାଇଁ ଯାଇଥିଲେ। ଲମ୍ବୋଦର ଦୋରା (୨୮) ଟ୍ରାନ୍ସଫର୍ମର ଫିଉଜ୍ ବାନ୍ଧିବା ବେଳେ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁରେ ଖବର ପ୍ରଚାର ପାରେ ଶୋକରଛାୟା ଖେଳିଯାଇଛି। ନର୍ଲା ପୋଲିସ ପହଞ୍ଚି ଟ୍ରାନ୍ସଫର୍ମରରେ ଲଟକିଥିବା ମୃତଦେହ ଓହ୍ଲାଇ ତଦନ୍ତ ଆରମ୍ଭ କରିଥିଲା। ଲମ୍ବୋଦର ପରିବାର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବା ବେଳେ ସରକାର ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।










ଶ୍ରୀ ଜୟଦେବ ଜୟନ୍ତୀ
୩ ମଇ ୨୦୨୨ (ଅକ୍ଷୟ ତୃତୀୟା)

DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223

# ବିଧାୟକଙ୍କ ବହିଷ୍କାର ଦାବିରେ କଂଗ୍ରେସର ବିକ୍ଷୋଭ

ଦେବଗଡ଼,୨।୫(ଡି.ଏନ୍.ଏ)



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଦେବଗଡ଼ ଜିଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ଦେବଗଡ଼ର ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ବିଧାୟକ ପଦରୁ ବହିଷ୍କାର ପାଇଁ ସୋମବାର ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା ନଗର କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଜିଲା କଂଗ୍ରେସ ଏସ୍‌ଟି ସେଲ୍ ସଭାପତି କ୍ଷେତ୍ରକୁମାର ପାତ୍ର, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, କ୍ଷୀତିଶ ଚନ୍ଦ୍ର ପ୍ରଧାନ, ସଚ୍ଚିଦାନନ୍ଦ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ସୁବାସ ଚନ୍ଦ୍ର ଭୋଇ, ଜିଲା ସାଧାରଣ ସମ୍ପାଦକ ବିନୋଦ କୁମାର ନାୟକ ପ୍ରମୁଖ ବାବୁସାହି ଛକଠାରୁ ବିଧାୟକଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ବିଧାୟକଙ୍କୁ ନିନ୍ଦା କରି ବିଡିଓଙ୍କ ଉପରେ ଆକ୍ରମଣ ଘଟଣାକୁ ମଧ୍ୟ ନିନ୍ଦା କରିଥିଲେ। ଏହି ଅବସରରେ ସେମାନେ ବିଧାୟକ ପାଣିଗ୍ରାହୀଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର କୈବଲ୍ୟ କରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଜଳଛତ୍ର ଆରମ୍ଭ ସହ ସରବତ ବଣ୍ଟନ

କୁତ୍ରା, ୨।୫(ଡି.ଏନ୍.ଏ.)


କୁତ୍ରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡା ଜଳଛତ୍ର ଉଦ୍‌ଘାଟନ କରୁଛନ୍ତି।

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦେଖି କୁତ୍ରା ପୋଲିସ ପକ୍ଷରୁ ୧୦ ନମ୍ବର ରାଜ୍ୟ ରାଜପଥ 'କ'ରେ ଜଳଛତ୍ର ଆରମ୍ଭ କରାଯିବା ସହ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସରବତ ବଣ୍ଟନ କରାଯାଇଛି। ରବିବାର ଏହି ଜଳଛତ୍ରର ଶୁଭାରମ୍ଭ ଅବସରରେ କୁତ୍ରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡା ବିଶେଷ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏସ୍‌ଡିପିଓ ଡା. ଶଶାଙ୍କ ଶେଖର ବେଉରା, ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା, ସରପଞ୍ଚ ଭୁବନ କୁଜୁର, ଶିକ୍ଷକ ବିଭୀଷଣ ବାରିକ, ପ୍ରଶାନ୍ତ ସାହୁ, ଶଶିଧର ଲାକଡା ପ୍ରମୁଖ ଉପସ୍ଥିତ ରହିଥିଲେ। ରବିବାର ସାପ୍ତାହିକ ହାଟ ଥିବାବେଳେ ପୋଲିସ ବିଭାଗ ପକ୍ଷରୁ ଜଳଛତ୍ରରେ ଦହି ସରବତ,ଲେମ୍ବୁ ସରବତ ଏବଂ ଓଆରଏସ ପାଣି ବଣ୍ଟନର ବ୍ୟବସ୍ଥା ହୋଇଥିଲା। ଅତିଥିମାନେ ଏହାର ବଣ୍ଟନ ଆରମ୍ଭ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଏସ୍‌ଆଇ ନବକିଶୋର ଜେନା, ଏସ୍‌ଆଇ ବିଶ୍ୱରଞ୍ଜନ ମହାନ୍ତି, ବୀରକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହ ସହଯୋଗ କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦେଖି ଏହି ଜଳଛତ୍ର ୨ ମାସ ଧରି ଚାଲିବା ସହ ପ୍ରତି ହାଟପାଳି ରବିବାର ଏବଂ ବୁଧବାର ସରବତ ବଣ୍ଟନର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା କହିଛନ୍ତି।

# ଅସ୍ତିତ୍ୱ ହରାଉଛି ସଫେଇ ନଦୀ, ଶୁଖିଯାଉଛି ଜଳଧାର

ବଡ଼ଗାଁ ୨।୫(ଡି.ଏନ୍.ଏ.)

ନଦୀର ସୁରକ୍ଷା,ସଂରକ୍ଷଣ ଦେବାରେ ସରକାରଙ୍କ ଅବହେଳା, ଉଦାସୀନତା ଯୋଗୁ ନଦୀ ରୂପକ ମା' ଆଜି କୋଳ ଶୂନ୍ୟ ହେବାକୁ ଯାଉଛି। ଏଭଳି ପରିସ୍ଥିତି ଦେଖାଦେଇଛି ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟରେ ପ୍ରବାହିତ ସଫେଇ ନଦୀରେ। ବଡ଼ଗାଁ ବ୍ଲକ ଦେଇ ପ୍ରବାହିତ ସଫେଇ ନଦୀରେ ୩୦ ରୁ ୪୦ ବର୍ଷ ପୂର୍ବେ ବର୍ଷସାରା ପାଣି ରହୁଥିଲା ଓ ଜଳ ପ୍ରବାହିତ ହେଉଥିଲା। ନଦୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ନଦୀ ତଟରେ ଲଗାଉଥିଲେ ନାନାଦି ଗୁଳ୍ମ ଓ ବୃକ୍ଷ। କିନ୍ତୁ ଦୀର୍ଘ ବର୍ଷ ହେଲା ନଦୀର ସୁରକ୍ଷା ପ୍ରତି ସରକାର ଆଖି ବୁଜି ଅବହେଳା କରିଆସୁଥିଲାବେଳେ ଲୋକେ ନଦୀ ତଟରେ ଇଟା ଭାଟି କରି, ନଦୀରୁ ଅତ୍ୟଧିକ ବାଲି ଉଠାଣ କରିବା ଓ ନଦୀ କୂଳ ପର୍ଯ୍ୟନ୍ତ ଚାଷ ଜମି ସମ୍ପ୍ରସାରଣ କରିବାରୁ ମୃତ୍ତିକା କ୍ଷୟ ହୋଇ ନଦୀ ଶଯ୍ୟାରେ ଜମା ହେଉଛି। ଫଳରେ ନଦୀ ପୂର୍ବେ ଯେଉଁ ସ୍ଥିତି ଥିଲା ତାହା ହରାଇବସିଛି। ନଦୀର ବିଭିନ୍ନ ସ୍ଥାନରେ ୩୦ ରୁ ୫୦ ମିଟର ବାଲି ଶଯ୍ୟା ଥିଲା। ଏବେ ତାହା ୫ ରୁ ୧୦ ମିଟର ବାଲି ଶଯ୍ୟାରେ ସୀମିତ ହୋଇଯାଇଛି। ନଦୀ ଭିତରେ ଦ୍ୱୀପ ଭଳି ମାଟିର ଉଚ୍ଚ ସ୍ଥାନ ହୋଇ ସେଠାରେ ବୁଦୁବୁଦୁଳିଆ ଜଙ୍ଗଲ ସୃଷ୍ଟି ହୋଇଛି। ଏପରିକି କେତେକ ସ୍ଥାନରେ ନଦୀ ସଂକୀର୍ଣ୍ଣ ହୋଇଯାଇଥିବାରୁ ନଦୀ ଗର୍ଭରେ ପାଦଚଲା ରାସ୍ତା ହେଲାଣି। ଏହିସବୁ କାରଣରୁ ନଦୀର ଜଳଧାରଣ କ୍ଷମତା ହରାଇଛି। ଏହି ନଦୀରେ କନହାକୁଟା ଦରହ, ମହାଦେବ ଗୁଡ଼ି ଦରହ, କଟେର ଦରହ, ଛୁଇଁ ମୁହାଣ ଦରହ ଆଦି ୧୨ରୁ ଊର୍ଦ୍ଧ୍ୱ ଦରହ ଥିଲା ଯାହା ଏବେ ନିଶ୍ଚିହ୍ନ ହୋଇଯାଇଛି। ନଦୀରୁ ପୂର୍ବେ ମିଳୁଥିବା ବାଲିଆ, ଭାକୁର, ଘେସରାଜିଆ, ଟେଙ୍ଗନି, ଖୁବସା, ଭେଣ୍ଡିଆ, କାନପେଚା, ପାନିଆ, କୁସମା ଆଦି ବିଭିନ୍ନ ପ୍ରଜାତିର ମାଛ ବିଲୁପ୍ତ ହୋଇଯାଇଛି। ଜଳସ୍ରୋତ କମିବ ଓ ଜଳ ପ୍ରଦୂଷଣ ଯୋଗୁ ମାଛ ବଂଶ ଲୋପ ପାଇଗଲେଣି। ଏଠାରେ ସୂଚନାଯୋଗ୍ୟ ଯେ ସଫେଇ ନଦୀ ତଟରେ ଲୋକେ ଗୋଷ୍ଠୀଗତ ଭାବେ ଆଖୁ,ସୋରିଷ,ଗହମ କରୁଥିଲେ। କିନ୍ତୁ ଜଳାଭାବ କାରଣରୁ ନଦୀ ତଟରେ ପୂର୍ବଭଳି ଚାଷ ହୋଇପାରୁନାହିଁ। ନଦୀ ଜଳକୁ କୃଷି କ୍ଷେତ୍ରରେ ବିନିଯୋଗ ପାଇଁ ସରକାର ନଦୀରେ ମେଗା ଜଳସେଚନ ପ୍ରକଳ୍ପ କରିଥଲେ ମଧ ଏହା କାମରେ ଆସୁନାହିଁ। ନଦୀ କେତେ ଦୁର୍ବଳ ସ୍ଥିତିରେ ଅଛି ତାକୁ ଅନୁଧ୍ୟାନ କରି ପ୍ରଥମେ ନଦୀର ସୁରକ୍ଷା କରିବା ପରିବର୍ତ୍ତେ ପ୍ରକଳ୍ପ ସ୍ଥାପନ କେତେ ଉପଯୋଗୀ ହେବ ସେ ଦିଗରେ ସରକାର ଦୃଷ୍ଟି ଦେବା ଆବଶ୍ୟକ ଥିଲା। ଯାହାବିହେଉ,ମୃତ୍ୟୁ ଶଯ୍ୟାରେ ଥିବା ନଦୀ ରୂପକ ମା'କୁ ସୁସ୍ଥ କରିବାରେ ସରକାର ଓ ଲୋକଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଥିବାରୁ ଏ କ୍ଷେତ୍ର ରେ ଅବହେଳା ସମଗ୍ର ଜୀବଜଗତ ପାଇଁ ବିପଦ ଆଣିବ ତିଳେ ମାତ୍ର ସନ୍ଦେହ ନାହିଁ।

## ମୋବାଇଲ ଫାଟି ନାବାଳକ ଗୁରୁତର

ଦେବଗଡ଼,୨।୫(ଡି.ଏନ୍.ଏ)

ମୋବାଇଲ ଫାଟି ନାବାଳକ ଗୁରୁତର ହୋଇଛନ୍ତି। ଏହିଭଳି ଅଘଟଣ ଘଟିଛି ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଦୁଧିଆନାଲି ଗାଁରେ। ଚାର୍ଜ ବସିଥିବା ବେଳେ ମୋବାଇଲ ଫାଟି ୬ ବର୍ଷର ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପ୍ରଶାନ୍ତ ପ୍ରଧାନଙ୍କ ପୁଅ ଆୟୁଷ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଲହୁଣୀପଡାରେ ଗାୟତ୍ରୀ ଯଜ୍ଞ

ଲହୁଣୀପଡ଼ା,୨।୫(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବସଷ୍ଟାଣ୍ଡ ସ୍ଥିତ ହରିଶଙ୍କର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସୋମବାର ଲହୁଣୀପଡ଼ା ଗାୟତ୍ରୀ ପରିବାର ପକ୍ଷରୁ ଏକ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦେବକାନ୍ତ ଜୟସୱାଲ ଓ ଆରତୀ ଜୟସୱାଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ସୁନ୍ଦରଗଡ଼ ଜିଲାକୁ ସ୍ୱତନ୍ତ୍ର ପୁରସ୍କାର

## ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

ସୁନ୍ଦରଗଡ଼,୨।୫ (ଡି.ଏନ.ଏ)



ଜିଲାପାଳ ନିଖିଲ ପବନକଲ୍ୟାଣ ଭୁବନେଶ୍ୱରଠାରେ ପୁରସ୍କାର ଗ୍ରହଣ କରୁଛନ୍ତି।

ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ରୂପାୟନ ଏବଂ ସେଗୁଡ଼ିକର ସଫଳ ପରିଚାଳନା ପାଇଁ ସୁନ୍ଦରଗଡ଼ ଜିଲାକୁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ନିକଟରେ ଇଣ୍ଡିଆ ଟୁଡେ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ 'ଷ୍ଟେଟ୍ ଅଫ୍ ଦ ଷ୍ଟେଟ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ଦକ୍ଷତା ବିକାଶ କ୍ଷେତ୍ରରେ 'ବେଷ୍ଟ ଇମ୍ପ୍ରୁଭଡ୍ ଡିଷ୍ଟ୍ରିକ୍ଟ' ଭାବେ ସୁନ୍ଦରଗଡ଼କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ। ଏହି ସଫଳତା ଲାଗି ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସୁନ୍ଦରଗଡ଼ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ସହଯୋଗୀ ଅନୁଷ୍ଠାନଗୁଡ଼ିକୁ ଜିଲାପାଳ ଧନ୍ୟବାଦ ଜଣାଇଛନ୍ତି। ଏହାସହ ସେ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ କୋଚିଂ ଓ ତାଲିମ ନେଉଥିବା ଜିଲାର ଛାତ୍ରୀଛାତ୍ର ତଥା ଶିକ୍ଷିତ ଯୁବକ ଯୁବତୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସ୍ୱତନ୍ତ୍ର କନ୍‌କ୍ଲେଭ୍‌ରେ ବିଭିନ୍ନ ବର୍ଗରେ ରାଜ୍ୟର ବିଭିନ୍ନ ଜିଲାକୁ ସମ୍ମାନିତ କରାଯାଇଥିବାବେଳେ ସୁନ୍ଦରଗଡ଼କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବିଶେଷ ସଫଳତା ପାଇଁ ଏହି ସମ୍ମାନ ଦିଆଯାଇଛି। ଗତ କିଛିବର୍ଷ ଧରି ସୁନ୍ଦରଗଡ଼ ଜିଲାରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛି ପ୍ରଶାସନ। ଜିଲାର ଶିକ୍ଷିତ ଯୁବତୀ ଯୁବକ, ବିଶେଷକରି ଖଣି ପ୍ରଭାବିତ ଅଞ୍ଚଳର ଶିକ୍ଷିତ ଯୁବବର୍ଗଙ୍କ ମଧ୍ୟରେ ନିଯୁକ୍ତି ସମ୍ଭାବନା ବଢ଼ାଇବା ଲାଗି ସେମାନଙ୍କୁ 'ସୁଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାଗଣା କୋଚିଂ ପ୍ରଦାନ କରାଯାଉଛି। ଏଥିପାଇଁ ଜିଲାର ସୁନ୍ଦରଗଡ଼, ରାଉରକେଲା, ବଣାଇ ଓ କୋଇଡ଼ାଠାରେ ୪ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେହିପରି ଖଣି ପ୍ରଭାବିତ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ସ୍ୱପ୍ନ ସାକାର କରିବା ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଲାଗି ମାଗଣାରେ କୋଚିଂ ଦିଆଯାଉଛି। ହାଇସ୍କୁଲ ଏବଂ ଯୁକ୍ତଦୁଇ ସ୍ତରରେ ପାଠପଢୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର କ୍ୟାରିୟର ସ୍ୱପ୍ନ ପୂରଣ ଲାଗି ଏହି ବିଶେଷ କୋଚିଂ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ଜିଲାର ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ରାଉରକେଲାଠାରେ ୩ଟି କେନ୍ଦ୍ର ଖୋଲାଯାଇଛି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧୀନରେ ଜିଲାର ବିଭିନ୍ନ ଖଣି ପ୍ରଭାବିତ ବ୍ଲକ, ଆଦିବାସୀ ଏବଂ ଗରିବ ଶ୍ରେଣୀର ଯୁବକ ଯୁବତୀମାନଙ୍କୁ ବିଭିନ୍ନ ଟ୍ରେଡ୍‌ରେ ମାଗଣାରେ ଧନ୍ଦାମୂଳକ ତାଲିମ ଦିଆଯାଉଛି। ଆବଶ୍ୟକ ତାଲିମ ନେଇ ସେମାନେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କମ୍ପାନିରେ ନିଯୁକ୍ତି ପାଇପାରୁଛନ୍ତି।




## ନାବାଳିକାଙ୍କୁ ଅପହରଣ: ଯୁବକ ଗୁଜରାଟରୁ ଗିରଫ

କୁତ୍ରା, ୨।୫ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଞ୍ଚଳର ଜଣେକା ନାବାଳିକା ଛାତ୍ରୀ ଗତ ମାର୍ଚ୍ଚ ୨୧ ତାରିଖ ନିକଟସ୍ଥ କଲେଜକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତେବେ ନାବାଳିକାଙ୍କ ପରିବାର ଲୋକ ବହୁ ଖୋଜାଖୋଜି କରି କୌଣସି ପତ୍ତା ନ ପାଇବାରୁ ମାର୍ଚ୍ଚ ୨୩ ତାରିଖ କୁତ୍ରା ଥାନାରେ ଝିଅ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ପରେ କୁତ୍ରା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ନାବାଳିକା ଝିଅକୁ ବେଦବ୍ୟାସ ଝାଡତରଙ୍ଗ ଗ୍ରାମର ସଞ୍ଜିବ ନାଏକ (୨୪) ନାମକ ଯୁବକ ଅପହରଣ କରିନେଇ ଗୁଜରାଟର ଦାଣ୍ଡି ଅଞ୍ଚଳରେ ରଖିଛନ୍ତି। ପରେ ପୋଲିସ ଗୁଜରାଟର ଦାଣ୍ଡିକୁ ଯାଇ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଅଭିନନ୍ଦନ

ପବିତ୍ର ଅକ୍ଷୟ ତୃତୀୟା ତଥା ଚାଷ ଅନୁକୂଳ ଦିବସରେ ପ୍ରଭୁ ହଳଧର (ବଳରାମ) ହଳ ଲଙ୍ଗଳରେ ଚାଷୀଙ୍କୁ ଶୁଭାଶୀର୍ବାଦ କରନ୍ତୁ । କୋକସରା ବ୍ଲକ ଓ କୋକସରା ଗ୍ରାମପଞ୍ଚାୟତର ଚାଷ ଭଲ ହେଉ । ମା' ମହାଲକ୍ଷ୍ମୀଙ୍କ କୃପାରୁ ଉନ୍ନତ ଧରଣର ଫଳ ପ୍ରଦାନ ପାଇଁ କାମନା କରୁଛି । ଏଥିସହ ସମଗ୍ର ଚାଷୀ ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।




ଶ୍ରୀ ତ୍ରିଭୁବନ ନାଏକ
ପୂର୍ବତନ ସମିତି ସଭ୍ୟ
କୋକସରା ଗ୍ରାମପଞ୍ଚାୟତ, ଜିଲ୍ଲା-କଳାହାଣ୍ଡି

## ଶ୍ରୀ ଜୟଦେବ ଜୟନ୍ତୀ

୩ ମଇ ୨୦୨୨ (ଅକ୍ଷୟ ତୃତୀୟା)



DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ମେ ୩/୨୦୨୨ Sambalpur, Tuesday, May 3/ 2022

# ସୁଭଦ୍ରାଙ୍କ ଡବଲରେ ସ୍ପୋର୍ଟ୍ସ ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି)**

ସୁଭଦ୍ରା ସାହୁଙ୍କ ଡବଲ ଗୋଲ ବଳରେ ସ୍ପୋର୍ଟ୍ସ ଓଡ଼ିଶା ଏଠାରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍‌ର ଏକ ମ୍ୟାଚରେ ପିଆଇଏଫ୍‌ଏ ସ୍ପୋର୍ଟ୍ସକୁ ୩-୦ ଗୋଲରେ ପରାସ୍ତ କରିଛି। ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ସୁଭଦ୍ରା ସାହୁ ୬୧ ଓ ୬୬ତମ ମିନିଟରେ ୨ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚର ୧୫ଶ ମିନିଟରେ ଓଡ଼ିଶା ପକ୍ଷରୁ ଗୋଲ ଖାତା ଖୋଲିଥିଲେ ଯଶୋଦା ମୁଣ୍ଡା। ପୂରା ମ୍ୟାଚରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଫଳରେ ବିପକ୍ଷ ଦଳ ପ୍ରତ୍ୟାବର୍ତ୍ତନର ସୁଯୋଗ ପାଇ ନ ଥିଲା। ସ୍ପୋର୍ଟ୍ସ ଓଡ଼ିଶା ୫ ମ୍ୟାଚରୁ ୩ୟ ବିଜୟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ପୋଲିସ ୦-୨ ଗୋଲରେ କର୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ନିକଟରୁ ହାରି ଯାଇଛି। କିକ୍‌ଷ୍ଟାର୍ଟ ପକ୍ଷରୁ ୫୩ତମ

**ଇଣ୍ଡିଆନ ଓମେନ୍ସ ଲିଗ୍**

ମିନିଟରେ ଇରୋମ ପ୍ରମେଶ୍ୱରୀ ଦେବୀ ଏବଂ ୫୫ତମ ମିନିଟରେ ୟାଙ୍ଗୋଇଜାମ କିରଣବାଳା ଚାନୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୂରା ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବାରୁ ରାଜେଶ୍ୱରୀ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ।


ସ୍ପୋର୍ଟ୍ସ ଓଡ଼ିଶାର ପ୍ୟାରୀ ଖାଖା ବଲ୍ ନେଇ ଆଗେଇ ଯାଉଛନ୍ତି।

# ସେମିଫାଇନାଲ୍‌ରେ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ସିନିୟର ମହିଳା ଟି୨୦ ଲିଗ୍‌ର ସେମିଫାଇନାଲରେ ଓଡ଼ିଶା ୩୫ ରନରେ ରେଲୱେଠାରୁ ହାରି ଯାଇଛି। ଫଳରେ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଓଡ଼ିଶାର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଲୱେ ୨୦ ଓଭରରେ ୨ ଉଇକେଟ ହରାଇ ୧୫୯ ରନ କରିଥିଲା। ଦଳ ପକ୍ଷରୁ ଏସ୍ ମେଘନା ୮୪ ଓ ନୌଜତ ପରବିନ ୫୫ ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଗୋଟିଏ ଉଇକେଟ ନେଇଥିଲେ। ୧୬୦ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା। ବ୍ୟାଟରଙ୍କ ମଧ୍ୟରେ ମାଧୁରୀ ମେହେଟା ସର୍ବାଧିକ ୩୫ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨୯ ରନ କରିଥିଲେ। ରେଲୱେ ପକ୍ଷରୁ ଓଡ଼ିଆ ଖେଳାଳି ସ୍ୱାଗତିକା ରଥ ଓ ତନୁଜା କନୱର ୨ଟି ଲେଖାଏ ଉଇକେଟ ନେଇଥିଲେ।

# ରାଜ୍ୟ ସ୍କୁଲ ଓପନ ଚେସ୍: ପ୍ରତ୍ୟୁଷ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ଶ୍ୟାମଳି ଦେ ମେମୋରିଆଲ୍ ସ୍କୁଲ ଓପନ ଚେସ୍‌ରେ କଟକର ପ୍ରତ୍ୟୁଷ ନାୟକ ଚାମ୍ପିୟନ ହୋଇଛନ୍ତି। ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନ ମନ୍ଦିରରେ ଅନୁଷ୍ଠିତ ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରତ୍ୟୁଷ ପୂରା ୭ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ବିନାୟକ ସାମଲ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିନିତ ନାୟକ, ନମସ୍ୟ ନଳିନୀ (ଉଭୟେ ୫.୫ ପଏଣ୍ଟ), ଅଂଶୁମାନ ପତି, ସାର୍ଥକ ମହାନ୍ତି, ଅଂଶୁମାନ ଦାସ, ମନୀଷ ମିଶ୍ର, ଅର୍ଣ୍ଣବ ମହାନ୍ତି (ସମସ୍ତେ ୫ ପଏଣ୍ଟ) ଓ ଜୀତେଶ ସାମଲ (୪.୫) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଏବଂ ୫ ଜଣଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଏସଡିଏମ୍ ସଫ୍ଟୱେର ସଲ୍ୟୁଶନ୍ସର ପରିଚାଳନା ନିର୍ଦ୍ଦେଶକ ଦୀପରେଖା ଦେ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନ ମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ।



ପଦକ ସହ ଦୂତୀ ଚାନ୍ଦ ଓ ସ୍ୱାଧୀନ ମାଝି।

# ଦୂତୀ, ସ୍ୱାଧୀନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨।୫ (କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଦୂତୀ ଚାନ୍ଦ ଦ୍ୱିତୀୟ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦୂତୀ ପୂର୍ବରୁ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଏବେ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ୨୦୦ ମିଟର ଦୌଡ଼କୁ ସେ ୨୪.୦୨ ସେକେଣ୍ଡରେ ଅତିକ୍ରମ କରିଥିଲେ। ଏହି ଇଭେଣ୍ଟରେ ପ୍ରିୟା ମୋହନ ୨୩.୦୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଶନିବାର ଅନୁଷ୍ଠିତ ୧୦୦ ମିଟରରେ ଦୂତୀ ୧୧.୬୮ ସେକେଣ୍ଡ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ହାଇଜମ୍ପରେ

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଓଡ଼ିଶାର ସ୍ୱାଧୀନ ମାଝି ରୌପ୍ୟ ପଦକ ହାସଲ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ସ୍ୱାଧୀନ ପୁରୁଷ ହାଇଜମ୍ପ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି।




# ରାଜସ୍ଥାନକୁ ହରାଇଲା କୋଲ୍‌କାତା

**ମୁମ୍ବାଇ, ୨।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ କୋଲ୍‌କାତା ନାଇଟ୍ ରାଇଡର୍ସ ୭ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଜବାବରେ କୋଲକାତା ୧୯.୧ ଓଭରରେ ୩ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରି ନେଇଥିଲା। କ୍ରମାଗତ ୫ ପରାଜୟ ପରେ ବିଜୟ ସ୍ୱାଦ ଚାଖିଛି କୋଲକାତା। ଅନ୍ୟପକ୍ଷରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି ରାଜସ୍ଥାନ। କୋଲକାତା ୩୨ ରନରେ ୨ଟି ଉଇକେଟ ହରାଇ ବିପଦରେ ପଡ଼ି ଥିବାବେଳେ ଅଧିନାୟକ ଶ୍ରେୟସ ଆୟାର ୩୪(୩ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ନୀତୀଶ ରାଣା ୪୮ (୩୭ ବଲ, ୩ ଚୌକା, ୨ ଛକା) ଓ ରିଙ୍କୁ ସିଂ ୪୨ (୨୩ ବଲ, ୬ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଏ ଦୁହେଁ ୩୮ ବଲ୍‌ରୁ ୬୬ ରନର ଭାଗୀଦାରି ଗଢ଼ିଥିବାବେଳେ ୨୦ତମ ଓଭରର ପ୍ରଥମ ବଲ୍‌କୁ ଛକାମାରି ୫ ବଲ୍ ପୂର୍ବରୁ ମ୍ୟାଚକୁ ଶେଷ କରିଥିଲେ ନୀତୀଶ। ୧୦ ମ୍ୟାଚରୁ କୋଲକାତାର ଏହା ୪ର୍ଥ ବିଜୟ ହୋଇଥିବାବେଳେ ସମାନ ମ୍ୟାଚରୁ ରାଜସ୍ଥାନର ୪ର୍ଥ ପରାଜୟ।


ଦେବଦତ୍ତ ପଡ଼ିକାଲଙ୍କୁ କଟ୍ ଆଣ୍ଡ ବୋଲ୍ଡ କରିବା ଅବସରରେ ଉମେଶ ଯାଦବ।

ଗତ ସିଜନର ଦୁଇ ଷ୍ଟାର ବରୁଣ ଚକ୍ରବର୍ତ୍ତୀ ଓ ଭେଙ୍କଟେଶ ଆୟରଙ୍କ ବିନା ମ୍ୟାଚ୍‌କୁ ଓହ୍ଲାଇଥିଲା କେକେଆର୍। ସେମାନଙ୍କ ସ୍ଥାନରେ ଅନୁକୂଳ ରୟ ଓ ରିଙ୍କୁ ସିଂଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। କେକେଆର୍ ଅଧିନାୟକ ଶ୍ରେୟାସ ଆୟାର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଠିକ୍ ପ୍ରମାଣିତ କରିଥିଲେ ଉମେଶ ଯାଦବ। ସେ ଇନିଂସର ତୃତୀୟ ଓଭରରେ ଦେବଦତ୍ତ ପଡିକଲ (୨)ଙ୍କୁ ପ୍ୟାଭିଲିଅନ ପଠାଇଥିଲେ। ଅନ୍ୟତମ ଓପ୍‌ନର ଜୋସ୍ ବଟ୍‌ଲର(୨୨)ଙ୍କ ସହ ମିଶି ଅଧିନାୟକ ସଞ୍ଜୁ ଦ୍ୱିତୀୟ ଉଇକେଟ ପାଇଁ ୪୮ ରନ୍ ଯୋଡ଼ିଥିଲେ। ହେଲେ କୋଲ୍‌କାତାର ବୋଲରମାନେ ସେମାନଙ୍କୁ କଦାପି ହାତ ଖୋଲି ଖେଳିବାକୁ ସୁଯୋଗ ଦେଇ ନ ଥିଲେ। ତା'ପରେ ଛକା ମାରିବାକୁ ଯାଇ ବଟ୍‌ଲରଙ୍କ ଭଳି ବାଉଣ୍ଡାରୀ ପାଖରେ କରୁଣ ନାୟାର (୧୩), ରିୟାନ ପରାଗ (୧୯) ଓ ଅଧିନାୟକ ସାମ୍‌ସନ ଧରାପଡ଼ିଥିଲେ। ସାମସନ ଆଉଟ୍ ହେବା ପୂର୍ବରୁ ୪୯ ବଲରେ ୫୪ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଗୁଜରାଟ ଟାଇଟାନ୍ସ ବନାମ ପଞ୍ଜାବ କିଙ୍ଗ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅନ୍ତିମ ଦୁଇ ଓଭରରେ ଶିମରନ ହେଟମେର ୨୭ (୧ ଚୌକା ଓ ୨ ଛକା) ରନ୍ କରିବାରୁ ରାଜସ୍ଥାନ ୨୦ ଓଭରରେ ୫ ଉଇକେଟ ହରାଇ ୧୫୨ ରନ୍ କରିବାକୁ ସକ୍ଷମ ହୋଇଥିଲା। କୋଲ୍‌କାତା ପକ୍ଷରୁ ଟିମ୍ ସୌଦି ୨ଟି ଏବଂ ଉମେଶ, ଅନୁକୂଳ ଓ ଶିବମ୍ ମାଭି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୨/୫ (ସଞ୍ଜୁ ସାମ୍‌ସନ-୫୪, ଶିମରନ ହେଟମେର-୨୭*, ଟିମ୍ ସୌଦି-୨/୪୬, ଉମେଶ ଯାଦବ-୧/୨୪ )। କୋଲକାତା ନାଇଟ ରାଇଡର୍ସ ୧୯.୧ ଓଭରରେ ୧୫୮/୩ (ନୀତୀଶ ରାଣା-୪୮*, ରିଙ୍କୁ ସିଂ-୪୨*, ଶ୍ରେୟସ ଆୟାର-୩୪, ଟ୍ରେଣ୍ଟ ବୋଲ୍ଟ-୧/୨୫, ପ୍ରସିଦ୍ଧ କ୍ରିଷ୍ଣା-୩୭, କୁଲଦୀପ ସେନ-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୯ | ୮ | ୧ | ୧୬ | +୦.୩୭୭ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୦ | ୭ | ୩ | ୧୪ | +୦.୩୯୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୧୨ | +୦.୩୪୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୪୭୧ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୫୫୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୮ | +୦.୫୮୭ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୦୬୦ |
| ପଞ୍ଜାବ କିଙ୍ଗ୍ସ | ୯ | ୪ | ୫ | ୮ | -୦.୪୭୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୩ | ୬ | ୬ | -୦.୪୦୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୧ | ୮ | ୨ | -୦.୮୩୬ |

# ଦଣ୍ଡିତ ହେଲେ ପୃଥ୍ୱୀ

**ମୁମ୍ବାଇ, ୨।୫ (ପିଟି):** ଦିଲ୍ଲୀ କ୍ୟାପିଟାଲ୍ସ ଓପ୍‌ନର ପୃଥ୍ୱୀ ଶ'ଙ୍କୁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ଆଇପିଏଲ୍ ନିୟମ ଭଙ୍ଗ ପାଇଁ ଭର୍ତ୍ସନା କରାଯିବା ସହିତ ତାଙ୍କ ମ୍ୟାଚ୍ ଫି'ରୁ ୨୫ ପ୍ରତିଶତ କାଟ୍ କରାଯାଇଛି। ପୃଥ୍ୱୀ ଆଇପିଏଲ ଆଚରଣ ସହିଂତାର ଲେଭଲ ୧ ଭଙ୍ଗ କରିଥିବା ସ୍ୱୀକାର କରିବା ସହ ଦଣ୍ଡାଦେଶ ଗ୍ରହଣ କରିନେଇଥିବା ଆଇପିଏଲ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ